
# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ରବିବାର, ଜୁନ୍ ୧୫/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 15/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 200 | ମୂଲ୍ୟ₹୭/-

**ଆମିରଙ୍କ ସିକ୍ରେଟ୍**

ସୁପରଷ୍ଟାର ଆମିର ଖାନ୍ ବହୁକୋଟି ଟଙ୍କା ରୋଜଗାର କରୁଥିବାବେଳେ ତାଙ୍କ ଆକାଉଣ୍ଟ ପରିଚାଳନା କରିଥାନ୍ତି ବଲିଉଡ୍‌ର ପ୍ରିୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିକାଶ ବିମଲ। ୦୯

୧୪ **ଅଭିଜିତ୍‌ଙ୍କୁ ଟାଇଟଲ**

ଭାରତୀୟ ଗ୍ରାଣ୍ଡମାଷ୍ଟର ଅଭିଜିତ୍ ଗୁପ୍ତା ଚତୁର୍ଥ ଥର ଦିଲ୍ଲୀ ଗ୍ରାଣ୍ଡମାଷ୍ଟର୍ସ ଓପନ ଚେସ୍ ଟାଇଟଲ ହାସଲ କରିଛନ୍ତି।





ଇଂଲଣ୍ଡର ଲର୍ଡ୍ସଠାରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟ୍ରଫି ସହ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା।

# ଇସ୍ରାଏଲ୍-ଇରାନ୍ ଘମାଘୋଟ ଯୁଦ୍ଧ

- **ତେଲ୍ ଆଭିଭ୍, ଜେରୁଜେଲମ୍‌କୁ ଟାର୍ଗେଟ କଲା ଇରାନ୍**
- **ଆକ୍ରମଣ ଜାରି ରହିଲେ ଜଳିଯିବ ତେହରାନ୍: ଇସ୍ରାଏଲ୍**

ତେଲ୍ ଆଭିଭ୍/ତେହେରାନ୍, ୧୪।୬

ଇରାନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ ଏବଂ ତେହରାନ୍ ପକ୍ଷରୁ ତେଲ୍ ଆଭିଭ୍ ଓ ଜେରୁଜେଲମ୍‌ରେ ପ୍ରତିଆକ୍ରମଣ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟାର ପରିସରକୁ ବ୍ୟାପକ କରିବା ଆଶଙ୍କା ଉପୁଜାଇଛି। ଜୁନ୍ ୧୩ରେ ଇସ୍ରାଏଲ୍ ପକ୍ଷରୁ ଇରାନୀୟ ସାମରିକ ଓ ଆଣବିକ କେନ୍ଦ୍ରଗୁଡ଼ିକ ଉପରେ ବଡ଼ଧରଣର ଏୟାରଷ୍ଟ୍ରାଇକ୍ କରାଯାଇଥିଲା। 'ଅପରେଶନ୍ ରାଇଜିଂ ଲାୟନ୍' ନାମରେ କରାଯାଇଥିବା ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ଇରାନ୍‌ର ନତାଞ୍ଜ ଓ ଇସ୍‌ଫାହାନ୍ ନ୍ୟୁକ୍ଲିୟର କମ୍ପ୍ଲେକ୍ସ ସମେତ ଶତାଧିକ ଅସ୍ତ୍ରଭଣ୍ଡାର କ୍ଷତିଗ୍ରସ୍ତ ହୋଇଛି। ଇରାନ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଏବଂ କୁଦ୍ସ ଫୋର୍ସ କମାଣ୍ଡରଙ୍କ ସମେତ ଅନେକ ଉଚ୍ଚ ପଦାଧିକାରୀ ଓ ପରମାଣୁ ବିଜ୍ଞାନୀ ନିହତ ହୋଇଛନ୍ତି। ଏହାର ଦିନକ ପରେ ଇରାନ୍ ଇସ୍ରାଏଲ୍‌କୁ ଜବାବ ଦେବାକୁ ଯାଇ 'ଅପରେଶନ୍ ଟ୍ରୁ ପ୍ରମିଜ୍ ଥାର୍ଡ' ଜରିଆରେ ବହୁ ବାଲିଷ୍ଟିକ୍ ମିଶାଇଲ୍ ଓ ଡ୍ରୋନ୍ ଛାଡ଼ିଛି। ସେଥିରୁ କେତେକ କ୍ଷେପଣାସ୍ତ୍ର ଇସ୍ରାଏଲୀ ପ୍ରତିରକ୍ଷା ବ୍ୟବସ୍ଥାକୁ ଦୋହଲାଇ ଦେଇଥିବାବେଳେ ସାଧାରଣ ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି। ଇସ୍ରାଏଲ୍ ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଉଛି। ଇରାନ୍ ଆକ୍ରମଣ ଜାରି ରଖିଲେ ତେହରାନ୍ ଜଳିଯିବ ବୋଲି ଇସ୍ରାଏଲ୍ ପକ୍ଷରୁ ଶନିବାର କଡ଼ା ଚେତାବନୀ ଦିଆଯାଇଛି। ହେଜ୍‌ବୋଲ୍ଲା ଓ ହୁଟି ଭଳି ସଙ୍ଗଠନ ଏଥିରେ ସାମିଲ ହେଲେ ଯୁଦ୍ଧ ଆହୁରି ଘନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ ଶିପିଂ ରୁଟ୍ ହୋର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ତୈଳଦର ବୃଦ୍ଧି ପାଇଛି। ଅନ୍ୟପକ୍ଷେ ଇସ୍ରାଏଲ୍‌ର ଏହି ଆକ୍ରମଣରେ ଆମେରିକାର ସମ୍ପୃକ୍ତି ନାହିଁ ବୋଲି ୱାଶିଂଟନ୍ କହିଛି। ଇରାନ୍ ଓ ବିଶ୍ୱ ଶକ୍ତିଗୁଡ଼ିକ ମଧ୍ୟରେ ଚାଲିଥିବା ଆଣବିକ ଆଲୋଚନା ବର୍ତ୍ତମାନ ଫସର ଫାଟିଛି। ସ୍ଥିତି ସଙ୍ଗିନ ଆଡ଼କୁ ଗତି କରୁଥିବାରୁ ସମଗ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଦେଖାଦେଇପାରେ ବୋଲି ପର୍ଯ୍ୟବେକ୍ଷକମାନେ ଅନୁମାନ କରୁଛନ୍ତି।

(ବିସ୍ତୃତ ରିପୋର୍ଟ: ପୃଷ୍ଠା-୯)

## ଆଣବିକ କେନ୍ଦ୍ରରେ ରେଡିଏଶନ୍ ଲିକ୍ ହୋଇଛି: ଆଇଏଇଏ ମୁଖ୍ୟ



ରାଫେଲ ଗ୍ରୋସି

ଇସ୍ରାଏଲ୍ ପକ୍ଷରୁ କରାଯାଇଥିବା ଆକ୍ରମଣରେ ଇରାନ୍‌ର ନତାଞ୍ଜ ଓ ଫୋର୍ଡୋ ଆଣବିକ କେନ୍ଦ୍ର ସୀମିତ କ୍ଷତିଗ୍ରସ୍ତ ହୋଇଥିବା ଇରାନୀୟ ଗଣମାଧ୍ୟମ ସୂଚନା ଦେଇଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ମୁଖ୍ୟ ରାଫେଲ ଗ୍ରୋସି ୧୫ ସଦସ୍ୟବିଶିଷ୍ଟ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)କୁ କହିଛନ୍ତି, ଇରାନୀୟ ଆଣବିକ କେନ୍ଦ୍ର ଉପରେ ଇସ୍ରାଏଲୀ ଷ୍ଟ୍ରାଇକ୍ ଯୋଗୁ ରେଡିଓଆକ୍ଟିଭ୍ ଓ କେମିକାଲ୍ କଣ୍ଟାମିନେଶନ୍ ହୋଇଛି। ତେବେ ଏଥିରେ ନତାଞ୍ଜ ନ୍ୟୁକ୍ଲିୟର ଫାସିଲିଟିର ଭୂତଳ ଭଣ୍ଡାର କ୍ଷତିଗ୍ରସ୍ତ ହୋଇଥିବାର କୌଣସି ସଙ୍କେତ ମିଳିନାହିଁ। ଅନ୍ୟ ୨ଟି (ଫୋର୍ଡୋ ଓ ଇସ୍‌ଫାହାନ୍) ଫାସିଲିଟି ଉପରେ ମଧ୍ୟ ଆକ୍ରମଣ ହୋଇଥିବା ଇରାନୀୟ କର୍ତ୍ତୃପକ୍ଷ ଆଇଏଇଏକୁ ଅବଗତ କରାଇଛନ୍ତି। ଏହି ଆଣବିକ କେନ୍ଦ୍ରଗୁଡ଼ିକର ଚତୁଃପାର୍ଶ୍ୱରେ ସାମରିକ କାର୍ଯ୍ୟକଳାପ ଜାରି ରହିଛି। ଏହାବ୍ୟତୀତ ଏନେଇ ବର୍ତ୍ତମାନ ତାଙ୍କ ପାଖରେ ପର୍ଯ୍ୟାପ୍ତ ସୂଚନା ନାହିଁ ବୋଲି ଗ୍ରୋସି କହିଛନ୍ତି। ପ୍ରକାଶ ଯେ, ଆଣବିକ କେନ୍ଦ୍ରରେ ରେଡିଏଶନ୍ ଲିକ୍ ହେଲେ ପରିବେଶ ଉପରେ ଏହାର ଖରାପ ପ୍ରଭାବ ପଡ଼ିବ।

# ଦକ୍ଷିଣ ଆଫ୍ରିକା ଚାମ୍ପିୟନ

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ନୂଆ ଚାମ୍ପିୟନ ହୋଇଛି ଦକ୍ଷିଣ ଆଫ୍ରିକା। ଫଳରେ ଏହି ଆଫ୍ରିକୀୟ ଦେଶ ପାଇଁ ସିନିୟର ସ୍ତରରେ ଏକ ଆଇସିସି ଟ୍ରଫି ହାସଲ ଲାଗି ଦୀର୍ଘ ୨୭ ବର୍ଷ ପ୍ରତୀକ୍ଷାର ଅବସାନ ଘଟିଛି। ୧୯୯୮ରେ ୱେଷ୍ଟଇଣ୍ଡିଜକୁ ହରାଇ ଦକ୍ଷିଣ ଆଫ୍ରିକା ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିଲା। ଏହାଥିଲା ଦଳ ପାଇଁ ପ୍ରଥମ ଆଇସିସି ଟ୍ରଫି। ଏହାପରେ ୨୦୨୪ ପୁରୁଷ ଟି୨୦ ବିଶ୍ୱକପ ଫାଇନାଲରେ ଭାରତଠାରୁ ହାରି ନିରାଶ ହୋଇଥିଲା। ଏହା ବ୍ୟତୀତ ଅନେକ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ଦୁର୍ଭାଗ୍ୟବଶତଃ ଖାଲି ହାତରେ ଫେରିବାର ମଧ୍ୟ ଅନେକ ନଜିର ରହିଛି। ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପରେ ୧୯୯୨, ୧୯୯୯, ୨୦୦୭, ୨୦୧୫ ଓ ୨୦୨୩ରେ ଏହି ଦଳ ସେମିଫାଇନାଲ ଖେଳିଥିଲେ ମଧ୍ୟ ଆଗକୁ ବଢ଼ିପାରି ନ ଥିଲା। ସେହିପରି ପୁରୁଷ ଟି୨୦ ବିଶ୍ୱକପରେ ଦଳ ୨୦୦୯ ଓ ୨୦୧୪ରେ ସେମିଫାଇନାଲ ଖେଳିଥିଲା। ଏହିସବୁ ଆଇସିସି ଟୁର୍ନାମେଣ୍ଟରେ ଦଳରେ ହାନ୍ସି କ୍ରୋନିଏ, ଜଣ୍ଟି ରୋଡ୍ସ, କେପଲର ୱେସେଲ୍ସ, ଆଲାନ ଡୋନାଲ୍ଡ, ଗ୍ୟାରୀ କର୍ଷ୍ଟେନ, ହର୍ଶେଲ ଗିବ୍ସ, ଜ୍ୟାକ୍ସ କାଲିସ, ଶନ୍ ପୋଲକ, ଲାନ୍ସ କ୍ଲୁଜନର, ଗ୍ରେମ୍ ସ୍ମିଥ, ଏବି ଡିଭିଲର୍ସଙ୍କ ପରି ତାରକା ଖେଳାଳି ଥିଲେ ମଧ୍ୟ ଦଳ ଟାଇଟଲ ହାସଲ କରିପାରି ନ ଥିଲା। ଏଥର କିନ୍ତୁ ଟେମ୍ବା ବଭୁମାଙ୍କ ନେତୃତ୍ୱରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ବିଜୟ ଦକ୍ଷିଣ ଆଫ୍ରିକାରେ ଖୁସିର ଲହରି ଖେଳାଇ ଦେଇଛି।

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍**

ଲଣ୍ଡନ, ୧୪।୬

ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୫ ଉଇକେଟରେ ହରାଇ ଦକ୍ଷିଣ ଆଫ୍ରିକା ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଛି। ଲର୍ଡ୍ସ ଟେଷ୍ଟର ୪ର୍ଥ ଦିବସରେ ବିଜୟ ପାଇଁ ଦକ୍ଷିଣ ଆଫ୍ରିକାକୁ ଆଉ ୬୯ ରନ ଆବଶ୍ୟକ ହେଉଥିଲା। ଏହା ହାସଲ ପାଇଁ ୨୭.୩ ଓଭର ଖେଳି ୩ ଉଇକେଟ ହରାଇବାକୁ ପଡ଼ିଥିଲେ ହେଁ ଧୈର୍ଯ୍ୟ ନ ହରାଇ ଦଳ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ପୂର୍ବ ଦିନର ସ୍କୋର ୨୧୩/୨ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ୫ ଉଇକେଟ ହରାଇ ୨୮୨ ରନ ସଂଗ୍ରହ କରି ନେଇଥିଲା। ଲର୍ଡ୍ସ ଗ୍ରାଉଣ୍ଡର ୧୪୧ ବର୍ଷ ଇତିହାସରେ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ରନ୍ ଚେଜ୍। ଦକ୍ଷିଣ ଆଫ୍ରିକା ବିଜୟରେ ହିରୋ ସାଜିଥିଲେ କାଗିସୋ ରାବାଡ଼ା ଓ ଏଡେନ ମାରକ୍ରମ। ରାବାଡ଼ା ୨ ଇନିଂସରେ ୯ ଉଇକେଟ ନେଇଥିବାବେଳେ ମାରକ୍ରମ ଦ୍ୱିତୀୟ ଇନିଂସରେ ୧୩୬ ରନର ସ୍ମରଣୀୟ ଇନିଂସ ଖେଳି ଅଷ୍ଟ୍ରେଲିଆଠାରୁ ଟାଇଟଲ ଛଡ଼ାଇ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

(ଅଧିକ ରିପୋର୍ଟ ଖେଳପୃଷ୍ଠା)

# ଯାଜପୁର: ୧୧ ନମୁନାରେ ହଇଜା ପଜିଟିଭ

- **ରଜରେ ସାମୂହିକ ଭୋଜିଭାତ ଉପରେ କଟକଣା**
- **ପରିଦର୍ଶନରେ ଆସିବେ ୧୪ ଜଣିଆ କେନ୍ଦ୍ରୀୟ ଟିମ୍**

ଯାଜପୁର, ୧୪।୬
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ଡାଇରିଆ ବ୍ୟାପିଥିବାବେଳେ ମୋଟ ୬୨ ନମୁନା ମଧ୍ୟରୁ ୧୧ଟିରେ ହଇଜା(କଲେରା) ପଜିଟିଭ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ଶୁକ୍ରବାର ୪୧ ନମୁନା ମଧ୍ୟରୁ ୮ଟିରେ ଏବଂ ଶନିବାର ୨୧ ନମୁନା ମଧ୍ୟରୁ ୩ଟିରେ ହଇଜା ଜୀବାଣୁ ଚିହ୍ନଟ ହୋଇଛି। ତେବେ ଲୋକେ ଭୟଭୀତ ହେବା ଆଶଙ୍କା କରି କେଉଁ ଅଞ୍ଚଳରେ ହଇଜା ପଜିଟିଭ ରୋଗୀ ଅଛନ୍ତି ସେନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଆକ୍ରାନ୍ତଙ୍କ ଖାଡ଼ା ନମୁନା ପରୀକ୍ଷା କରାଗଲେ ଆହୁରି ହଇଜା ପଜିଟିଭ ବାହାରିବେ ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ଡିଏମ୍‌ଓ) ପ୍ରକାଶ ଚନ୍ଦ୍ର ବଳ ସୂଚନା ଦେଇଛନ୍ତି। ଶନିବାର ଦାନଗଦି ବ୍ଲକ୍ ଉଛବାଲି ପଞ୍ଚାୟତ ତରଇଲୋ ଗ୍ରାମର ଗେଲେଇ ପାତ୍ର (୭୨)ଙ୍କ ଖାଡ଼ାବାନ୍ତିରେ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଜିଲାରେ ଅଦ୍ୟାବଧି ମୃତ୍ୟୁ ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ ସେଥିରେ କେବଳ ତରଇଲୋ ଗ୍ରାମର ୪ ଜଣ ରହିଛନ୍ତି। ଶନିବାର ସୁଦ୍ଧା ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ୮୪ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଯାଜପୁର ରୋଡ୍, କୋରେଇ ଡାକ୍ତରଖାନାରେ ଡାଇରିଆ ସଂକ୍ରମଣ ନିୟନ୍ତ୍ରଣକୁ ଆସିଥିବାବେଳେ ଏବେ ବି ଧର୍ମଶାଳାରେ ୫୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଛନ୍ତି। ଶନିବାର ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ବୃନ୍ଦା ଡି. ଯାଜପୁର ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥିତି ଅନୁଧ୍ୟାନ କରିବା ପରେ ଜିଲାପାଳଙ୍କ ସହ ଏକ ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତି। ସ୍ଥିତି ଅନୁଧ୍ୟାନ କରିବାକୁ ଏକ ୧୪ ଜଣିଆ କେନ୍ଦ୍ରୀୟ ଦଳ ଯାଜପୁର ଜିଲାକୁ ଆସୁଥିବା ସୂଚନା ମିଳିଛି।

ହଇଜା ସଂକ୍ରମଣ ଚିହ୍ନଟ ହେବା ପରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡି କେତେକ କଟକଣା ଜାରି କରିଛନ୍ତି। ରଜପର୍ବ ପାଳନ ପାଇଁ ସାମୂହିକ ସମାବେଶରେ ଭୋଜି ନ କରିବାକୁ ଜରୁରୀ ପରାମର୍ଶ ଦିଆଯାଇଛି। ଏହାସହ ବାହାରର ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ପାଣି ନ ପିଇବା, ସର୍ବଦା ଘରେ ରନ୍ଧା ଖାଦ୍ୟ ଖାଇବା, ଫୁଟା ଏବଂ ଫିଲ୍ଟର କରାଯାଇଥିବା ବିଶୁଦ୍ଧ ପାଣି ପିଇବାକୁ ପରାମର୍ଶ ଦିଆଯାଇଛି। ନଦୀ, ନାଳ, ପୋଖରୀ ପାଣିରେ ସ୍ନାନ, ଶୌଚ ଇତ୍ୟାଦି ନ କରିବାକୁ ନୋଟିସ ହୋଇଛି। ଡାଇରିଆ ଲକ୍ଷଣ ଦେଖାଗଲେ ଆଶା କିମ୍ବା ଅଙ୍ଗନୱାଡି ଦିଦି ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ସହାୟତା ନେବାକୁ ପରାମର୍ଶ ☞ପୃଷ୍ଠା-୪







# ଏନ୍‌ଇଇଟି-ୟୁଜି: ରାଜସ୍ଥାନର ମହେଶ କୁମାର ଶୀର୍ଷରେ

ନୂଆଦିଲ୍ଲୀ, ୧୪।୬(ପି.ଟି.)

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜି ଫଳାଫଳ ଶନିବାର ପ୍ରକାଶ ପାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଘୋଷିତ ଫଳାଫଳ ଅନୁଯାୟୀ, ରାଜସ୍ଥାନର ମହେଶ କୁମାର ୯୯.୯୯ ପର୍ସେଣ୍ଟାଇଲ୍ ସହ ଦେଶରେ ଟପ୍ପର ହୋଇଥିବାବେଳେ ମଧ୍ୟପ୍ରଦେଶର ଉତ୍କର୍ଷ ଅୱଧିୟା ଦ୍ୱିତୀୟ ର୍‌ୟାଙ୍କରେ ରହିଛନ୍ତି। ଚଳିତ ବର୍ଷ ମୋଟ ୨୨.୦୫ ଲକ୍ଷ ଛାତ୍ରଛାତ୍ରୀ ଏନ୍‌ଇଇଟି-ୟୁଜି ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ୧୨.୩୬ ଲକ୍ଷରୁ ଅଧିକ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭.୨ ଲକ୍ଷ ଛାତ୍ରୀ ହୋଇଥିବାବେଳେ ୫.୧୪ ଲକ୍ଷ ଛାତ୍ର। ୫୨୯ ଜଣ ବିଦେଶୀ, ୪୦୫ ଜଣ ପ୍ରବାସୀ ଭାରତୀୟ ଏବଂ ☞ପୃଷ୍ଠା-୪



ମହେଶ କୁମାର

## ସ୍ନେହାଶିଷ ଓଡ଼ିଶା ଟପ୍ପର

ଭୁବନେଶ୍ୱର, ୧୪।୬
(ଅନୁରାଧା ମହାରଣା)



ସ୍ନେହାଶିଷ ଦାଶ

ନିଟ୍ ୟୁଜିରେ ସ୍ନେହାଶିଷ ଦାଶ ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ୯୯.୯୯୭ ପର୍ସେଣ୍ଟାଇଲ୍ ସହ ସର୍ବଭାରତୀୟ ସ୍ତରରେ ୬୦ ର୍‌ୟାଙ୍କ ରଖିଛନ୍ତି। ସ୍ନେହାଶିଷ ଦିଲ୍ଲୀ ପବ୍ଲିକ ସ୍କୁଲ ଡିପିଏସ୍ କଳିଙ୍ଗର ଛାତ୍ର। ତେବେ ସେ ଭବିଷ୍ୟତରେ ନ୍ୟୁରୋଲୋଜି ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

ସୂଚନା ଥାଉକି, ଚଳିବର୍ଷ ଓଡ଼ିଶାରୁ ୬୧,୧୧୧ଜଣ ନିଟ୍ ୟୁଜି ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ☞ପୃଷ୍ଠା-୪

# ଛେଳିକୁ ନେଇ ଯୁବକଙ୍କୁ ହତ୍ୟା

**ଦମ୍ପତିଙ୍କ ସମେତ ୩ ଗିରଫ, ଜଣେ ଫେରାର**

ପାଟଣା, ୧୪।୬
(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଶଙ୍ଖୁଆ ଗ୍ରାମରେ ଛେଳି ଚୋରିକୁ ନେଇ ଶୁକ୍ରବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ଜଣେ ଯୁବକଙ୍କୁ ୪ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ଭାବେ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ସାହାରପଡ଼ା ବ୍ଲକ୍ ଶଙ୍ଖୁଆ ଗ୍ରାମର ପରମାନନ୍ଦ ନାଏକଙ୍କ ପୁଅ ବିପିନ ବିହାରୀ ନାଏକ(୪୬)। ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଶଙ୍ଖୁଆ ଗ୍ରାମର ଦେବଶ୍ରୀ ପାତ୍ର (୫୫), ତାଙ୍କ ସ୍ତ୍ରୀ ବୀଣାପାଣି ପାତ୍ର (୪୦) ଓ ପଦ୍ମିନୀ ପାତ୍ର(୫୦) ବୋଲି ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ କହିଛନ୍ତି।

ସୂଚନା ମୁତାବକ, ବିପିନ ଶୁକ୍ରବାର ରାତିରେ ଦେବଶ୍ରୀଙ୍କ ଗୁହାଳ ଘରେ ପଶିଥିଲେ। ଅଞ୍ଚଳରେ ପୂର୍ବରୁ ଛେଳି ଚୋରି ହୋଇଥିବାରୁ ସେ ଛେଳି ଚୋରି କରିବାକୁ ଆସିଥିବା ସନ୍ଦେହ କରି ତାଙ୍କୁ କାବୁ କରିଥିଲେ। ଦେବଶ୍ରୀ, ତାଙ୍କ ସ୍ତ୍ରୀ ବୀଣାପାଣି, ପଦ୍ମିନୀ ଓ ଅନ୍ୟଜଣେ ମିଶି ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସୁବିଧାବାଦର ସିଦ୍ଧାନ୍ତ


**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-38: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା16.06.2025**ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0143/2526

| ୮.୫ ଲକ୍ଷ+ | ସରକାରୀ ଚାକିରି |
|---|---|
| ୩.୭୫ ଲକ୍ଷ+ | ଚୁକ୍ତିଭିତ୍ତିକ ଚାକିରି |
| ୨ କୋଟି+ | ବେସରକାରୀ କ୍ଷେତ୍ର/ ଏମ୍ଏସ୍ଏମ୍ଇରେ କର୍ମନିଯୁକ୍ତି |

MISSION ROZGAR




# ନିଯୁକ୍ତି ପତ୍ର ବଣ୍ଟନ

ଉତ୍ତରପ୍ରଦେଶ ପୋଲିସ ନିଯୁକ୍ତି ଓ ପ୍ରସାର ବୋର୍ଡ ଦ୍ୱାରା ସଞ୍ଚାଳିତ ନିରପେକ୍ଷ ଏବଂ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଜରିଆରେ ମନୋନୀତ ହୋଇଥିବା

## ୬୦,୨୪୪

## ସିଭିଲ ପୋଲିସ କନ୍‌ଷ୍ଟେବଲ

ଙ୍କୁ

## ଅମିତ ଶାହା

**ସ୍ୱରାଷ୍ଟ୍ର ବ୍ୟାପାର ଏବଂ ସମନ୍ୱୟ ମନ୍ତ୍ରୀ**
**ଭାରତ ସରକାର**

— ଙ୍କ ଦ୍ୱାରା —



**ଗରିମାମୟ ଉପସ୍ଥିତି**

## ଯୋଗୀ ଆଦିତ୍ୟନାଥ

**ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ**



**କେଶବ ପ୍ରସାଦ ମୌର୍ଯ୍ୟ**
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ

**ବ୍ରଜେଶ ପାଠକ**
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ

**ତଥା ଅନ୍ୟ ମାନ୍ୟଗଣ୍ୟ ଅତିଥିବୃନ୍ଦ**

**ତାରିଖ:** ୧୫ ଜୁନ୍, ୨୦୨୫ । **ସମୟ:** ଅପରାହ୍ନ ୧୨.୩୦ ଘଟିକା
**ସ୍ଥାନ:** ଡିଫେନ୍ସ ଏକ୍ସପୋ ଗ୍ରାଉଣ୍ଡ, ସେକ୍ଟର-୧୮, ବୃନ୍ଦାବନ କଲୋନୀ, ଲକ୍ଷ୍ନୌ

## ଅପରାଧମୁକ୍ତ ସମାଜ ଏବଂ ସୁଦୃଢ଼ ଆଇନ ଶୃଙ୍ଖଳା ପାଇଁ ପ୍ରତିବଦ୍ଧ ସରକାର

ରାଜ୍ୟରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ସଫଳତାପୂର୍ବକ ଲାଗୁ

ଉତ୍ତରପ୍ରଦେଶ ରାଜ୍ୟ ଫରେନ୍ସିକ୍ ବିଜ୍ଞାନ ଅନୁଷ୍ଠାନ, ଲକ୍ଷ୍ନୌ ସ୍ଥାପିତ

ବର୍ଷ ୨୦୧୭ ପରେ ୮ଟି ନୂଆ ଫରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର ସ୍ଥାପିତ ହୋଇଛି, ୬ଟିର ନିର୍ମାଣ କାର୍ଯ୍ୟ ପ୍ରଗତି ପଥରେ

ବଦାୟୁଁ, ଲକ୍ଷ୍ନୌ ଏବଂ ଗୋରଖପୁରରେ ଯଥାକ୍ରମେ ବୀରାଙ୍ଗନା ଅବନ୍ତୀବାଈ, ବୀରାଙ୍ଗନା ଉଦା ଦେବୀ ଏବଂ ବୀରାଙ୍ଗନା ଝଲକାରୀ ବାଈ ମହିଳା ପିଏସି ବାଟାଲିୟନ୍‌ର ସ୍ଥାପନା

୧,୫୯୬ ମହିଳା ହେଲ୍‌ପ ଡେସ୍କର ସ୍ଥାପନା

ରାଜ୍ୟରେ ୪.୨୧ ଲକ୍ଷରୁ ଅଧିକ ପୋଲିସ କର୍ମଚାରୀ ମୁତୟନ ହୋଇଛନ୍ତି

ବିଗତ ୮ ବର୍ଷରେ ୨.୧୬ ଲକ୍ଷ ପୋଲିସକର୍ମୀଙ୍କୁ ନିଯୁକ୍ତି

୧୩୧ ନୂଆ ଜିଲ୍ଲା ଥାନା, ୮୨ ଦମକଳ କେନ୍ଦ୍ର, ୭୫ ସାଇବର ଅପରାଧ ଥାନା, ୧୦ ଭିଜିଲାନ୍ସ ଷ୍ଟେଶନ, ୬ ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଥାନାକୁ ମଞ୍ଜୁରୀ

ମହତ୍ତ୍ୱପୂର୍ଣ୍ଣ ସଂସ୍ଥାପନାଗୁଡ଼ିକର ସୁରକ୍ଷା ପାଇଁ 'ଉତ୍ତରପ୍ରଦେଶ ସ୍ୱତନ୍ତ୍ର ସୁରକ୍ଷା ବଳ'ର ଗଠନ

## କାମ ଦମ୍‌ଦାର-ଡବଲ ଇଞ୍ଜିନ ସରକାର

ସିଧା ପ୍ରସାରଣ DD NEWS ଓ Youtube.com/DDNEWS Youtube.com/dduttarpradesh ଏବଂ UPGovtOfficial CMOUttarpradesh CMOfficeUP

ସୂଚନା ଏବଂ ଲୋକସମ୍ପର୍କ ବିଭାଗ, ଉତ୍ତରପ୍ରଦେଶ




# 'ଜୁଲାଇ ୬ ସୁଦ୍ଧା ରତ୍ନଭଣ୍ଡାର କାମ ଶେଷ କର'

## ଏଏସ୍ଆଇକୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୧୪।୬(ଅଜିତ୍ କୁମାର ମହାନ୍ତି)

ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ମହାନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀ ପତ୍ର ଲେଖିଛନ୍ତି। ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି ଜୁନ୍ ୨୮ରୁ ଜୁଲାଇ ୬ ମଧ୍ୟରେ ବାକି ଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ କରିବା ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ ଡ. ପାଢୀ ଏଏସ୍ଆଇକୁ ଅନୁରୋଧ କରିଛନ୍ତି। ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସ୍ଆଇ ଉପମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦବୀର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି।

ଅରୁଣସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳ ଏବଂ ଅଦ୍ୟାବଧି ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାର୍ଯ୍ୟ ପାଇଁ ଏଏସ୍ଆଇକୁ ଧନ୍ୟବାଦ ଜ୍ଞାପନ କରିବା ସହ ମୁଖ୍ୟ ପ୍ରଶାସକ ୩ଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ କରିଛନ୍ତି। ଯଥା-ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ, ଶ୍ରୀମନ୍ଦିର ଉତ୍ତରଦ୍ୱାରଠାରେ ର୍ୟାମ୍ପ ନିର୍ମାଣ ଏଏସ୍ଆଇ ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି। ଏଏସ୍ଆଇ ନିର୍ଦ୍ଦେଶକ (ସଂରକ୍ଷଣ)ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୂଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ ଦାଖଲ କରାଯିବା ସହ ଏଏସ୍ଆଇର ସହମତି ପ୍ରଦାନ ପାଇଁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିର ଓ ବେଢାରେ ଥିବା ପାର୍ଶ୍ୱମନ୍ଦିରଗୁଡ଼ିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏଏସ୍ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି। ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଦର୍ଶାଯାଇଛି। ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏଏସ୍ଆଇର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସହ ସମସ୍ତ କାର୍ଯ୍ୟ ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ଡ. ପାଢୀ ସୂଚନା ଦେଇ କହିଛନ୍ତି ଯେ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍ଆଇକୁ ଯେଉଁ ପତ୍ର ଲେଖାଯାଇଛି, ସେଥିରେ ସ୍ପଷ୍ଟ ଭାବେ କୁହାଯାଇଛି କି ରଥଯାତ୍ରା ପରଦିନ ଅର୍ଥାତ ୨୮ ତାରିଖଠାରୁ ଜୁଲାଇ ୬ ପର୍ଯ୍ୟନ୍ତ ସମୟ ମିଳୁଛି। ତେଣୁ ଏହି କମ୍ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ସମସ୍ତ ଜିନିଷ ଓ କାରିଗର ଆଗୁଆ ରଖିବା ସହ କାର୍ଯ୍ୟ କରିବେ। ମୁଖ୍ୟତଃ ଭିତର ରତ୍ନଭଣ୍ଡାର କାର୍ଯ୍ୟ ଶେଷ ହୋଇଛି, ଖାଲି ଚଟାଣ ପଡ଼ିବ। ବାହାର ରତ୍ନଭଣ୍ଡାର ଯାହା କାର୍ଯ୍ୟ ବାକି ଅଛି, ତୁରନ୍ତ ମରାମତି ଓ ସଂରକ୍ଷଣ କରିବାକୁ କୁହାଯାଇଛି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ମନ୍ଦିର ସହ ପାର୍ଶ୍ୱଦେବଦେବୀ ମନ୍ଦିରର ଆଲୋକୀକରଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନ ଯେଉଁ ଫ୍ଲଡ୍‌ଲାଇଟ ସାହାଯ୍ୟରେ ଆଲୋକୀକରଣ କରାଯାଉଛି, ତାହାର ଆହୁରି ଅଧିକ ଉନ୍ନତୀକରଣ କରାଯିବ। ଫଳରେ ବହୁ ଦୂରରୁ ଶ୍ରୀମନ୍ଦିର ଅଧିକ ଆକର୍ଷଣୀୟ ଓ ସୁନ୍ଦର ଦେଖାଯିବ। ତେଣୁ କାର୍ଯ୍ୟ କରିବାକୁ କୁହାଯାଇଛି। ସେହିପରି ନାଟମଣ୍ଡପରେ ଏସି ବ୍ୟବସ୍ଥା ନେଇ ଯେଉଁ କାର୍ଯ୍ୟ କରାଯିବ, ସେ ନେଇ ତାଙ୍କଠାରୁ ଅନୁମତି ପାଇଁ କୁହାଯାଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।




# ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଏଏସ୍ଆଇ ମୃତ





ସତ୍ୟବାନ କୁମାର ସିଂ

ବଣାଇଁ, ୧୪।୬(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ-ଲଙ୍ଗଳକଟା ନିକଟ ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ଶନିବାର ସକାଳେ ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଣେ ସିଆର୍‌ପିଏଫ୍ ଏଏସ୍ଆଇଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସତ୍ୟବାନ କୁମାର ସିଂ। ତାଙ୍କ ଘର ଉତ୍ତରପ୍ରଦେଶରେ। ସେ ସିଆର୍‌ପିଏଫ୍ ୧୩୪ ନମ୍ବର ବାଟାଲିୟନରେ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଭାବେ ଝାଡ଼ଖଣ୍ଡରେ ମୁତୟନ ଥିଲେ। ତାଙ୍କ ମୃତ୍ୟୁ ପରେ କୋମ୍ବିଂ ଅପରେଶନ ସ୍ଥଗିତ ରଖି ନୂଆ ରଣନୀତି ପ୍ରସ୍ତୁତ କରୁଛି ପୋଲିସ। ଏଏସ୍ଆଇଙ୍କ ମୃତଦେହ ଏୟାର ଲିଫ୍ଟରେ ରାଞ୍ଚି ମୁଖ୍ୟାଳୟ ନିଆଯାଇ ଗାର୍ଡ ଅଫ୍ ଅନର ଦିଆଯିବା ପରେ ପୈତୃକ ଘର ଉତ୍ତରପ୍ରଦେଶକୁ ନିଆଯାଇଥିବା ସୂଚନା ମିଳିଛି।

ଗତ ୧୨ ତାରିଖରୁ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସଂଲଗ୍ନ ଅଞ୍ଚଳରେ କୋମ୍ବିଂ ଅପରେଶନ ଚାଲିଛି। ଶୁକ୍ରବାର ରାତିରେ ସିଆର୍‌ପିଏଫ୍ ଓ ପୋଲିସ ଅପରେଶନ କରୁଥିଲେ। ଶନିବାର ସକାଳେ ପୁଣି ଅପରେଶନ ଆରମ୍ଭ ହୋଇଥିଲା। ବାଙ୍କୋ -ଲଙ୍ଗଳକଟା ପରେ ଥିବା ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ବିଛାଇଥିବା ଲ୍ୟାଣ୍ଡମାଇନ ହଠାତ୍ ବିସ୍ଫୋରଣ ଘଟିଥିଲା। ଏଥିରେ ଏଏସ୍ଆଇ ସିଂ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ହସ୍ପିଟାଲ ପରିସରରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ପହଞ୍ଚି ଘଟଣାର ଅନୁସନ୍ଧାନ କରିଥିଲେ।

ସୂଚନାଯୋଗ୍ୟ, ମାଓବାଦୀ ସୁପ୍ତ ହୋଇଯାଇଥିବା ପ୍ରଚାରକୁ ଚ୍ୟାଲେଞ୍ଜ କରି ଗତ ୨୭ ତାରିଖରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖଣିରୁ ସ୍ପଷ୍ଟ ଦିବାଲୋକରେ ସେମାନେ ୫ ଟନ୍ ବିସ୍ଫୋରକ ଲୁଟି ନେଇଥିଲେ। ପରେ ଓଡ଼ିଶା ଓ ଝାଡଖଣ୍ଡ ପୋଲିସ ମିଳିତ ଅପରେଶନ କରୁଥିଲା। ସାଢ଼େ ୩ ଟନ୍ ବିସ୍ଫୋରକ ଜବତ ହୋଇଥିଲା। ହେଲେ ଏହାର ୩ ଦିନ ପରେ ମେ ୩୦ରେ କୋବ୍ରା ବାଟାଲିୟନର ଯବାନ ସୁନୀଲ କୁମାର ସରଣ୍ଡା ଜଙ୍ଗଲରେ କୋମ୍ବିଂ ଅପରେଶନ ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଆହତ ହୋଇଥିଲେ। ୩୧ ତାରିଖରେ ସରଣ୍ଡା ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଗ୍ରାମବାସୀ ସାହୁ ବାର୍ଜୋ ଗୁରୁତର ଆହତ ହୋଇଥିଲେ। ଶନିବାର ଜଣେ ସିଆର୍‌ପିଏଫ ଏଏସଆଇ ଶହୀଦ ହୋଇଛନ୍ତି। କିଛିବର୍ଷ ମାଓବାଦୀଙ୍କ ନୀରବତାକୁ ସେମାନଙ୍କ ଅନ୍ତଭାବି ଏଠାରୁ ସିଆର୍‌ପିଏଫ କ୍ୟାମ୍ପ ଉଠାଇ ଦିଆଯାଇଥିଲା। କିନ୍ତୁ ଏବେ ମାଓବାଦୀ ପୁଣି ସକ୍ରିୟ ହୋଇଉଠିଛନ୍ତି।

# ତ୍ରିରଙ୍ଗା ଯାତ୍ରା ପରେ ରୋଡ୍ ଶୋ' କରିବେ ମୋଦି

## ୫୦ ହଜାର ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ବଣ୍ଟାଯିବ

ଭୁବନେଶ୍ୱର,୧୪।୬(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୦ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ସେ ଭୁବନେଶ୍ୱରରେ ଏକ ରୋଡ୍ ଶୋ' କରିବା କାର୍ଯ୍ୟକ୍ରମ ରହିଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ଜୁନ୍ ୨୦ ଅପରାହ୍ନ ୩ ଟାରେ ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଏହାପରେ ସେ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବା ପରେ ରୋଡ୍ ଶୋ କରିବେ। ଭୁବନେଶ୍ୱରରେ ରୋଡ୍ ଶୋ ପରେ ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଦେଶ ବାଣ୍ଟିବେ। ଏହାସହ ଅନେକ ନୂଆ ଯୋଜନାର ଘୋଷଣା କରିବେ। ମହାପୁରୁଷ ଆଦର୍ଶ ଗାଁ ଯୋଜନା ମଧ୍ୟ ଘୋଷଣା ହୋଇପାରେ ବୋଲି ମନ୍ତ୍ରୀ ନାଏକ ସୂଚନା ଦେଇଛନ୍ତି।

ରାଜ୍ୟରେ ଭାଜପା ସରକାରର ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୋଦି ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଛି। ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସଫଳ ହେବା ସଙ୍ଗେ ସଙ୍ଗେ ମୋଦିଙ୍କ ଗସ୍ତର ସଫଳ ପ୍ରଭାବ କିପରି ରହିବ ତାକୁ ନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଅପରେଶନ ସିନ୍ଦୂରର ସଫଳତା ପରେ ବିମାବନ୍ଦରଠାରୁ ପ୍ରଥମେ ତ୍ରିରଙ୍ଗାଯାତ୍ରା ହେବ।






# ଆଜି କ’ଣ କେଉଁଠି

## ଭୁବନେଶ୍ୱର
- ରାମକୃଷ୍ଣ ପତିଙ୍କ ୩୯ତମ ରାଜ୍ୟସ୍ତରୀୟ ସ୍ମୃତି ବାର୍ଷିକୀ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭଗବତୀ ଭବନ, ସମୟ: ଅପରାହ୍ନ ୫ଟା ୩୦।

## କଟକ
- ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ ରଜ ମହୋତ୍ସବର ୨ୟ ଦିବସ, ସ୍ଥାନ: ୪୨ ମୌଜା କଳପଡ଼ା, ସମୟ: ସକାଳ ୯ଟା।
- କିଶୋର ନଗରରେ ରଜ ମହୋତ୍ସବର ୩ୟ ଦିବସ, ସ୍ଥାନ: କିଶୋର ନଗର ହାଟ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ସୁର ମନ୍ଦିର ପକ୍ଷରୁ ୨୭ତମ ରଜ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ସତ୍ୟବାଦୀ କଳା ସଂସଦର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଶ୍ରୀ କ୍ଷେତ୍ରଶର ଦେବଙ୍କ ମେଳଣ ପଡ଼ିଆ, ବଳଙ୍ଗା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ବିକାଶ ମେଳାର ଚତୁର୍ଥ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବନ୍ଧୁମିଳନ ଓ ଗୁରୁପୂଜନ, ସ୍ଥାନ: ନାୟକାଣିଡିହୀ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ, ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଭାବଗ୍ରାହୀ ପାଠାଗାର ପରିସର, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପା ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ରଜ ମହୋତ୍ସବ, ସ୍ଥାନ: ଟିକିରା, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ନିମାପଡ଼ା କପାଳୀକ୍ଷେତ୍ର, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ପୌରାଣିକ ପୀଠ ସୀତାବିଞ୍ଜିଠାରେ ମେଳା ଆରମ୍ଭ, ସ୍ଥାନ: ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ଟିକିରା ତଳ ସାହିରେ ରଜ ମହୋତ୍ସବ, ସ୍ଥାନ: ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ବିକାଶ ମେଳା, ସ୍ଥାନ: ଛଉ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶହିଦ ସ୍ମୃତି ଭବନ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଡିଆରକେ କ୍ଲବ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ମଧୁବନ ଷ୍ଟାଡିୟମ ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ, ସମୟ: ସକାଳ ୧୦ଟା।
- ପଞ୍ଚମ ବେଦ ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୧୦ଟା ଓ ସନ୍ଧ୍ୟା ୬ଟା।
- ଅନ୍ତର୍ଜାତୀୟ ବାଣିଜ୍ୟିକ ମେଳା, ସ୍ଥାନ: ୟୁସିପି ଇଂଜିନିୟରିଂ ସ୍କୁଲ ଖେଳପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ଅନ୍ୱେଷା କଳାକେନ୍ଦ୍ରର ରଜ ଉତ୍ସବ, ସ୍ଥାନ: ମୋତି ହୋଟେଲ, ସମୟ: ସନ୍ଧ୍ୟା ୬ଟା।
- ‘ଅକ୍ଷରେ ପ୍ରେମ’ ପକ୍ଷରୁ ରଜ ମଉଜ, ସ୍ଥାନ: ଅଭିନନ୍ଦନ କଲ୍ୟାଣ ମଣ୍ଡପ, ଉତ୍କଳ ଆଶ୍ରମ ରୋଡ, ସମୟ: ସନ୍ଧ୍ୟା ୬ଟା ୩୦।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ଗୋସେବା କାର୍ଯ୍ୟକ୍ରମ, ସ୍ଥାନ: ନିଳିକଣା, ଡେରାବିଶ, ସମୟ: ସକାଳ ୭ଟା।
- ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ:ବରୁଣେଶ୍ୱର ମନ୍ଦିର ପରିସର, କେରଡାଗଡ଼, ରାଜନଗର, ସମୟ: ସକାଳ ୭ଟା।
- ମଧୁବାବା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡା, ସମୟ: ସକାଳ ୭ଟା।
- ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଠାକୁରହାଟ, ଡେରାବିଶ, ସମୟ: ସକାଳ ୯ଟା।
- ରଜ ମହୋତ୍ସବ, ସ୍ଥାନ: ବଗଡା, କେନ୍ଦ୍ରାପଡା ସମୟ: ଅପରାହ୍ନ ୩ଟା।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ମାଉସୀ ମାଆ ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ନାମ ଯଜ୍ଞ, ସ୍ଥାନ: ମାଆ ସାହାଡା ସୁନ୍ଦରୀ ମନ୍ଦିର, ମେଣ୍ଢପୁର, ଆଳି, ସମୟ: ଅପରାହ୍ନ ୫ଟା।
- ମାଆ ବୁଢ଼ୀ ମଙ୍ଗଳା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଗଳିଦାଣ୍ଡ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ମାଆ ପାଟକୁମାରୀ କଳାବିକାଶ ଯୁବ ସଂଗଠନ ପକ୍ଷରୁ ନାଟକ ପ୍ରଦର୍ଶନ, ସ୍ଥାନ: ଏଣ୍ଡୁଳାପୁର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ମା’ ମଙ୍ଗଳା ଷ୍ଟାର୍ କ୍ଲବ ପକ୍ଷରୁ ରଜମହୋତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: କଦମପାଳ ହାଇସ୍କୁଲ ପାଖ ଦୋଳି ପଡ଼ିଆ, ସମୟ: ସକାଳ ୮ଟା।
- ଗୁରୁଚରଣ ସ୍ମାରକୀ ଆଞ୍ଚଳିକ ରଜ ମହୋତ୍ସବର ୨ୟ ଦିବସ, ସ୍ଥାନ: କଦମପାଳ ସ୍ମୃତିପୀଠ ପଡ଼ିଆ, ସମୟ: ସକାଳ ୯ଟା।
- ୭୦ତମ ସର୍ବଭାରତୀୟ ମହିଳାପୁରୁଷ କବାଡ଼ି ଚାମ୍ପିୟନଶିପର ତୃତୀୟ ଦିବସ, ସ୍ଥାନ: ରସୁଲପୁର ବ୍ଲକ୍‌ର ଖଣ୍ଡିତର କବାଡ଼ି ଷ୍ଟାଡିୟମ, ସମୟ: ସକାଳ ୯ଟା।

## ନୟାଗଡ଼
- ରଜ ମହୋସବ କମିଟି ଓ ନୟାଗଡ ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ରଜ ମହୋତ୍ସବର ୨ୟ ଦିବସ, ସ୍ଥାନ: ନୟାଗଡ଼ ସହର ରାଜବଗିଚା , ସମୟ: ସକାଳ ୯ଟା।
- ରଜ ମଉଜ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ ପୁରୁଣା ସହର ମା ଦକ୍ଷୀଣକାଳୀଙ୍କ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ରଜ ମହୋତ୍ସବର ୨ୟ ଦିବସ, ସ୍ଥାନ:ନୟାଗଡ ବ୍ଲକ ଇଟାମାଟି ତନ୍ତିସାହି, ସମୟ: ଅପରାହ୍ନ ୩ଟା୩୦।
- ରଜ ମହୋତ୍ସବର ୨ୟ ଦିସବ, ସ୍ଥାନ:ଖଣ୍ଡପଡା ଉମାଦେବୀ ପୀଠ, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୟାଗଡ ବ୍ଲକ କଳାହାଣ୍ଡି ମୌଜାର ମା’ ବୀରଚଣ୍ଡି ଠାକୁରାଣୀ ପୀଠ, ସମୟ:ଅପରାହ୍ନ ୪ଟା।
- ବେଣାଗାଡିଆ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବେଣାଗାଡିଆ ଉପ୍ରା ସ୍କୁଲ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: ଜିସିଡ଼ି ଖେଳ ପଡ଼ିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା। ମେହେନ୍ଦି, ଝୋଟି ପ୍ରତିଯୋଗିତା, ସ୍ଥାନ: ମହିଳା ସଂସ୍କୃତି ଅନୁଷ୍ଠାନ, ରାୟଗଡା, ସମୟ: ଅପରାହ୍ନ ୪ଟା।ହ୍

## ନବରଙ୍ଗପୁର
- ରଜ ଉତ୍ସବ, ସ୍ଥାନ: ଉମରକୋଟ ବ୍ଲକ ଦର୍ଗାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ମଣ୍ଡଳ ପ୍ରସ୍ତୁତି ବୈଠକ,ସ୍ଥାନ: ଜୋନ-୧ ସାଇ କଲ୍ୟାଣୀ ମଣ୍ଡପ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ମାଲକାନଗିରି
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀଙ୍କ ମାଲକାନଗିରି ଗସ୍ତ, ସମୀକ୍ଷା ବୈଠକ ଓ ସାମ୍ବାଦିକ ସମ୍ମିଳନୀ
- ସ୍ଥାନ:ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା ।

## ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା ।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ଡେରା, ସମୟ : ସକାଳ ୭ଟା୩୦ ।
- ଜବାହାର ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ବାର୍ଷିକ ଉତ୍ସବ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦ ।
- ଏକତା ଅନ୍ୱେଷା ଓ ଗୁଲୁଣ୍ଡା ଗ୍ରାମବାସୀ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ: ଗୁଲୁଣ୍ଡା ଗ୍ରାମ, ସମୟ: ଅପରାହ୍ନ ୫ଟା୩୦ ।
- ରଜ ମଉଜ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପାନ୍ଥ ନିବାସ, ସମୟ: ଅପରାହ୍ନ ୫ଟା୩୦ ।

## ବଲାଙ୍ଗୀର
- ଦେଓଗାଁ ଚିନିକଲ ସଂଘର୍ଷ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଲକ୍ଷ୍ମଣ କୁମାର ମେହେରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା ।

## ରାଉରକେଲା
- ସାଥୀ ସଙ୍ଗଠନ ପକ୍ଷରୁ ସଚେତନତା ରାଲି, ସ୍ଥାନ: ୭/୧୭ ଛକ, ସମୟ: ସକାଳ ୭ଟା ୩୦ ।
- ରଜ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଫିଟ୍‌ନେସ ପାର୍କ, ସେକ୍ଟର-୧୯, ସମୟ: ସକାଳ ୭ଟା ।
- ହ୍ୟୁମାନିଟି ଫାଉଣ୍ଡେଶନ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: ଗୋପବନ୍ଧୁପାଲ୍ଲୀ, ସମୟ: ସକାଳ ୮ଟା ।
- ପରିଚୟ ପକ୍ଷରୁ ରଜ ନୃତ୍ୟୋତ୍ସବ, ସ୍ଥାନ: ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ବିକାଶ ବାହନ ଉଦ୍‌ଘାଟନ, ସ୍ଥାନ: ଛେଣ୍ଡ କଲୋନି, ଫେଜ୍-୧ ଏନ୍‌ଏସି ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ସାଗରିକା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ରଜ ଉତ୍ସବ, ସ୍ଥାନ: ସେକ୍ଟର-୧୫ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ମା’ ବାଟମଙ୍ଗଳା ମହିଳା ସମିତି ପକ୍ଷରୁ ରଜପର୍ବ ପାଳନ ସମାରୋହ, ସ୍ଥାନ: ଜଗଦା, ସମୟ: ଅପରାହ୍ନ ୫ଟା ।
- ଶ୍ରୀଧର ଜ୍ଞାନସ୍ମୃତି କେନ୍ଦ୍ରରେ ସାହିତ୍ୟ ଆସର, ସ୍ଥାନ: ଜେଲ୍ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦
- ରୋଟାରୀ କ୍ଲବ ଅଫ ରାଉରକେଲା ଅର୍ବାନ ପକ୍ଷରୁ ରଜ ସଂକ୍ରାନ୍ତି, ସ୍ଥାନ: ରାଉରକେଲା କ୍ଲବ, ସେକ୍ଟର-୧୯, ସମୟ: ସନ୍ଧ୍ୟା ୭ଟା ୩୦ ।

## ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳା,ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ: ସକାଳ ୭ଟା।,
- ପଦ୍ମପୁର ପ୍ରତିଭା ସମ୍ମାନ, ସ୍ଥାନ: ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼,ସମୟ:ସକାଳ ୯ଟା।
- ବିଶ୍ୱ ବରିଷ୍ଠ ହତାଦର ସଚେତନତା କାର୍ଯ୍ୟକ୍ରମ,ସ୍ଥାନ:ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହନ ଯାତ୍ରା, ସ୍ଥାନ: ବିରିକୋଟ ଓ ଗୋପାଳପୁର ଗ୍ରାମପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ
- ବିକାଶ ମେଳାର ଚତୁର୍ଥ ଦିବସ, କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା’କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା’କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ସକାଳ ୮ଟା।
- ବିକାଶ ବାହନ ଯାତ୍ରା ପରିକ୍ରମା ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସହଲା, ତମାମୁରା ଓ କପାସିରା ଗ୍ରାମ ପଞ୍ଚାୟତ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିକାଶ ମେଳାର ଚତୁର୍ଥ ଦିବସ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।
- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ବିକାଶ ମେଳା ଚତୁର୍ଥ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ମଦର ଟେରେସା ସେବାକେନ୍ଦ୍ର ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁ, ସମୟ: ସକାଳ ୮ଟା।
- ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ବୟସ୍କ ଦୁର୍ବ୍ୟବହାର ସଚେତନତା ଦିବସ ପାଳନ, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ସିନାପାଲି ହୋଲିହୋମ ବୃଦ୍ଧାଶ୍ରମ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଧାରରେ ଅର୍ଥ, ବସ୍ତ୍ରଭୂଷଣ, ଉଚ୍ଚ ସମ୍ମାନ ଏବଂ ବନ୍ଧୁଙ୍କ ଆତିଥ୍ୟଯୋଗ ରହିଛି। ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ମଧ୍ୟରେ ନୂତନ ଯୋଜନା ପ୍ରଣୟନ କରିପାରନ୍ତି। ବ୍ୟବସାୟ ଓ ପରିବହନରେ ଶିଥିଳତା ଦେଖାଦେବା କାରଣରୁ ଚିନ୍ତିତ ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ବୁଝାମଣାର ଅଭାବ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରେ।

**ବୃଷ** କଠୋର ସତ୍ୟ ପ୍ରକାଶ ବନ୍ଧୁ ସମ୍ପର୍କକୁ ତିକ୍ତ କରିଦେଇପାରେ। ଆଲୋଚନା ପରିସରରେ ଆପଣ ସଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପରିସ୍ଥିତି ବଦଳି ଯିବାର ସୂଚନା ରହିଛି। କିନ୍ତୁ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** ପରୋକ୍ଷ ଶତ୍ରୁତା କାରଣରୁ ଆପଣଙ୍କ ନିର୍ଦ୍ଦିଷ୍ଟ ସ୍ଥାନରୁ ଅର୍ଥପ୍ରାପ୍ତିର ଆଶା ମଉଳି ଯାଇପାରେ। ପ୍ରତିବନ୍ଧକ ଲାଗି ରହିବାରୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧା ଭୋଗିବେ। ପରିବାରରେ ମନର ଭାବ ପ୍ରକାଶ କରିବାରେ ପଛେଇଯିବେ। ମକଦ୍ଦମା କ୍ଷେତ୍ରରେ ସମସ୍ୟା ସମାଧାନର କ୍ଷୀଣ ଆଶା ରହିଛି।

**କର୍କଟ** ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ପ୍ରାପ୍ତ ହୋଇପାରେ। ଯାହା ବହୁତ ଦିନ ହେଲା ମନେମନେ ଭାବୁଥିଲେ ଆଜି ତାହା ବାସ୍ତବରେ ପରିଣତ ହେବ। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ରହିଆସୁଥିବା ବିବାଦର ଅନ୍ତ ଘଟିବାର ସୂଚନା ରହିଛି। ସରକାରୀ ସ୍ତରରୁ କିମ୍ବା ଆଇନର ସହାୟତାରୁ ଉପକୃତ ହେବେ।

**ସିଂହ** ପଦସ୍ଥ ବ୍ୟକ୍ତିଙ୍କ ସହାୟତାରୁ ପଦୋନ୍ନତିର ସୁଯୋଗ ପାଇବେ। ଏକ ଆନନ୍ଦଦାୟକ ପରିବେଶରେ ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପାରିବାରିକ ଅସ୍ଥିରତା ଦୂରୀଭୂତ ହେବା ସାଙ୍ଗକୁ କର୍ମକ୍ଷେତ୍ରରେ ସମସ୍ୟା ମଧ୍ୟ ଦୂରେଇଯିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବା ସାଙ୍ଗକୁ ପଡ଼ୋଶୀଙ୍କ ସୌହାର୍ଦ୍ଦ୍ୟ ମଧ୍ୟ ଲାଭ କରିବେ।

**କନ୍ୟା** ଆଜି ଅର୍ଥଲାଭ, ବସ୍ତ୍ରାଳଙ୍କାର ପ୍ରାପ୍ତି ଓ ବନ୍ଧୁଗହଣରେ ମିଷ୍ଟାନ୍ନ ଭୋଜନ ଯୋଗ ରହିଛି। ପାରିବାରିକ ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଉଥିବା ଯୋଗୁ ଚିନ୍ତା ପ୍ରକଟ କରିବେ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜା ସକାଶେ ଯତ୍ନବାନ୍ ହେବେ। ମୂଲ୍ୟବାନ୍ ଜିନିଷ କ୍ରୟକରିବା ସକାଶେ ବନ୍ଧୁଙ୍କ ସାହାଯ୍ୟ ଆବଶ୍ୟକ ହୋଇପାରେ।

**ତୁଳା** ଯାତ୍ରାକାଳରେ ଅନ୍ୟମନସ୍କ ଜନିତ ସମସ୍ୟା ଉପୁଜିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରୁ କିମ୍ବା ଉଚ୍ଚସ୍ତରରୁ ସମ୍ମାନିତ ହୋଇପାରନ୍ତି। ପରିବାରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ, କିନ୍ତୁ ବାଣିଜ୍ୟ ପାଇଁ ଦିନଟି ମନ୍ଦ ନୁହେଁ। ପ୍ରଶାସନିକ ସ୍ତରରେ, ରାଜନୈତିକ କ୍ଷେତ୍ରରେ, ଆଇନ ଅଦାଲତରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବେ।

**ବିଛା** ଅନୁକୂଳ ଗ୍ରହଯୋଗ ପ୍ରଭାବରୁ ଅର୍ଥ, ସମ୍ମାନ, ବନ୍ଧୁପ୍ରୀତି ମାଧ୍ୟମରେ ଆନନ୍ଦ ପ୍ରାପ୍ତି ଘଟିବ। ସମସ୍ୟା ଆସିଲେ ମଧ୍ୟ ତାହାର ସମାଧାନର ଉପାୟ ବାହାର କରିନେବେ। ବ୍ୟବସାୟିକ କାରବାର ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ଚେଷ୍ଟା କରୁଥିବା କାମରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା ଯୋଗୁ ଆଶ୍ୱସ୍ତ ହେବେ। ଅନ୍ୟମାନଙ୍କ ଉପରେ ଅଭିମାନ କରି ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିବା ହେତୁ ଅନୁତାପ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ର, ସଙ୍ଗଠନ, ପ୍ରଶାସନ ଓ ପଡ଼ୋଶୀଙ୍କ ଆଦରରୁ ଖୁସି ରହିବେ। ବନ୍ଧୁମାନଙ୍କ ସହ ପରିବାର ଭିତରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ମକର** ବିଜାତୀୟ ବ୍ୟକ୍ତିଙ୍କ ମାଧ୍ୟମରେ ଆର୍ଥିକ, ସାଙ୍ଗଠନିକ ସହାୟତା ପ୍ରାପ୍ତି ହେବ। ଆଜି ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଲୋକସମ୍ପର୍କ ବୃଦ୍ଧି ପାଇବ, କିନ୍ତୁ କେତେକ ଈର୍ଷାପରାୟଣ ବ୍ୟକ୍ତିଙ୍କ ସକାଶେ ଟେନସନ ବଢ଼ିଯିବ। ଆନୁଷ୍ଠାନିକ କାମ, ସାହିତ୍ୟ, ସଭାସମିତି, ଲେଖାପଢ଼ା ଓ ଚୁକ୍ତିପତ୍ରରୁ ଶୁଭଫଳ ପାଇବେ। ସନ୍ତାନହେତୁକ ଚିନ୍ତା ଟଳିବ।

**କୁମ୍ଭ** ବ୍ୟାଙ୍କ, ଲଟେରି, ସଞ୍ଚୟରୁ ଅର୍ଥପ୍ରାପ୍ତି ସୁଯୋଗ ମିଳିପାରେ। ଚିନ୍ତା ନ କରି କାମ କଲେ ସଫଳତା ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ରୋଗ, ଋଣ ଓ ଶତ୍ରୁତା ଚିନ୍ତାର ମୁଖ୍ୟ କାରଣ ହେବାର ସମ୍ଭାବନା ରହିଛି। ଏଣୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହନ୍ତୁ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମୀନ** କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବ୍ୟୟବହୁଳତା ଦୁଶ୍ଚିନ୍ତାର କାରଣ ହେବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପରିବାରରେ, ବନ୍ଧୁଙ୍କ ମଧ୍ୟରେ କିମ୍ବା ସାମାଜିକ ସ୍ତରରେ ବିବାଦ ବଢ଼ିପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ପାଇଁ ଯାତ୍ରା ଓ ବାଣିଜ୍ୟ ସକାଶେ ଦିନଟି ଭଲ ଏବଂ ବନ୍ଧୁ ମିଳନରୁ ଖୁସି ରହିପାରନ୍ତି। କର୍ମକ୍ଷେତ୍ରରେ ବିଜୟ ଲାଭର ସମ୍ଭାବନା ରହିଛି।

ଆଜି ରଜ ସଂକ୍ରାନ୍ତି, ଜୁନ୍ ୧୫ ତାରିଖ, ବିଶ୍ୱ ପିତୃ ଦିବସ (ଜୁନ୍ ତୃତୀୟ ରବିବାର), ଆଷାଢ଼ କୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ରବିବାର। ରାଶିନକ୍ଷତ୍ର-ଶ୍ରବଣା/ମକର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୬ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୨୬ ଗତେ ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୪ ଗତେ ଘ.୦୬।୨୨ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧର, ବାନ୍ଧ, ପକା,
ଏ ତିନିହେଁ ଏକା।**

ପନ୍ଥା ଭିନ୍ନ କିନ୍ତୁ ଉଦ୍ଦେଶ୍ୟ ଏକ। ବ୍ୟକ୍ତିକୁ ଧରିବା, ବାନ୍ଧିବା ଏବଂ ତଳେ ପକାଇ ମାଡ଼ିବସିବା ଏସବୁ ଏକ ପ୍ରକାରର କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧରିଲା ମାଛ ସାନ
ଯିବା ମାଛ ବଡ଼।**

ସାଧାରଣତଃ ହାତଛଡ଼ା ବା ହଜିବା ଜିନିଷ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଇଥାଏ। ଏହା ପରିବର୍ତ୍ତେ ଯେତେ ବଡ଼ ଜିନିଷ ହାତରେ ବା ପାଖରେ ଥିଲେ ମଧ୍ୟ ତାହା କେବେହେଲେ ମନକୁ ଆତ୍ମସନ୍ତୋଷ ଦେଇ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ

# ଏବର୍ଷ ଚାଷ ପାଇଁ ପାଗ ଅନୁକୂଳ ରହିବ


**ଭୁବନେଶ୍ୱର,୧୪।୬ (ଅନୁରାଧା ମହାରଣା)**

ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେବଳ ଦକ୍ଷିଣ ଓଡ଼ିଶାରେ ସକ୍ରିୟ ରହିଛି। ସେସବୁ ଅଞ୍ଚଳରେ ବର୍ଷା ହେଉଥିବାବେଳେ ରାଜ୍ୟର ଅନ୍ୟ ଅଞ୍ଚଳରେ ଗରମ ଓ ଗୁଳୁଗୁଳି ହେଉଛି। ତେବେ ଆସନ୍ତା ଦୁଇରୁ ତିନିଦିନ ମଧ୍ୟରେ ମୌସୁମୀ ଆହୁରି ସକ୍ରିୟ ହୋଇ ବର୍ଷା କରାଇବ। ମୌସୁମୀ ଋତୁରେ ଯେତିକି ବର୍ଷା ହୁଏ, ଚଳିତବର୍ଷ ଓଡିଶାରେ ସେତିକି କିମ୍ବା ତା’ଠୁ ଅଧିକ ବର୍ଷା ହେବ। ଯାହା ଫଳରେ ଚାଷ ପାଇଁ ଅନୁକୂଳ ହେବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି।

### ୨ଦିନରେ ମୌସୁମୀ ସକ୍ରିୟ ହେବ, ୭ଦିନ ବର୍ଷିବ

ଏନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର ପହିଲି ରଜରେ ୩୦ ଜିଲାରେ ଝଡ଼ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଥିଲା। କିଛି ସ୍ଥାନରେ ବର୍ଷା ସାଙ୍ଗକୁ ବିଜୁଳି, ଘଡଘଡି ସହ ଝଟ୍‌କା ପବନ ହୋଇଥିବା ସୂଚନା ମିଳିଛି। ତେବେ ରଜର ଆଉ ଦୁଇଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ବଙ୍ଗୋପସାଗରରେ ମୌସୁମୀ ବାୟୁ ସକ୍ରିୟ ହେଉଥିବାରୁ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ହେବ। ସମୁଦ୍ର ମଧ୍ୟରୁ ଜଳୀୟବାଷ୍ପ ପ୍ରବେଶ କରୁଥିବାରୁ ମୌସୁମୀ ସକ୍ରିୟ ହେବାକୁ ସକ୍ଷମ ହେଉଛି। ଆଗାମୀ ଦୁଇଦିନ ମଧ୍ୟରେ ବିଦର୍ଭ, ଛତିଶଗଡ ଏବଂ ଓଡିଶା ର ଆହୁରି କିଛି ଅଞ୍ଚଳକୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ଥିବାବେଳେ ଗୁଜରାଟ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାରକୁ ପରବର୍ତ୍ତୀ ୩ଦିନ ମଧ୍ୟରେ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି। ଏହା ସହିତ ପଶ୍ଚିମ କେନ୍ଦ୍ରୀୟ ଆରବ ସାଗରରୁ ଦକ୍ଷିଣ ଓଡ଼ିଶା ଉପକୂଳ ଯାଏ ଏକ ଟ୍ରପ ଲାଇନ ଲମ୍ବିଛି, ଯାହାକି ବର୍ଷା କରାଇବାରେ ସହାୟକ ହେବ। ଏହା ପ୍ରଭାବରେ ଆଗାମୀ ୭ ଦିନ ଯାଏ ରାଜ୍ୟରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଯାଜପୁର: ୧୧ ନମୁନାରେ ...

ଦିଆଯାଇଛି। ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା ବୃନ୍ଦା ଡି. ଏବଂ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ବିଜୟ କୁମାର ମହାପାତ୍ର ଯାଜପୁର ଜିଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରିଥିଲେ। ଏହି ଅବସରରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା କହିଛନ୍ତି, ଝାଡାବାନ୍ତି ସଂକ୍ରମିତଙ୍କ ତାଲିକା କରାଯିବ ଏବଂ ପରବର୍ତ୍ତୀ ସମୟରେ ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନେ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବେ। ଆର୍‌ବିଏସ୍‌କେ ମୋବାଇଲ ହେଲଥ୍ ଟିମ୍ ପ୍ରତ୍ୟେକ ଦିନ ଗାଁ ପରିଦର୍ଶନ କରିବେ ଓ ଯେଉଁ ଗ୍ରାମରେ ଅଧିକ ଆକ୍ରାନ୍ତ ଚିହ୍ନଟ ହେବେ ସେଇ ଗ୍ରାମକୁ ଆଗ ପରିଦର୍ଶନ କରାଯିବ। ଅପହଞ୍ଚ ଗ୍ରାମଗୁଡ଼ିକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ପାଣି ପାଉଚ୍ ଏବଂ ବୋତଲ ମାନୁଫାକ୍ଚର ଉପରେ ତଦାରଖ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ଏକ ସମୀକ୍ଷା ବୈଠକ ଆୟୋଜନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

### ଏନ୍‌ଇଇଟି-ୟୁଜି: ...

୬୦୬ ଜଣ ଓସିଆଇ କାର୍ଡଧାରୀ ପରୀକ୍ଷାରେ ସଫଳ ହୋଇଛନ୍ତି। ମହାରାଷ୍ଟ୍ରର କ୍ରିଶଙ୍ଗ ଜୋଷୀ ଏବଂ ଦିଲ୍ଲୀର ମୃଣାଳ କିଶୋର ଝା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ର୍‌ୟାଙ୍କ୍‌ରେ ରହିଛନ୍ତି। ସେହିପରି ମହିଳାମାନଙ୍କ ମଧ୍ୟରେ ଦିଲ୍ଲୀର ଅଭିକା ଅଗ୍ରୱାଲ ଟପ୍ପର ହୋଇଥିବାବେଳେ ସେ ସର୍ବଭାରତୀୟ ସ୍ତରରେ ୫ମ ସ୍ଥାନରେ ରହିଛନ୍ତି। ଉତ୍ତରପ୍ରଦେଶର ସର୍ବାଧିକ ୧.୭୦ ଲକ୍ଷରୁ ଅଧିକ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ଏହା ପଛକୁ ମହାରାଷ୍ଟ୍ରରୁ ୧.୨୫ ଲକ୍ଷରୁ ଅଧିକ ଏବଂ ରାଜସ୍ଥାନରୁ ୧.୧୯ ଲକ୍ଷରୁ ଅଧିକ ପ୍ରାର୍ଥୀ ରହିଛନ୍ତି। ମୋଟ ୭୨୦ ମାର୍କରୁ ୭୩ ଜଣ ପରୀକ୍ଷାର୍ଥୀ ୬୫୧ରୁ ୬୮୬ ମଧ୍ୟରେ ରଖିଥିବାବେଳେ ୧,୨୫୯ ଜଣ ୬୦୧ରୁ ୬୫୦ ମଧ୍ୟରେ ମାର୍କ ହାସଲ କରିଛନ୍ତି।

### ସ୍ନେହାଶିଷ ଓଡ଼ିଶା ...

୫୯,୨୩୮ଜଣ ପରୀକ୍ଷା ଦେଇଥିବାବେଳେ ୩୧,୬୭୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏସ୍‌ସି ବର୍ଗରେ ପବିତ୍ର ସେଠୀ ୯୯.୯୯୧ ପର୍ସେଣ୍ଟାଇଲ୍ ସହ ୧୮୦ ନିଟ୍ ର୍‌ୟାଙ୍କ ହାସଲ କରିଛନ୍ତି। ପିଡବ୍ଲ୍ୟୁବିଡି (ମହିଳା) ବର୍ଗରେ ବୈଶାଳୀ ମହାରଣା ୯୯.୦୫୯ ପର୍ସେଣ୍ଟାଇଲ୍ ସହ ୨୦,୪୯୬ ର୍‌ୟାଙ୍କ ଓ ସାଇମା ମିର୍ଜା ୯୮.୪୫୬ ପର୍ସେଣ୍ଟାଇଲ ସହ ୩୩୩୮୯ ନିଟ୍ ର୍‌ୟାଙ୍କ ପାଇଛନ୍ତି। ସେହିପରି ପିଡବ୍ଲ୍ୟୁବିଡି(ପୁରୁଷ) ବର୍ଗରେ ଦୁର୍ବଦଳ ମେହେର ୯୯.୬୭୨ ପର୍ସେଣ୍ଟାଇଲ୍ ସହ ୭୦୦୭ ନିଟ୍ ର୍‌ୟାଙ୍କ ପାଇଛନ୍ତି।

### ଛେଳିକୁ ନେଇ ...

ମାଡ଼ରେ ବିପିନଙ୍କ ମୃତ୍ୟୁ ଘଟିଥିଲା। ପରେ ମୃତଦେହକୁ ଶଙ୍ଖୁଆ ଗୋରାଣ୍ଡି ଯୋଡ଼ି ରାସ୍ତାର ଶଙ୍ଖୁଆ ହାଇସ୍କୁଲ ନିକଟରେ ପକାଇଦେଇଥିଲେ। ଶନିବାର ସକାଳେ ରାସ୍ତାକଡ଼ରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବିପିନଙ୍କ ବାପା ପରମାନନ୍ଦ ନାଏକଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୧୨୨/୨୫) ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ମହାକୁଡ଼ କହିଛନ୍ତି।

# ସାମୁଦ୍ରିକ କଟକଣା ହଟିଲା

■ ଡଙ୍ଗା ମଙ୍ଗ ପୂଜାର୍ଚ୍ଚନା ପରେ ମତ୍ସ୍ୟଜୀବୀଙ୍କ ସଜବାଜ
■ ସାଢ଼େ ୭ ମାସ ଥିଲା କଟକଣା
■ କୋର ଜୋନ୍‌ରେ ସୀମା ଚିହ୍ନଟ ପାଇଁ ଭାସମାନ ୧୪ ବଇଁଆ

ମହାକାଳପଡ଼ା,୧୪।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଖରିନାସୀ ମତ୍ସ୍ୟ ଜେଟିଠାରେ ମତ୍ସ୍ୟଜୀବୀମାନେ ଜାଲ ଡ଼ଙ୍ଗା ପ୍ରସ୍ତୁତ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ସାଢ଼େ ୭ ମାସ ଅର୍ଥାତ୍ ୨୦୨୪ ନଭେମ୍ବର ପହିଲାରୁ ୨୦୨୫ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ଜାରି କରାଯାଇଥିଲା। ରବିବାର ଏହି କଟକଣା ହଟିବ। ଏଥିପାଇଁ ଶନିବାର ସ୍ଥାନୀୟ ମତ୍ସ୍ୟଜୀବୀମାନେ ଡଙ୍ଗା ମଙ୍ଗ ପୂଜା କରିବା ପରେ ଜାଲ ଧରି ସମୁଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି କହିଛନ୍ତି। ଏହି ବ୍ଲକ୍ ଅଧୀନ ବତୀଘର, ଖରିନାସୀ, ରାମନଗର, ପେଟଛେଲା, ଜମ୍ବୁ , ସୁନିତି , ତଣ୍ଡିଆପାଳ , ବଉଳ କଣି ଆଦି ପଞ୍ଚାୟତର ପ୍ରାୟ ୧୦ ହଜାର ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ସମୁଦ୍ର ଉପରେ ନିର୍ଭର କରନ୍ତି। ଗହୀରମଥାରେ ଅଲିଭରିଡ଼ଲେ କଇଁଛଙ୍କ ଅଣ୍ଡାଦାନ ଯୋଗୁ ଏହି କଟକଣା ଜାରି କରାଯାଇଥିଲା। ସେହି କଇଁଛମାନେ ଇତିମଧ୍ୟରେ ସେମାନଙ୍କ ମୂଳସ୍ଥାନକୁ ଫେରୁଛନ୍ତି। ଏଥିପାଇଁ ଗହୀରମଥାରେ ବର୍ଷ ସାରା ପ୍ରବେଶ କଟକଣା ଲାଗୁ କରାଯାଇଥିଲା। କୂଳଠାରୁ ୨୦ କିମି ଦୂର ସମୁଦ୍ର ପର୍ଯ୍ୟନ୍ତ କୋର୍ ଜୋନରେ ପ୍ରବେଶ କଟକଣା ରହିଛି। ୨୦ କିମି ପରେ ବଫର ଜୋନ ରହିଛି। ସେହିପରି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମହାନଦୀ ମୁହାଣଠାରୁ ଧାମରା ମୁହାଣ ୧୪୩୫ ବର୍ଗମାଇଲ ବିସ୍ତାର ହୋଇଛି। ଏହି ନିଷିଦ୍ଧ ଅଞ୍ଚଳରେ ପ୍ରବେଶ ନ କରିବା ପାଇଁ ବନ ବିଭାଗ ପକ୍ଷରୁ ଅତ୍ୟାଧୁନିକ କାରିଗରି କୌଶଳରେ ୧୪ଟି ସୀମା ଚିହ୍ନଟ ଭାସମାନ ବଇଁଆ ସ୍ଥାପନ କରାଯାଇଛି। ଏହି ନିଷିଦ୍ଧ ଅଞ୍ଚଳରେ ବର୍ଷସାରା ପ୍ରବେଶ କଟକଣା କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷ କରି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ମୂଲ୍ୟବାନ ମାଛ ପଡୁଥିବାରୁ ଟ୍ରଲର ଓ ବୋଟ୍ ମାଲିକମାନଙ୍କ ଲୋଲୁପ ଦୃଷ୍ଟି ରହିଛି। ବନ ବିଭାଗ କର୍ମଚାରୀଙ୍କୁ ଚକମା ଦେଖାଇ ଟ୍ରଲର ମାଲିକମାନେ ବେଆଇନ ଭାବେ ସେହି ଅଞ୍ଚଳକୁ ପ୍ରବେଶ କରି ମୂଲ୍ୟବାନ ମାଛ ଧରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ କପିଳ ଚନ୍ଦ୍ର ପ୍ରଧାନ କହିଛନ୍ତି, କଟକଣା ହଟିବା ପରେ କୌଣସି ମତ୍ସ୍ୟଜୀବୀ ବେଆଇନ ଭାବେ ନିଷିଦ୍ଧାଞ୍ଚଳକୁ ପ୍ରବେଶ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପବନ ଶକ୍ତିର ଗୁରୁତ୍ୱ ଜାଣିବା ଜରୁରୀ

## ଆଜି 'ବିଶ୍ୱ ପବନ ଦିବସ'



ପ୍ରତିବର୍ଷ ଜୁନ ୧୫ରେ ବିଶ୍ୱ ପବନ ଦିବସ ପାଳନ କରାଯାଏ। ଏହି ବିଶେଷ ଦିନଟି ପବନ ଶକ୍ତିର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି ଏବଂ ସ୍ଥାୟୀ ଶକ୍ତି ସମାଧାନକୁ ପ୍ରୋତ୍ସାହିତ କରିବାର ଏକ ସୁଯୋଗ ଭାବରେ କାର୍ଯ୍ୟ କରେ। ଉକ୍ତ ଦିନ ଲୋକେ ପବନ ଶକ୍ତିର ସମ୍ଭାବନା ଏବଂ ଗୁରୁତ୍ୱକୁ ପାଳନ କରିବା ଲାଗି ଏକାଠି ହୁଅନ୍ତି। ଏବେ ବୈଶ୍ୱିକ ସମସ୍ୟାଭାବେ ଉଭା ହୋଇଥିବା ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବାରେ ପବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ତଥା କାର୍ବନ ନିର୍ଗମନ ହ୍ରାସ କରିବା ବିଷୟରେ ସଚେତନତା ବୃଦ୍ଧି ପାଇଁ ଏହିଦିନଟି ଉତ୍ସର୍ଗୀକୃତ। ୨୦୦୭ରେ ୟୁରୋପୀୟ ୱିଣ୍ଡ ଏନର୍ଜି ଆସୋସିଏଶନ ବା ୟୁରୋପୀୟ ପବନ ଶକ୍ତି ସଂଘ (ଇଡବ୍ଲୁଇଏ)ଦ୍ୱାରା ପ୍ରଥମେ 'ପବନ ଦିବସ' ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୧୮ଟି ୟୁରୋପୀୟ ଦେଶରେ ପହଞ୍ଚିଥିଲା ଏବଂ ପ୍ରାୟ ୩୫,୦୦୦ ବ୍ୟକ୍ତି ଏହାକୁ ପାଳନ କରିଥିଲେ। ୨୦୦୮ରେ ପବନ ଦିବସ ୨୦ଟି ୟୁରୋପୀୟ ଦେଶରୁ ୧୦୦,୦୦୦ ଅଂଶଗ୍ରହଣକାରୀଙ୍କୁ ଆକର୍ଷିତ କରିଥିଲା। ୨୦୦୯ରେ ଏହାକୁ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ କରିବା ପାଇଁ ୟୁରୋପୀୟ ପବନ ଶକ୍ତି ସଂଘକୁ ବିଶ୍ୱ ପବନ ଶକ୍ତି ପରିଷଦ(ଜିଡବ୍ଲୁଇସି)ସହଯୋଗ କରିଥିଲେ ଏବଂ ଏହାକୁ 'ବିଶ୍ୱ ପବନ ଦିବସ'ଭାବେ ନାମକରଣ କରିଥିଲେ। ୩୫ଟି ଦେଶରେ ୩୦୦ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏହା ଦଶ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିଥିଲା। ପବନ ଶକ୍ତିର ଲାଭ ଏବଂ ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ପବନ ଶକ୍ତିର ସମ୍ଭାବନା ବିଷୟରେ ସଚେତନ କରାଇବାକୁ ଚଳିତ ବର୍ଷ ଗୁରୁତ୍ୱାରୋପ କରାଯାଇଛି।

IBS
TWISHA EDUCATIONAL PVT. LTD.
INSTITUTE OF BASIC SCIENCES
(A DAY CUM RESIDENTIAL COACHING INSTITUTE)
NEET / JEE-MAIN / IIT / OUAT / +2 SCIENCES (CHSE/CBSE)/ CLASS-VIII, IX,X
ADMISSION OPEN
DISCOUNT 25 % OFF SPECIAL OFFER
☑ NEET ONE YEAR COURSE FOR 2026
☑ JEE-MAIN ONE YEAR COURSE FOR 2026
☑ INTEGRATED COURSE FOR CLASS-XI (CHSE/CBSE)
UNIQUE FEATURES
Excellent Residential Coaching Institute since 2008
Coaching, Lodging and fooding at one campus
Highly experienced and dedicated faculties
24x7 surveillance under CCTV Camera
TWISHA EDUCATIONAL PVT. LTD.
IBS Road, Fatak Durga Puja Mandap, Sambalpur, Odisha, 768004
Contact- 8280346132, 8280346135, Email- twishaeducation@gmail.com
www.twishaeducation.com, Twisha Digital App

# ବାତ୍ୟା ଆଶ୍ରୟସ୍ଥଳୀ ମରାମତିକୁ ନେଇ ଗୋଷ୍ଠୀ ସଂଘର୍ଷ: ୧୦ ଆହତ

ଅସ୍ତରଙ୍ଗ,୧୪।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହିପଞ୍ଚାୟତର ଅସନ ଗ୍ରାମରେ ଶନିବାର ବାତ୍ୟା ଆଶ୍ରୟସ୍ଥଳୀ ମରାମତିକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଉଭୟ ଗୋଷ୍ଠୀ ପରସ୍ପରକୁ ଠେଙ୍ଗାବାଡ଼ି ଓ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଫଳରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅସ୍ତରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବାବେଳେ ରାଜନୈତିକ ବିବାଦରୁ ଏହି ଘଟଣା ଘଟିଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଆପଦକାଳୀନ ବିପର୍ଯ୍ୟୟ ପାଣ୍ଠିରୁ ୬ଲକ୍ଷ ଟଙ୍କା ବ୍ୟୟରେ ଅସନ ବାତ୍ୟା ଆଶ୍ରୟସ୍ଥଳୀ ମରାମତି କରିବାକୁ ବ୍ଲକ ପ୍ରଶାସନ ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାରଙ୍କୁ ଟେଣ୍ଡର ଦେଇଥିଲା। ଅନ୍ୟପଟେ ସ୍ଥାନୀୟ କମିଟି ସଭାପତି ତଥା ଆଳସାହି ପରେ ସରପଞ୍ଚ ଶ୍ରୀୟା ବରାଳ ଏହି ଦାୟିତ୍ୱ ଜଣେ ୱାର୍ଡସଭ୍ୟାଙ୍କୁ ଦେଇଥିଲେ। ଏହାକୁ ନେଇ କିଛିଦିନ ପୂର୍ବେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ସହ ଅସ୍ତରଙ୍ଗ ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ପୋଲିସ କେବଳ ମାମଲା ରୁଜୁ କରି ବସିପଡ଼ିଥିଲା। ସମ୍ପୃକ୍ତ ୱାର୍ଡସଭ୍ୟା କେତେଜଣ ଶ୍ରମିକଙ୍କ ଦ୍ୱାରା ଶନିବାର ମରାମତି କାର୍ଯ୍ୟ କରୁଥିବା ବେଳେ ସେଠାରେ ଅନ୍ୟ ଏକ ଗୋଷ୍ଠୀ ପହଞ୍ଚି ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ଗଣ୍ଡଗୋଳ ହୋଇଥିଲା। ଉଭୟ ଗୋଷ୍ଠୀ ପରସ୍ପରକୁ ଠେଙ୍ଗା ଓ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଅସନ ଗ୍ରାମର ମିଟୁ ଦାସ, ବିଦୁ ଦାସ, ବାବୁରାମ ମଲ୍ଲିକ, କୁଞ୍ଜବିହାରୀ ଦାସ, ଅନନ୍ତ ଦାସ, ଜଟାଧାରୀ ଦାସ ଏବଂ ପାଟସୁନ୍ଦରପୁର ଗ୍ରାମର ମଣ୍ଟୁ ବେହେରା, ମୁନା ଦଳାଇଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଅସନ ଗ୍ରାମର ୫ଜଣ ଗୁରୁତରଙ୍କୁ ପରେ ଅନ୍ୟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ଉତ୍ତେଜନା ଦେଖାଦେବା ପରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି।

# ବିମାନ ଦୁର୍ଘଟଣାରେ ମୃତକଙ୍କ ପାଇଁ ଯୁବ କଂଗ୍ରେସର ସମୂହ ପ୍ରାର୍ଥନା



ଭୁବନେଶ୍ୱର,୧୪।୬(ସୁନିତ୍ ମିଶ୍ର)

ପ୍ରଦେଶ ଯୁବକଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ରାମମନ୍ଦିରଠାରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ସମୂହ ପ୍ରାର୍ଥନା କରାଯାଇଛି। ସେଠାରେ ଯୁବକଂଗ୍ରେସ କର୍ମୀମାନେ ମହମବତି ପ୍ରଜ୍ୱଳନ କରିଥିଲେ। ଯୁବକଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ କେନ୍ଦ୍ରୀୟ ବିଦ୍ୟାଳୟଠାରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳ, ମହମ୍ମଦ ଇମ୍‌ଦାଦ, ଉଦିତ ପ୍ରଧାନ, ସୁଦୀପ ସାମଲ ପ୍ରମୁଖ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସରକାରୀ ଯୋଜନା ପାଇଁ ଆଧାର ବାଧ୍ୟତାମୂଳକକୁ ନେଇ ରାଜନୀତି

ଭୁବନେଶ୍ୱର,୧୪।୬(ସୁନିତ୍ ମିଶ୍ର)

ସରକାରୀ ଯୋଜନା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶ ପରେ ଜୋର୍ ଧରିଛି ରାଜନୀତି। ଏଣିକି ସରକାରୀ ଯୋଜନା ଲାଗି ଡିଏଲ୍, ପାସ୍‌ବୁକ୍ କିମ୍ବା ଡ୍ରାଇଭିଂ ଲାଇସେନ୍ସ କାମ ଦେବ ନାହିଁ ବୋଲି ସରକାର ଯୋଜନା କରିଛନ୍ତି। ହେଲେ ବିରୋଧୀ ଏଭଳି ନିଷ୍ପତ୍ତିକୁ ଟାର୍ଗେଟ କରିଥିବା ବେଳେ ଅଯୋଗ୍ୟ ବା ଭୂତ ହିତାଧିକାରୀଙ୍କୁ ଚିହ୍ନଟ ଲାଗି ଏହି ପଦକ୍ଷେପ ଗ୍ରହଣ କରାଯାଉଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ସବୁ ଯୋଜନା ସହ ଯଦି ଆଧାରକାର୍ଡ ବାଧ୍ୟତାମୂଳକ ହୋଇଯିବ ତେବେ ଭୂତ ହିତାଧିକାରୀମାନେ ବନ୍ଦ୍ୱାହୋଇଯାଆନ୍ତେ। ସୁପ୍ରିମକୋର୍ଟଙ୍କ ନିୟମ ମାନିବାକୁ ସରକାର ବାଧ୍ୟ। ସବୁ ଯୋଗ୍ୟ ହିତାଧିକାରୀଙ୍କୁ କିପରି ସୁବିଧା ମିଳିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଅତୀତର ଯେଉଁ ସରକାର ଥିଲା ସେମାନେ ଭୋଟବ୍ୟାଙ୍କ କରିବା ଲାଗି ଅଯୋଗ୍ୟ ହିତାଧିକାରୀମାନଙ୍କୁ ମଧ ଯୋଗ୍ୟକରି ସବୁ ଯୋଜନା ଦେଉଥିଲେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

ବିଜେଡି ନେତା ପ୍ରଶାନ୍ତ ମୁଦୁଲି କହିଛନ୍ତି, ବିଜେଡି ସରକାର ସମୟରେ ତୃଣମୂଳସ୍ତରର ଲୋକଙ୍କ ନିକଟରେ ସରକାରୀ ଯୋଜନା ସବୁ ପହଞ୍ଚାଇବା ଲାଗି ଅନେକ ବ୍ୟବସ୍ଥା କରାଯାଇଥିଲା। କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି କହିଛନ୍ତି, ସରକାର ପ୍ରଥମେ ଦାଦନ ଶ୍ରମିକମାନେ କିପରି ଆଧାର କାର୍ଡ କରିପାରିବେ ସେଥିପ୍ରତି କାର୍ଯ୍ୟକ୍ରମ କରିବା କଥା। ତା'ପରେ ଯାଇ ସବୁ ଯୋଜନା ସହ ଆଧାର ସଂଯୋଗ କରିବା ଉପରେ ଗୁରୁତ୍ୱ ଦେଲେ ଭଲ ହେବ ବୋଲି ତାରା କହିଛନ୍ତି।

DAYANAND INSTITUTE
Dhanupali, Sambalpur- 768005
Contact- 8763032587, 9938895475, 9437158817
ADMISSIONS OPEN
NTT- Regular and Distance Mode
Eligibility- +2 & Above (Only for Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility:-
Any Graduate with 40% mark
Affiliated to Utkal University of Culture
Recognized by Govt. of Odisha

STATE INSTITUTE OF HOTEL MANAGEMENT
DIGITAL DOOR NO.ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPARTMENT OF TOURISM, GOVT. OF ODISHA)
SIHM SPOT ADMISSION NCHMCT
FOR HOTEL MANAGEMENT COURSES
FOR 10+2 PASSOUT CANDIDATES
ENGLISH SHOULD BE ONE OF THE SUBJECT AT THE 12TH LEVEL
DEGREE IN B.Sc IN HOSPITALITY & HOTEL ADMINISTRATION/VEGETARIAN
Age: No age limit
Duration - 03 Years
FOR 10+2 PASSOUT CANDIDATES
DIPLOMA IN HOTEL MANAGEMENT
Trade: 1. Food Production (only vegetarian option available)
2. Housekeeping Operation 3. Food & Beverage Service
4. Front Office Operations 5. Bakery & Confectionery
Age: No age limit
Duration - 1 Year & 6 Months
FOR CLASS 10 PASSOUT CANDIDATES
CERTIFICATE COURSE IN FOOD PRODUCTION/VEGETARIAN
Age: No age limit
Duration - 1 Year & 6 Months
&
CERTIFICATE COURSE IN FOOD & BEVERAGE SERVICE
Age: No age limit
Duration - 6 Months
FOR FURTHER DETAILS
visit our website: www.sihmbalangir.org
e-mail : admissions@sihmbalangir.org
Contact No. 8447903803, 9437140772, 8018581031

# ରାଜ୍ୟରେ ଆୟୁଷ୍ମାନ୍ କାର୍ଡ ବଣ୍ଟନ ୧କୋଟି ଟପିଲା

ଭୁବନେଶ୍ୱର,୧୪।୬(ବନ୍ଦନା ସେଠୀ)

ଚଳିତ ବର୍ଷ ଏପ୍ରିଲ ୧୧ରେ ଶୁଭାରମ୍ଭ ହୋଇଥିବା ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଏ ବି ପି ଏ ମ୍ ଜେ ଏ ୱ । ଇ - ଜିଜେଏୱାଇ)ରେ ଯୁଗ୍ମ କାର୍ଡ ବଣ୍ଟନ ୧କୋଟି ଟପିଛି। ଏଥିସହ ଆର୍ଥିକ ଓ ସାମାଜିକ ବର୍ଗ ନିର୍ବିଶେଷରେ ସମସ୍ତ ୭୦ବର୍ଷ ବା ତଦୂର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ କାର୍ଡ ପାଇଁ ବିକାଶ ବାହନ ଯାତ୍ରା କାଳରେ ଶତ ପ୍ରତିଶତ ଇ-କେୱାଇସି ଶେଷ କରିବାକୁ ବିଭାଗ ତରଫରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ତଥା ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି (ସାସ୍) ଅଧ୍ୟକ୍ଷ ଅଶ୍ୱତୀ ଏସ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବୟୋ ବନ୍ଦନା ଯୋଜନାରେ ପ୍ରତି ପରିବାର ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ ବାର୍ଷିକ ୫ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ପାଇବେ। ଏହି ଟଙ୍କା ତାଙ୍କ ମୂଳ ପରିବାରର ୫ଲକ୍ଷ ଟଙ୍କା ପାଣ୍ଠିଠାରୁ ଅଲଗା ହେବ। ଯେଉଁ ଯୋଗ୍ୟ ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ନୂଆ ଯୁଗ୍ମ କାର୍ଡ ପାଇନାହାନ୍ତି ସେମାନେ ନିଜ ଆଧାର କାର୍ଡ/ପୁରୁଣା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଦେଖାଇ ତାଲିକାଭୁକ୍ତ ହସ୍ପିଟାଲଗୁଡିକରେ ଦେୟମୁକ୍ତ ଚିକିତ୍ସା ପାଇପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# କୁଆପାଲିରେ ବ୍ୟାପିଲା ଝାଡ଼ାବାନ୍ତି, ୭୦ ଆକ୍ରାନ୍ତ

ପାଇକମାଲ,୧୪।୬(ବଡ ଶତପଥୀ)


ସିଡିଏମ୍‌ଓଙ୍କ ସହ ଅନ୍ୟ କର୍ମଚାରୀମାନେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

## ୧୭ ଜଣଙ୍କୁ ପଦ୍ମପୁର ସ୍ଥାନାନ୍ତର

ବରଗଡ ଜିଲା ପାଇକମାଳ ବ୍ଲକ କୁଆପାଲି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ଗ୍ରାମର ପ୍ରାୟ ୭୦ଜଣ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୧୭ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଶନିବାର ଚାରି ଜଣ ରୋଗୀଙ୍କ ମଳ, ଚାରି ଜଣ ରୋଗୀଙ୍କ ପାଣି ନମୁନା ଏବଂ ୨ ଜଣ ରୋଗୀଙ୍କ ଖାଦ୍ୟ ନମୁନା ପରୀକ୍ଷଣ ପାଇଁ ଭୁବନେଶ୍ୱର ପଠାଯାଇଛି।

ଶୁକ୍ରବାର ଅପରାହ୍ଣରେ କୁଆପାଲି ଗ୍ରାମର ଜଣେ ବୃଦ୍ଧାଙ୍କ ବିୟୋଗରେ ଶ୍ରାଦ୍ଧ ଭୋଜି ହୋଇଥିଲା। ଏଥିରେ ଗ୍ରାମବାସୀ ଏକତ୍ରିତ ହୋଇ ଭୋଜି ଖାଇଥିଲେ। ହେଲେ ସନ୍ଧ୍ୟାରୁ କେତେକ ଲୋକଙ୍କ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଖବର ପାଇ ଆର୍‌ବିଏସ୍‌କେ ସୁଦୀପ୍ତ ସାହୁ, ସିଏଚ୍‌ଓ ରମି ରଶ୍ମିତା, ଏଏନ୍‌ଏମ୍ ଖୁଦେଶ୍ୱରୀ ପଧାନ ସତ୍ୟଭୂଷଣ ସାହୁ, ସମୀର ଭୋଇ, ଅଶୋକ ବନ୍‌ଛୋର ପ୍ରମୁଖ କର୍ମଚାରୀମାନେ କୁଆପାଲି ଗାଁକୁ ଯାଇ ଆଶାକର୍ମୀ କନକଲତା ବରିହା, ଅଙ୍ଗନୱାଡି କର୍ମୀ ସବିତା ସିଦାର ପ୍ରମୁଖଙ୍କ ସହ ଘର ଘର ଯାଇ ଚିକିତ୍ସା ଆରମ୍ଭ କରିଥିଲେ।

ଶନିବାର ସକାଳେ ବରଗଡ ସିଡିଏମ୍‌ଓ କୁବେର ଚନ୍ଦ୍ର ମହନ୍ତ, ଶୁଭ୍ରପ୍ରକାଶ ସେନାପତି, ସତୀଶ ନାୟକ, ଆଲିଶା ପ୍ରଧାନ ଅଜିତ ମେହେର, ତେଜଭାନୁ ସାହୁ ପ୍ରମୁଖ କର୍ମଚାରୀମାନେ ମିଶି ଘର ଘର ଯାଇ ୧୬୧ ପରିବାରକୁ ଔଷଧ ବଣ୍ଟନ କରିଥିଲେ। ଏଥିସହ ଫୁଟାପାଣି ପିଇବାକୁ ପରାମର୍ଶ ଦେଇଥିଲେ। ପାଣିରେ ହେଲୋଜିନ୍ ବଟିକା ପକାଇବା, ବାସି ଖାଦ୍ୟ ନ ଖାଇବା ପାଇଁ ପରାମର୍ଶ ଦେଇଛୁ ବୋଲି ସିଡିଏମ୍‌ଓ କହିଛନ୍ତି। ଏ ସମ୍ପର୍କରେ ଡାକ୍ତର ସୁଦୀପ୍ତ ସାହୁ, ପିଏଚଇଓ ଦୀପା ସାହୁଙ୍କୁ ପଚାରିବାରୁ ପରିସ୍ଥିତି ନିୟନ୍ତ୍ରଣ ଥିବା କହିଛନ୍ତି।

ଢୁଙ୍ଗୁରିପାଲି, ଭଗତପୁର ଓ ବନମାଳ ଗ୍ରାମର କେତେଜଣ ବନ୍ଧୁ ଏହି ଭୋଜି ଖାଇବାକୁ ଆସିଥିଲେ। ସେହି ତିନୋଟି ଗ୍ରାମରେ ମଧ ୩ଜଣ ଲେଖାଏଁ ୯ ଜଣ ଅସୁସ୍ଥ ହୋଇଥିଲେ। ଏହି ଗ୍ରାମଗୁଡ଼ିକୁ ସିଡିଏମ୍‌ଓ ପରିଦର୍ଶନରେ ଯାଇଥିଲେ। ଏଥିସହିତ ଗାଁର ଅନ୍ୟ ତିନିଜଣଙ୍କ କୁଆପାଲି ଅଙ୍ଗନୱାଡି ସେଣ୍ଟରରେ ଚିକିତ୍ସା ଚାଲିଛି। ଆହୁରି ୮ ଦିନ ଏହି କ୍ୟାମ୍ପ ଚାଲିବ ବୋଲି ସେନାପତି କହିଛନ୍ତି।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ୍: ୨ ମୃତ

## କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ଧାରଣା

ନୂଆପଡ଼ା,୧୪।୬(ମକାରୁ ବେମାଲ)


କ୍ଷତିପୂରଣ ଦାବିରେ ପରିବାର ସଦସ୍ୟ ଓ ଗ୍ରାମବାସୀ ଧାରଣା ଦେଇଛନ୍ତି।

ନୂଆପଡ଼ା ଜିଲା ଲଖନା ଥାନା ଦଳଦଳି ଗାଁ ଛକ ଜାତୀୟ ରାଜପଥ ଉପରେ ଶୁକ୍ରବାର ରାତିରେ ବାଇକ୍‌କୁ ଟ୍ରକ୍ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁରୁମପୁରି ପଞ୍ଚାୟତ ଦିଆମୁଣ୍ଡା ଗାଁର କ୍ଷମାସାଗର ଧରୁଆ (୩୩) ଓ ପୁରେନ୍ଦ୍ର ଧରୁଆ (୪୫)। ସୂଚନା ଅନୁଯାୟୀ ଶୁକ୍ରବାର କ୍ଷମାଙ୍କ ସ୍ତ୍ରୀ ବୃନ୍ଦା ଧରୁଆଙ୍କ ଗର୍ଭ ବେଦନା ହେବାରୁ ସେ ପୁରେନ୍ଦ୍ରଙ୍କ ସହ ମିଶି ସ୍ତ୍ରୀଙ୍କୁ ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଅପରାହ୍ଣରେ ବୃନ୍ଦା ଏକ ନବଜାତ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଶିଶୁ ଓ ମା'ର ସ୍ୱାସ୍ଥ୍ୟ ଠିକ୍ ଥିବାରୁ ରାତି ପ୍ରାୟ ୧୦ଟା ସମୟରେ ସେମାନଙ୍କୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯାଇଥିଲା। ନବଜାତକ ଶିଶୁ, ମା' ଓ ଅନ୍ୟମାନେ ଆମ୍ବୁଲାନ୍ସରେ ଘରକୁ ଆସୁଥିବା ବେଳେ କ୍ଷମାସାଗର ଓ ପୁରେନ୍ଦ୍ର ବାଇକ୍‌ରେ ଫେରୁଥିଲେ। ଦଳଦଳି ଗାଁ ଛକରେ ବିପରୀତ ଦିଗ ନୂଆପଡା ପଟୁ ଯାଉଥିବା ଟ୍ରକ୍ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଦୁଇ ବାଇକ୍ ଆରୋହୀ ଛିଟିକି ପଡି ଚେତାଶୂନ୍ୟ ହୋଇଯାଇଥିଲେ। ରାତ୍ରି ପାଟ୍ରୋଲିଂ କରୁଥିବା ପୋଲିସ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଲଖନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଲଖନା ଥାନାରେ ଏକ ମାମଲା ରୁଜୁ ହୋଇଛି। ଶନିବାର କ୍ଷତିପୂରଣ ଦାବିରେ ପରିବାର ସଦସ୍ୟ ଓ ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଧାରଣାରେ ବସିଥିଲେ। ଜିଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲାପାଳ ଯୋଗେନ୍ଦ୍ର ମାଝି ଓ ତହସିଲଦାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ମୃତ କ୍ଷମାଙ୍କ ପରିବାରକୁ ୨୦ ହଜାର ଓ ପୁରେନ୍ଦ୍ରଙ୍କ ପରିବାରକୁ ୧୦ ହଜାର ଟଙ୍କା ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

PUBLIC NOTICE

All people are hereby notified that the property described below in Schedule annexed hereto is owned and possessed by **Barrister Ranjit Mohanty Trust (BRM Trust).**

The said Trust is registered as a Public Trust under Indian Trust Act. The Board of Trustees of the said Trust and vide their resolution have resolved to sell the same to our client namely National Insurance Academy having its registered office at 25, Balewadi, Baner Road, NIA P.O. Pune- 411 045.

The owners of the said property mentioned below have assured that BRM Trust is the owner of the same and has full right, title and interest to sell the same and assign the possession thereof to our client.

They are further assured that there is no charge of whatsoever nature, encumbrance, reservation or acquisition over the said property. Based upon the said representation, our client has agreed to purchase the said property. In case anybody has any objection, claim or any charge of whatsoever nature over the said property then they are notified to inform about the same in writing alongwith the necessary supporting documents to the undersigned within 15 days from the publication of the said notice, failing which our client shall presume that there are no charge, encumbrance or claim of whatsoever of anybody over the said property and the said property is free from encumbrances and BRM Trust has clear and marketable title to sell the said property to our client and in that case our client shall proceed further to purchase the said property by executing necessary conveyance Deed. In that case no complaint of whatsoever nature will be entertained thereafter.

Schedule of the Property

**Land:** All that piece and parcel of Plot Nos. 1744 and 1746, Mouza-Pubasasan, Khata No. 797/239 (02 Plots), Area: AC.1.10 decs, Dist: Puri, D.S.R.O.: Pipili, Kissam- Household alongwith;
**Building:** One three-storied building measuring 25,000 sqft.
One two-storied building measuring 18,000 sqft.
Total: 43,000 sqft.

**Suvashish Pattanaik,** Advocate, Odisha High Court
Mob.: 9861096779, E-mail: suvashishpattanaik@yahoo.co.in

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। ...ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। -ଶ୍ରୀଅରବିନ୍ଦ



# ସୁବିଧାବାଦର ସିଦ୍ଧାନ୍ତ



ଆକାର ପଟେଲ

ଗାଜାରେ ଶୀଘ୍ର, ନିଃସର୍ତ୍ତ ତଥା ଏକ ଲମ୍ବା ଯୁଦ୍ଧ ବିରତି ଦାବି କରାଯାଇ ଜୁନ୍ ୧୨ରେ ଜାତିସଂଘ ସାଧାରଣ ସଭାରେ ଏକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କ୍ଷୁଧାକୁ ଯୁଦ୍ଧର ଏକ ଅସ୍ତ୍ର ଭାବେ ଇସ୍ରାଏଲ ବ୍ୟବହାର କରୁଛି ବୋଲି ଏଥିରେ ଦର୍ଶାଯାଇଥିଲା। ଏହା ସପକ୍ଷରେ ୧୪୯ଟି ଦେଶ ଭୋଟ ଦେଇଥିବାବେଳେ ଆମେରିକା ଓ ଇସ୍ରାଏଲ ଏହାକୁ ବିରୋଧ କରିଥିଲେ। ଭାରତ ଭୋଟଦାନରୁ ନିବୃତ୍ତ ରହିଥିଲା। ଭାରତ ବାରମ୍ବାର ଭୋଟିଂରୁ ଦୂରେଇ ରହିବା ଧାରା ଜାରି ରଖିଆସିଛି। ଏଥିରେ ଅନେକେ ଭାରତୀୟ ନିରାଶ ହୋଇଛନ୍ତି, କାରଣ ପାଲେଷ୍ଟାଇନ ଓ ତାହାର ନାଗରିକଙ୍କ ପ୍ରତି ରହି ଆସିଥିବା ଭାରତର ଦୀର୍ଘଦିନର ସମ୍ପର୍କ ତୁଟିଯାଇଛି। କିନ୍ତୁ ଏହା ଭାଜପାର ମୂଳ ହିନ୍ଦୁତ୍ୱ ବିଚାରଧାରାକୁ ଦୃଷ୍ଟିରେ ରଖି କରାଯାଉଛି। ଅନ୍ୟପଟେ ନିକଟରେ ଭାରତ-ପାକିସ୍ତାନ ଯୁଦ୍ଧରେ ବିଶ୍ୱ ଯେଉଁ ଦୃଷ୍ଟିକୋଣ ପ୍ରକାଶ କରିଆସିଛି ସେଥିରେ ସରକାରଙ୍କ ସମର୍ଥକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆମେ ଦେଶଗୁଡ଼ିକୁ ଆମ ସମର୍ଥନରେ ଆଣି ପାରିଲୁ ନାହିଁ। ମୋଦିଙ୍କ ଶାସନରେ ଭାରତର ବୈଦେଶିକ ନୀତିକୁ ସମାଲୋଚନା କରିବା ସ୍ତମ୍ଭର ଉଦ୍ଦେଶ୍ୟ ନୁହେଁ, ବରଂ ଭଲ ଭାବେ ବୁଝାଇବା ପାଇଁ ଏହା ଏକ ପ୍ରୟାସ। ୧୯୫୦ ଦଶନ୍ଧିରେ ଜନସଂଘ ରୂପରେ ଭାଜପା ତାହାର ଇସ୍ତାହାରରେ ବୈଦେଶିକ ନୀତି ସିଦ୍ଧାନ୍ତ ସମ୍ପର୍କରେ ବହୁତ କମ୍ ଦର୍ଶାଇଛି। ତେବେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ଲେଖାର ସିଦ୍ଧାନ୍ତରେ ଯାହା ବର୍ଣ୍ଣନା କରିଛନ୍ତି ସେଥିରେ ଭାରତ ବିଶ୍ୱରେ କ'ଣ କରିବାକୁ ଚେଷ୍ଟା କରୁଛି ତାହା ଆମେ ବୁଝିପାରିବା। ଜୟଶଙ୍କର ମନେକରନ୍ତି ଯେ, ଆମ ସମୟରେ ଆମେରିକା ଓ ୟୁରୋପ ସେମାନଙ୍କ ନିଜସ୍ୱ ବିଚାରକୁ ସାମ୍ନାକୁ ଆଣିବେ ଏବଂ ଚାଇନା ଆଗକୁ ବଢ଼ି ଚାଲିବ। ଭାରତ ଭଳି ସବୁଦେଶ ବିଶ୍ୱର ଅନ୍ୟଦେଶଗୁଡ଼ିକ ସହ ସେମାନଙ୍କ ସମ୍ପର୍କ ବଢ଼ାଇ ଲାଭ ଉଠାଇବେ ଏବଂ ଏଥିପାଇଁ ସେମାନଙ୍କ ସକାଶେ କୌଣସି ମାନଦଣ୍ଡ ବା ସଙ୍ଗତି ଦରକାର ନ ଥିଲା। ଭାରତ ଏସିଆର ସବୁଦେଶ ମଧ୍ୟରେ ଏକ ଆଞ୍ଚଳିକ ନେତୃତ୍ୱର ସହଭାଗିତା ଓ ସମ୍ପର୍କ ଚାହୁଁଥିଲା, ଯେଉଁଥିରେ ଚାଇନା ସହିତ ସମାନ ବୋଲି ଦାବି କରିପାରିବ। ଜୟଶଙ୍କର ଲେଖିଛନ୍ତି, ଅନେକ ଦାୟିତ୍ୱ ଏକାବେଳକେ ତୁଲାଇବାକୁ ପଡ଼ିବ ଏବଂ ଭାରତ ସେଗୁଡ଼ିକୁ ଦକ୍ଷତାର ସହ ନିୟନ୍ତ୍ରଣ କରିବାକୁ ହେବ। ଏହା ହେଲା ସୁବିଧାବାଦ ଏବଂ ତାହା ସବୁ ଠିକ୍ ଥିଲା, କାରଣ ସୁବିଧାବାଦ ଭାରତର ସଂସ୍କୃତିରେ ହିଁ ରହିଛି ବୋଲି ସେ ଆମକୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଇସ୍ରାଏଲ ଦ୍ୱାରା ଚାଲିଥିବା ଗଣହତ୍ୟା ଓ ଶିଶୁକ୍ଷୁଧା ବିରୋଧରେ ଭୋଟ ଦେବାରୁ ବିରତ ରହିବା ବିଷୟକୁ ଆମେ ବୁଝିବା ଉଚିତ। ନୀତିରେ ଅସଙ୍ଗତି ରହିବା ଭଲ ଓ ଦରକାର ମଧ୍ୟ, କାରଣ ସୁସଙ୍ଗତିକୁ ଅଧିକ ଚାହିଁବା ଯୋଗୁ ସ୍ଥିତିରେ ପରିବର୍ତ୍ତନ ହେଲା ନାହିଁ। ଏଣୁ ଏହି ସିଦ୍ଧାନ୍ତକୁ କ'ଣ କୁହାଯିବ? ଜୟଶଙ୍କର ସୁବିଧାବାଦ ଓ ଅସଙ୍ଗତିର ସିଦ୍ଧାନ୍ତ ବିଷୟ ପ୍ରଥମେ ବୁଝାଇବା ସହ କହିଥିଲେ ଯେ, ଗୋଟିଏ ନାମ (ସିଦ୍ଧାନ୍ତର) ବିଷୟରେ ଚିନ୍ତା କରିବା କଷ୍ଟକର। ସେ 'ମଲ୍ଟି ଆଲାଇନ୍‌ମେଣ୍ଟ' ଓ 'ଇଣ୍ଡିଆ ଫାଷ୍ଟ' ଭଳି ଖଣ୍ଡବାକ୍ୟ ସାମ୍ନାକୁ ଆଣିଛନ୍ତି ଓ ଖାରଜ କରିଛନ୍ତି। ସେ 'ବିକାଶଶୀଳ ସମୃଦ୍ଧି ଓ ପ୍ରଭାବ' ସିଦ୍ଧାନ୍ତରେ ପହଞ୍ଚିଛନ୍ତି, ଯାହାକୁ ଠିକ୍ କହିଛନ୍ତି, କିନ୍ତୁ ବିଚାରଗୁଡ଼ିକ ଆକର୍ଷଣୀୟ ନୁହେଁ। ସେ ବିଶ୍ୱାସ କରନ୍ତି, ଯଦି ଅଧିକ ଦିନ ପର୍ଯ୍ୟନ୍ତ ଏହା ଜାରି ରହିବ ତେବେ ଏହା ପାଇଁ କିଛି ନାମ ଧୀରେ ଧୀରେ ଆସିବ। କାରଣ ସମସ୍ୟା ହେଉଛି, ଆମେ ଏଯାବତ ଏକ ବୃହତ୍ ପରିବର୍ତ୍ତନର ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛୁ।

ବାସ୍ତବରେ କୌଣସି ପ୍ରକାରେ ଏହା ଏକ ବୈଦେଶିକ ନୀତି ନୁହେଁ ବୋଲି ବିରୋଧୀ ସୂଚିତ କରିବେ। ଯାହାସବୁ ଆରମ୍ଭରୁ ଘଟି ଆସୁଥିଲା, ତାହାକୁ ଘୋଡ଼ାଇବା ପାଇଁ ଏହା ଉଦ୍ଦିଷ୍ଟ ଥିଲା। ତାହାସବୁ ତାମ୍‌ସା ଓ ସମାରୋହରେ ମୋଦିଙ୍କ ଆଗ୍ରହ ଏବଂ ପରିବର୍ତ୍ତନକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉପସ୍ଥାପନ କରାଯାଉଥିଲା। ବିରୋଧୀ ମଧ୍ୟ ପଚାରିବେ, ଭାଜପାର ଭାଷଣବାଜିରୁ କାହିଁକି ଜୟଶଙ୍କରଙ୍କ ସିଦ୍ଧାନ୍ତ ହଟିଗଲା। ଏଠାରେ ଭାରତ ପାଇଁ କୌଣସି ଭୂମିକା ନାହିଁ। ଏଠାରେ କୌଣସି ବସୁଧୈବ କୁଟୁମ୍ବକମ୍ ଶୈଳୀ ନାହିଁ କିମ୍ବା ବିଶ୍ୱଗୁରୁ ପ୍ରକାରର ଶବ୍ଦାଡ଼ମ୍ବର ନାହିଁ। ଏହାସହ ଜୟଶଙ୍କରଙ୍କ 'ନାମହୀନ' ସିଦ୍ଧାନ୍ତ ସବୁପ୍ରକାର ନୀତିନୈତିକତାରୁ ହଟିଯାଇଛି। ଏଥିପାଇଁ ଭାରତ ବିଶ୍ୱ ସହ ଜଡ଼ିତ ହୋଇପାରୁ ନାହିଁ। ଦେଖିବାକୁ ଗଲେ, ବିଶ୍ୱ ହେଉଛି ଏକ ଦେଣନେଣର ସ୍ଥାନ ଏବଂ ଭାରତ ଏଥିରୁ ଲାଭ ନେବା ପାଇଁ ତାହାର ଦକ୍ଷତାକୁ ଯଥେଷ୍ଟ ବୃଦ୍ଧି କରିବାକୁ ପଡ଼ିବ। ଏହି ବିଚାରରେ, ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୟୁକ୍ରେନ୍ ଯୁଦ୍ଧରୁ ଏବଂ ରୁଷିଆରୁ ଶସ୍ତା ତେଲ କିଣି ଲାଭ ଉଠାଇବାର ଥିଲା। ୟୁରୋପ ଶକ୍ତି ପାଇଁ ରୁଷିଆ ଗ୍ୟାସ୍ ଉପରେ ନିର୍ଭରଶୀଳ ହୋଇଥିବାରୁ ରୁଷିଆରୁ ଏହା କିଣିବା ପାଇଁ ପ୍ରାୟତଃ ଅନ୍ୟ ଦେଶଗୁଡ଼ିକ ଉପରେ ଚାପ ପକାଇବା କଷ୍ଟକର ଥିଲା। ଏଣୁ ଚାଇନା ସହ ଭାରତ ଲାଭ ଉଠାଇବା ପାଇଁ ତେଲ କିଣିଲେ। ଏହା କେତେ ଶସ୍ତା ଥିଲା? ଏପ୍ରିଲ-ଡିସେମ୍ବର ମଧ୍ୟରେ ଆମଦାନୀ ହେଉଥିବା ଅଶୋଧିତ ତୈଳର ହାରାହାରି ମୂଲ୍ୟ ବ୍ୟାରେଲ ପିଛା ୯୯.୨ ଡଲାର ଥିଲା। ରୁଷିଆ ତେଲକୁ ଛାଡ଼ିଦେଲେ, ଅନ୍ୟ ତେଲର ହାରାହାରି ମୂଲ୍ୟ ୧୦୧.୨ ଡଲାର ଥିଲା, ଅର୍ଥାତ୍ ବ୍ୟାରେଲ ପିଛା ଲାଭ ୨ ଡଲାର ରହୁଥିଲା, ଯାହା ଆମେ ତୈଳ ମୂଲ୍ୟରେ ଦେଖୁଛୁ, ସେହି ଲାଭ ଭାରତୀୟଙ୍କ ପାଖକୁ ଆସିଲା ନାହିଁ, ବରଂ ଧନୀ ହେଲେ ପ୍ରାଇଭେଟ ରିଫାଇନରମାନେ। ଏହି ସିଦ୍ଧାନ୍ତ ଉଭୟ ପକ୍ଷରେ କାମ କରିବ ବୋଲି ଜୟଶଙ୍କର ଆକଳନ କରିଥିବା ଜଣାପଡୁନାହିଁ। ସେ ପରିକଳ୍ପନା କରିଥିବା ଏଭଳି ଏକ ବିଶ୍ୱରେ ଭାରତ ଭଳି ଲାଭ ଉଠାଇବାକୁ ଅନ୍ୟମାନେ ଚାହିଁବେ ଓ ଏହାକୁ ସୁବିଧାବାଦୀ ଶୈଳୀ ଭାବେ ଗ୍ରହଣ କରିବେ। ଆମର ବିଶ୍ୱ ସ୍ତରରେ ପହଞ୍ଚିବା ଲାଗି କାହିଁକି ଏଭଳି ଏକ ମାନ୍ଦା ପ୍ରତିକ୍ରିୟା ଗ୍ରହଣ କରିଛୁ ତାହା ବୁଝିବାରେ ଏହା ସାହାଯ୍ୟ କରିପାରେ। ଆମେ ବିଶ୍ୱ ସହ ଅଧିକ ଦେଣନେଣରେ ଜଡ଼ିତ ହେବାକୁ ଚାହୁଁଛୁ, ଯାହା ଜାତିସଂଘ ଭୋଟରୁ ସାମ୍ନାକୁ ଆସିଛି। ପ୍ରମୁଖ ଶକ୍ତିଗୁଡ଼ିକ ଏହାକୁ ବୁଝିଛନ୍ତି ଓ ଗ୍ରହଣ କରିଛନ୍ତି ଏବଂ ଏହା ବଦଳରେ ସେମାନେ ଆମ ସହ ଦେଣନେଣ କରିବେ। ଏହା ଭଲ, ଖରାପ ନା ଭିନ୍ନ ବୈଦେଶିକ ନୀତି, ତାହା ପାଠକେ ନିଷ୍ପତ୍ତି ନେବେ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 6 | | | 2 | | | | |
| 9 | | 5 | | 4 | | | 6 | |
| | | 2 | 1 | | | | | 4 |
| | | | 3 | | 7 | | 9 | |
| | | | | 9 | | 7 | | |
| | | | | | | | 5 | 2 |
| | | | | | | | | |
| 2 | 9 | | 6 | | | 4 | | |
| | | | 4 | 7 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 9 | 1 | 6 | 5 | 3 | 7 | 8 |
| 6 | 5 | 3 | 4 | 7 | 8 | 2 | 1 | 9 |
| 1 | 8 | 7 | 2 | 3 | 9 | 6 | 5 | 4 |
| 9 | 7 | 1 | 8 | 2 | 6 | 5 | 4 | 3 |
| 5 | 3 | 4 | 9 | 1 | 7 | 8 | 2 | 6 |
| 8 | 6 | 2 | 3 | 5 | 4 | 7 | 9 | 1 |
| 3 | 9 | 8 | 7 | 4 | 2 | 1 | 6 | 5 |
| 4 | 2 | 5 | 6 | 8 | 1 | 9 | 3 | 7 |
| 7 | 1 | 6 | 5 | 9 | 3 | 4 | 8 | 2 |

ଗତକାଲିର ଉତ୍ତର

# ଅବକାରୀ ନୀତିରେ ମହିଳାଙ୍କ ସହଭାଗିତା



ଡ. ମାନସ ରଞ୍ଜନ ଶତପଥୀ

ଓଡ଼ିଶାରେ ବହୁଳ ମଦ କାରବାର ହେତୁ ନୂତନ ସରକାରଙ୍କ ଉପରେ ଏକ ମଦ ବିରୋଧୀ ନୀତି ପ୍ରବର୍ତ୍ତନ ପାଇଁ ପ୍ରବଳ ଜନମତ ସୃଷ୍ଟି ହେଉଥିଲା। ଏହାକୁ ନିର୍ଦ୍ଦିଷ୍ଟ ଭାବେ ଦୃଷ୍ଟିରେ ରଖି ନୂତନ ଅବକାରୀ ନୀତି ଆଗତ କରିବାକୁ ସରକାର ଯୋଜନା ରଖିଛନ୍ତି। ସରକାରୀ ସୂତ୍ରରୁ ପ୍ରକାଶିତ ଖବର ଅନୁଯାୟୀ, ନୂତନ ନୀତି ରାଜ୍ୟର ସାମାଜିକ, ଆର୍ଥିକ ସ୍ଥିତି ତଥା ଜନସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ନିଶା କାରବାରକୁ ଅଧିକ ସୁବ୍ୟବସ୍ଥିତ ଏବଂ ନିୟନ୍ତ୍ରିତ ହେବା ଲକ୍ଷ୍ୟ ରଖିଛି, ଯାହା ପ୍ରତି ତିନି ବର୍ଷରେ ପରିବର୍ତ୍ତନ ହେବ। ନୂତନ ଅବକାରୀ ନୀତିରେ ମଦ ନିଷେଧ ନିଷ୍ପତ୍ତି ଯଦି କାର୍ଯ୍ୟକାରୀ ହୁଏ ତେବେ ସରକାରୀ ସ୍ତରରେ ଆର୍ଥିକ କଠିନତା ଭଳି ଆହ୍ୱାନକୁ ସାମ୍ନା କରିବା ସ୍ପଷ୍ଟ। ଅବକାରୀ ରାଜସ୍ୱ ଆଦାୟ ପରିମାଣ ୮,୬୮୦ କୋଟି ଟଙ୍କା ୨୦୨୫ ସୁଦ୍ଧା ପହଞ୍ଚିବାକୁ ଓଡ଼ିଶା ସରକାର ଲକ୍ଷ୍ୟ ରଖିଥିବା ବେଳେ ଏହା ରାଜ୍ୟ ରାଜସ୍ୱ ଆୟର ଶତକଡ଼ା ୧୪.୭ ଭାଗ କୁହାଯାଏ। ୨୦୨୨-୨୩ ବେଳକୁ ରାଜସ୍ୱ ଆଦାୟ ୬,୪୫୫ କୋଟିରେ ପହଞ୍ଚିଥିଲା। ବର୍ତ୍ତମାନ ରାଜସ୍ୱ ବୃଦ୍ଧି ଆଶାତୀତ ହେଉଥିବା ସରକାରୀ ସ୍ତରରେ ଖୁସିର ବିଷୟ ହୋଇଥିବା ବେଳେ ସାମାଜିକ ସ୍ତରରେ ବର୍ତ୍ତମାନ ଆବାଳ ବୃଦ୍ଧବନିତାଙ୍କୁ ମଦ ଗ୍ରାସ କରିବା ପରିତାପର ବିଷୟ। ଏପରି ସ୍ଥିତିରେ ମଦ ନିୟନ୍ତ୍ରଣ କ୍ଷମତା 'ମିଶନ ଶକ୍ତି' ମହିଳାମାନଙ୍କୁ ହସ୍ତାନ୍ତର କରି ଗୃହଲକ୍ଷ୍ମୀମାନଙ୍କୁ ସରକାର ଅଧିକ ବିଶ୍ୱାସକୁ ଯଦି ନିଅନ୍ତେ ତେବେ ନିଜ ଘରେ ଥିବା ମଦ୍ୟପ ପୁରୁଷଙ୍କୁ ନିୟନ୍ତ୍ରଣ କରିବା ସହ ଗାଁ ଗହଳିରେ ଅତ୍ୟଧିକ ମଦ୍ୟପ ସୃଷ୍ଟି ଉପରେ ଅବଶ୍ୟ ଅଙ୍କୁଶ ଲାଗିପାରନ୍ତା। ମିଶନ ଶକ୍ତି ସ୍ୱୟଂ ସହାୟିକା ମହିଳାମାନେ ନିଜର ଅର୍ଥ ଉପାର୍ଜନ କ୍ଷମତା ବୃଦ୍ଧିରେ ବିଶେଷ ସକ୍ଷମ ହୋଇ ବିଗତ ଦିନଗୁଡ଼ିକରେ ନିଜର ଦକ୍ଷତା ପ୍ରମାଣିତ କରିପାରିଛନ୍ତି। ଭାରତବର୍ଷରେ ଓଡ଼ିଶା ଏପରି ଅନନ୍ୟ ରାଜ୍ୟ, ଯେଉଁଠାରେ ନାରୀ ସମାଜକୁ ମିଶନ ଶକ୍ତି ମାଧ୍ୟମରେ ସରକାର ରୂପାନ୍ତରିତ କରି ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି।

ବର୍ତ୍ତମାନ ପରିସ୍ଥିତିରେ ଯେକୌଣସି ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ପାଖରେ ପ୍ରବଳ ଭିଡ଼ ହେବା ସହିତ ପାରିପାର୍ଶ୍ୱିକ ଅବସ୍ଥା ମଦ୍ୟପଙ୍କ ଦ୍ୱାରା କଳୁଷିତ ହୋଇଉଠୁଛି। କୋଭିଡ୍ ମଦ ବନ୍ଦ ପରବର୍ତ୍ତୀ ଅବସ୍ଥାରେ ମଦ ଦୋକାନ ଖୋଲିବା କ୍ଷଣି ମାଇଲ ମାଇଲ ଲମ୍ବା ଲାଇନରେ ଠିଆ ହୋଇ ଜନସାଧାରଣ ମଦ ସଂଗ୍ରହ କରିବା, ମଦ ପ୍ରତି ଅହେତୁକ ଦୁର୍ବଳତା ପ୍ରତିପାଦିତ କରିବା କୌତୂହଳର କାରଣ ନିଶ୍ଚୟ। ସାମାଜିକ କର୍ମୀ ତଥା ବୟସ୍କ ଗୋଷ୍ଠୀ ମଦ ନିଷେଧ କରିବାକୁ ଦାବି କରିବା ପଛରେ ଅନେକ କାରଣ ରହିଛି। କୌଣସି ପାର୍କ କିମ୍ବା ମନୋରଞ୍ଜନ ସ୍ଥଳରେ ମଦ୍ୟପଙ୍କ ଆଡ୍ଡା ଜମୁଥିବା ଦେଖାଯାଏ କିମ୍ବା ଖାଲି ମଦ ବୋତଲ ଗଡୁଥିବା ଦୃଶ୍ୟ ହୁଏ। ଏପରି ସ୍ଥଳକୁ ପରିବାର ସହିତ ଭ୍ରମଣ ଅସମ୍ଭବ ହୋଇଥାଏ। ସ୍କୁଲ କଲେଜ ଛାତ୍ରୀଛାତ୍ରମାନେ ଏହାର କବଳିତ। ଶିକ୍ଷାନୁଷ୍ଠାନ ନିକଟ ପରିଧିରେ ମଦ ବିକ୍ରି ହେବା ଦ୍ୱାରା ଛାତ୍ରୀଛାତ୍ର ନିଶାସକ୍ତ ହୋଇ ଅନୁଷ୍ଠାନର ପବିତ୍ରତାକୁ କଳୁଷିତ କରିବା ସହ ନିଜ ଭବିଷ୍ୟତ ନଷ୍ଟ କରୁଛନ୍ତି। ଅନେକ ଲୁକ୍କାୟିତ କାରଣ ଯୋଗୁ ଆଜି ଓଡ଼ିଶାର ଗଳିକନ୍ଦିରେ ମାଦକ ଦ୍ରବ୍ୟ ସହଜେ ଉପଲବ୍ଧ, ଯଦ୍ଦ୍ୱାରା ଛାତ୍ର ଓ ଯୁବଗୋଷ୍ଠୀ ପଥଭ୍ରଷ୍ଟ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍) ଅନୁଯାୟୀ ଓଡ଼ିଶାରେ ୧୫ ବର୍ଷରୁ ଅଧିକ ମହିଳାଙ୍କ ସଂଖ୍ୟା ମଦ୍ୟପ ଭାବେ ବୃଦ୍ଧି ପାଇବାରେ ଲାଗିଛନ୍ତି। ଗ୍ରାମାଞ୍ଚଳର ୧୫ ବର୍ଷରୁ ଅଧିକ ବୟସ ପୁରୁଷ ଓ ମହିଳା ସହରାଞ୍ଚଳ ଅପେକ୍ଷା ଅଧିକ ମଦ୍ୟପାନରେ ଲିପ୍ତ। ସେହିପରି ଶତକଡ଼ା ୩୦.୨ ପ୍ରତିଶତ ଗ୍ରାମାଞ୍ଚଳର ପୁରୁଷ ମଦ୍ୟପାନ କରୁଥିବା ବେଳେ ସହରାଞ୍ଚଳରେ ଏହା ୨୨.୭ ପ୍ରତିଶତରେ ସୀମିତ। ଦେଖାଯାଏ, କୌଣସି ବିବାହ ବା ମାଙ୍ଗଳିକ କାର୍ଯ୍ୟକ୍ରମରେ ମଦ ପରିବେଷଣ ଯୁବ ଗୋଷ୍ଠୀଙ୍କ ନିମନ୍ତେ ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ମଦ୍ୟପାନ ଯେପରି ଏକ ଆଭିଜାତ୍ୟତନ୍ତ୍ରର ପରିଚୟ ଭାବେ ଏକ ଛଦ୍ମ ଭ୍ରମ ଜାଲ ସୃଷ୍ଟି କରିଛି।

୧୯୯୨ ମସିହା କଟକ ଲୋମହର୍ଷଣକାରୀ ୨୦୦ରୁ ଅଧିକ ମଦ ମୃତ୍ୟୁ ତତ୍କାଳୀନ ଜନତା ଦଳ ସରକାରକୁ ଦୋହଲାଇ ଦେଇଥିଲା। ପରେ ୨୦୦୬ ଓ ୨୦୦୯ ମସିହାରେ ବ୍ରହ୍ମପୁର ଓ ଖୋର୍ଦ୍ଧା ଜିଲାରେ ପୁନଶ୍ଚ ଅନୁରୂପ ଅଘଟଣ ସାମ୍ନାକୁ ଆସିଥିଲା, ଯେଉଁଥିରେ ଯଥାକ୍ରମେ ୨୬ ଓ ୩୦ ଜଣ ପ୍ରାଣ ହରାଇଥିଲେ। ଏବେ ବି ବଡ଼ ଆକାର ନ ହେଲେ ମଧ୍ୟ ମଦମୃତ୍ୟୁ ଖବର ସ୍ଥାୟୀ ଅନ୍ତରରେ ଖବରକାଗଜ ପୃଷ୍ଠାରେ ଦେଖିବାକୁ ମିଳେ। ମଦ ଯେ ବିଭିନ୍ନ ପ୍ରକାର ହିଂସା ଓ ଅପରାଧର କାରଣ ତାହା ପ୍ରମାଣିତ। ବିଜ୍ଞାନ କହେ ଅତ୍ୟଧିକ ମଦ୍ୟପାନ ଦ୍ୱାରା ନିରପେକ୍ଷତା, ଭଲ ମନ୍ଦ ବିଚାର କ୍ଷମତା



ହ୍ରାସ ସହିତ ଉଗ୍ରତା ମଣିଷ ଶରୀରରେ ବୃଦ୍ଧିପାଏ। ଏହା ଦ୍ୱାରା ସାମୟିକ ଅନ୍ଧ ପାଲଟି ସାଧାରଣ ମଣିଷ ବିଭିନ୍ନ ଅପରାଧ କରିବା ଯୋଗୁ ଆଜି ଓଡ଼ିଶା ସମେତ ଦେଶରେ ଅପରାଧ ସୂଚକାଙ୍କ ବୃଦ୍ଧି ପାଉଛି।

ନୂତନ ସରକାରଙ୍କ ପାଇଁ ମଦ ନିଷେଧାଜ୍ଞା ଆଦେଶ ହିମାଳୟ ସଦୃଶ ବାଟ ଓଗାଳୁଛି ନିଶ୍ଚିତ। ଏହାର କାରଣ ହେଲା ପ୍ରାୟ ୯୦୦୦ କୋଟି ଟଙ୍କାର ରାଜସ୍ୱ ଆଦାୟ। ଏତେ ବଡ଼ ପରିମାଣ ଅନାଦାୟ ହେଲେ ସରକାର ବିକାଶମୁଖୀ କାର୍ଯ୍ୟ ସମ୍ପାଦନ କରିବେ କିପରି! ବିତ୍ତ ଅଧିକାରୀମାନଙ୍କ ମୁଣ୍ଡବିନ୍ଧା କାରଣ ନିଶ୍ଚୟ ହେବ। ହେଲେ, ଜନମଙ୍ଗଳକାରୀ ରାଷ୍ଟ୍ରରେ ସରକାରଙ୍କ ଦାୟିତ୍ୱ ହେଲା ଜନସାଧାରଣଙ୍କ କୁଶଳ ଓ ନିରାମୟ ଜୀବନଯାପନ ସହିତ ଏକ ଭୟ ମୁକ୍ତ, ସ୍ୱାଚ୍ଛନ୍ଦ୍ୟ ଭରା ସମାଜ ଗଠନ। ନାଗରିକ ସୁସ୍ଥ ଓ ସ୍ୱଚ୍ଛ ପରିବେଶରେ ରହିଲେ ଦେଶର ଜିଡିପି ବୃଦ୍ଧିରେ ସହାୟକ ହୋଇପାରିବ, କିନ୍ତୁ ରୁଗ୍ଣ ହେଲେ ନୁହେଁ।

ବିହାର ସରକାର ୨୦୧୫-୧୬ ଆର୍ଥିକ ବର୍ଷରେ ୩,୧୪୬ କୋଟି ମଦ ରାଜସ୍ୱ ପାଉଥିବା ବେଳେ ୨୦୧୬ରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମ୍ପୂର୍ଣ୍ଣ ମଦ ବନ୍ଦ ଘୋଷଣା କରିଥିଲେ। ଫଳରେ ୨୦୧୬-୧୭ରେ ତାହା ୨୯ କୋଟିକୁ ଖସି ଆସିଥିଲା। ତଥାପି ସରକାର ଜନତାଙ୍କ ପ୍ରତି ପ୍ରତିବଦ୍ଧତା ଦେଖାଇ ନିଜ ନିଷେଧାଜ୍ଞା କାଏମ ରଖିଛନ୍ତି।

ମହିଳାମାନଙ୍କୁ ଦାୟିତ୍ୱ ଦେବା ସରକାର ଚିନ୍ତା କରିପାରନ୍ତି। ନିର୍ଦ୍ଦିଷ୍ଟ କେଉଁ ବର୍ଗର ଲୋକଙ୍କୁ ମଦ୍ୟ ଯୋଗାଇ ଦିଆଯିବା ଉଚିତ ନିର୍ଦ୍ଧାରଣ କରିବାକୁ ହେବ। ୨୧ ବର୍ଷରୁ କମ୍ ବୟସ୍କଙ୍କୁ ମଦ ନିହାତି ପକ୍ଷେ ନିଷେଧ କରିବା ସହିତ ସେମାନଙ୍କ ପାଇଁ ନିଶା ସେବନ ଧର୍ତ୍ତବ୍ୟ ଅପରାଧ ଆଖ୍ୟା ଦିଆଯିବା ବିଧେୟ। ମଦ ସମ୍ପୂର୍ଣ୍ଣ ବାରଣ କରିବା ବୋଧେ ସରକାରୀ ଭାବେ ସମ୍ଭବ ନୁହେଁ, କିନ୍ତୁ ମଦ୍ୟପଙ୍କୁ ନିରୁତ୍ସାହିତ କରିବା ପାଇଁ ସଶକ୍ତ ଦଣ୍ଡ ବିଧାନ ସହିତ ଆକାଶଛୁଆଁ ଟିକସ ଦେଲେ ହୁଏତ ଆର୍ଥିକ ଦୁର୍ବଳ ଗୋଷ୍ଠୀ ଏଥିରୁ ବିରତ ହୋଇପାରନ୍ତି। ଗୃହଲକ୍ଷ୍ମୀ ଓ ମହିଳାଙ୍କ ପାଖରେ 'ପେଟେଣ୍ଟ ମେଡିସିନ' ଉପଲବ୍ଧ, ଯେଉଁଥିପାଇଁ କୌଣସି ସ୍ୱାମୀ ମାତାଲ ଅବସ୍ଥାରେ ନିଜ ସ୍ତ୍ରୀ ସାମ୍ନାକୁ ଯିବାକୁ ଭୟ କରନ୍ତି। ମିଶନ ଶକ୍ତି ମହିଳାଙ୍କୁ ମଦ୍ୟ ନିୟନ୍ତ୍ରଣ ସହିତ ସୁବ୍ୟବସ୍ଥିତ ପଦ୍ଧତି ମାଧ୍ୟମରେ ବଣ୍ଟନ କାର୍ଡ ଦ୍ୱାରା ଅନ୍‌ଲାଇନ ହିସାବ ରଖି ନିୟନ୍ତ୍ରିତ ଆକାରରେ ମଦ୍ୟ ବିକ୍ରି କରାଗଲେ ଉଦ୍ଦେଶ୍ୟ ଚରିତାର୍ଥ ହେବ। ମହିଳା ସାଧାରଣତଃ ଘରୋଇ ହିଂସାର ଶିକାର ହୋଇ ବିବାହ ବିଚ୍ଛେଦ ଓ ନିର୍ଯ୍ୟାତନାର ସର୍ବାଧିକ ଅଭିଜ୍ଞ, ତେଣୁ ସେମାନଙ୍କ ଏପରି ମହତ କାର୍ଯ୍ୟରେ ନିୟୋଜନ ମଦ ବିକ୍ରି ନିୟନ୍ତ୍ରଣରେ ସୁଧାର ନିଶ୍ଚିତ ଆଣିପାରିବ। ନାରୀଶକ୍ତି ପରିଶ୍ରମ କରିବା ବେଳେ ଛତୁଫୁଟିଲା ଭଳି ମଦ ଦୋକାନ ଖୋଲିବା ଉପରେ ଅଙ୍କୁଶ ଲାଗିବା ସହିତ ପରିଚୟ ଓ ବୟସ ପ୍ରମାଣପତ୍ର ଦେଖାଇ ମଦ ବିକ୍ରୟ କରିବା ଭଳି ଆଇନ ଜରୁରୀ। ମିଶନ ଶକ୍ତି ଉଦ୍ୟମ, ଅବକାରୀ ଓ ପୋଲିସ ବିଭାଗଙ୍କ ମିଳିତ ତ୍ୱରିତ ଓ ବିହିତ କଠୋର କାର୍ଯ୍ୟାନୁଷ୍ଠାନ ନିହାତି ସମୟୋପଯୋଗୀ।

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ-୯୪୩୭୪୭୯୦୪୫

# ତାଙ୍କ ଅନ୍ତେ



ଶୁଭନାରାୟଣ ଶତପଥୀ

ଛୋଟ ଥିଲାବେଳେ, ତାଙ୍କ ଆଙ୍ଗୁଠି ଧରି ଚାଲିଲାବେଳେ ଲାଗୁଥିଲା ସେହି ଆଙ୍ଗୁଠିଠାରୁ ବଡ଼ ସାହାରା ଆଉ କିଛି ନାହିଁ। ତାଙ୍କ କାନ୍ଧରେ ବସି ବୁଲିଲାବେଳେ ଲାଗୁଥିଲା ଦୁନିଆର ସର୍ବୋଚ୍ଚ ଆସନରେ ବସି ଉଚ୍ଚମନା ହେବାର ଅଭିଳାଷକୁ ପୂର୍ଣ୍ଣ କରୁଥିଲି। ତାଙ୍କ ସହ ସାଇକେଲରେ ଗଲାବେଳେ ଲାଗୁଥିଲା ଜୀବନର ପ୍ରଗତି ରଥରେ ବସିଛି। ତାଙ୍କ ଦୁଇ ବାହୁ ଛାୟା ତଳେ ରହି ଉପଲବ୍ଧି କରୁଥିଲି ପୃଥିବୀର ସବୁଠାରୁ ସୁରକ୍ଷିତ ସ୍ଥାନର ମହତ୍ତ୍ୱକୁ। ଆଉ ସେ ମୋ ସାଙ୍ଗରେ ଥିଲେ ମନେହୁଏ ମୁଁ ମାର୍ଜିତ, ଶୃଙ୍ଖଳିତ, ନୀତିନିଷ୍ଠ, ଦାୟିତ୍ୱବାନ୍ ତଥା ସଫଳତା ଆଡ଼କୁ ଅଗ୍ରସର ହେବାରେ ଲାଗିଛି। ତାଙ୍କ ଅନୁଶାସନର ଫଳସ୍ୱରୂପ ପ୍ରଶଂସା ମୁଁ ପାଇଛି। ସେ ମୋ ବାପା। ବାଲୁତ ଚପଳାମିରେ ବେଳେବେଳେ ଭାବିନିଏ ସେ ଶୋଇପଡ଼ିଲେ କେତେ ମଜା ସତେ। ନା ଥାଏ ଆକଟ ନା ଥାଏ ଅସୁବିଧା। ତାଙ୍କ ଶୋଇବା ସମୟଟା କାଳେ ମୋ ସ୍ୱାଧୀନତାର ସ୍ୱାଦ ପାଇଁ ପ୍ରକୃଷ୍ଟ ସମୟ ବୋଧହୁଏ। କିନ୍ତୁ ଯେତେବେଳେ ବାପା ଚିର ନିଦ୍ରାରେ ଶୋଇପଡ଼ିଲେ, ତା'ପରେ ଭାବୁଛି ବାଲ୍ୟ ଚପଳାମିରେ ଭାବୁଥିବା କଥାକୁ। ସେ ତ ସ୍ୱାଧୀନତା ନ ଥିଲା, ବରଂ ଥିଲା ମୋ ସାମୟିକ ଆନନ୍ଦର ମରୀଚିକା।

ବାପା ଥିଲେ ମନରେ ଆସୁଥିବା ସବୁ ଇଚ୍ଛା ପୂରଣ ହେବାର ଦୃଢ଼ବିଶ୍ୱାସ ରୁହେ, କିନ୍ତୁ ସେ ନ ଥିଲେ ମନରେ ଆଶା ଥାଏ ସତ, କିନ୍ତୁ ଦୃଢ଼ତା କମିଯାଏ। ନିଜ ଉପରେ ଭରସା ପାଏନା। ଆହ୍ୱାନ, ପ୍ରତିବନ୍ଧକ, ଅସୁବିଧାକୁ ସାମ୍ନାରେ ଦେଖି ମନ ଭିତରଟା ଦୁର୍ବଳତାରେ ଭରି ହୋଇଯାଏ। ଏବେ ଜାଣିପାରୁଛି ଫରକ। ସେ ଥିଲାବେଳ ଆଉ ବର୍ତ୍ତମାନ ଭିତରେ। ଯେପରି ଯୋଜନା କରିବାକୁ, ତାକୁ କାର୍ଯ୍ୟକାରୀ କରିବାକୁ, ପରିବାରର ଭାର ବୋହିବାକୁ, ନିଜ କାନ୍ଧ ପର୍ଯ୍ୟାପ୍ତ ନୁହେଁ। ସାଙ୍ଗରେ ଠିଆ ହେବାକୁ ବାପା ନାହାନ୍ତି ସିନା, ସେ ଯେମିତି ଗଢ଼ିଛନ୍ତି ସେମିତି ଓ ସେତିକି ଶକ୍ତିରେ ମୁଁ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛି। ଅନୁଭବ ହେଉଛି ବାପା ଥାଆନ୍ତେ କି ଏ ସବୁର ଚିନ୍ତା ନଥାନ୍ତା। ସେ କ'ଣ ତାହା ସେ ଥିଲାବେଳେ ଜଣାପଡୁ ନ ଥିଲା। କାରଣ ସେ ତ ସବୁ ବୁଝୁଥିଲେ।

ପ୍ରତିବଦଳରେ ସେ ଚାହୁଁଥିଲେ ଟିକେ ସମ୍ମାନ ଓ ଶ୍ରଦ୍ଧା। ସନ୍ତାନଙ୍କ ଅଳିଅର୍ଦ୍ଦଳିଠାରୁ ଘରର ପ୍ରତ୍ୟେକ ଆବଶ୍ୟକତା ପୂରଣ କରୁକରୁ ନିଜକୁ ଅବହେଳିତ କରିଦେଉଥିଲେ ସିନା, କିନ୍ତୁ କିଛି କହୁନଥିଲେ କି କହିବାକୁ ଦେଉନଥିଲେ। ବରଂ ଏହା କହୁଥିଲେ ଯେ ମୋ ଅନ୍ତେ ମୋ ସନ୍ତାନମାନେ ମୋଠାରୁ ଅଧିକ ଉନ୍ନତ ଓ ବିକଶିତ ହେବେ। ସନ୍ତାନ ଭାବରେ ବୁଝି ହେଉ ନ ଥିଲା ବାପାଙ୍କ ଅନ୍ତ ଯେ ଆନ୍ତରିକ ସହାୟତା, ଶକ୍ତି, ସହଯୋଗ, ମାର୍ଗଦର୍ଶନର ଅନ୍ତ ବୋଲି। କାରଣ ଏମିତି ଲୋକଟିଏ କେହିନାହିଁ, ଯିଏ ବିନା ସ୍ୱାର୍ଥରେ, ବିନା ଅର୍ଥରେ, ବିନା ଉଦ୍ଦେଶ୍ୟରେ, ମୋ ପାଇଁ, ମୋ ପାଖରେ ଠିଆ ହେଉଥିବ ସବୁ ସମୟରେ, ସବୁ ପରିସ୍ଥିତିରେ।



ବାପାଙ୍କ ଅନ୍ତେ ତାଙ୍କୁ ବେଶି ଭାବୁଛି, ତାଙ୍କ ଅନୁପସ୍ଥିତିକୁ ଅନୁଭବ କରୁଛି। ସେ ଥିଲାଯାଏ ଅନୁଭବ ହେଉ ନ ଥିଲା, ସେ କ'ଣ କରନ୍ତି, କ'ଣ ଭରନ୍ତି, କ'ଣ ଗ୍ରହଣ କରନ୍ତି। ଯେତେଲୋକ ନିଜର ହୁଅନ୍ତୁ ପଛେ ବାପାଙ୍କ ଅନ୍ତେ ତାଙ୍କ ସ୍ଥାନ ପରିପୂରଣ ହୋଇପାରେ ନାହିଁ, ଏହାହିଁ ବିଡ଼ମ୍ବନା। ସେ ଥିଲାବେଳେ ଜାଣିବାକୁ ଦିଅନ୍ତି ନାହିଁ ଯେ ସେ କେତେ କଷ୍ଟରେ ଅଛନ୍ତି, ଦୁଃଖରେ ଅଛନ୍ତି, ଦାରିଦ୍ର୍ୟକୁ ମୁକାବିଲା କରୁଛନ୍ତି ଓ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ କ'ଣ ପ୍ରୟାସ କରୁଛନ୍ତି। ଏ ସବୁର ଆଢୁଆଳରେ ବାପା କେବଳ ଶାର୍ଟପ୍ୟାଣ୍ଟ ଓ ଘଣ୍ଟାପିନ୍ଧା ମଣିଷଟିଏ। ଯାହା ସବୁ ସେ ପିନ୍ଧିଥାନ୍ତି, ତାହାର ମୂଲ୍ୟ ସନ୍ତାନ ପାଇଁ ବହୁତ ଅଧିକ, କିନ୍ତୁ ବଜାରରେ ସବୁଠାରୁ କମ୍। ତଥାପି ବାପା ପୂରଣ କରିଆସୁଥିଲେ ଅନ୍ୟମାନଙ୍କ ଡ୍ରେସ, ଜୋତା, ଘଣ୍ଟା ଇତ୍ୟାଦିର ଆବଶ୍ୟକତା। ଏବେ ଏସବୁ ମୋତେ ପସନ୍ଦ କରିବାକୁ ପଡୁଛି। ଖର୍ଚ୍ଚ ବି କରିବାକୁ ପଡୁଛି। ରୋଜଗାରର କଷ୍ଟ ଓ ମୂଲ୍ୟ ବୁଝିପାରୁଛି। ଆମେ ଏକାଠି ଥିଲୁ ଗୋଟିଏ ଛତା ତଳେ। ଖାଉଥିଲୁ, ବସୁଥିଲୁ, ଖେଳୁଥିଲୁ। ଏବେ ଏସବୁ ପରିଚାଳନା କରିବା କେତେ କଷ୍ଟ, ତାହା ବୁଝିପାରୁଛି। ।

ଏବେ ସେ ହାତ ଆଉ ନାହିଁ, ଯାହାକୁ ଧରି ଖୁସିରେ ଡେଇଁଡେଇଁ ଚାଲିବି। ସେ କାନ୍ଧ ଆଉ ନାହିଁ, ଯାହା ଉପରେ ବସି ଉଚ୍ଚମନା ହେବି। ତାଙ୍କ ମାର୍ଗଦର୍ଶନ ନାହିଁ, ଯାହା ବଳରେ କଣ୍ଟକିତ ପଥ ଅତିକ୍ରମ କରିବି। ତାଙ୍କ ଘଣ୍ଟା ଏଠି ସେମିତି ପଡ଼ିରହିଛି, କିନ୍ତୁ ସେ ସମୟ ଚାଲିଯାଇଛି, ଯାହାକୁ ମନେପକାଇ ଆଖି ଛଳଛଳ ହୋଇଯାଉଛି। ସେ ଶାର୍ଟପ୍ୟାଣ୍ଟ ସେମିତି ଆଲଣାରେ ପଡ଼ିଛି, କେହି ନ ଥିଲାବେଳେ ତାକୁ ଆଉଁଶି ଦେଉଛି। ସତେଯେମିତି ତାଙ୍କ ସାଇକେଲଟା ମୋତେ କହୁଛି- ଧନରେ, ମୋ ପିଠିରେ ତୁ ଟିକେ ବସିପଡ଼, ମୋତେ ଚଲାଇନେ, ତୋ ହାତରୁ ମୁଁ ତୋ ବାପାଙ୍କ ସ୍ପର୍ଶକୁ ଅନୁଭବ କରିପାରିବି। ତାଙ୍କ ଜୋତା ହଳକ ଦେଖିଲେ ନିଜ ମୁଣ୍ଡରେ ଥୋଇଦେବାକୁ ଇଚ୍ଛା ହେଉଛି। ଏମିତି ଫଟାଜୋତା ପିନ୍ଧି ସେ ଚାଲୁଥିଲେ ଆଉ ମୁଁ ତାଙ୍କ କାନ୍ଧରେ ବସି ଖୁସି ସାଉଁଟୁଥିଲି ବୋଲି ଫଟାଜୋତାରେ ପାଦର କଷ୍ଟକୁ ଅନୁଭବ କରିପାରୁନଥିଲି। ବାସ୍ତବିକ ବାପାଙ୍କ ଅନ୍ତେ ବାପାଙ୍କ ହୃଦୟ, ମନର ପୃଷ୍ଠାସବୁକୁ ପଢ଼ିବା ଭାରି ସହଜ। କିନ୍ତୁ ସେ ଥିଲାବେଳେ ଏସବୁ ଜାଣିବାରେ ମୋର ଆଗ୍ରହ ନଥିଲା। ହୁଏତ ତାଙ୍କ ଇଚ୍ଛା ମୁତାବକ ସବୁ କ୍ଷେତ୍ରରେ ନିଜକୁ ରାଜିକରାଇ ତାଙ୍କ ସହ ଚାଲିଥିଲେ ଆଜି ଏତେ ଅନୁତାପ କରୁନଥାନ୍ତି। ସେ ତ ସବୁ ମୋ ଭଲ ପାଇଁ କହୁଥିଲେ ଓ କରୁଥିଲେ। କେବଳ ମୁଁ ତାଙ୍କ ଆକଟ, ଗାଳି, କଟୁକଥାକୁ ଭୁଲ ବୁଝୁଥିଲି। ଆଜି ସମାଜରେ ବାପାମାନଙ୍କୁ ଦେଖିଲେ ମୋ ବାପାଙ୍କ ସହ କାଟିଥିବା ପୁରୁଣାଦିନଗୁଡ଼ିକ ମନେପଡ଼ିଯାଏ। ଏହା ଅଧିକାଂଶ ସନ୍ତାନଙ୍କ ଜୀବନରେ ଘଟେ ଜାଣିଲା ବେଳକୁ ନେଡ଼ିଗୁଡ଼ କହୁଣିରେ। ବେଳହୁଁ ବାପାଙ୍କୁ ବୁଝିବାର କଥା। ତାଙ୍କୁ ସମ୍ମାନ, ଶ୍ରଦ୍ଧା ଦେଇ ତାଙ୍କ ଆଶୀର୍ବାଦ ନେବା କର୍ତ୍ତବ୍ୟ ଆମର। କିଏ ଜାଣିଛି କାଲି କ'ଣ ଘଟିବ? ତାଙ୍କ ଅନ୍ତେ ଆମକୁ କେତେ ଧୈର୍ଯ୍ୟ ରଖିବାକୁ ପଡ଼ିବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଏଇ ଭାରତରେ

ଦିଲ୍ଲୀ କଳା ଓ ବାଣିଜ୍ୟ କଲେଜ (ଡିସିଏସି)ର ଛାତ୍ରୀଛାତ୍ରଙ୍କ ଏକ ଟିମ୍ ସମାଜସେବାକୁ ଗ୍ରହଣ କରିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏହି କଲେଜର ଛାତ୍ରୀଛାତ୍ର ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଲାଗିଛନ୍ତି। ଏହି ଟିମ୍ ୧୦୦ରୁ ଅଧିକ ଦିବ୍ୟାଙ୍ଗଙ୍କୁ ସଶକ୍ତ କରିସାରିଛନ୍ତି। ଏହି ଦିବ୍ୟାଙ୍ଗମାନେ ସେମାନଙ୍କ ସମୁଦାୟ ପୋଷାକ ତିଆରି କରୁଛନ୍ତି। ଛାତ୍ରୀଛାତ୍ରମାନେ ୨୦୨୩ରେ 'ପ୍ରୋଜେକ୍ଟ ରିୟାତ' ପ୍ରୋଜେକ୍ଟ ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ପ୍ରଥମେ ଏହାର ମୁଖ୍ୟ ଥିଲେ ଅଭିଶି। ଏବେ ମିଶା ଉରୋଜ ଦାୟିତ୍ୱ ତୁଲାଉଛନ୍ତି। ଡିସିଏସିର ଟିମ୍ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ସେମାନଙ୍କୁ ଟେଲରିଂ ଶିକ୍ଷା ଦେଉଛନ୍ତି। ପ୍ରତିଦିନ ସନ୍ଧ୍ୟା ୬ଟାରେ ଏହି କାମ ପାଇଁ ସେମାନେ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟ କରୁଛନ୍ତି। ପ୍ରୋଜେକ୍ଟର ୱେବ୍‌ସାଇଟରେ ପୋଷାକ ବିକ୍ରି ପାଇଁ ଅର୍ଡର ସଂଗ୍ରହ କରାଯାଉଛି। କେବଳ ଏତିକି ନୁହେଁ, ଡିସିଏସି ଟିମ୍ ୮୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତି ଓ ରୋଜଗାରର ପନ୍ଥା ସମ୍ପର୍କରେ ସଚେତନ କରିସାରିଲେଣି। ଏହିସବୁ କାର୍ଯ୍ୟରେ ଛାତ୍ରୀଛାତ୍ରଙ୍କ ସହ ଦିଲ୍ଲୀସ୍ଥିତ ଅଣ ଲାଭକାରୀ ସଂସ୍ଥା ଫ୍ୟାମିଲି ଅଫ୍ ଡିଜାବିଲିଟି(ଏଫ୍‌ଓଡି) ସାମିଲ ହୋଇଛି, ଫଳରେ ଛାତ୍ରୀଛାତ୍ର ଆର୍ଥିକ ସହାୟତା ପାଇପାରୁଛନ୍ତି।

## ଚିରନ୍ତନୀ

ଯେତେ କୋଟି ଯାତ୍ରୀ-ପଦ ପଡିଛି ଏ ମନ୍ଦିର ଦୁଆରେ
ଭବିଷ୍ୟତେ ଯେତେ ପୁଣି ଲାଗିବ ଏ ପାଷାଣ ହିୟାରେ
ନ ରହିବ ଇତିହାସ ନ ରହିବ ଚିହ୍ନ,
ଏ ପାଷାଣ ଗାତ୍ର କାହିଁ ନୋହିବ ବିଦୀର୍ଣ୍ଣ,
କିନ୍ତୁ ସେ ଯେ ବିଶ୍ୱାସ ଭକତି
ତା' ଉଦ୍ଦେଶ୍ୟେ ଜଣାଏଁ ମୁଁ ନତି!
ମାନବ-ଜୀବନେ
ଅମୂଲ୍ୟ ସେ ଧନ
ନମସ୍କାର
ବାରମ୍ବାର।

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମର୍ଣ୍ଣିଂୱାକ୍‌ରେ ଫୁଲତୋଳା

ମହାଶୟ,
ଠାକୁର ପୂଜାରେ ଫୁଲର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ଆଜିର ଦିନରେ ଅନେକେ ପର ବାଡ଼ିରୁ ଚୋରି କରି ଫୁଲ ଆଣିବା, ମର୍ଣ୍ଣିଂୱାକ୍‌ରେ ବୁଲିବାକୁ ଯାଇ ଅଗାଧୁଆ ଫୁଲ ତୋଳି ଠାକୁର ପୂଜା କରୁଛନ୍ତି। ଏହିସବୁ ଫୁଲ ଠାକୁର ପୂଜାରେ ଲାଗିବା ଶୁଭ ନୁହେଁ। ଠାକୁର ଘରେ ରଖି ପୂଜା କରିବାକୁ ଚାହୁଁଥିଲେ ପ୍ରଥମେ ନିଜ ବାଡ଼ିରେ ଫୁଲଗଛ ଲଗାନ୍ତୁ। ଶୁଦ୍ଧପୂତ ଭାବରେ ସ୍ନାନ କରି ନିଜ ବାଡ଼ିରେ ଫୁଟୁଥିବା ଫୁଲ ହିଁ ତୋଳନ୍ତୁ। ପର ବାଡ଼ିରୁ ଫୁଲଗଛକୁ ଜୋର୍‌ଜବରଦସ୍ତ ଟାଣନ୍ତୁ ନାହିଁ। ଏହାସହ ଦେଖାଯାଏ ଯେ, ପରବାଡ଼ିରୁ ଫୁଲକୁ ପଲିଥିନରେ ଆଣୁଛନ୍ତି। ପଲିଥିନ ବ୍ୟବହାର ବନ୍ଦ କରନ୍ତୁ। ପରବାଡ଼ିର ଫୁଲ ଠାକୁର ପୂଜାରେ ଆଦୌ ଲଗାନ୍ତୁ ନାହିଁ। ଏପରି କରି ଠାକୁର ପୂଜା କଲେ ନିଜକୁ ଆତ୍ମସନ୍ତୋଷ ମିଳିପାରେ, କିନ୍ତୁ ଠାକୁର ଖୁସି ହେବେ ନାହିଁ।

-ଅଶୋକ ରାଉଳ,
ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

### ଏବେଠୁ ମାସ୍କ ପିନ୍ଧିବା

ଦ୍ୱିତୀୟ ପର୍ଯ୍ୟାୟରେ ଚାଇନାରୁ ଆସି କରୋନା ଆମ ଦେଶରେ କାୟା ବିସ୍ତାର କଲାଣି। ବର୍ତ୍ତମାନ ଦିଲ୍ଲୀ, ଗୁଜରାଟ ଓ ମହାରାଷ୍ଟ୍ରରେ ଅଧିକ ବ୍ୟାପୁଛି। ସଂକ୍ରମଣ ଅଧିକ ହେଲେ ତାକୁ ସହଜରେ ଆୟତ୍ତ କରିହେବନି। ସାମାନ୍ୟ ଥଣ୍ଡାରୁ କାଶ, ଜ୍ୱର ଆଦି ହୋଇ ପରିବାରରୁ ପରିବାର ସମଗ୍ର ଗ୍ରାମକୁ ବ୍ୟାପିବ। ହାଟ, ବଜାର ଓ ଲୋକଙ୍କ ଗହଳି ହେଲେ ଏହା ଅତି ମାତ୍ରାରେ ବ୍ୟାପିବ। ଛୋଟ ପିଲା, ବୃଦ୍ଧ, ବୃଦ୍ଧା ଓ ରୋଗୀମାନଙ୍କୁ ବେଶି ଆକ୍ରାନ୍ତ କରିବ। ସୁତରାଂ ହାତକୁ ସାବୁନରେ କିମ୍ବା ଉଷ୍ଣମ ପାଣିରେ ମଝିରେ ମଝିରେ ପରିଷ୍କାର କରି ଧୋଇବା ସହ ପୂର୍ବଭଳି ମାସ୍କ ବ୍ୟବହାର କରିବା ଆବଶ୍ୟକ। ସରକାର ସତର୍କ କରାଇବା ପୂର୍ବରୁ ଆମେ ନିଜେ ସତର୍କ ହୋଇଯିବା ଉଚିତ।

– ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ କୁମିଆପାଲି ଗାଁର ଆଦିବାସୀ

- ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପର ବିସ୍ଥାପନ ସମସ୍ୟା
- ୧୦ ଦଫା ଦାବିପତ୍ର ଦେଇ ଜଣାଇବେ ଗୁହାରି
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି କଲେ ଆଲୋଚନା

ବଲାଙ୍ଗୀର,୧୪।୬(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ବଲାଙ୍ଗୀର ସହର ସନ୍ନିକଟ ପଥରଚେପାଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶରେ ସେ ଯୋଗଦାନ କରିବାର ଅଛି। ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଭେଟିବେ କୁମିଆପାଲି ଗାଁର ଆଦିବାସୀ। ଏହି ଅବସରରେ ତାଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରି ବିସ୍ଥାପନ ସମ୍ପର୍କିତ ସମସ୍ୟା ଓ ଏହାର ସମାଧାନ ଦିଗରେ ଗୁହାରି କରିବେ ବୋଲି ଜଣାପଡିଛି। ଶନିବାର ତାଲଜୁରିଠାରେ କୁମିଆପାଲି ଗାଁର ଆଦିବାସୀ ପ୍ରତିନିଧି ମଣ୍ଡଳୀ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କୁ ଭେଟି ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ଓ ଦାବିପତ୍ର ପ୍ରଦାନ ସଂକ୍ରାନ୍ତରେ ଆଲୋଚନା କରିଥିଲେ। କୁମିଆପାଲିର ରାମଚନ୍ଦ୍ର ବରିହା, ଡମ୍ବରୁ ବରିହା, ଡୋଳାମଣି ବରିହା, ପି. ବରିହା, ଋଷଭ ବରିହା, ବୁଧୁ ବରିହା, ଧରମ୍ ବରିହା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ


ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ କୁମିଆପାଲି ଗାଁର ଆଦିବାସୀ ସଦସ୍ୟ ଆଲୋଚନା କରୁଛନ୍ତି।

ସହ ଆଲୋଚନା କରିଥିଲେ।

ବଲାଙ୍ଗୀର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଯୋଗୁ କୁମିଆପାଲି ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ ଘୋଷିତ ହୋଇଛି। ୨୦୨୪ ନିର୍ବାଚନ ପୂର୍ବରୁ ଏହି ଗାଁର ଅଧିବାସୀଙ୍କୁ ଜିଲା ପ୍ରଶାସନ ତରଫରୁ ଭାବେ ବିସ୍ଥାପିତ କରିଥିଲେ। ତେବେ ଉଚିତ୍ କ୍ଷତିପୂରଣ, ଥଇଥାନ ଓ ପୁନର୍ବାସ ବ୍ୟବସ୍ଥା ନ କରି ବିସ୍ଥାପିତ କରିବା ପାଇଁ ଜିଲା ପ୍ରଶାସନ ଜୋର ଦେବାରୁ ଏହି ଗାଁର ୭୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ଓ କେତେକ ଅଣଆଦିବାସୀ ପରିବାର ଗାଁ ଛାଡିବାକୁ ମନା କରିଦେଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ଅନ୍ୟମାନେ ଗାଁ ଛାଡିଛନ୍ତି। ଗାଁର ଆଦିବାସୀମାନେ ସଙ୍ଗଠିତ ହୋଇ ଗତ ଦୁଇବର୍ଷ ହେଲା ଅକଥନୀୟ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ ମଧ୍ୟ ଗାଁ ଛାଡି ନାହାନ୍ତି। ବର୍ଷାଦିନରେ ଲୋୟର ସୁକ୍‌ତେଲ ଡ୍ୟାମର ଠେଲା ପାଣି ଗାଁକୁ ଘେରି ରହୁଥିଲେ ମଧ୍ୟ କିଛି ପରବାୟ ନ କରି ୪୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଏବେ ବି କୁମିଆପାଲି ଗାଁରେ ରହୁଛନ୍ତି। ପୁରୁଣା ଆଇନରେ ଲଗାଯାଇଥିବା ଇଲେଭେନ୍ ୱାନ୍‌କୁ ସମ୍ପୂର୍ଣ୍ଣ ବାତିଲ କରି ନୂଆ ଆଇନରେ ପୁନଃ ସର୍ଭେ କରିବା, ୨୦୧୩ ଭୂମି ଅଧିଗ୍ରହଣ ଆଇନ ନିୟମାବଳୀ ୨୦୧୪ ଲାଗୁ କରିବା ଏବଂ ଓଡିଶା ଗେଜେଟ୍ ୨୦୧୬ ଆଇନ କାର୍ଯ୍ୟକ୍ଷମ କରିବାକୁ ସେମାନେ ଦାବି କରିଛନ୍ତି। ଗାଁର ଆଦିବାସୀଙ୍କ ଜୀବନ ଜୀବିକା ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପରିବାରକୁ ଜଳସେଚିତ ଅଞ୍ଚଳରେ ୨.୫ ଏକର ଜମି ପ୍ରଦାନ ଏବଂ ଅଣଜଳସେଚିତ ଅଞ୍ଚଳରେ ପରିବାର ପିଛା ୫ ଏକର ଜମି ପ୍ରଦାନ କରିବାକୁ ଦାବି କରିଛନ୍ତି। ୧୮ ବର୍ଷରୁ କମ୍ ବୟସର ନାବାଳକଙ୍କୁ ସାବାଳକ ହେବା ପର୍ଯ୍ୟନ୍ତ ମାସିକ ୬ ହଜାର ଟଙ୍କା ପ୍ରଦାନ କରିବା ସମେତ ୧୦ ଦଫା ଦାବି କରାଯାଇଛି। ଏବେ ଗାଁରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଛି। ଫଳରେ ଛୋଟ ଶିଶୁ ଏବଂ ଛାତ୍ରୀଛାତ୍ରମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଗାଁକୁ ରାସ୍ତା ନାହିଁ। ଏହି ସବୁ ବିଷୟ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ମିଳିଛି।

# ନିଟ୍ ପରୀକ୍ଷାରେ କମାଲ୍ ଦେଖାଇଲେ ତୁଷୁରାର ଦୁଇ ଯାଆଁଳା ଭାଇ

ଗୁଡଭେଲା,୧୪।୬(ମନୋଜ କୁମାର ଜୈନ)


ଦୁଇ ଭାଇ ରିଜୁଲ ଓ ସୁବ୍ରତ।

ବଲାଙ୍ଗୀର ଜିଲା ତୁଷୁରା ସହରର ଦୁଇ ଯାଆଁଳା ଭାଇ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେମାନେ ହେଲେ ରିଜୁଲ ଜୈନ ଓ ସୁବ୍ରତ ଜୈନ। ରିଜୁଲ ୪୭ ଓ ସୁବ୍ରତ ୧୬୭୫ ର୍ୟାଙ୍କ୍ ରଖିଛନ୍ତି। ୨୦୨୩ ମସିହାରେ ବଲାଙ୍ଗୀରସ୍ଥିତ ଲିଟିଲ ଫ୍ଲାୱାର ସ୍କୁଲରୁ ଦୁହେଁ ମାଟ୍ରିକ ପାସ୍ କରିବା ପରେ ଦିଲ୍ଲୀରେ ଯୁକ୍ତ ଦୁଇ ପଢିବା ପାଇଁ ଯାଇ ନିଟ୍ ପାଇଁ ଅଭ୍ୟାସ କରୁଥିଲେ। ଦିନକୁ ପ୍ରାୟ ୧୩ରୁ ୧୪ ଘଣ୍ଟା ପରିଶ୍ରମ କରି ଏହି ସଫଳତା ପାଇଥିବା ଦୁହେଁ ପ୍ରକାଶ କରିଛନ୍ତି। ସଫଳତାର ଶ୍ରେୟ ସେମାନେ ନିଜ ପରିବାର, ଗୁରୁଜନଙ୍କ ଅର୍ଶୀବାଦ ବୋଲି ଫୋନ ଯୋଗେ ଜଣାଇଛନ୍ତି। ପ୍ରଥମ ଥର ପରୀକ୍ଷା ଦେଇ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ପିତା ରାକେଶ କୁମାର ଜୈନ ଓ ମା' ସୀମା ଜୈନ ବହୁତ ଖୁସି ବୋଲି ମତ ପ୍ରକାଶ କରିଛନ୍ତି। ଦୁଇ ବର୍ଷ ଧରି ସୀମା ଦିଲ୍ଲୀରେ ରହି ପିଲାଙ୍କୁ ସହଯୋଗ କରୁଥିଲେ। ଏହା ପରିଶ୍ରମର ଫଳ ବୋଲି ଯାଆଁଳା ଭାଇଙ୍କ ଅଜା ସାହିତ୍ୟିକ ତୁଳସୀ ରାମ ଜୈନ ପ୍ରକାଶ କରିଛନ୍ତି। ସଫଳତା ପାଇଁ ତୁଷରା ମାରୱାଡି ଯୁବା ମଞ୍ଚର ପୂର୍ବତନ ସଭାପତି ତଥା ଓଡିଶା ଜୈନ ଶ୍ୱେତାମ୍ବର ତେରାପନ୍ଥ ସଭାର ମିଡିଆ ପ୍ରଭାରୀ ମନୋଜ ଜୈନ ଦୁଇ ଭାଇଙ୍କୁ ଅଭିନନ୍ଦନ ଜଣାଇବା ସହ ସମାଜ ପାଇଁ ଗୌରବ ଆଣିଛନ୍ତି ବୋଲି କହିଛନ୍ତି। ଏହାଛଡା ପରିବାର ଲୋକଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ସଂକ୍ଷେପରେ

### ଧର୍ମପ୍ରାଣା ଶାନ୍ତିଲତା ଦାସଙ୍କ ପରଲୋକ

ବଲାଙ୍ଗୀର,୧୪।୬(ବୀରେନ୍ଦ୍ର କୁମାର ଝାଙ୍କର)


ସ୍ୱର୍ଗତା ଶାନ୍ତିଲତା ଦାସ।

ବଲାଙ୍ଗୀର ସହର ମାଲପଡା ନିବାସୀ ଶାନ୍ତିଲତା ଦାସ (୮୬)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗତ କିଛିଦିନ ତଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।। ତାଙ୍କ ପାଖରେ ପୁଅ ଆଡଭୋକେଟ ଅଶୋକ ଦାସ, ପ୍ରଦୀପ ଦାସ, ସୁଧା ଦାସ, ସୁନୀଲ ଦାସ, ନାତି ଦେବାଶିଷ ଦାସ ଓ ଅନ୍ୟ ସମ୍ପର୍କୀୟ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଛି। ଜଣେ ମେଳାପି, ଧର୍ମପ୍ରାଣା ମହିଳା ଭାବେ ସେ ପରିଚିତ ଥିଲେ।

### ବାସଗୃହ ନିର୍ମାଣ ପ୍ରାପ୍ୟ ନ ପାଇ ହିତାଧିକାରୀ ହନ୍ତସନ୍ତ

ଲାଠୋର,୧୪।୬(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ କୁସପାଲି ଗ୍ରାମର ହେମାଞ୍ଜଳି ମେହେର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇ ଗୃହ ନିର୍ମାଣ କରିଛନ୍ତି । ତେବେ ତାଙ୍କୁ ଏ ବାବଦ ପ୍ରାପ୍ୟ ସମ୍ପୂର୍ଣ୍ଣ ମିଳିନାହିଁ । ଫଳରେ ସେ ଗୃହ ନିର୍ମାଣ ପାଇଁ ଧାର କରଜ କରିଥିବା ଟଙ୍କା ଶୁଝି ନ ପାରି ନା ନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ହେମାଞ୍ଜଳିଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇ ବାସଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଫଳରେ ସେ ଗୃହ ନିର୍ମାଣ ଆରମ୍ଭ କରି ୨ ମାସ ହେବ ସମ୍ପୂର୍ଣ୍ଣ କରିଛନ୍ତି। ତାଙ୍କୁ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ଏବଂ ଦ୍ୱିତୀୟ କିସ୍ତିରେ ୬୫ ହଜାର ଟଙ୍କା ଏହିପରି ମୋଟ ୧ ଲକ୍ଷ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ତୃତୀୟ କିସ୍ତି ୨୫ ହଜାର ଟଙ୍କା ଏବଂ ଏମଜିଏନଆରଇଜିଏସ ବାବଦକୁ ୨୫ ହଜାର ୯୩୫ ଟଙ୍କା ଏହିପରି ମୋଟ ୫୦ ହଜାର ୯୩୫ ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ବାକି ଅଛି । ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ବ୍ଲକ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ ତାଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଉ ନାହିଁ । ଆଜିକାଲି କହି ସମୟ ଗଡ଼େଇ ଚାଲିଛନ୍ତି । ଫଳରେ ଲୋକଙ୍କ ଠାରୁ ଆଣିଥିବା ଧାର ଟଙ୍କା ଶୁଝିବାରେ ସମସ୍ୟା ହେଉଥିବା ସେ କହିଛନ୍ତି। ଏ ସମସ୍ୟା କେବଳ ହେମାଞ୍ଜଳିଙ୍କ ନୁହେଁ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ଏମିତି ଅନେକ ହିତାଧିକାରୀ ରହିଛନ୍ତି । ଏନେଇ ତୁରେକେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ପଚାରିବାରେ ଯଥାଶୀଘ୍ର ସଂପୃକ୍ତ ହିତାଧିକାରୀଙ୍କ ସମସ୍ତ ପ୍ରାପ୍ୟ ପ୍ରଦାନ ପାଇଁ ବ୍ୟବସ୍ଥା କରିବୁ ବୋଲି କହିଥିଲେ । ତେବେ ପଞ୍ଚାୟତ ଅଞ୍ଚଳରେ ଏମିତି ହିତାଧିକାରୀ କେତେଜଣ ରହିଛନ୍ତି ତାର ତାଲିକା ପ୍ରସ୍ତୁତ କରି ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଦେଓଗାଁ ଚିନିକଲ ଉପରେ ନଜର

- ୧୭ରେ ବଲାଙ୍ଗୀର ଆସିବେ ମୁଖ୍ୟମନ୍ତ୍ରୀ
- ୨୦୧୩ ମସିହାରୁ ବନ୍ଦ ପଡିଛି ଦେଓଗାଁ ଚିନିକଲ

ବଲାଙ୍ଗୀର,୧୪।୬(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୧୭ ତାରିଖରେ ବଲାଙ୍ଗୀର ସହର ସନ୍ନିକଟରେ ଆୟୋଜିତ ହେବ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତକୁ ନେଇ ଜିଲାର ବିଭିନ୍ନ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏଠାରେ ରାଜ୍ୟସ୍ତରୀୟ ସମାବେଶ ହେବାକୁ ଥିବାରୁ ବଲାଙ୍ଗୀର ଜିଲାର କୃଷି, ଜଳସେଚନ, ବନ୍ଦ ପଡିଥିବା କୃଷିଭିତ୍ତିକ ଶିଳ୍ପ ଦେଓଗାଁ ଚିନିକଲ ଏବଂ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିକୁ ନେଇ ଜୋରସୋର ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ସମାବେଶ ସ୍ଥଳରୁ ବଲାଙ୍ଗୀର ଜିଲା ପାଇଁ କିଛି ବଡ ଘୋଷଣା କରିବେ ବୋଲି ଜିଲାବାସୀ ଆଶା ବାନ୍ଧିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ସବୁଠୁ ବେଶୀ ଚର୍ଚ୍ଚାରେ ରହିଛି ପ୍ରାୟ ୧୩ ବର୍ଷ ହେଲା ବନ୍ଦ ପଡିଥିବା ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଦେଓଗାଁ ସାଗରପାଲି ସ୍ଥିତ ବିଜୟାନନ୍ଦ ସମବାୟ ଚିନିକଲ। ଏହି ଚିନିକଲ ପୁନଃ କାର୍ଯ୍ୟକ୍ଷମ କରିବା ଦିଗରେ ମୁଖ୍ୟମନ୍ତ୍ରୀ କ'ଣ ପଦକ୍ଷେପ ନେବେ ସେ ଦିଗରେ ଜିଲାର କୃଷକ ତଥା ବିଭିନ୍ନ ମହଲରେ ଆଲୋଚନା


ବନ୍ଦ ପଡିଥିବା ଦେଓଗାଁ ଚିନିକଲ ।

ଆରମ୍ଭ ହୋଇଯାଇଛି। ବିଭିନ୍ନ କାରଣରୁ ବନ୍ଦ ପଡିଥିବା ଦେଓଗାଁ ସ୍ଥିତ ପୋନ୍ନି ସୁଗାରର୍ସ ଏବଂ କେମିକାଲ ଲିମିଟେଡ ଚିନିକଲକୁ ପରବର୍ତ୍ତୀ ସମୟରେ ବିଜୟାନନ୍ଦ ସମବାୟ ଚିନିକଲ ଭାବେ କାର୍ଯ୍ୟକ୍ଷମ କରାଯାଇଥିଲା। ତେବେ ବିଜୟାନନ୍ଦ ସମବାୟ ଚିନିକଲ ମଧ୍ୟ ପରିଚାଳନାଗତ ତ୍ରୁଟି ଏବଂ ଆର୍ଥିକ ଦୁର୍ନୀତି ମାମଲାରେ ଛନ୍ଦି ହୋଇ ୨୦୧୩ ମସିହାରୁ ବନ୍ଦ ପଡିଛି। ବାରମ୍ବାର ଦାବି ସତ୍ତ୍ୱେ ଦେଓଗାଁ ଚିନିକଲ କାର୍ଯ୍ୟକ୍ଷମ ହୋଇନାହିଁ। ପୂର୍ବ ବିଜେଡି ସରକାର ଉଦ୍ୟମ କରିଥିଲେ ମଧ୍ୟ ଚିନିକଲ ଚାଲୁ ହୋଇ ପାରିନାହିଁ। ଏବେ ରାଜ୍ୟରେ ଭାଜପା ସରକାର ଶାସନ ଚାଲିଛି। କୃଷି, କୃଷକ, କୃଷିଭିତ୍ତିକ ଶିଳ୍ପ ଏବଂ ଆନୁସଙ୍ଗିକ କ୍ଷେତ୍ରକୁ ସରକାର ଅଧିକ ପ୍ରାଧାନ୍ୟ ଦେବାକୁ ଘୋଷଣା କରିଛନ୍ତି। ଏଭଳି ସମୟର ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀ ରହିଛନ୍ତି। ଏହାସହିତ ଜିଲାରେ ଆଉ ଜଣେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ରହିଛନ୍ତି। ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂହଦେଓ, ଟିଟିଲାଗଡ ବିଧାୟକ ନବୀନ ଜୈନ ଏବଂ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଭାଜପା ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି। ରାଜ୍ୟ ସରକାରରେ ଜିଲାର ଏକ ଶକ୍ତିଶାଳୀ ଭାଗିଦାରୀ ରହିଥିବାରୁ ଜିଲାର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ଏବଂ ଜିଲାକୁ ବହୁବିଧ ପ୍ରକଳ୍ପ, ଯୋଜନା ଓ ଶିଳ୍ପ ଛୁଟିବ ବୋଲି ଆଶା କରାଯାଉଛି। ଦେଓଗାଁ ଚିନିକଲ ପୁନଃ କାର୍ଯ୍ୟକ୍ଷମ ହେଲେ ଜିଲାର ୧୦ ହଜାରରୁ ଉର୍ଦ୍ଧ୍ୱ ପରିବାର ଉପକୃତ ହେବେ। ୫୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିଯୁକ୍ତି ପାଇବେ। ଜିଲାର ଦାଦନ ଶ୍ରମିକ ସମସ୍ୟା ରୋକିବାରେ ଏହି ଚିନିକଲ ସହାୟକ ହେବ ବୋଲି ଆଲୋଚନା ହେଉଛି। ଦେଓଗାଁ ଚିନିକଲ ଦୁର୍ନୀତି ମାମଲାରେ ଛନ୍ଦି ହୋଇ ବନ୍ଦ ପଡିଛି। ଭିଜିଲାନ୍ସ ବିଭାଗ କେତେଜଣ ବ୍ୟକ୍ତିଙ୍କ ନାଁରେ ଚାର୍ଜସିଟ୍ ଦାଖଲ କରିଥିଲେ ମଧ୍ୟ ଚାର୍ଜଫ୍ରେମ୍ ହୋଇନାହିଁ। ଏଭଳି ସ୍ଥିତିରେ ରାଜ୍ୟ ସରକାର କ'ଣ ନିଷ୍ପତ୍ତି ନେବେ ତା' ଉପରେ ସମସ୍ତଙ୍କ ନଜର ରହିଛି।

# ବିକାଶ ବାହନକୁ ସ୍ୱାଗତ


ବିଧାୟକ ଜଣେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

କଣ୍ଟାବାଞ୍ଜି,୧୪।୬(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଚଟୁଅନକା ଗ୍ରାମ ପଞ୍ଚାୟତରେ ବିକାଶ ବାହନକୁ ଭବ୍ୟ ସ୍ୱାଗତ କରାଯାଇଛି। ଓଡ଼ିଶା ସରକାରଙ୍କ ଏକ ବର୍ଷ ଶାସନରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଜନସାଧାରଣଙ୍କ କିପରି ନିକଟତର ହେବ ବିକାଶ ବାହନ ଜରିଆରେ ସେନେଇ ସଚେତନ କରାଯାଉଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତୁରେକେଲା ବ୍ଲକ ସରପଞ୍ଚ ସଂଘ ସଭାପତି ଜଳନ୍ଧର ମହାଖୁଡ ,ଚଟୁଅନକା ସରପଞ୍ଚ ଜ୍ଞାନ ରଞ୍ଜନ ତାଣ୍ଡି , ସମିତି ସଭ୍ୟ ପୂର୍ଣ୍ଣ ମାଝି, ପଞ୍ଚାୟତ ନୋଡାଲ ଅଫିସର ଜିପିଓ ଗଜାନନ ନାୟକ, ସିପି ବାଗ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା।

# ଟିକେଟ କଳାବଜାର: ଜଣେ ଗିରଫ

ଟିଟିଲାଗଡ଼,୧୪।୬(ଶରତ ମିଶ୍ର/ ସନ୍ତୋଷ ପଟ୍ଟନାୟକ)

ରେଳ ଟିକେଟ କଳାବଜାର ଅଭିଯୋଗରେ ଟିଟିଲାଗଡ଼ ରେଳ ସୁରକ୍ଷା ବଳ ଜଣେ ଯୁବକଙ୍କୁ କାବୁ କରିଛି। ସେ ହେଲେ ଟିଟିଲାଗଡ ସହରର ଇ. ଖାନ୍ । ଶନିବାର ପୂର୍ବାହ୍ନରେ ଟିଟିଲାଗଡ଼ ରେଳ ଜଙ୍କସନରେ ସେ ତତ୍କାଳ ଟିକେଟ ବୁକିଂ ସମୟରେ କାଉଣ୍ଟରରେ ଲାଇନ୍‌ରେ ରହି ଅନ୍ୟ ଜଣଙ୍କ ନାମରେ ଟିକେଟ କାଟୁଥିବା ବେଳେ ଆରପିଏଫ ଆଇଆଇସି ଏସ.ବି. ପୁନିଆଙ୍କ ନେତୃତ୍ୱରେ ତାଙ୍କୁ କାବୁ କରାଯାଇ ଯାଞ୍ଚ କରାଯାଇଥିଲା । ପରେ ତାଙ୍କୁ ଗିରଫ କରାଯାଇଥିଲା । ଟିଟିଲାଗଡ଼ ରେଳ ଜଙ୍କସନରେ ତତ୍କାଳ ଟିକେଟ କଳାବଜାର ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଛି । ଏନେଇ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ କଲେ କୃଷକ ଶକ୍ତି ସମାବେଶ ସମୀକ୍ଷା

ବଲାଙ୍ଗୀର,୧୪।୬(ବୀରେନ୍ଦ୍ର କୁମାର ଝାଙ୍କର)

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଦିନିକିଆ ବଲାଙ୍ଗୀର ଜିଲା ଗସ୍ତରେ ଆସି ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଏବଂ ଆସନ୍ତା ୧୭ ତାରିଖରେ ବଲାଙ୍ଗୀରରେ ହେବାକୁ ଥିବା କୃଷକ ଶକ୍ତି ସମାବେଶର ସମୀକ୍ଷା କରିଥିଲେ। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ କିଭଳି ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ଅଧିକାରୀଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ପାର୍କିଂ, ସୁରକ୍ଷା, ପ୍ରଚାର ପ୍ରସାର, ମେଡ଼ିକାଲ ଟିମ୍ ବିଷୟରେ ଆଲୋଚନା କରିଥିଲେ। ଜିଲାପାଳ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ଅତିରିକ୍ତ ଜିଲାପାଳ ଡ଼. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ପରେ ବଲାଙ୍ଗୀର ପଥରଚେପା ପଡିଆକୁ ଯାଇ କୃଷକ ଶକ୍ତି ସମାବେଶରେ ଯୋଗଦେବା ପାଇଁ ଆସିବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳ ନିର୍ମାଣ କାର୍ଯ୍ୟ ଓ କ୍ଷେତ୍ର ପରିଦର୍ଶନ କରିଥିଲେ।

# ରତାଖଣ୍ଡିରେ ବିକାଶ ସମାବେଶ

ଲୋଇସିଂହା,୧୪।୬(ସୁଶାନ୍ତ ବାରିକ)

ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରତାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ତାଲଜୁରୀ ଗ୍ରାମରେ ବିକାଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ କାର୍ଯ୍ୟକାରୀ ହେଉଥିବା ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଏଥିରେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ମେହେର, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା, ବିଡିଓ ଅକ୍ଷୟ ପାଣି ଉଦ୍ଗୁ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଶେଖରଲାଲ ପଧାନ, ବିଧାୟକଙ୍କ ପ୍ରତିନିଧି ଗୌରାଙ୍ଗ ନାଏକ, ତହସିଲଦାର, ସିଡିପିଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ କହିଥିଲେ, ବିଗତ ଦିନରେ ବିଜେଡି ଓ କଂଗ୍ରେସ ରାଜ୍ୟରେ ଦୀର୍ଘ ବର୍ଷ ଶାସନ କରିଛି । ହେଲେ କେବେ ହେଲେ ବିକାଶମୂଳକ କାର୍ଯ୍ୟର ହିସାବ ଦେଇ ନ



ବିକାଶ ସମାବେଶରେ ମଞ୍ଚାସୀନ ଅତିଥି ।

**ଲୋଇସିଂହା ବ୍ଲକ**

**୪ ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ମିଳିବ ଅନ୍ତ୍ୟୋଦୟ ଯୋଜନା ଗୃହ**

ଥିବା ସେ ଅଭିଯୋଗ କରିଥିଲେ । ସୁଭଦ୍ରା ଯୋଜନାରେ ମିଳୁଥିବା ସହାୟତାରେ ଯେ କୌଣସି ବ୍ୟବସାୟ କରି ସ୍ୱାବଲମ୍ବୀ ହେବାକୁ ସେ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟରୁ ୧୧ଟି କାର୍ଯ୍ୟକାରୀ ହୋଇଥିବା ବେଳେ ବାକି ପ୍ରତିଶ୍ରୁତି ଆଗାମୀ ୪ ବର୍ଷରେ ପୂରଣ କରାଯିବ ବୋଲି ସେ କହିଥିଲେ । ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ଖରିଫ ଓ ରବିରେ ଦେବାରେ ଓଡିଶା ଦେଶରେ ପ୍ରଥମ ରାଜ୍ୟ ବୋଲି ସେ କହିଥିଲେ । ଭୂମିହୀନମାନଙ୍କୁ ୪ ଡେସିମିଲ ଜାଗା ଓ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ସର୍ଭେ ସରିଥିବା ସେ କହିଥିଲେ । ଅନ୍ତ୍ୟୋଦୟ ଗୃହ ଯୋଜନାରେ ଲୋଇସିଂହା ବ୍ଲକରେ ୪ ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ଘର ପ୍ରଦାନ କରାଯିବ । ବିକଶିତ ଓଡିଶା ବିକଶିତ ଗାଁ ନାଁରେ ବର୍ଷକୁ ୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ । ଫଳରେ ଗାଁର ଓ ସହରର ବିକାଶ ହୋଇପାରିବ ବୋଲି ସେ କହିଥିଲେ । ଏହି ଅବସରରେ ନୂତନ ରାଶନ କାର୍ଡ, ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ, ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୩୫ଶହ ଭତ୍ତା ଆଦି ବଣ୍ଟନ କରାଯାଇଥିଲା ।

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ: ସୋମ୍‌ପେଟା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା. 24.06.2025 ରିଖ 1100 ଘଣ୍ଟିକା।
ନିଲାମ ଶେଷ ତାରିଖ ଓ ସମୟ: ତା. 24.06.2025 ରିଖ 1130 ଘଣ୍ଟିକା।
ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-237/Q/25-26

**MCL ମହାନଦୀ କୋଲ୍‌ଫିଲଡ୍ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5259

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
**Bid Identification No. S.E.E.C. (R&B) 05/2025-26**

No. 2012 Date: 06.06.2025

No. B-197: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: **https://tendersorissa.gov.in**. The details of bid documents will be available in the above website from Dt.21.06.2025 at 05.00 P.M. to Dt.05.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.07.07.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**
Addendum/Corrigendum, if required, will be available only in the website.

Sd./- Superintending Engineer
Electrical Circle (R&B), Odisha, BBSR
OIPR-34006/11/0036/2526

## ସଂକ୍ଷେପରେ

### ଟ୍ରାନ୍ସଫର୍ମର ତେଲ, କଏଲ ନେଇଗଲେ ଦୁର୍ବୃତ୍ତ

**ବରଗଡ଼ ୧୪।୬(ପ୍ରେମାନନ୍ଦ ଖମାରୀ):** ଶୁକ୍ରବାର ବିଳମ୍ବିତ ରାତିରେ ବରଗଡ଼ ଡାଙ୍ଗ ନିକଟସ୍ଥ ଶ୍ରୀଧାମରେ ଦୁର୍ବୃତ୍ତମାନେ ଟ୍ରାନ୍ସଫର୍ମରରୁ ତେଲ ଏବଂ କଏଲ ଚୋରି କରିନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଟ୍ରାନ୍ସଫର୍ମର ପାଖରେ କଟର ଏବଂ ଚପଲ ପଡ଼ିଥିବା ଦେଖିବାକୁ ମିଳିଛି। ଦୁର୍ବୃତ୍ତଙ୍କ ଏଭଳି କାଣ୍ଡ ଯୋଗୁ ଶ୍ରୀଧାମ ଅଞ୍ଚଳ ଅନ୍ଧାର ହୋଇ ପଡିଥିବା ବେଳେ ଅଞ୍ଚଳବାସୀଙ୍କୁ ହଟହଟା ହେବାକୁ ପଡ଼ିଛି। ଘଟଣାସ୍ଥଳକୁ ଅନୁସନ୍ଧାନୀ କୁକୁର ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଏବିଭିପି ଅଭ୍ୟାସ ବର୍ଗ ଉଦ୍‌ଯାପିତ

**ବରଗଡ଼,୧୪।୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ର କ୍ରୀଷ୍ଣା ବିକାଶ ସ୍କୁଲରେ ଚାଲିଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ଗୋବିନ୍ଦ ନାୟକ, ରାଷ୍ଟ୍ରୀୟ ଜନଜାତି ପ୍ରମୁଖ ପ୍ରମୋଦ ରାଉତ, ପୂର୍ବ କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଅପଂଶୁ ଶେଖର ସିଲ୍, ସହ ସଂଗଠନ ମନ୍ତ୍ରୀ ବୈଲୋଚନ ସାହୁ, ପଶ୍ଚିମ ପ୍ରାନ୍ତ ସଂଗଠନ ମନ୍ତ୍ରୀ ନିକୁଞ୍ଜ ବିହାରୀ ପଣ୍ଡା, ରାଜ୍ୟ ସଭାପତି ସଞ୍ଜୀପ ମିଶ୍ର, ରାଜ୍ୟ ସମ୍ପାଦକ ସ୍ୱତାଂଶୁ ବରାଇ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାର କୋଣ ଅନୁକୋଣରେ କାର୍ଯ୍ୟ କରୁଥିବା କାର୍ଯ୍ୟକର୍ତ୍ତାମାନଙ୍କୁ ନୂତନ ଦାୟିତ୍ୱ ପ୍ରଦାନ ନେଇ ଘୋଷଣା କରାଯାଇଥିଲା। ଏଥିରେ ଅତାବିରା ବ୍ଲକ ଖଇରପାଲି କର୍ମୀଟିକ୍ରାର ଅଚ୍ୟୁତ ମାଝୀଙ୍କୁ ବରଗଡ଼ ଜିଲା ସହ ପ୍ରମୁଖ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

### ସାମାଜିକ କର୍ମୀଙ୍କ ପରଲୋକ

**ପଦ୍ମପୁର, ୧୪।୬ (ପ୍ରଦୀପ୍ତ ଦାଶ) :** ପଦ୍ମପୁର ଟେକ୍ସି ୟୁନିୟନ ମୁଖ୍ୟ ତଥା ସାମାଜିକ କର୍ମୀ ଭାବେ ପରିଚିତ ପଦ୍ମପୁର ରଜାପଡ଼ା ନିବାସୀ ରବିନ୍ଦ୍ର ସାହୁ (୫୪)



ଙ୍କ ଶନିବାର ପରଲୋକ ଘଟିଛି । ସେ ନୃସିଂହ ନାଥରୁ ଫେରୁଥିବା ସମୟରେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କ ସାଙ୍ଗରେ ଥିବା ସହଯୋଗୀ ତୁରନ୍ତ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମାତ୍ର ଡାକ୍ତର ରବିନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ରବିନ୍ଦ୍ରଙ୍କ ଶେଷକୃତ୍ୟ ସମାପନ ହୋଇଥିଲା। ପୁଅ ଓମ ମୁଖାଗ୍ନି ଦେଇଥିଲେ।

# କୁମ୍ଭାରୀ ମଣ୍ଡିରେ ଚାଷୀଙ୍କ ଧାରଣା

**ବରଗଡ଼/ବରପାଲି,୧୪।୬ (ପ୍ରେମାନନ୍ଦ ଖମାରୀ/ଚିତ୍ତରଞ୍ଜନ ସାହୁ)**



ବରପାଲି ବ୍ଲକ କୁମ୍ଭାରୀ ମଣ୍ଡିରେ ଚାଷୀଙ୍କ ଧାରଣା।

ମୌସୁମୀ ପାଖେଇ ଆସୁଛି। ହେଲେ ବରଗଡ଼ ଜିଲାରେ ରବି ଧାନକିଣାରେ ଦେଖାଯାଇଥିବା ଅବ୍ୟବସ୍ଥା ଲାଗି ରହିଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ମାସେ ପୂରିଛି। କିନ୍ତୁ ଏପର୍ଯ୍ୟନ୍ତ ଜିଲାରେ ଆଶାନୁରୂପଭାବେ ଧାନକିଣା ସରି ନାହିଁ। ପ୍ରାୟ ୬୮ପ୍ରତିଶତ ଧାନକ୍ରୟ ହୋଇସାରି ଥିବାବେଳେ ଆହୁରି ୩୨ପ୍ରତିଶତ ଧାନ ଚାଷୀଙ୍କ ଖଳାଠାରୁ ଆରମ୍ଭ କରି ବିଭିନ୍ନ ମଣ୍ଡିର ଖୋଲା ଆକାଶତଳେ ପଡ଼ି ରହିଛି। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶନିବାର ଚାଷୀମାନେ ସଂଗଠିତ ହୋଇ ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀ ମଣ୍ଡିରେ ଧାରଣାରେ ବସି ଏବଂ ଭଟଲି ବ୍ଲକ ଜଡ଼ା ମଣ୍ଡିରେ ତାଲା ପକାଇ ଧାନ ଉଠାଣରେ ଶୀଥିଳତାର ପ୍ରତିବାଦ କରିଥିଲେ। ତେବେ ଜିଲାର ମଣ୍ଡି ଗୁଡ଼ିକରେ ଧାନ ଉଠାଣକୁ ତ୍ୱରାନ୍ୱିତ କରା ନଗଲେ ଚାଷୀ କ୍ଷତିଗ୍ରସ୍ତ ହେବା ସହିତ ଆଗକୁ ଚାଷୀ ଆନ୍ଦୋଳନ ଆହୁରି ବ୍ୟାପକ ହେବାର ଆଶଙ୍କା ଦେଖାଦେଇଛି।

ସୂଚନା ଅନୁଯାୟୀ, ଶନିବାର ସୁଦ୍ଧା ଜିଲାରେ ୬୩ହଜାର ୨୩୬ଚାଷୀଙ୍କଠାରୁ ୪୨ଲକ୍ଷ ୭୦ହଜାର ୪୧୭କୁଇଣ୍ଟାଲ ଧାନ କିଣା ସରିଛି। ଯାହାକି ଧାର୍ଯ୍ୟଲକ୍ଷ୍ୟଠାରୁ ୬୮ପ୍ରତିଶତ ହେବ। ଅନ୍ୟପଟେ କୁମ୍ଭାରୀ ମଣ୍ଡିରୁ ଧାର୍ଯ୍ୟଲକ୍ଷ୍ୟ ୬୩ହଜାର ୭୦୦କୁଇଣ୍ଟାଲ ମଧ୍ୟରୁ ମାତ୍ର ୧୮ହଜାର କୁଇଣ୍ଟାଲ ଅର୍ଥାତ୍ ମାତ୍ର ୩୫ପ୍ରତିଶତ ଧାନ କିଣାଯାଇଛି। ଉକ୍ତ ମଣ୍ଡିରେ ମାତ୍ର ୫ହଜାର କୁଇଣ୍ଟାଲ ଧାନ ରଖିବାର ବ୍ୟବସ୍ଥା ରହିଥିବାବେଳେ ୮ହଜାର କୁଇଣ୍ଟାଲ ଧାନ ପଡ଼ି ରହିଛି। ଧାନ କିଣାଯାଉ ନଥିବାରୁ ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ସରିବାକୁ ଯାଉଛି। ତେବେ ଟୋକନ ଅବଧି ସରିଗଲେ ଚାଷୀମାନେ ଧାନବିକ୍ରିରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ଏହାକୁ ନେଇ ଚାଷୀମାନେ ଉକ୍ତ ମଣ୍ଡିରୁ ଧାନ ଉଠାଣକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଶୁକ୍ରବାର ୭ଟ୍ରକ ଧାନ ଉଠାଣ ପାଇଁ ଉକ୍ତ ମଣ୍ଡିକୁ ଯାଇଥିବା ନେଇ ସହକାରୀ ଯୋଗାଣ ଅଧିକାରୀ(ଏସିଏସଓ) ବ୍ୟୋମକେଶ ମାଝୀ ଚାଷୀ ପ୍ରତିନିଧିଙ୍କୁ ସୂଚନା ଦେଇଥିବାବେଳେ ମାତ୍ର ୩ଟ୍ରକ ପହଞ୍ଚିଥିବା ଚାଷୀମାନେ କହିଛନ୍ତି। ଅପରପକ୍ଷେ ଅନ୍ୟ ୨ଟ୍ରକ(ନଂ-ଓଆର୧୫ଏମ ୪୪୨୨, ଓଆର୧୭ଜି ୨୪୪୧) ଉକ୍ତ ମଣ୍ଡିକୁ ନ ଆସି ବାହାରୁ ଧାନ ବୋଝେଇ କରି ଯାଉଥିବାବେଳେ ଅଞ୍ଚଳର ଚାଷୀଙ୍କ ହାତରେ ଧରାପଡ଼ିଥିଲା। ଚାଷୀମାନେ ସେହି ଧାନ ଟ୍ରକ୍‌କୁ ମଣ୍ଡିରେ ଅଟକ ରଖିଛନ୍ତି।

ଗୋଟିଏ ପଟେ ମଣ୍ଡିରେ ପଡ଼ି ରହିଥିବା ଧାନକୁ ତୁରନ୍ତ କିଣାଯାଇ ଉଠାଇବାକୁ ଚାଷୀମାନେ ବାରମ୍ବାର ଦାବି କରି ଆସୁଥିବା ସତ୍ତ୍ୱେ ତାକୁ ଅଣଦେଖା କରାଯାଉ ଥିବାବେଳେ ଅନ୍ୟପଟେ ମଣ୍ଡିକୁ ଆସି ନଥିବା ଧାନକୁ ବେପାରୀ ମାଧ୍ୟମରେ ସିଧାସଳଖ ବିଭିନ୍ନ ରାଇସ୍ ମିଲ୍‌କୁ ନିଆଯାଉଥିବା ଅଭିଯୋଗ କରି କୁମ୍ଭାରୀ ଅଞ୍ଚଳର ଚାଷୀଙ୍କ ଅସନ୍ତୋଷ ଦ୍ୱିଗୁଣିତ ହୋଇଥିଲା। ଏହି କ୍ରମରେ ଅଞ୍ଚଳର ଶତାଧିକ ଚାଷୀ କୁମ୍ଭାରୀ ମଣ୍ଡିକୁ ପହଞ୍ଚି ଧାରଣାରେ ବସିଥିଲେ। ଖବର ପାଇ ସହକାରୀ ଯୋଗାଣ ଅଧିକାରୀ ମାଝୀ, ବରଗଡ଼ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୋବିନ୍ଦ ନାଗ, ବରପାଲି ଅତିରିକ୍ତ ତହସିଲଦାର ହିମାଂଶୁ ନାୟକ, ସ୍ଥାନୀୟ ପାକ୍ସ ସଭାପତି ପ୍ରଫୁଲ୍ଲ ପ୍ରଧାନ, ସମ୍ପାଦକ ଅଗସ୍ତି ପ୍ରଧାନ, ବରପାଲି ପାକ୍ସ ସଭାପତି ଗୁରୁ ମେହେର ପ୍ରମୁଖ ଧାରଣାସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। କୌଣସି ଚାଷୀଙ୍କ ଧାନ ଭିଜିବ ନାହିଁ, ଟୋକନ ଲାପ୍ସ ହେବ ନାହିଁ ଏବଂ ପ୍ରତ୍ୟେକ ଦିନ ୩ହଜାର କୁଇଣ୍ଟାଲ ଲେଖାଏ ଧାନ ଉଠାଣ କରାଯିବ

**ତୁଟିନି ଧାନକିଣା ଅବ୍ୟବସ୍ଥା, ତାତିଲେ ଚାଷୀ**

**ଜଡ଼ା ମଣ୍ଡିରେ ତାଲା ପକାଇଲେ**

ବୋଲି ସେମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଉଠିଥିବାବେଳେ ଚାଷୀମାନେ ଅଟକ ରଖିଥିବା ଧାନ ବୋଝେଇ ୨ଟ୍ରକ୍ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ମଣ୍ଡିରୁ ଧାନ ଉଠାଣ ସରିବା ପରେ ଅଟକ ଟ୍ରକ୍ ନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ରଙ୍କ ସମେତ କୁମ୍ଭାରୀ ଗ୍ରାମର ଚାଷୀ ଗୁଣନିଧି ପ୍ରଧାନ, ରାଧେଶ୍ୟାମ ନାୟକ, ଜୟପ୍ରତାପ ସାହୁ, ତେଜରାଜ ବେହେରା, ପ୍ରଶାନ୍ତ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସେହିପରି ଜଡ଼ା ମଣ୍ଡିରେ ଅନୁରୂପ ଅଭିଯୋଗ କରିଛନ୍ତି। ଉକ୍ତ ମଣ୍ଡିରେ ୫ହଜାର କୁଇଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ପଡ଼ି ରହିଛି। ତାକୁ କ୍ରୟ କରା ନ ଯାଇ ଫଲ୍ସ ଏଣ୍ଟ୍ରି ମାଧ୍ୟମରେ ୭ହଜାର କୁଇଣ୍ଟାଲ ଧାନର ସ୍ଲିପ୍ କଟାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ କରି ଚାଷୀମାନେ ମଣ୍ଡିରେ ତାଲା ମାରିଥିଲେ। ପରେ ଖବର ପାଇଁ ଭଟଲି ଯୋଗାଣ ନିରୀକ୍ଷକ ସୁବ୍ରତ ଆଚାର୍ଯ୍ୟ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ରବିବାର ସୁଦ୍ଧା ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ମଣ୍ଡିରୁ ତାଲା ଖୋଲିଥିଲେ।

## ପୋଲିସର ଧରପଗଡ଼, ୪ଗିରଫ

**ବରଗଡ଼,୧୪।୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟାଉନ ଥାନା ପୋଲିସ ମଦ, ସଟ୍ଟା କାରବାର ଉପରେ ଶୁକ୍ରବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଟାଉନ ଥାନା ପୋଲିସ ପୃଥକ୍ ୩ ମାମଲା ରୁଜୁ କରିଛି। ସଟ୍ଟା ଚଢ଼ାଉରେ ପୋଲିସ ସ୍ଥାନୀୟ ହାଟପଦା ନିବାସୀ ଶିବ ମଲ୍ଲିକ ଓ ଗୌତମ ମଲ୍ଲିକଙ୍କୁ ଗିରଫ କରିଛି। ସେମାନଙ୍କ ପାଖରେ ସଟ୍ଟାଖେଳରେ ବ୍ୟବହୃତ କାଗଜାତ, ନଗଦ ଟଙ୍କା ଜବତ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ-୨୯୩/୨୫) ରୁଜୁ କରିଛି। ସେହିପରି ବରଡ଼ୋଲରେ ଚାଲିଥିବା ମଦ କାରବାର ଉପରେ ଚଢ଼ାଉ କରି ୪୦ଲିଟର ମଦ ଏବଂ ୮୦ହଜାର ୭୨୦ଟଙ୍କା ଜବତ ହୋଇଥିବାବେଳେ ସୁମିତ କୁମାର ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ ଟାଉନ ଥାନାରେ ଏକ ମାମଲା(ନଂ-୨୯୪/୨୫) ରୁଜୁ ହୋଇଛି। ସେହିପରି ସ୍ଥାନୀୟ ହାଟପଦା ନିବାସୀ ବସୁ ବଗର୍ତ୍ତୀଙ୍କୁ ଚୋରାମଦ କାରବାର ଉପରେ ପୋଲିସ ଗିରଫ କରିବା ସହିତ ତାଙ୍କଠାରୁ ଦେଶୀମଦ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ-୨୯୫/୨୫) ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

## ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ଝୁଲି ପଡ଼ିଲେ ସ୍ୱାମୀ

**ପଦ୍ମପୁର,୧୪।୬ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଥାନା ଭେଉଁରିଆ ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ଝୁଲି ପଡ଼ିଛନ୍ତି ସ୍ୱାମୀ। ମୃତକ ଜଣକ ହେଲେ ଶ୍ୟାମସୁନ୍ଦର ଭୋଇ। ସ୍ତ୍ରୀ ରତ୍ନୀଙ୍କ ଗୁରୁତର ଅବସ୍ଥାରେ ଚିକିତ୍ସା ଚାଲିଛି। ଭେଉଁରିଆ ଗାଁର ଶ୍ୟାମସୁନ୍ଦର ଓ ତାଙ୍କ ସ୍ତ୍ରୀ ରତ୍ନୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ଶ୍ୟାମସୁନ୍ଦର ରାଗି ଯାଇ ନିଶାସକ୍ତ ଅବସ୍ଥାରେ ରତ୍ନୀଙ୍କୁ ଟାଙ୍ଗିଆରେ ହାଣି ଦେଇଥିଲେ। ପରିବାର ଲୋକେ ରତ୍ନୀଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ପଠାଇଥିଲେ। ପରେ ଶ୍ୟାମସୁନ୍ଦର ନିଜ ଘରେ ଦୌଡ଼ି ଦେଇ ଝୁଲିପଡ଼ି ଆତ୍ମହତ୍ୟା କରିଥିଲେ। ତେବେ କେଉଁ କାରଣରୁ ସ୍ତ୍ରୀଙ୍କୁ ଆକ୍ରମଣ କରିବା ପରେ ଶ୍ୟାମସୁନ୍ଦର ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡ଼ି ନ ଥିବା ବେଳେ ପଦ୍ମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏ ନେଇ ପଦ୍ମପୁର ଥାନାରେ ନଂ. ୦୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ ରତ୍ନୀ ଭୋଇଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଶ୍ୟାମସୁନ୍ଦରଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ବରପାଲି ଏନ୍‌ଏସିରେ ବିକାଶ ବାହନକୁ ସ୍ୱାଗତ

**ବରପାଲି,୧୪।୫(ଚିତ୍ତରଞ୍ଜନ ସାହୁ)**



ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ପ୍ରଦାନ କରାଯାଉଛି।

ବରପାଲି ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦରେ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଏବଂ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ବାହାରିଥିବା ବିକାଶ ବାହନ ପହଞ୍ଚିଥିଲା। ଏହାକୁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏନ୍‌ଏସି ଅଧ୍ୟକ୍ଷ ଦୀନେଶ ଗହୀର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇ ସହରର ସମସ୍ତ ୱାର୍ଡକୁ ପରିକ୍ରମା କରାଯିବା ପାଇଁ ପତାକା ଧରି ଶୁଭାରମ୍ଭ କରାଯାଇଥିଲା । ଏଥିରେ ଅତିଥି ଭାବରେ ଏମ୍‌ପି ପ୍ରତିନିଧି ତଥା ବରପାଲି ନଗରମଣ୍ଡଳ ସଭାପତି ପଦ୍ମଲୋଚନ ସାହୁ, ବିଧାୟକ ପ୍ରତିନିଧି ପ୍ରତାପ ସିଂହ, ସିଓ ସ୍ନିଗ୍ଧାରାଣୀ ବିଶ୍ୱାଳ, କମ୍ପ୍ୟୁଟର ପ୍ରୋଗ୍ରାମର ସଞ୍ଜୀବ କୁମାର ପଣ୍ଡା, ପ୍ରୋଗ୍ରାମ ଇନଚାର୍ଯ୍ୟ ବିଶ୍ୱନାଥ ଭୋଇ, ରଞ୍ଜନ ପାଣ୍ଡେ, ସମସ୍ତ ୱାର୍ଡର ସ୍ୱଚ୍ଛ ସାଥୀ, ପ୍ୟାକ୍ସ ସଭାପତି ଗୁରୁ ମେହେର, ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଏନ୍‌ଏସିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତିରେ ହୋଇଥିବା ବିକାଶ ସମ୍ପର୍କରେ ସମସ୍ତ ଜନସାଧାରଣଙ୍କୁ ଅବଗତ କରାଯିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଏନ୍‌ଏସି ଅଧ୍ୟକ୍ଷ ଦୀନେଶ ଗହୀରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ ଏବଂ ସିଓ ସ୍ନିଗ୍ଧାରାଣୀ ବିଶ୍ୱାଳ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସାଂସଦ ପ୍ରତିନିଧି ପଦ୍ମଲୋଚନ ସାହୁ ଲୋକଙ୍କ ସେବାରେ ସମର୍ପିତ ଏକ ବର୍ଷ ଉପଲବ୍ଧି ଓ ତା'ର ସଫଳତାର ସହ କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିବାସହ ସରକାରଙ୍କ ମଧୁବାବୁ ପେନ୍‌ସନ ଯୋଜନାରେ ୩୭ଜଣ, ଇ-ରିକ୍ସା ଜଣେ ବିକଳାଙ୍ଗଙ୍କୁ ପ୍ରଦାନ କରାଯାଇଥିଲା।

## କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ଉଲୁଣ୍ଡା,୧୪।୬(ଗୌରଚନ୍ଦ୍ର ପରିଛା)**

**ଏକମାସ ହେଲା ପାଇପ ଜଳଯୋଗାଣ ବନ୍ଦ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମାଟିଖାଇ-ନୂଆପଡା ଗ୍ରାମରେ ଗତ ୧ମାସ ହେଲା ପାଇପ ଜଳଯୋଗାଣ ବନ୍ଦ ରହିଛି। ପାଇପ ଫାଟି ଯିବା ଏବଂ ବିଦ୍ୟୁତ୍ ତାର ଚୋରି ହୋଇଥିବା ଯୋଗୁ ଏହି ସମସ୍ୟା ଦେଖାଦେଇଛି। ପାଣି ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କର୍ଣ୍ଣପାତ କରାଯାଉନାହିଁ। ଫଳରେ ୮୦ ପରିବାର ବିଶିଷ୍ଟ ଏହି ଗାଁରେ ବସବାସ କରୁଥିବା ଲୋକେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ଗ୍ରାମରେ ଥିବା ନଳକୂପର ପାଣି ବ୍ୟବହାର ଉପଯୋଗୀ ହେଉନାହିଁ। ଏହାର ପ୍ରତିବାଦ କରି ଗ୍ରାମବାସୀ ଶନିବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜଳ ଯୋଗାଣ ନହେବା ପର୍ଯ୍ୟନ୍ତ ଏଠାରୁ ଯିବୁ ନାହିଁ ବୋଲି ଚେତାବନୀ ଦେଇଥିଲେ। ଯନ୍ତ୍ରୀ ନିରଞ୍ଜନ ସାହୁ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପାଇପ ଫାଟି ଯିବା ଏବଂ ବିଦ୍ୟୁତ୍ ତାର ଚୋରି ହୋଇଥିବା ଯୋଗୁ ଏହି ସମସ୍ୟା ଦେଖା ଦେଇଛି। ଯଥାଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ।



ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ।

## ବିକାଶ ମେଳାରେ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

**ବୌଦ୍ଧ,୧୪।୬(ଅଜିତ କୁମାର ବାରିକ):** ଗତ ୧୨ ତାରିଖଠାରୁ ବୌଦ୍ଧ କଟେରି ପଡିଆଠାରେ ଜିଲା ପ୍ରଶାସନ ପକ୍ଷରୁ ବିକାଶ ମେଳା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଜିଲାର ବିଭିନ୍ନ ପ୍ରତିଯୋଗିତା ଓ ଶିକ୍ଷା କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ବିକାଶ ମେଳାରେ ପୁରସ୍କୃତ କରାଯାଇଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଯୋଗୀନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଭିଜନ ଓଡିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ଉଦ୍ଦେଶ୍ୟରେ ଜିଲାସ୍ତରୀୟ ପ୍ରବନ୍ଧ




ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଓ ଚିତ୍ରାଙ୍କନ ପ୍ରତିଯୋଗିତା ଜିଲା ଶିକ୍ଷାଧିକାରୀ ଟେମେଲାଲ ଦୁବେଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ଚିତ୍ରାଙ୍କନରେ କରଞ୍ଜକଟା ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରିୟରଞ୍ଜନ ଘଣ୍ଟାଲ ପ୍ରଥମ, ଧଳପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ଇଶାନ୍ତ କୁମାର ମହାକୁଡ ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଁଳାବୁଆଁର ଛାତ୍ର ଶ୍ରୀକୃତି ଦନ୍ତା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହାବ୍ୟତୀତ ଶିକ୍ଷା କ୍ଷେତ୍ରରେ ଜିଲାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ଜିଲା ଶିକ୍ଷାଧିକାରୀ ଟେମେଲାଲ ଅତିଥି ଭାବେ ଯୋଗ ଦେଇଥିଲେ।

### ରକ୍ତଦାନ ଦିବସରେ ପଦଯାତ୍ରା

**ବରଗଡ଼,୧୪।୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ବିକାଶ ନର୍ସିଂ କଲେଜ ପକ୍ଷରୁ ଶନିବାର ବିଶ୍ୱ ରକ୍ତଦାନ ଦିବସ ପାଳିତ ହୋଇଛି। ଏହି ଅବସରରେ ନର୍ସିଂ କଲେଜର ଅଧ୍ୟାପିକା ଲଭ୍‌ଲି ମସି ଦାସ ଏବଂ ସୁଚରିତା ସେଠଙ୍କ ତତ୍ତ୍ୱାବଧାନରେ ପଞ୍ଚମ ସେମିଷ୍ଟର ଛାତ୍ରୀଛାତ୍ରମାନେ ବରଗଡ଼ ଥାନାଛକରୁ ସ୍ଥାନୀୟ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ। ପଦଯାତ୍ରା ସରିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ବହିର୍ବିଭାଗଠାରେ ଛାତ୍ରୀଛାତ୍ର ସ୍ୱାସ୍ଥ୍ୟଶିକ୍ଷା ପ୍ରଦାନ କରିଥିଲେ। ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ମୁଖ୍ୟ ପ୍ରଶାସନିକ ଅଧିକାରୀ ଅଜୟ ମହାପାତ୍ର ଏବଂ ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବିଶ୍ୱ ରକ୍ତଦାନ ଦିବସରେ ବିକାଶ ନର୍ସିଂ କଲେଜ ଛାତ୍ରୀଙ୍କ ପଦଯାତ୍ରା।

# ଚିତ୍ରଶିଳ୍ପୀଙ୍କ ତୂଳୀରେ ବିକାଶ ବାର୍ତ୍ତା

**ଜିଲାସ୍ତରୀୟ ବିକାଶ ମେଳା**

**ବରଗଡ଼,୧୪।୬(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଯଦୁମଣି ପ୍ରଧାନ ଅଡିଟୋରୀୟମରେ ଆୟୋଜିତ ହେଉଥିବା ଜିଲାସ୍ତରୀୟ ବିକାଶ ମେଳାର ତୃତୀୟ ଦିବସ ଶନିବାରରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ପୂଜାରୀ ଓରମାସ ପଲ୍ଲିଶ୍ରୀ ମେଳା, ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ବୁଲି ଦେଖିବା ପରେ ଜିଲାର ସମସ୍ତ ଗ୍ରାମ୍ୟ ଜଳ ପରିମଳ କମିଟିର ସଦସ୍ୟ, ସମସ୍ତ ସରପଞ୍ଚ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପିଇଓ, ଏବଂ ଜେଇ ମାନଙ୍କୁ ନେଇ ଆୟୋଜିତ ହୋଇଥିବା ଏକ ସାଧାରଣ ସଭା ଓ ପ୍ରଶିକ୍ଷଣ ଶିବିରକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ



ଚିତ୍ରଶିଳ୍ପୀଙ୍କ ତୂଳୀରେ ଅଙ୍କିତ ବିକାଶର ବାର୍ତ୍ତାକୁ ରାଜସ୍ୱ ମନ୍ତ୍ରୀ ଦେଖୁଛନ୍ତି।

ସେ ବିକଶିତ ଓଡିଶା ଗଠନରେ ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି ତଥା ବିଭିନ୍ନ ଯୁଗାନ୍ତକାରୀ ଯୋଜନା ବିଷୟରେ କହିବା ସହ ବରଗଡ଼ ତହସିଲ ଅନ୍ତର୍ଗତ ବରଗାଁ, ସାହ୍ଲେପାଲି ଆଦି ଗ୍ରାମର ମୋଟ ୩୮ ଜଣ ଭୂମିହୀନ ପରିବାରକୁ ବସୁନ୍ଧରା ପଟ୍ଟା ପ୍ରଦାନ କରିଥିଲେ। ବରଗଡ଼ ତହସିଲ ଅନ୍ତର୍ଗତ ୪ଟି ପ୍ରାଥମିକ ବିଦ୍ୟାଳୟ ସମେତ ଅତାବିରା ତହସିଲ ଅନ୍ତର୍ଗତ ୧୬ଟି ପ୍ରାଥମିକ ବିଦ୍ୟାଳୟର ନିଜସ୍ୱ ଜମିପଟ୍ଟା ପ୍ରଦାନ କରିଥିଲେ। ଚିତ୍ରଶିଳ୍ପୀ ଶିବିରକୁ ଉଦ୍‌ଘାଟନ କରିବା ସହ ମନ୍ତ୍ରୀ ପୂଜାରୀ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ବରଗଡ଼ ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଜିଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ମଧ୍ୟ ମଞ୍ଚାସୀନ ଥିଲେ। ସକାଳ ୮ଟାରେ ଗାନ୍ଧିଛକଠାରୁ ବିକାଶ ମେଳା ପର୍ଯ୍ୟନ୍ତ ବିକାଶ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯଦୁମଣି ପ୍ରଧାନ ଅଡିଟରୀୟମଠାରେ ଆୟୋଜିତ ଲୋକକଳା ଓ ବିଷୟବସ୍ତୁ ଭିତ୍ତିକ ସାଂସ୍କୃତିକ ବିଚିତ୍ରାରେ କଂସ ମହାରାଜ ରାଜ୍ୟ ସରକାରଙ୍କ ଏକବର୍ଷର ଉପଲବ୍ଧି ତଥା ଆମ ବରଗଡ଼ ଜିଲାରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ବିଷୟରେ ସମୀକ୍ଷା କରି ଧନୁ ଏବଂ ଧାନର ମାଟିର ସର୍ବାଙ୍ଗୀନ ଉନ୍ନତି କ୍ଷେତ୍ରରେ ଓଡିଶା ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ଲୋକଙ୍କୁ କହି ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହ ଜିଲାର ବେଷ୍ଟ ଫ୍ରଣ୍ଟ ଲାଇନ ୱାର୍କର ଭାବେ ଜଣେ ଆଶାକର୍ମୀ ଏବଂ ସଫେଇ କର୍ମଚାରୀଙ୍କୁ ମହାରାଜ କଂସ ସମ୍ମାନିତ କରିଥିଲେ ।

**ପୂର୍ବ ତଟ ରେଳପଥ**
ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ
ଷ୍ଟେସନ ଏବଂ ସ୍ଥାନ: ସୋମ୍ପେଟା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା. 24.06.2025 ରିଖ 1100 ଘଣ୍ଟା।
ନିଲାମ ଶେଷ ତାରିଖ ଓ ସମୟ: ତା. 24.06.2025 ରିଖ 1130 ଘଣ୍ଟା।
ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-237/Q/25-26

**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
**ବିଜ୍ଞପ୍ତି**
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5259

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
Bid Identification No. S.E.E.C. (R&B) 05/2025-26
No. 2012 Date: 06.06.2025
No. B-197: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from Dt.21.06.2025 at 05.00 P.M. to Dt.05.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.07.07.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum/Corrigendum, if required, will be available only in the website.
Sd./- Superintending Engineer
Electrical Circle (R&B), Odisha, BBSR
OIPR-34006/11/0036/2526

## ସଂକ୍ଷେପରେ

### ମାଛ ଧରୁଥିବାବେଳେ ପାଣିରେ ବୁଡି ଯୁବକ ମୃତ

ଦେବଗଡ଼,୧୪।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅନ୍ତର୍ଗତ ସୁଗୁଡା ସ୍ଥିତ କୁକୁରଗୁଡାଣି ନାଳରେ ମାଛ ଧରୁଥିବାବେଳେ ପାଣିରେ ବୁଡି ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ସୁଗୁଡା ଗ୍ରାମର ସୁର ନାହାକ(୪୫)। ସେ ମାଛ ମାରିବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ତାଙ୍କ ମୃତଦେହ ଉକ୍ତ ନାଳରେ ଭାସୁଥିବା ସୂଚନା ପାଇ ତାଙ୍କ ଭାଇ ପାଣିରୁ ଉଦ୍ଧାର କରିବା ସହ ଦେବଗଡ଼ ଥାନା ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେହିପରି ପରିବାର ଲୋକଙ୍କ ଲିଖିତ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି ।

### କମ୍ପାନୀ ପରିସରରୁ ୬ ସାଇକେଲ ଚୋରି

ଝାରସୁଗୁଡ଼ା,୧୪।୬(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଳର ଏକ କମ୍ପାନୀ ପରିସରରୁ ୬ଟି ସାଇକେଲ ଚୋରି ହୋଇଥିବା ବଡ଼ମାଳ ଥାନାରେ ଅଭିଯୋଗ ହୋଇଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ କମ୍ପାନୀ ପରିସରରେ ପଶି ୬ଟି ସାଇକେଲ ଚୋରି କରି ଫେରାର ମାରିଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ସିସିଟିଭି ଫୁଟେଜ ଆଧାରରେ ସ୍ଥାନୀୟ ବଞ୍ଜାରୀ ଅଞ୍ଚଳର ତିନିଜଣ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଶନିବାର ଅଭିଯୋଗ ହୋଇଛି। ମାମଲା ରୁଜୁ କରି ବଡ଼ମାଳ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

### ପାନ ଦୋକାନୀଙ୍କୁ ହତ୍ୟା ଧମକ

ଝାରସୁଗୁଡ଼ା,୧୪।୬(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହରର ବେହେରାମାଲ ଅଞ୍ଚଳର ଏମ୍.ଆନନ୍ଦ ନାମକ ଜଣେ ବ୍ୟକ୍ତି ବହୁ ଦିନରୁ ଆୟକର କାର୍ଯ୍ୟାଳୟ ନିକଟରେ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ଦୋକାନରୁ ପାନ ସାମଗ୍ରୀ ନେବା ସହ ଦୋକାନରେ ନିଆଁ ଲଗାଇ ଦେବାକୁ ପ୍ରୟାସ କରିଥିଲେ। ଅଭିଯୁକ୍ତ ମାନେ ଆନନ୍ଦଙ୍କୁ ଦୋକାନ ହଟାଇବା ସହ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି ଆନନ୍ଦ । ଏ ନେଇ ଏକ ମାମଲା ରୁଜୁ କରି ଟାଉନ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି ।

### ମହିଳାଙ୍କ ଆତ୍ମହତ୍ୟା

ସମ୍ବଲପୁର,୧୪।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ବରଗାଁ ଅଞ୍ଚଳରେ ଜଣେ ମହିଳା ଶନିବାର ଅପରାହ୍ନରେ ବେକରେ ରଶି ଲାଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ହେଲେ ରିତୁ ବଞ୍ଜର(୨୭)। ଅପରାହ୍ନରେ ସେ ତାଙ୍କ କୋଠରି ଫ୍ୟାନରେ ଝୁଲି ପଡିଥିବା ଜଣାପଡିଥିଲା। ପରିବାର ଲୋକେ କୋଠରି କବାଟ ଭାଙ୍ଗି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିକାଶ ମେଳାର ଦ୍ୱିତୀୟ ଦିବସ

ଦେବଗଡ଼,୧୪।୬(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ମେଳାର ଦ୍ୱିତୀୟ ଦିବସ ଶନିବାର ଦେବଗଡ଼ ପ୍ରଧାନପାଟ ବଡ଼ ବଗିଚାଠାରେ ପାଳିତ ହୋଇଯାଇଛି। ଉପ ଜିଲାପାଳ ପରିକ୍ଷିତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରିଆମାଳ ପଞ୍ଚାୟତ ସମିତି ମଧୁସୂଦନ ପ୍ରଧାନ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ବିରେନ କୁମାର ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିକଶିତ ଓଡିଶା ପାଇଁ ବିକଶିତ ଦେବଗଡ଼ ଅଭିମୁଖେ ୨୦୩୬ କୃଷକ ସଶକ୍ତି କରଣ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କୃଷି ବିଭାଗ ଓ ଉଦ୍ୟାନ ବିଭାଗ ପକ୍ଷରୁ ଉନ୍ନତ ମାନର ଚାଷ କାର୍ଯ୍ୟ ପାଇଁ ଆସିଥିବା ଚାଷୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୋନାଲିସା ପଣ୍ଡା ପରିଚାଳନା କରିଥିବା ବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ ।

# ମିଳିନି ଭତ୍ତା, ଆବାସ ଯୋଜନାରେ ଘର

**ସ୍ୱାମୀଙ୍କ ମୃତ୍ୟୁକୁ ୧୦ ବର୍ଷ ବିତିଲା**

ଟେନସା,୧୪।୬(ସମୀର କୁମାର ପାଢ଼ୀ)


ସରକାରୀ ଯୋଜନାରୁ ବଞ୍ଚିତ ମା' ଓ ପୁଅ।

ସ୍ୱାମୀଙ୍କ ମୃତ୍ୟୁ ଘଟିବାର ୧୦ ବର୍ଷ ହୋଇଗଲାଣି। ସ୍ତ୍ରୀ ରିଙ୍କି ମୁଣ୍ଡା(୫୦) ଏକ ମାତ୍ର ଛୋଟ ପୁଅ ମୁହଁରେ ଆହାର ଦେବା ପାଇଁ ନିକଟସ୍ଥ ହୋଟେଲରେ ଅଇଁଠା ବାସନ ମାଜି ଦୁଇ ପଇସା ଆଣିଲେ ଘରେ ଚୁଲି ଜଳୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ମାଲଡା ପଞ୍ଚାୟତ କଲମଙ୍ଗ ଗ୍ରାମରେ। ନନ୍ଦିଆ ମୁଣ୍ଡାଙ୍କ ପରିବାର କହିଲେ ସ୍ତ୍ରୀ ରିଙ୍କି ଓ ଏକ ମାତ୍ର ଛୋଟ ପୁଅ। ନନ୍ଦିଆ ଯାହା ରୋଜଗାର କରୁଥିଲେ ହସଖୁସିରେ ପରିବାର ଚଳୁଥିଲା। ହଠାତ୍ ନନ୍ଦିଆଙ୍କୁ ଜ୍ୱର ହେଲା। ଜ୍ୱରରେ ପଡି ଦୀର୍ଘ ୧୦ ବର୍ଷ ହେଲା ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ରିଙ୍କି ଭାଙ୍ଗି ପଡିଥିଲେ। ପରିବାରର ବୋଝ ତାଙ୍କ ଉପରେ ପଡିଲା। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟ ହୋଇପଡିଲା। ରାଶନ କାର୍ଡ ଥିଲେ ମଧ ରାଶନ ସାମଗ୍ରୀ ମିଳିଲା ନାହିଁ। ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି କୋଇଡା ବିଡିଓଙ୍କ ପାଖକୁ ଦୌଡି ଦୌଡି କୌଣସି ସୁଫଳ ମିଳିଲା ନାହିଁ। ବିଧବା ଭତ୍ତା ମଧ ମିଳିଲା ନାହିଁ। ଶେଷରେ ଛୋଟ ପୁଅ ମୁହଁରେ ଆହାର ଦେବା ପାଇଁ ନିକଟସ୍ଥ ହୋଟେଲରେ କାମ କରି ଯେତିକି ମିଳେ ମାଆ ପୁଅ ଚଳି ଯାଆନ୍ତି। ଏବେ ପୁଅକୁ ୧୧ବର୍ଷ ହେଲାଣି। ୧୦ବର୍ଷ ଭିତରେ କେତେ ଥର ସେ ପଞ୍ଚାୟତ ଓ କୋଇଡା ବ୍ଲକ ଅଫିସ ଦୌଡିଛନ୍ତି ତାହାର ହିସାବ ନାହିଁ। ତଥାପି ସରକାରୀ ଯୋଜନା ରିଙ୍କିଙ୍କ ପାଇଁ ସାତ ସପନ ହୋଇ ରହିଗଲା। ଘର ଖଣ୍ଡିଏ ନାହିଁ। ଭଙ୍ଗା ଦଦରା ଘରେ ମାଆ ପୁଅ ରହୁଛନ୍ତି। ଏନେଇ ରିଙ୍କି କହିଛନ୍ତି, ଅନେକ ଥର ମୁଁ ପଞ୍ଚାୟତ ଓ ବ୍ଲକ ଅଫିସ ଯାଇଛି। ହେଲେ କେହି ମୋ କଥା ଶୁଣିଲେ ନାହିଁ। ଆଜିକୁ ୧୦ ବର୍ଷ ହୋଇଗଲା ବିଧବା ଭତ୍ତା, ରାସନ କାର୍ଡ, କିମ୍ବା ରହିବା ପାଇଁ ବାସ ଗୃହ ଟିଏ ମିଳିଲା ନାହିଁ। ପୁଅକୁ ମୁଠାଏ ଖାଇବାକୁ ଦେବା ପାଇଁ କାହାରି ହୋଟେଲରେ ଅଇଁଠା ବାସନ ମାଜି ୨ପଇସା ଆଣିଲେ ଆମେ ଚଳୁଛୁ। ଏନେଇ କୋଇଡା ବିଡ଼ିଓ ରଶ୍ମି ରେଖା ପାତ୍ରଙ୍କୁ ପଚାରିବାରୁ, ଏନେଇ ସେ ଅବଗତ ନ ଥିବା କହିଛନ୍ତି। ରିଙ୍କିଙ୍କ ସହ ଯୋଗାଯୋଗ କରି ଯାହା ଅସୁବିଧା ଅଛି ତୁରନ୍ତ ଯୋଗାଇ ଦେବୁ ବୋଲି ପ୍ରକାଶ କରିଥିଲେ। କୋଇଡା ମଣ୍ଡଳ ଭାଜପା ସଭାପତି ରାମଚନ୍ଦ୍ର ପଲେଇଙ୍କୁ ପଚାରିବାରୁ, ଏ ସମ୍ପର୍କରେ ମୁଁ ଜାଣି ନଥିଲି। ତାଙ୍କ ଘରେ ପହଞ୍ଚି ତୁରନ୍ତ ଅସୁବିଧା ଦୂର କରିବେ ବୋଲି ପ୍ରକାଶ କରିଥିଲେ।

# ସୁନ୍ଦରଗଡ଼ର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱାରୋପ


ଜିଲାପାଳ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳାର ଶୁଭାରମ୍ଭ କରୁଛନ୍ତି।

ସୁନ୍ଦରଗଡ଼,୧୪।୬(ଜୟ ନାରାୟଣ ମେଣ୍ଟୁଲି):

**ବିକଶିତ ଓଡ଼ିଶା ନିମନ୍ତେ ବିକଶିତ ଜିଲା ଉପରେ କର୍ମଶାଳା**

ସ୍ଥାନୀୟ ସଂସ୍କୃତି ଭବନରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ଏବଂ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟଙ୍କ ମିଳିତ ଆନୁକୂଲ୍ୟରେ ବିକଶିତ ଜିଲା ପାଇଁ ବିକଶିତ ଓ ସନ୍ଦର୍ଭରେ ଏକ ଜିଲା ସ୍ତରୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଆଭାଷୀ ମାଧ୍ୟମରେ ଦିଲ୍ଲୀରୁ ଯୋଗ ଦେଇଥିଲେ। ଜିଲା ଯୋଜନା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ତିର୍କୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ସୁନ୍ଦରଗଡ଼ ପୌରାଞ୍ଚଳ ଅଧ୍ୟକ୍ଷା ତନୟା ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଭାରତୀୟ ପ୍ରଶାସନିକ ସେବାର ଶିକ୍ଷାନବିଶ ଫାବି ରଶୀଦ ଏବଂ ଭିନ୍ନ ଭିନ୍ନ କ୍ଷେତ୍ରର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ସରକାରଙ୍କ ବିକଶିତ ଓ ୨୦୩୬ ପାଇଁ ବିକଶିତ ଭାରତ ୨୦୪୭ କାର୍ଯ୍ୟକ୍ରମର ପରିବର୍ତ୍ତିତ ସ୍ୱରୂପ ମାଧ୍ୟମରେ ଭିନ୍ନ ଭିନ୍ନ କ୍ଷେତ୍ରର ବୁଦ୍ଧିଜୀବୀଙ୍କ ପରାମର୍ଶ କ୍ରମେ ସୁନ୍ଦରଗଡ ଜିଲାର ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଓରାମ ଆହ୍ୱାନ ଦେଇଥିଲେ। ଏଥିରେ ଜନ ପ୍ରତିନିଧି, ଶିକ୍ଷାବିତ, ଶିଳ୍ପପତି, ବ୍ୟାଙ୍କ ଓ ଆର୍ଥିକ ସେବା ପ୍ରତିନିଧି, ବେସରକାରୀ ଅନୁଷ୍ଠାନ ପରାମର୍ଶ ପାଇଁ ପାଞ୍ଚଟି ଭିନ୍ନ ଭିନ୍ନ ଦଳ ଗଠନ କରି ଆପୋସ ଆଲୋଚନା ମାଧ୍ୟମରେ ୨୦୩୬ ସୁଦ୍ଧା ବିକଶିତ ସୁନ୍ଦରଗଡ ଗଠନ ନିମନ୍ତେ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପାଞ୍ଚଟି ବିଷୟରେ ବିଶେଷଜ୍ଞ ପ୍ରତିନିଧିଙ୍କ ଦ୍ୱାରା ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉପସ୍ଥିତ ନାଗରିକମାନେ ମଧ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

ଜିଲାପାଳ ମହାଜନ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୁନ୍ଦରଗଡ ପରି ଏକ ଆଦିବାସୀ ଅଧୁଷିତ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ଜିଲା ସ୍ତରୀୟ ଅଧିକାରୀଙ୍କ ଦ୍ୱରିତ ଏବଂ ଶୃଙ୍ଖଳିତ କାର୍ଯ୍ୟ ନିର୍ବାହ ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସାଧାରଣ ଜନତା ମଧ ନିଜ ନିଜ ଅଞ୍ଚଳ ସହ ସାମର୍ଥ୍ୟ, ସରକାରୀ ଯୋଜନାରେ ଥିବା ବିଭିନ୍ନ ଅସୁବିଧା, ସମସ୍ୟା ଓ ଏହାର ନିରାକରଣ ନିମନ୍ତେ ଆଲୋଚନା କରିଥିଲେ। ଶେଷରେ ଜିଲା ଯୋଜନା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ବିଭୂତି ରଞ୍ଜନ ରାଉଳ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ସମସ୍ତ ନିମନ୍ତ୍ରିତ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ଏହି କର୍ମଶାଳାକୁ ଜିଲା ଯୋଜନା କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନାରେ ସହାୟତା କରିଥିଲେ।

### ଧରତୀ ଆବା ଜନଜାତି ଉତ୍କର୍ଷ ଅଭିଯାନ ବିକାଶ ଆବାହନ ସଚେତନ ରଥ ଶୁଭାରମ୍ଭ

ଦେବଗଡ଼,୧୪।୬(ଶଶାଙ୍କ ଶେଖର ଝାଙ୍କର)

ଧରତୀ ଆବା ଜନଜାତି ଉତ୍କର୍ଷ ଅଭିଯାନ ବିକାଶ ଆବାହନ ସଚେତନ ରଥ ଶନିବାର ଦେବଗଡ଼ ତହସିଲ ତିଳେଇବଣି ବ୍ଲକ ଲଇମୁରା ଜିପି ଓ ଗଣ୍ଡମ ଜିପିରେ ଶୁଭାରମ୍ଭ ହୋଇଯାଇଛି। ତିଳେଇବଣି ବ୍ଲକ ଡବ୍ଲୁଇଓ ରାମଚନ୍ଦ୍ର ସରେନ, ଲଇମୁରା ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରମିଳା କିଷାନ, ପିଇଓ ବିପିନ ବିହାରୀ ପ୍ରଧାନ, ଦେବଗଡ଼ ତହସିଲ ଅଫିସ ମୋ ଜଙ୍ଗଲ ଜମି ଅଧିକାରୀ ଭଞ୍ଜ କିଶୋର ସାହୁ, ଲଇମୁରା ,ରାଜସ୍ୱ ନିରୀକ୍ଷକ ସୁରେଶ ମିଞ୍ଜ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଧରତୀ ଆବା ଜନ ଜାତି ଉପରେ ଆଲୋଚନା କରି ଜନସାଧାରଣଙ୍କ ପାଖରେ କିପରି ପହଞ୍ଚି ପାରିବ ଓ ଯେଉଁ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ଜଙ୍ଗଲ ଅଧିକାର ଆଇନ ୨୦୦୬ ଜଙ୍ଗଲ ଜମି ଅଧିକାର ତାଙ୍କ ପାଖରେ ସବୁ ପହଞ୍ଚି ପାରିବ ସେ ବିଷୟରେ ଜନସାଧାରଣଙ୍କୁ ବୁଝାଇଥିଲେ। ଜଙ୍ଗଲ ଜମି ପଟ୍ଟାଦେଇ ଜନସାଧାରଣଙ୍କୁ ବୁଝାଇଥିଲେ। ରାସନ କାର୍ଡ, ଜବକାର୍ଡ ବିତରଣ କରିଥିଲେ।

### ଅସହାୟ ଶିଶୁକୁ ବଢିଲା ସହଯୋଗର ହାତ

ସମ୍ବଲପୁର,୧୪।୬(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୨୯ ଝାଙ୍କରପଡ଼ାର ସ୍ୱର୍ଗତ ରଞ୍ଜନ ରଣା ଓ ବେବି ରଣାଙ୍କ ପୁତ୍ର ତପନ(୮)। ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ୱାର୍ଡରେ ଚିକିତ୍ସାଧୀନ ମାତୃପିତୃହରା ତପନଙ୍କ ପାଦର ଅସ୍ତ୍ରୋପଚାର କରାଯାଇଛି। ଏହି ଖବର ପାଇ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପ୍ରଗତି ସହାୟତା ଯୋଗାଇ ଦେଇଛି। ଅନୁଷ୍ଠାନ ସଭାପତି ମନୋଜ ଶର୍ମା, ସମ୍ପାଦକ ନବ କିଶୋର ବାଗ, ରାଜେନ୍ଦ୍ର ସାହୁ, ଏକାମ୍ର ରଞ୍ଜନ ପତି, ଦୁର୍ଗା ପ୍ରସାଦ ବିଷୋୟୀ, ଭକ୍ତ ବାଗ, ବ୍ରହ୍ମାନନ୍ଦ ରାଉତ, ଇନ୍ଦ୍ରଜିତ ବାଗ, ନାରାୟଣ ମିଶ୍ର ପ୍ରମୁଖ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତପନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଗକୁ ମଧ ଆବଶ୍ୟକସ୍ଥଳେ ଅଧିକ ସହାୟତା ଯୋଗାଇ ଦେବାକୁ ଅନୁଷ୍ଠାନ ସଭାପତି ଶର୍ମା ଆଶ୍ୱାସନ ଦେଇଛନ୍ତି।

### ଶିବିରରେ ୧୩୧ ୟୁନିଟ ରକ୍ତ ସଂଗ୍ରହ


ରକ୍ତ ସଂଗ୍ରହ ନେଇ ଶପଥ କରାଯାଉଛି।

ସୁନ୍ଦରଗଡ,୧୪।୬(ଜୟ ନାରାୟଣ ମେଣ୍ଟୁଲି)

ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନ(ଜେଜେଟିଏ) ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ଅବସରରେ ଶନିବାର ସ୍ଥାନୀୟ ମହାଦେବ ପଡା ସ୍ଥିତ ଶଙ୍କର କଲ୍ୟାଣ ମଣ୍ଡପରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହ ଅଧିକାରୀ ସୁରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୌର ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ସଦର ଏସଡିପିଓ ନିର୍ମଳ ମହାପାତ୍ର, ବେଣୁମାଧବ ତ୍ରିପାଠୀ, ଜିଲା କ୍ରିଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଓସିଏର ଯୁଗ୍ମ ସମ୍ପାଦକ ବିଭୁଦେନ୍ଦ୍ର ଠାକୁର, ଅଶୋକ ଦାଶ, ରାଜକିଶୋର ଷଡଙ୍ଗୀ,ଅନିଲ ମହାପାତ୍ର ଯୋଗ ଦେଇଥିଲେ। ଜେଜେଟିଏର ଅଧ୍ୟକ୍ଷ ସଞ୍ଜୟ ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ସଂଘ ସଭାପତି ସଞ୍ଜୟ ପୋଦ୍ଦ, ଅବଦୁଲ ସାଜିଦ, ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ପରିଚାଳନା କରିଥିଲେ। ବିଶ୍ୱ ରଞ୍ଜନ ହୋତା ସଭା ସଞ୍ଚାଳନ କରିଥିଲେ। ଶିବିରରେ ମୋଟ ୧୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ମୁଖ୍ୟ ଡାକ୍ତରଖାନା ରକ୍ତ ଭଣ୍ଡାରର ଅଧିକାରୀ ଓ କର୍ମଚାରୀମାନେ ଏହି ରକ୍ତ ସଂଗ୍ରହ କାର୍ଯ୍ୟ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତ ଦାନ ପାଇଁ ଏକ ଶପଥ ପାଠ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା।

### ସୁନ୍ଦରଗଡ଼ରୁ ପ୍ରଶିକ୍ଷଣରେ ଯୋଗଦେଲେ ବୁଥ ସ୍ତରୀୟ ଅଧିକାରୀ

ସୁନ୍ଦରଗଡ଼,୧୪।୬(ଜୟ ନାରାୟଣ ମେଣ୍ଟୁଲି)

**ନୂଆଦିଲ୍ଲୀରେ ବୁଥ ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର**

ନୂଆଦିଲ୍ଲୀ ସ୍ଥିତ ଭାରତ ଆନ୍ତର୍ଜାତୀୟ ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା ପ୍ରତିଷ୍ଠାନଠାରେ ବୁଥ ସ୍ତରୀୟ ଅଧିକାରୀ ଏବଂ ବୁଥ ସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକଙ୍କ ୨ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଓଡ଼ିଶାର ବୁଥ ସ୍ତରୀୟ ଅଧିକାରୀ ଏବଂ ବୁଥ ସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକମାନେ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସୁନ୍ଦରଗଡ଼ ଜିଲାର ତଳସରା ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକ ସିଆରସିସି ଅର୍ଜ୍ଜୁନ ରୋହିଦାସ, ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀ ସହାୟକ ଶିକ୍ଷକ ମାନସ କୁମାର ପଟେଲ, ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକ ସହାୟକ ଶିକ୍ଷକ ନିରଞ୍ଜନ ମହତ, ରଘୁନାଥପାଲି ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକ ପିଇଟି ଗୌରବ ମହନ୍ତ, ରାଉରକେଲା ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକ ସହାୟକ ଶିକ୍ଷକ ମନୋଜ କୁମାର ସାହୁ, ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀ ସହାୟକ ଶିକ୍ଷକ ପଙ୍କଜ କୁମାର ଉପାଧ୍ୟାୟ, ବଣାଇ ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକ ସହାୟକ ଶିକ୍ଷକ ସଦାଶିବ ମହନ୍ତ ଯୋଗ ଦେଇଥିଲେ।

### ମୁକୁଳା ଟ୍ରାନ୍ସଫର୍ମରରେ ଲାଗି ୨ବଳଦ ମୃତ

ଗୋଲାମୁଣ୍ଡା,୧୪।୬(ବଟକୃଷ୍ଣ ପଣ୍ଡା): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହଲ ପଞ୍ଚାୟତ ବିଶିପଡା ଗ୍ରାମରେ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ୨ ବଳଦର ମୃତ୍ୟୁ ଘଟିଛି।

**ପୂର୍ବ ତଟ ରେଳପଥ**

ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ: ସୋମ୍ପେଟା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା. 24.06.2025 ରିଖ 1100 ଘଣ୍ଟିକା।
ନିଲାମ ଶେଷ ତାରିଖ ଓ ସମୟ: ତା. 24.06.2025 ରିଖ 1130 ଘଣ୍ଟିକା।
ଦ୍ରଷ୍ଟବ୍ୟ: ଏହି ନିଲାମ୍ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଗ୍ରହୀ ବିଡରମାନଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-237/Q/25-26

MCL
ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ।"
R-5259

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
Bid Identification No. S.E.E.C. (R&B) 05/2025-26
No. 2012 Date: 06.06.2025
No. B-197: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from Dt.21.06.2025 at 05.00 P.M. to Dt.05.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.07.07.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum/Corrigendum, if required, will be available only in the website.
Sd./- Superintending Engineer
OIPR-34006/11/0036/2526 Electrical Circle (R&B), Odisha, BBSR

# ରଜ ଉପଲକ୍ଷେ ଏକ ଦିବସୀୟ କ୍ରିକେଟ ପ୍ରତିଯୋଗିତା

ଲହୁଣୀପଡ଼ା,୧୪।୬(ଦାଶରଥି ପଣ୍ଡା)


ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା କ୍ରିକେଟ ଖେଳ ପଡ଼ିଆଠାରେ ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ରଜ ଉପଲକ୍ଷେ ଶନିବାର ଏକ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିଲେ। ଏହାର ଫାଇନାଲ ଖେଳରେ ଲହୁଣୀପଡା ସୁପର ପ୍ରଶାନ୍ତ ଦଳକୁ ୬ ଉଇକେଟରେ ହରାଇ ଲହୁଣୀପଡା ସୁପର କ୍ରିଷ ଦଳ ଚମ୍ପିୟାନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ, ସମ୍ମାନିତ ଅତିଥି ଆଶିଷ ଜୟସୱାଲ ଯୋଗଦେଇଥିଲେ। ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନର ସଭାପତି ଏମିଡି ଛୋଟୁ ଅଧ୍ୟକ୍ଷତା କରିଥିବାବେଳେ ବିକାଶ ଜୟସୱାଲ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମେ କମିଟିର କର୍ମକର୍ତ୍ତାମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସ୍ୱାଗତ କରିଥିବା ବେଳେ ଅତିଥିମାନେ ଖେଳାଳିଙ୍କ ସହିତ କରମର୍ଦ୍ଦନ କରି ଉତ୍ସାହିତ କରିବା ସହିତ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଏମଡି ଫିରୋଜ, ସଞ୍ଜୟ ସା ଶାନ୍ତି ଶୃଙ୍ଖଳାର ସହିତ ଖେଳ ପରିଚାଳନା କରିଥିଲେ। ଲିପୁନ ମାହାନ୍ତ, ଲକି ମାହାନ୍ତ, ପ୍ରଭାତ ମାହାନ୍ତ, ଏମଡି ଅମିନ, ଶୁଧାଂଶୁ ମାହାନ୍ତ, ବାଦଲ ସାହୁ, ଏମଡି ଗଲୁ, ବୁଡୁର ପ୍ରଧାନ, ଲିଙ୍କନ ପାତ୍ର, ଦିଲୀପ ମହାକୁଡ଼, କ୍ରିଷ ଜୟସୱାଲ ପ୍ରମୁଖଙ୍କ ସମେତ ସ୍ପୋର୍ଟସ ଆସୋସିଏଶନର କର୍ମକର୍ତ୍ତାମାନେ କ୍ରିକେଟ ପ୍ରତିଯୋଗିତା ପରିଚାଳନା କରିଥିବା ଜଣାପଡିଛି। ଶେଷରେ ଟିଙ୍କିନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ସଂଖ୍ୟାରେ କ୍ରିକେଟ ପ୍ରେମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମାଛ ଧରୁଥିବାବେଳେ ପାଣିରେ ବୁଡ଼ି ଯୁବକ ମୃତ

ଦେବଗଡ଼, ୧୪।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅନ୍ତର୍ଗତ ସୁଗୁଡା ସ୍ଥିତ କୁକୁରଗୁଡାଣି ନାଳରେ ମାଛ ଧରୁଥିବାବେଳେ ପାଣିରେ ବୁଡି ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ସୁଗୁଡା ଗ୍ରାମର ସୁର ନାହାକ(୪୫)। ସେ ମାଛ ମାରିବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ତାଙ୍କ ମୃତଦେହ ଉକ୍ତ ନାଳରେ ଭାସୁଥିବା ସୂଚନା ପାଇ ତାଙ୍କ ଭାଇ ପାଣିରୁ ଉଦ୍ଧାର କରିବା ସହ ଦେବଗଡ଼ ଥାନା ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେହିପରି ପରିବାର ଲୋକଙ୍କ ଲିଖିତ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି ।

### କମ୍ପାନୀ ପରିସରରୁ ୬ ସାଇକେଲ ଚୋରି

ଝାରସୁଗୁଡ଼ା, ୧୪।୬(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଳର ଏକ କମ୍ପାନୀ ପରିସରରୁ ୬ଟି ସାଇକେଲ ଚୋରି ହୋଇଥିବା ବଡ଼ମାଳ ଥାନାରେ ଅଭିଯୋଗ ହୋଇଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ କମ୍ପାନୀ ପରିସରରେ ପଶି ୬ଟି ସାଇକେଲ ଚୋରି କରି ଫେରାର ମାରିଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ସିସିଟିଭି ଫୁଟେଜ ଆଧାରରେ ସ୍ଥାନୀୟ ବଞ୍ଜାରୀ ଅଞ୍ଚଳର ତିନିଜଣ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଶନିବାର ଅଭିଯୋଗ ହୋଇଛି। ମାମଲା ରୁଜୁ କରି ବଡ଼ମାଳ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

### ପାନଦୋକାନୀଙ୍କୁ ହତ୍ୟା ଧମକ

ଝାରସୁଗୁଡ଼ା, ୧୪।୬(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହରର ବେହେରାମାଲ ଅଞ୍ଚଳର ଏମ୍.ଆନନ୍ଦ ନାମକ ଜଣେ ବ୍ୟକ୍ତି ବହୁ ଦିନରୁ ଆୟକର କାର୍ଯ୍ୟାଳୟ ନିକଟରେ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ଦୋକାନରୁ ପାନ ସାମଗ୍ରୀ ନେବା ସହ ଦୋକାନରେ ନିଆଁ ଲଗାଇ ଦେବାକୁ ପ୍ରୟାସ କରିଥିଲେ। ଅଭିଯୁକ୍ତ ମାନେ ଆନନ୍ଦଙ୍କୁ ଦୋକାନ ହଟାଇବା ସହ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି ଆନନ୍ଦ। ଏ ନେଇ ଏକ ମାମଲା ରୁଜୁ କରି ଟାଉନ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

### ମହିଳାଙ୍କ ଆତ୍ମହତ୍ୟା

ସମ୍ବଲପୁର, ୧୪।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ବରଗାଁ ଅଞ୍ଚଳରେ ଜଣେ ମହିଳା ଶନିବାର ଅପରାହ୍ନରେ ବେକରେ ରଶି ଲାଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ହେଲେ ରିତୁ ବଞ୍ଜର(୨୭)। ଅପରାହ୍ନରେ ସେ ତାଙ୍କ କୋଠରି ଫ୍ୟାନରେ ଝୁଲି ପଡିଥିବା ଜଣାପଡିଥିଲା। ପରିବାର ଲୋକେ କୋଠରି କବାଟ ଭାଙ୍ଗି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିକାଶ ମେଳାର ଦ୍ୱିତୀୟ ଦିବସ

ଦେବଗଡ଼, ୧୪।୬(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ମେଳାର ଦ୍ୱିତୀୟ ଦିବସ ଶନିବାର ଦେବଗଡ଼ ପ୍ରଧାନପାଟ ବଡ଼ ବଗିଚାଠାରେ ପାଳିତ ହୋଇଯାଇଛି। ଉପ ଜିଲାପାଳ ପରିକ୍ଷିତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ରିଆମାଳ ପଞ୍ଚାୟତ ସମିତି ମଧୁସୂଦନ ପ୍ରଧାନ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ବିରେନ କୁମାର ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିକଶିତ ଓଡିଶା ପାଇଁ ବିକଶିତ ଦେବଗଡ଼ ଅଭିମୁଖେ ୨୦୩୬ କୃଷକ ସଶକ୍ତି କରଣ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କୃଷି ବିଭାଗ ଓ ଉଦ୍ୟାନ ବିଭାଗ ପକ୍ଷରୁ ଉନ୍ନତ ମାନର ଚାଷ କାର୍ଯ୍ୟ ପାଇଁ ଆସିଥିବା ଚାଷୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୋନାଲିସା ପଣ୍ଡା ପରିଚାଳନା କରିଥିବା ବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରୀଡ଼ା ସଂଘ ନିର୍ବାଚନକୁ ନେଇ ବଢୁଛି ଉଷ୍ମତା

ଝାରସୁଗୁଡ଼ା, ୧୪।୬(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାରେ ଆସନ୍ତା ଅଗଷ୍ଟରେ ଜିଲା କ୍ରୀଡାସଂଘର ବୈଧତା ଶେଷ ହେଉଛି। ଏଣୁ ଏହାର ଏକମାସ ପୂର୍ବରୁ ଜୁଲାଇରେ ଜିଲା କ୍ରୀଡାସଂଘର ନିର୍ବାଚନ ପଦ୍ଧତି ଆରମ୍ଭ ହୋଇଯିବ। ଏବେଠାରୁ କ୍ରୀଡ଼ା ସଂଘ ନିର୍ବାଚନକୁ ନେଇ ଉଷ୍ମତା ବୃଦ୍ଧି ପାଉଛି। ବର୍ତ୍ତମାନ କ୍ରୀଡା ସଂଘ ନିର୍ବାଚନ ଯେତିକି ନିକଟତର ହେଉଛି କ୍ରୀଡାବିତ ଓ କ୍ରୀଡାସମର୍ଥକଙ୍କ ମଧ୍ୟରେ ବ୍ୟକ୍ତି ବିଶେଷଙ୍କୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ଜିଲା କ୍ରୀଡ଼ା ସଂଘରେ ଜିଲାପାଳ ସଭାପତି ପଦରେ ରହୁଥିବାବେଳେ ବାକି ପଦବୀ ପାଇଁ ନିର୍ବାଚନ ହୋଇଥାଏ। ଜିଲା କ୍ରୀଡା ସଂଘରେ ସାଧାରଣ ସମ୍ପାଦକ ଲାଗି ଗୋଟିଏ ପଦବୀ ରହିଛି। କାର୍ଯ୍ୟକାରୀ ସଭାପତି ପଦବୀ ମଧ୍ୟ ଗୋଟିଏ ରହିଛି। ଉପସଭାପତି ପଦବୀ ୩ ଟି ରହିଛି। ଯୁଗ୍ମ ସମ୍ପାଦକ ପଦବୀ ଓ କୋଷାଦକ୍ଷ ପଦବୀ, ଫୁଟବଲ ସମ୍ପାଦକ ପଦବୀ ଗୋଟିଏ ଲେଖାଏଁ ରହିଛି। ସେହିପରି କ୍ରୀଡ଼ା ସମ୍ପାଦକ, ଭଲିବଲ ସମ୍ପାଦକ, ବ୍ୟାଡମିଣ୍ଟନ



ଜିଲା କ୍ରୀଡା ସଂଘ କାର୍ଯ୍ୟାଳୟ ଉଦ୍‌ଘାଟନ ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଜିଲା କ୍ରୀଡା ସଂଘର କର୍ମକର୍ତ୍ତା।

ସମ୍ପାଦକ, ଆଚେରୀ ସମ୍ପାଦକ, ଇନଡୋର କ୍ରୀଡା ସମ୍ପାଦକ, କବାଡି ଖୋଖୋ ସମ୍ପାଦକ, ବ୍ୟାସକେଟବଲ ସମ୍ପାଦକ ଲାଗି ଗୋଟିଏ ପଦବୀ ରହିଛି। କାଉନସିଲ ସଦସ୍ୟ ଭାବରେ ୧୧ଟି ପଦବୀ ରହିଛି। ବିଗତ ନିର୍ବାଚନରେ ସାଧାରଣ ସମ୍ପାଦକ, ଉପସଭାପତି ପଦବୀ, ଫୁଟବଲ ସମ୍ପାଦକ, ଯୁଗ୍ମ ସମ୍ପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା ହୋଇ ନିର୍ବାଚନ ହୋଇଥିଲା। ଜିଲା କ୍ରୀଡାସଂଘର ନିୟମ ରହିଛି, ଜଣେ ବ୍ୟକ୍ତି ଏକ ପଦବୀରେ ୨ଥରରୁ ଅଧିକ ରହିପାରିବେ ନାହିଁ। ବର୍ତ୍ତମାନରେ ଥିବା ସମ୍ପାଦକ ତାପସରାୟ ଚୌଧୁରୀ, ଉପସଭାପତି ଜୀବନ ମହାନ୍ତି, ଉପସଭାପତି ବ୍ରିଜେଶ ଶର୍ମା ଓ କୋଷାଧକ୍ଷ ଗଣେଶ ନାଇକ ଦୁଇଥର ଏହି ପଦରେ ଥିବାଯୋଗୁ ଏମାନେ ୩ୟ ଥର ନିର୍ବାଚନ ଲଢି ପାରିବେ ନାହିଁ। ଯାହାକି ନିର୍ବାଚନ ଆଇନ ଅନ୍ତର୍ଭୁକ୍ତ ଅଟେ। ଏହି ୪ଜଣ କେବଳ ନୂତନ ପଦବୀ ପାଇଁ ନାମାଙ୍କନ ଦାଖଲ କରି ପାରିବେ। ସମ୍ପାଦକ ପଦବୀ ପାଇଁ ଜିଲାର ବିଜୟ ବେହେରା, ଦିଲେଶର ରାଓ ଏଥର ନିର୍ବାଚନ ଲଢ଼ିବା ନେଇ କ୍ରୀଡାପ୍ରେମୀ ମହଲରେ ଶୁଣାଯାଉଛି। ଜିଲା କ୍ରୀଡାସଂଘର ନିର୍ବାଚନକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇ ଗଲାଣି। ବର୍ତ୍ତମାନର ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମଧ ଏଥର ଏକ କ୍ଲବ ତରଫରୁ ଭୋଟ ପ୍ରଦାନ କରିବେ । ଅନ୍ୟ ବିରୋଧି ଦଳ ବରିଷ୍ଠ ନେତାମାନେ ମଧ ଭାଗ ନେଉଛନ୍ତି। କିନ୍ତୁ କ୍ରୀଡାବିତ ଓ କ୍ରୀଡାସମର୍ଥକମାନେ ଜିଲାରେ କ୍ରୀଡାର ଉନ୍ନତି ପାଇଁ ଯେଉଁ ବ୍ୟକ୍ତି ସମୟ ବିନିଯୋଗ କରିପାରିବେ ସେଭଳି ବ୍ୟକ୍ତି ବିଶେଷଙ୍କୁ ଜିତାଇବାକୁ ଚେଷ୍ଟା ଚଳାଇବା ଆରମ୍ଭ କଲେଣି। ଜିଲା କ୍ରୀଡା ସଂଘର ପ୍ରାୟ ୬୦ ସଭ୍ୟ କାହା ଉପରେ ଆଶା କରିବେ ତାହା ଆଗାମୀ ଦିନରେ ଜଣାପଡ଼ିବ।

# ସମ୍ବଲପୁରରେ ରେଡକ୍ରସ୍‌କୁ ସୁଦୃଢ଼ କରିଥିଲେ ଜୟ ଜର୍ଜ



ଜୟଜର୍ଜଙ୍କ ସ୍ମୃତିରେ ଶନିବାର ଅନୁଷ୍ଠିତ ସଭାରେ ଅତିଥି ଓ ଅନ୍ୟମାନେ।

ସମ୍ବଲପୁର, ୧୪।୬(ଭବାନୀ ଶଙ୍କର ଭୋଇ)

## ଶୋକସଭାରେ ଜୟ ଜର୍ଜଙ୍କ ସ୍ମୃତିଚାରଣ

ସମ୍ବଲପୁରରେ ରେଡକ୍ରସ କହିଲେ ଜୟ ଜର୍ଜଙ୍କୁ ବୁଝାଉଥିଲା। ସେ ରେଡ଼କ୍ରସକୁ ଅମଲାତାନ୍ତ୍ରିକ ବନ୍ଧନରୁ ମୁକ୍ତକରି ଏକ ଜନ ଆନ୍ଦୋଳନରେ ପରିଣତ କରିଥିଲେ। ସେଥିପାଇଁ ସମ୍ବଲପୁର ଜିଲା ରେଡକ୍ରସ ସମଗ୍ର ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା। ପ୍ରଶାସନିକ ଅଧିକାରୀ ଏବଂ ସାମାଜିକ କାର୍ଯ୍ୟକର୍ତ୍ତାଭାବେ ପ୍ରଚଣ୍ଡ ସମ୍ବେଦନଶୀଳତା ଓ ସହାନୁଭୂତି ସହ ସେବା ପ୍ରଦାନ କରି ଜୟ ଜର୍ଜ ସମାଜର ସବୁ ବର୍ଗର ପ୍ରିୟପାତ୍ର ହୋଇ ପାରିଥିଲେ। ଉତ୍ସର୍ଗ ଅନୁଷ୍ଠାନ ଆବାହକତ୍ୱରେ ଶନିବାର ସନ୍ଧ୍ୟାରେ ଆୟୋଜିତ ଶୋକସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ ଉପରୋକ୍ତ ମତ ପୋଷଣ କରିଛନ୍ତି।

ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଆୟୋଜିତ ପ୍ରାକ୍ତନ ପ୍ରଶାସକ ତଥା ଜିଲା ରେଡକ୍ରସର ପୂର୍ବତନ ସମ୍ପାଦକ ଜୟ ଜର୍ଜଙ୍କୁ ସମ୍ବଲପୁରର ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ହୀରାଖଣ୍ଡ ନାଗରିକ ପରିଷଦ ବରିଷ୍ଠ ସଭ୍ୟ ପ୍ରଫୁଲ୍ଲ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବକ୍ତାମାନେ କହିଥିଲେ, ଜୟ ଜର୍ଜ ସବୁବେଳେ କାମରେ ନିଜକୁ ନିୟୋଜିତ କରି ରଖିବାକୁ ଚେଷ୍ଟା କରୁଥିଲେ। ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ପୁତ୍ର ଓ ଏତେ ଦକ୍ଷତାର ଅଧିକାରୀ ହେବା ସତ୍ତ୍ୱେ ସେ ନିଜ ଆତ୍ମପ୍ରଚାର କରିବାକୁ ଚାହୁଁ ନ ଥିଲେ। ଜୀବନର ଶେଷ ଦିନ ମଧ ସେ ରେଡକ୍ରସ କାର୍ଯ୍ୟରେ ନିଜକୁ ନିୟୋଜିତ କରି ରଖିଥିଲେ। ସଭାରେ ଉତ୍ସର୍ଗର ସୁଧୀର ପୂଜାରୀ, ସମ୍ବଳର ରାମଦାସ ପଣ୍ଡା, ଲାୟନ୍ସ କ୍ଲବ ଓ ଚ୍ୟାମ୍ବର୍ ଅଫ କମର୍ସରୁ ଅଶୋକ ଜଲାନ, ମାରୱାଡି ଯୁବା ମଞ୍ଚରୁ ପରାଗ ଅଗ୍ରୱାଲ, ଯୁବ ଉଦୟନ ଓ ନାଟ୍ୟକଳା ପରିଷଦରୁ ଡ. ସିଦ୍ଧାର୍ଥ ପଣ୍ଡା, ଭୀମ ଭୋଇ ସାହିତ୍ୟ ସଂସଦରୁ ଲମ୍ବୋଦର ମିଶ୍ର, ରୋଟାରୀ କ୍ଲବରୁ କୈଳାସ ଅଗ୍ରୱାଲ, ମା' ଲିମସରିଏନ ଯୁବକ ସଂଘରୁ ଅମିତ ସ୍ୱାଇଁ, ହନୁମାନ କଲୋନୀ ୱେଲ ଫେୟାର ଆସୋସିଏଶନରୁ ଉମାଶଙ୍କର ଯୋଶୀ, ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପ୍ରଶାନ୍ତ ପାଟଯୋଶୀ, ସୋସିଆଲ ଷ୍ଟାର କ୍ଲବରୁ ମାନସ ପାଢୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘରୁ ଡ. ହରିଶଙ୍କର ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଗରିକ କଲ୍ୟାଣ ସଂଘରୁ ଗୋବିନ୍ଦ ଅଗ୍ରୱାଲ, ଜିଲା ରେଡକ୍ରସରୁ ପାର୍ବତୀ ସେଠ, ରୋଜାଲିନ ତିର୍କୀ, ଯାଦବ ସମାଜ ଟ୍ରଷ୍ଟରୁ ସୁରେନ୍ଦ୍ର ବରର୍ତ୍ତି, ସମ୍ବଲପୁର କଳା ପରିଷଦରୁ ଅପର୍ଣ୍ଣା ପାଢୀ, ମର୍ନିଂ କ୍ଲବରୁ ଡ. ବିଜୟ ପ୍ରଧାନ, ସେତୁରୁ ଡ. ମୀନକେତନ ପାଠୀ, ଓମସାରୁ ଡ. ମହେନ୍ଦ୍ର ନନ୍ଦ, କୃଷକ ସଙ୍ଗଠନରୁ ଅଶୋକ ପ୍ରଧାନଙ୍କ ସମେତ ରଜନୀକାନ୍ତ ନାଗ, ପ୍ରଦୀପ ବେହେରା ଡା ଗୁଣସାଗର ଦାଶ, ଅଧାପିକା ନିଳେନ୍ଦ୍ରି ପଣ୍ଡା, ସାମ୍ବାଦିକ ଶିବ ନନ୍ଦ, ମାମୀନା ଖାତୁନ ଏବଂ ଦିବଂଗତ ଜୟ ଜର୍ଜଙ୍କ ପୁତ୍ର ବିନୟ ଜର୍ଜ ଓ ଜ୍ୱାଇଁ ସୁମିତ ପତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଅହମଦାବାଦ ବିମାନ ଦୁର୍ଘଟଣାରେ ଜୀବନ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

### ଧରତୀ ଆବା ଜନଜାତି ଉତ୍କର୍ଷ ଅଭିଯାନ ବିକାଶ ଆବାହନ ସଚେତନ ରଥ ଶୁଭାରମ୍ଭ

ଦେବଗଡ଼, ୧୪।୬(ଶଶାଙ୍କ ଶେଖର ଝାଙ୍କର)

ଧରତୀ ଆବା ଜନଜାତି ଉତ୍କର୍ଷ ଅଭିଯାନ ବିକାଶ ଆବାହନ ସଚେତନ ରଥ ଶନିବାର ଦେବଗଡ଼ ତହସିଲ ତିଳେଇବଣି ବ୍ଲକ ଲଇମୁରା ଜିପି ଓ ଗଣ୍ଡମ ଜିପିରେ ଶୁଭାରମ୍ଭ ହୋଇଯାଇଛି। ତିଳେଇବଣି ବ୍ଲକ ଡବ୍ଲୁଇଓ ରାମଚନ୍ଦ୍ର ସରେନ, ଲଇମୁରା ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରମିଳା କିଷାନ, ପିଇଓ ବିପିନ ବିହାରୀ ପ୍ରଧାନ, ଦେବଗଡ଼ ତହସିଲ ଅଫିସ ମୋ ଜଙ୍ଗଲ ଜମି ଅଧିକାରୀ ଭଞ୍ଜ କିଶୋର ସାହୁ, ଲଇମୁରା ,ରାଜସ୍ୱ ନିରୀକ୍ଷକ ସୁରେଶ ମିଞ୍ଜ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଧରତୀ ଆବା ଜନ ଜାତି ଉପରେ ଆଲୋଚନା କରି ଜନସାଧାରଣଙ୍କ ପାଖରେ କିପରି ପହଞ୍ଚି ପାରିବ ଓ ଯେଉଁ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ଜଙ୍ଗଲ ଅଧିକାର ଆଇନ ୨୦୦୬ ଜଙ୍ଗଲ ଜମି ଅଧିକାର ତାଙ୍କ ପାଖରେ ସବୁ ପହଞ୍ଚି ପାରିବ ସେ ବିଷୟରେ ଜନସାଧାରଣଙ୍କୁ ବୁଝାଇଥିଲେ। ଜଙ୍ଗଲ ଜମି ପଟ୍ଟାଦେଇ ଜନସାଧାରଣଙ୍କୁ ବୁଝାଇଥିଲେ। ରାସନ କାର୍ଡ, ଜବକାର୍ଡ ବିତରଣ କରିଥିଲେ।

### ଅସହାୟ ଶିଶୁକୁ ବଢ଼ିଲା ସହଯୋଗର ହାତ

ସମ୍ବଲପୁର, ୧୪।୬(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୨୯ ଝାଙ୍କରପଡ଼ାର ସ୍ୱର୍ଗତ ରଞ୍ଜନ ରଣା ଓ ବେବି ରଣାଙ୍କ ପୁତ୍ର ତପନ(୮)। ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ୱାର୍ଡରେ ଚିକିତ୍ସାଧୀନ ମାତୃପିତୃହରା ତପନଙ୍କ ପାଦର ଅସ୍ତ୍ରୋପଚାର କରାଯାଇଛି। ଏହି ଖବର ପାଇ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପ୍ରଗତି ସହାୟତା ଯୋଗାଇ ଦେଇଛି। ଅନୁଷ୍ଠାନ ସଭାପତି ମନୋଜ ଶର୍ମା, ସମ୍ପାଦକ ନବ କିଶୋର ବାଗ, ରାଜେନ୍ଦ୍ର ସାହୁ, ଏକାମ୍ର ରଞ୍ଜନ ପତି, ଦୁର୍ଗା ପ୍ରସାଦ ବିଷୋୟୀ, ଭକ୍ତ ବାଗ, ବ୍ରହ୍ମାନନ୍ଦ ରାଉତ, ଇନ୍ଦ୍ରଜିତ ବାଗ, ନାରାୟଣ ମିଶ୍ର ପ୍ରମୁଖ ଶନିବାର ଜିଲା ମୁଖ୍ୟ ଚକିତ୍ସାଳୟରେ ପହଞ୍ଚି ତପନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଗକୁମଧ ଆବଶ୍ୟକସ୍ଥଳେ ଅଧିକ ସହାୟତା ଯୋଗାଇ ଦେବାକୁ ଅନୁଷ୍ଠାନ ସଭାପତି ଶର୍ମା ଆଶ୍ୱାସନ ଦେଇଛନ୍ତି।

# ପିକ୍‌ଅପ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ନେଇ ଉତ୍ତେଜନା



ପିକ୍‌ଅପ୍ ଭାରସାମ୍ୟ ହରାଇ ହାଇୱା ସହିତ ପିଟି ହୋଇଛି।

ଝାରସୁଗୁଡ଼ା, ୧୪।୬(ଆଶିଷ ରଞ୍ଜନ ଦାଶ)

- ରାସ୍ତାରୋକୋ ସହ ଥାନା ଘେରିଲେ ମହିଳା
- ବିଜୁ ଏକ୍ସପ୍ରେସ୍ ୱେରେ ଦୁର୍ଘଟଣା

ଝାରସୁଗୁଡା ଜିଲା ବଡ଼ମାଳ ଥାନା ଅଧୀନସ୍ଥ ସାହାପଡା କଣ୍ଟାପାଲି ବିଜୁ ଏକ୍ସପ୍ରେସ ୱେରେ ଏକ କୁକୁଡ଼ା ବୋଝେଇ ପିକଅପ୍ ଧକ୍କାରେ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ବଡ଼ମାଳ ଥାନା ଅନ୍ତର୍ଗତ କେ.କଣ୍ଟାପାଲି ଗ୍ରାମର ସୁରେନ୍ଦ୍ର ଭୋଇ (୪୫)। ତାଙ୍କ ମୃତ୍ୟୁ ପରେ କେ.କଣ୍ଟାପାଲି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାରୋକୋ କରିବା ସହ ମହିଳାମାନେ ଥାନା ଘେରିଥିଲେ।

ସୁରେନ୍ଦ୍ର ଏକ କମ୍ପାନୀକୁ କାମ କରିବା ପାଇଁ ସକାଳେ ନିଜ ସାଇକେଲରେ ଘରୁ ବାହାରି ବିଜୁ ଏକ୍ସପ୍ରେସ ୱେରେ ଯାଉଥିଲେ। ଏହି ସମୟରେ ସୁରେନ୍ଦ୍ରଙ୍କ ପଛପଟୁ ଏକ କୁକୁଡ଼ା ବୋଝେଇ ପିକଅପ୍ ଆସି ଜୋରରେ ଧକ୍କା ଦେଇଥିଲା। ପିକଅପ ବିଜୁଏକ୍ସପ୍ରେସ ୱେ ପାର୍ଶ୍ୱରେ ପାର୍କରେ ଥିବା ଏକ ହାଇୱା ସହିତ ଯାଇ ପିଟି ହୋଇଥିଲା। ଘଟଣା ସ୍ଥଳରେ ହିଁ ସୁରେନ୍ଦ୍ରଙ୍କ ଜୀବନ ଚାଲିଯାଇଥିଲା। ପିକଅପ୍‌ର ଡ୍ରାଇଭର ଏବଂ ହେଲପରଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ହେବାରୁ ବୁର୍ଲା ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଛି। ଏହାପରେ କେ.କଣ୍ଟାପାଲି ଗ୍ରାମବାସୀ ଏବଂ ସୁରେନ୍ଦ୍ରଙ୍କ ପରିବାର ଖବରପାଇ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ। କେ.କଣ୍ଟାପାଲିର ମହିଳାମାନେ ବଡ଼ମାଳ ଥାନା ଘେରାଉ କରିଥିଲେ। ପରେ ପିକଅପ୍ ମାଲିକ ମୃତକଙ୍କ ପରିବାରକୁ ୮୦ ହଜାର ଟଙ୍କା ଦେବା ପାଇଁ ସହମତ ହେବାରୁ କଣ୍ଟାପାଲିର ମହିଳାମାନେ ଘେରାଉ ବନ୍ଦ କରିଥିଲେ। ବଡ଼ମାଳ ପୋଲିସ ଲୋକଙ୍କୁ ବୁଝାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ବଡ଼ମାଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ୧୫ ଦିନ ମଧ୍ୟରେ ବିଜୁ ଏକ୍ସପ୍ରେସ ୱେରେ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଲାଣି।

# ମିଶନ ଆଶ୍ରାରେ ରଜ ଉତ୍ସବ ପାଳିତ



ମିଶନ ଆଶ୍ରାରେ ରଜ ପାଳନ କରୁଛନ୍ତି ଅନ୍ତେବାସୀ।

ଝାରସୁଗୁଡ଼ା, ୧୪।୬(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ପ୍ରଶାସନ ଓ ଜିଲା ଖଣିଜ ପାଣ୍ଠି ସହାୟତାରେ ପରିଚାଳିତ ପିପୁଲ୍ସ ଫୋରମ୍ କଟାପାଲିସ୍ଥିତ ମିଶନ ଆଶ୍ରା ଏବଂ ପଞ୍ଚପଡାସ୍ଥିତ ବୃଦ୍ଧାଶ୍ରମରେ ପହିଲି ରଜ ଶନିବାର ପାଳିତ ହୋଇଯାଇଛି। ମିଶନ ଆଶ୍ରାର ସମସ୍ତ ଅନ୍ତେବାସୀ ଏହି ପର୍ବକୁ ମିଳିମିଶି ଉପଭୋଗ କରିଥିଲେ। ଅନ୍ତେବାସୀ ସକାଳୁ ନୂଆବସ୍ତ୍ର ପରିଧାନ କରିବା ସହିତ ମେହେନ୍ଦି, କୁଙ୍କୁମ ଓ ଅଳତା ଲଗାଇ ସଜବାଜ ହୋଇ ବିଭିନ୍ନ ପ୍ରକାର ପିଠାଖାଇ ରଜ ଉତ୍ସବକୁ ଉପଭୋଗ କରିଥିଲେ। ରଜଦୋଳି, ରଜପାନ ଓ ରଜଗୀତ ଗାଇ ଦିନ ତମାମ ଏହି ପର୍ବ ପାଳନ କରିଥିଲେ। ଅନ୍ତେବାସୀ ଓ କର୍ମଚାରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବିଗତ ଦୀର୍ଘ ନଅ ବର୍ଷ ଧରି ଏହି ରଜପର୍ବ ମିଶନ ଆଶ୍ରାରେ ପାଳିତ ହେଉଛି। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲା ଖଣିଜ ପାଣ୍ଠି ବିଭାଗର ମୁଖ୍ୟ ବୈଷୟିକ ପରିଚାଳକ ଆର୍‌ଏସ୍ ମହାରାଜା, ଅବକାରୀ ବିଭାଗର ଉପଅଧୀକ୍ଷକ ଶ୍ରୀଲେକା ଏକା ଏବଂ ସହ ଅବକାରୀ ନିରୀକ୍ଷକ ବନ୍ଦନା ପଟ୍ଟନାୟକ, ପ୍ରକଳ୍ପ ଓ କାର୍ଯ୍ୟକ୍ରମ ଅଧିକାରୀଣି ଯଜ୍ଞସ୍ମିନ ମହାନନ୍ଦ ଏବଂ ପ୍ରକଳ୍ପ ଅଧିକାରୀଣି କ୍ରିଷ୍ଟାପ୍ରିୟା ପ୍ରଧାନ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ: ସୋମ୍ପେଟା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା. 24.06.2025 ରିଖ 1100 ଘଟିକା।
ନିଲାମ ଶେଷ ତାରିଖ ଓ ସମୟ: ତା. 24.06.2025 ରିଖ 1130 ଘଟିକା।
ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-237/Q/25-26


# ନେତା ହେବାକୁ ଟଣାଓଟରା

ଦେବଗଡ, ୧୪।୬(ଶଶାଙ୍କ ଶେଖର ଝାଙ୍କର)

- ନେତାଙ୍କ ପଛରେ ରହି ନେତା ହେବାକୁ କର୍ମୀଙ୍କ ସ୍ୱପ୍ନ
- ବିଭିନ୍ନ ମନ୍ତ୍ରୀଙ୍କ ସହ ଫଟୋ ଉଠାଇ ଦେଖାଇ ବୁଲୁଛନ୍ତି କର୍ମୀ
- କାମ କରାଇ ଦେବେ କହି ଫାଇଦା ନେଉଛନ୍ତି
- ନେତୃତ୍ୱ ନେବା ଜାଣି ନ ଥିବା କର୍ମୀଙ୍କର ବି ନେତା ହେବାର ଇଛା
- ଜିଲାର ଉନ୍ନତି ପାଇଁ ସମସ୍ତେ ଚେଷ୍ଟା କରିବାକୁ ବୁଦ୍ଧିଜୀବୀଙ୍କ ମତ

ଆୟତନରେ ଦେବଗଡ଼ ସାନ ଜିଲା, ଏକମାତ୍ର ବିଧାନସଭା ନିର୍ବାଚନମଣ୍ଡଳୀ। ଜନସଂଖ୍ୟା ବି କମ। କିନ୍ତୁ ନେତା ହେବାକୁ ଇଛା ରଖିଥିବା ଲୋକଙ୍କ ସଂଖ୍ୟା ବେଶୀ। ଅଧିକାଂଶ କର୍ମୀ ନେତା ହେବାକୁ ଇଛା ରଖିଛନ୍ତି। ସେଥିପାଇଁ ପରସ୍ପର ମଧ୍ୟରେ ଟଣାଓଟରା ଚାଲିଛି। ସମସ୍ତେ ଗୋଡ଼ ଟଣାଟଣି ରାଜନୀତିରେ ବ୍ୟସ୍ତ। ଏଠାରେ ନେତୃତ୍ୱ ନେବା ଜାଣି ନ ଥିବା ଲୋକ ବି ନେତା ହେବାର ଇଛା ରଖିଛନ୍ତି। ନେତାଙ୍କ ପଛରେ, ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କ ପଛରେ ଏପରିକି ମନ୍ତ୍ରୀଙ୍କ ପଛରେ ପଛରେ ରହୁଛନ୍ତି। ଜିଲାକୁ କୌଣସି ବଡ଼ନେତା ମନ୍ତ୍ରୀ ଆସିଲେ ତାଙ୍କ ପିଛା ଛାଡୁନାହାନ୍ତି। ସେମାନଙ୍କ ସହିତ ଫଟୋ ଉଠାଇ ଅଧିକାଂଶ ସାମାଜିକ ଗଣମାଧ୍ୟମରେ ଛାଡୁଛନ୍ତି। ନେତା, ମନ୍ତ୍ରୀଙ୍କ ପାଖଲୋକ କହି ସାଧାରଣ ଲୋକଙ୍କୁ ସାହାଯ୍ୟ କରାଇ ଦେବାର ପ୍ରତିଶ୍ରୁତି ଦେଉଛନ୍ତି। ଏଭଳି ନେତା ହେବାକୁ ସ୍ୱପ୍ନ ଦେଖୁଥିବା କେତେକ କର୍ମୀ ବିଭିନ୍ନ ଛକରେ, ଚା, ପାନ ଦୋକାନରେ ଖାଲି ରାଜନୀତି ଚର୍ଚ୍ଚା କରୁଛନ୍ତି। ମଜାର କଥା ହେଲା ନିଜ ଦଳ ବିଷୟରେ ଚର୍ଚ୍ଚାକରି ଯୁକ୍ତିତର୍କ କରୁଛନ୍ତି। ଅନ୍ୟ ଲୋକମାନେ କର୍ମୀଙ୍କ ଏହି ତର୍କବିତର୍କରୁ ବେଶ ମଜା ନେଉଛନ୍ତି। ଆଉ କେତେଜଣ ଭାବୁଛନ୍ତି, ସେମାନଙ୍କ ପାଖରେ ଟଙ୍କା ଅଛି, ନେତା ହୋଇଯିବେ। ଆଉ କେତେଜଣ ଜିଲାରେ ନେତୃତ୍ୱ ନେଉଥିବା ନେତା, ପଦପଦବୀରେ ଥିବା ନେତା, କେତେଜଣ (ସୋସିଆଲ ମିଡ଼ିଆ)ସାମାଜିକ ଗଣମାଧ୍ୟମ ସାମ୍ବାଦିକକୁ ନିଜ ଗାଡିରେ ବିଭିନ୍ନ ସ୍ଥାନ ବୁଲାଉଛନ୍ତି। ସେମାନଙ୍କୁ ବିବାହ ଭୋଜି, ଶ୍ରାଦ୍ଧ ଭୋଜି ଖୁଆଇ ବିଧାୟକ ହେବାର ସ୍ୱପ୍ନ ଦେଖୁଛନ୍ତି। ବୁଲୁଥିବା ଏହିସବୁ ସାମ୍ବାଦିକ ଆଉ କର୍ମୀମାନେ ନିଜକୁ ବହୁ ଜ୍ଞାନୀ ଆଉ ପାୱାରଫୁଲ ଭାବୁଛନ୍ତି। କର୍ମୀମାନଙ୍କ ନେତାଙ୍କ ପଛରେ ଗୋଡ଼ାଣିଆ ହେବା ଦେଖି କେତେକ ସାଧାରଣ ଲୋକ, ବୁଦ୍ଧିଜୀବୀ ଆଲୋଚନା କରୁଛନ୍ତି ଯେ, ନେତା ଆସିବେ ଯିବେ। ନେତାମାନେ ବିଭିନ୍ନ ଉପାୟ କରି ବେନିୟମରେ ପ୍ରବଳ ଟଙ୍କା ଆୟ କରୁଛନ୍ତି। ନେତାଙ୍କ ପଛରେ ନ ଯାଇ ନିଜର ଭବିଷ୍ୟତ ଅନ୍ଧକାର ନ କରି ଭବିଷ୍ୟତ କଥା ଚିନ୍ତା କଲେ ଭଲ ହେବ। ଯଦି କେହି ବଡନେତା, ମନ୍ତ୍ରୀ ଦେବଗଡ଼ ଗସ୍ତରେ ଆସୁଛନ୍ତି, ତାହା ହେଲେ କର୍ମୀଙ୍କ ଆଖିରୁ ନିଦ ହଜିଯିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। କେମିତି ନେତା, ମନ୍ତ୍ରୀଙ୍କୁ ଭେଟିବେ, ଆଉ ଏକ ଗାମୁଛା ତାଙ୍କ ବେକରେ ପକାଇ ଭଲ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡ଼ିବେ, ସେଇଟା ଆଗ ଚିନ୍ତା କରୁଛନ୍ତି। ସେତିକି ନୁହେଁ, ମନ୍ତ୍ରୀଙ୍କ ସହ ଉଠାଇଥିବା ଫଟୋ ଦେଖାଇ ଲୋକଙ୍କୁ କହି ବୁଲୁଛନ୍ତି, କିଛି କାମ ଥିଲେ କହିବ। ମନ୍ତ୍ରୀଙ୍କୁ କହି କରାଇ ଦେବି। ଏଭଳି କହି ଲୋକଙ୍କୁ ଭୂତାଇ ଫାଇଦା ନେଉଛନ୍ତି କିଛି କର୍ମୀ। ଆଗାମୀ ଦିନରେ ସେ ନିଜେ ନେତା ହେବେ ବୋଲି କହିବାକୁ ପଛାଉନାହାନ୍ତି। ଜଣେ କର୍ମୀ ଯଦି କହୁଛନ୍ତି, ନେତା ହେବେ ତେବେ ଅନ୍ୟ ଜଣେ କହୁଛନ୍ତି ସେ ବି ନେତା ହେବେ। କର୍ମୀଙ୍କ ଏମିତି ଆଲୋଚନା ଦେଖିଲେ ମନେ ହେଉଛି, ଯଦି ସମସ୍ତେ ନେତା ହୋଇଯିବେ କର୍ମୀ କିଏ ରହିବେ। ତେବେ ଦେବଗଡ଼ ଜିଲା ଏକ ଶିଳ୍ପବିହୀନ ଜିଲା। ଏହି ଜିଲାର କେମିତି ଉନ୍ନତି ହେବ। ନେତାଙ୍କ ଉପରେ ଜିଲାର ଉନ୍ନତି ଲାଗି କିପରି ଚାପ ସୃଷ୍ଟି କରାଯିବ, ତାହା ନ କରି ସମସ୍ତେ କେବଳ ନେତା ହେବା ପାଇଁ ବ୍ୟସ୍ତ ହୋଇପଡୁଛନ୍ତି। ଏଭଳି ନ ହୋଇ ଜିଲାର ଉନ୍ନତି ଲାଗି ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।


**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ।"
R-5259



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
**Bid Identification No. S.E.E.C. (R&B) 05/2025-26**
No. 2012 Date: 06.06.2025

No. B-197: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: **https://tendersorissa.gov.in**. The details of bid documents will be available in the above website from Dt.21.06.2025 at 05.00 P.M. to Dt.05.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.07.07.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**
Addendum/Corrigendum, if required, will be available only in the website.

Sd./- Superintending Engineer
OIPR-34006/11/0036/2526 Electrical Circle (R&B), Odisha, BBSR

# ନଳକୂପରୁ ବାହାରୁଛି କାଦୁଅ ପାଣି

## ପାଣି ପାଇଁ ପଡ଼ାବାସୀ ହନ୍ତସନ୍ତ

ଲାଞ୍ଜିଗଡ଼,୧୪ା୬(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ରୋଡ଼ ପଞ୍ଚାୟତ ଅନ୍ତର୍ଗତ କିଡିଙ୍ଗ ଗାଁର ହରିଜନ ପଡ଼ାଠାରେ ଥିବା ନଳକୂପରୁ କାଦୁଅ ପାଣି ବାହାରୁଛି। ପ୍ରାୟ ୩ମାସ ହେଲା ଏହି ସମସ୍ୟା ଯୋଗୁ ପଡ଼ାବାସୀ ହନ୍ତସନ୍ତ ହେଉଛନ୍ତି। ଏହି ପଡାରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ଗୋଟିଏ ନଳକୂପ ରହିଛି। ହେଲେ ଏଥିରୁ ଜିଆ, କାଦୁଅ, ଲୁହା ଗୁଣ୍ଡ ବାହାରୁଥିବା ବେଳେ ପର୍ଯ୍ୟାପ୍ତ ପାଣି ମଧ୍ୟ ମିଳି ପାରୁନାହିଁ। କୌଣସି ବିକଳ୍ପ ନ ଥିବାରୁ ଲୋକେ ବାଧ ହୋଇ ସେହି ପାଣିକୁ କପଡାରେ ଛାଣି ପିଉଥିବା ପ୍ରକାଶ କରିଛନ୍ତି। ଏହି ପାଣି ପିଇ ସେମାନେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ନଳକୂଅ ମରାମତି ପାଇଁ ଲୋକେ



ନଳକୂଅରୁ କାଦୁଅ ପାଣି ବାହାରୁଛି।

ପଞ୍ଚାୟତ କର୍ତ୍ତୃପକ୍ଷଠାରୁ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ। ଅନ୍ୟପକ୍ଷରେ ବସୁଧା ଯୋଜନାରେ ପଡ଼ାର ପ୍ରତ୍ୟେକ ଘରକୁ ପାଇପ୍ ସଂଯୋଗ କରାଯାଇଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ପଡାକୁ ଜଳଯୋଗାଣ ଠିକ୍‌ରେ ହୋଇପାରୁ ନାହିଁ। ନଳକୂଅ ମରାମତି କରିବା ସହିତ ଆଉ ଏକ ସୋଲାର ଓଭରହେଡ ଟାଙ୍କି ମାଧ୍ୟମରେ ପାଣି ଯୋଗାଇବାକୁ ପଡାର କୁମାରୀ ଛତ୍ରିଆ, ଅନସୂୟା ଛତ୍ରିଆ, ପ୍ରେମ ତାଣ୍ଡି, ମନୋଜ ଛତ୍ରିଆ, ବିଜୟ ଭରାସଗରିଆ, ବିଶାଖା ଛତ୍ରିଆ, ବିଶାଖା ବାଗ ପ୍ରମୁଖ ପ୍ରଶାସନକୁ ଅନୁରୋଧ କରିବା ସହିତ ଶୀଘ୍ର ପାଣି ସମସ୍ୟା ଦୂର ନହେଲେ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ଜଳଯୋଗାଣ ଯନ୍ତ୍ରୀ ଦଶମନ୍ତ ମାଝୀଙ୍କୁ ପଚାରିବାରୁ ସେ କହିଥିଲେ, ଅଭିଯୋଗ ଅନୁସାରେ ମୁ ପଡାକୁ ଯାଇ ତଦାରଖ କରିଛି। ଛୁଟି ଥିବା ହେତୁ ମରାମତି ଗାଡ଼ି ଯାଇପାରିଲା ନାହିଁ। ସୋମବାର ଗାଡ଼ି ପଠାଇ ତା'ର ମରାମତି କରାଯିବ ବୋଲି ପ୍ରକାଶ କରିଥିଲେ।

## ରିଷିଡ଼ାରେ ବିକାଶ ବାହନ ଯାତ୍ରା

ରିଷିଡ଼ା,୧୪ା୬(ସୁଶାନ୍ତ ମଲ୍ଲିକ)

ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହନ ରଥ ଶନିବାର ରିଷିଡାରେ ପହଞ୍ଚିଥିଲା। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରଥକୁ ସମ୍ବର୍ଦ୍ଧନା ଦିଆଯିବା ପରେ ଏଲ୍‌ଇଡି ମାଧ୍ୟମରେ ସରକାରଙ୍କ ଯୋଜନା ପ୍ରଦର୍ଶନ କରାଯାଇଥିଲା। ଆୟୋଜିତ ସଭାରେ ସରପଞ୍ଚ ସେବତୀ ରଣା ସଭାପତିତ୍ୱ କରିଥିବାବେଳେ ନାଏକ ସରପଞ୍ଚ ନରେଶ ଦାଶ, ବନ ବିଭାଗରୁ ସତ୍ୟଭାମା ନାଏକ, ସାଇଚନ୍ଦନ ନାଏକ, ଗୁନୁ ଛତିଆ, ପ୍ରାଣୀସମ୍ପଦ ବିଭାଗରୁ ସୁବଳୟା ମଞ୍ଜରୀ ବଲିୟାର ସିଂ, କୃଷି ବିଭାଗରୁ ପ୍ରିତିସ୍ୱିନୀ ରାଉତରାୟ, ସ୍ୱାସ୍ଥ୍ୟ ବିଭାଗରୁ ଜଟିଲା ମଞ୍ଜରୀ ଲେଙ୍କା ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ଉପରେ କହିଥିଲେ। ପିଇଓ ଦେବରାଜ ରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ଗୃହ କାର୍ଯ୍ୟଦେଶ, ରାସନ କାର୍ଡ, ଭତ୍ତା ପ୍ରଦାନ କରାଯାଇଥିଲା।

# ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ: ୩ ଗିରଫ



ଗିରଫ ଅଭିଯୁକ୍ତମାନେ।

ଥୁଆମୂଳ ରାମପୁର, ୧୪ା୬ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଥାନା ଅଞ୍ଚଳରେ ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ କରୁଥିବା ୩ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ପୁଲିଙ୍ଗପଦର ଗ୍ରାମର ପ୍ରବୀଣ ମାଝୀ (୨୩), ଅକ୍ଷୟ ମାଝୀ (୨୦) ଓ ରୋହିତ ମାଝୀ (୧୯)। ସେମାନଙ୍କଠାରୁ ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର ଜବତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ଦାବରିଗୁଡ଼ା ଗ୍ରାମର କେଶରୀ ବାଗ ଓ ସାଇସୁରୁଣି ଗ୍ରାମର ମୋହନ ରେଲି ଭବାନୀପାଟଣାଠାରୁ ବାଇକ୍ ଯୋଗେ ଘରକୁ ଆସୁଥିବା ବେଳେ ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଶୁକ୍ରବାର କେଶରୀ ବାଗ ଏ ନେଇ କର୍ଲାପାଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ପରେ ଅଭିଯୁକ୍ତମାନଙ୍କୁ ସେମାନଙ୍କ ଘରୁ ଗିରଫ କରିବା ସହ ଏକ ଦେଶୀ ପିସ୍ତଲ ଓ ୨ଟି ଛୁରି ଜବତ କରିଥିଲା। ଏ ନେଇ କେସ୍ ନଂ.୧୫/୨୫ରେ ମାମଲା ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ ଜେଏମ୍ଏଫ୍‌ସି କୋର୍ଟ ନେଇଥିଲେ ହେଁ ଛୁଟି ଥିବାରୁ ମାଜିଷ୍ଟ୍ରେଟଙ୍କ ବାସଭବନରେ ହାଜର କରାଇ ଜିଲା ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା ସୂଚନା ଦେଇଛନ୍ତି।

# ଭାଲୁ ଆକ୍ରମଣରେ ୨ ଯୁବକ ଗୁରୁତର

## ଆକ୍ରମଣ ଭୟରେ ଗଛକୁ ଚଢ଼ିଲେ ଲୋକେ

ନୂଆପଡ଼ା,୧୪ା୬ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଅଧୀନ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ଗାଁରେ ଶନିବାର ଭାଲୁ ଆକ୍ରମଣରେ ୨ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୋସେଙ୍ଗ ଗାଁର ଦିପଚନ ମାଝି(୩୭) ଓ ଅମୂଳ ମାଝି (୨୮)। ସୂଚନା ଅନୁଯାୟୀ ସକାଳେ ଦିପଚନ ଓ ଅମୂଳ ଡାଲାମପଲା ଜଙ୍ଗଲକୁ ଜେଲେଣି କାଠ ପାଇଁ ଯାଇଥିଲେ। ସେହି ସମୟରେ ଖାଦ୍ୟ ଅନ୍ୱେଷଣରେ ନବଜାତ ଛୁଆମାନଙ୍କୁ ଧରି ବୁଲୁଥିବା ଭାଲୁ ସେମାନଙ୍କୁ ଆକ୍ରମଣ କରିଥିଲା। ପ୍ରଥମେ ଅମୂଳଙ୍କୁ ଭାଲୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲା। ଦିପଚନ ଛଡାଇବା ପାଇଁ ଉଦ୍ୟମ କରୁଥିବା ବେଳେ ସେ ମଧ୍ୟ ଭାଲୁ ଆକ୍ରମଣରେ ଗୁରୁତର ହୋଇଥିଲେ। ଦିପଚନଙ୍କୁ ଆକ୍ରମଣ ସମୟରେ ରକ୍ତାକ୍ତ ହୋଇଥିବା ଅମୂଳ ଉକ୍ତ ଜଙ୍ଗଲରେ ଥିବା ପହରିଆ ଘରକୁ ଦୌଡ଼ି ପଳାଇଥିଲେ। ପହରିଆ ବୁଢା ଗାଁ ଲୋକଙ୍କୁ ଖବର ଦେବା ପରେ ୧୦ରୁ ଊର୍ଦ୍ଧ୍ୱ ଲୋକ ସେମାନଙ୍କୁ ଉଦ୍ଧାର ପାଇଁ ଜଙ୍ଗଲରେ ପହଞ୍ଚିଲେ। ଭାଲୁ ସେମାନଙ୍କୁ ଆକ୍ରମଣ ପାଇଁ ଦୌଡିବାରୁ ସମସ୍ତେ ଗଛ ଉପରକୁ ଚଢି ଯାଇଥିଲେ। ଭାଲୁ ନିଜ ଛୁଆମାନଙ୍କୁ ରଖି ପଇଁତରା ମାରୁଥିବାରୁ ଗଛରେ ଥିବା ଲୋକେ ତଳକୁ ଓହ୍ଲାଇ ପାରୁ ନ ଥିଲେ। ଦୀର୍ଘ ୩ରୁ ୪ ଘଣ୍ଟା ପରେ ଭାଲୁ ଛୁଆମାନଙ୍କୁ ନେଇ ଏକ ଗଛ ଛାଇରେ ଶୋଇପଡିବାରୁ ଗଛ ଉପରେ ଥିବା ଲୋକମାନେ ଓହ୍ଲାଇ ଖସି ଆସିଥିଲେ। ଗାଁର ୨ଜଣ ବ୍ୟକ୍ତି ଅନ୍ୟ ରାସ୍ତା ଦେଇ ବାଇକ୍‌ରେ ଯାଇ ଗୁରୁତରମାନଙ୍କୁ ଆଣି ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଏଚ୍‌ପିସିଏଲ୍ ପ୍ରକଳ୍ପ: ସହଯୋଗ ଯୋଗାଇବ ଜିଲା ପ୍ରଶାସନ



ବୈଠକରେ ଏଚ୍‌ପିସିଏଲ୍ ପ୍ରକଳ୍ପ ଉପରେ ଆଲୋଚନା କରାଯାଉଛି।

ନୂଆପଡ଼ା,୧୪ା୬ (ମକାରୁ ବେମାଲ)

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଚାହିଦା ପୂରଣ କରିବା ପାଇଁ ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜିଠାରେ ଏକ ନୂତନ ଏଚ୍‌ପିସିଏଲ୍ ପ୍ରକଳ୍ପ ଡିପୋ ନିର୍ମାଣ ହେବ। ଏହି ପାଇପ୍‌ଲାଇନ ନୂଆପଡ଼ା ଜିଲା କୋମନା ତହସିଲର ୧୯ ଗାଁ ଓ ନୂଆପଡ଼ା ତହସିଲର ୧୧ ଗାଁ ଦେଇ ଯିବ। ନୂଆପଡ଼ା ଜିଲାରେ ମୋଟ ୪୮ କି.ମି. ଲମ୍ବ ପାଇପ୍‌ଲାଇନ ରହିବ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିବାରୁ କମ୍ପାନୀ କର୍ତ୍ତୃପକ୍ଷ ଜିଲା ପ୍ରଶାସନର ସହାୟତା ପାଇଁ ଅନୁରୋଧ କରିଥିଲେ। ଏହାକୁ ନେଇ ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଭୂ-ଅର୍ଜନ ଅଧିକାରୀ ହେମନ୍ତ ପୁଟା, କୋମନା-ନୂଆପଡ଼ା ତହସିଲଦାର, ଏଚ୍‌ପିସିଏଲ୍ ପ୍ରକଳ୍ପ ପରିଚାଳକ ରମେଶ ଚନ୍ଦ୍ର ସେଠୀ, ଅନିତା ମୀନା, ରେଶେଭ ଥାପଲିୟାଲ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ତୈଳ ଉଦ୍ୟୋଗ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ ଦ୍ୱାରା ବିଶାଖାପାଟଣାରୁ ରାୟପୁରକୁ ଦୀର୍ଘ ୫୪୦ କିଲୋମିଟର ପର୍ଯ୍ୟନ୍ତ ପାଇପ୍‌ଲାଇନ ବିଛାହେବ। ବିଶାଖାପାଟଣାର ଏଚ୍‌ପିସିଏଲ୍ ରିଫାଇନେରିରୁ ରାୟପୁରର ପୂର୍ବ ଡିପୋକୁ ପ୍ରସ୍ତୁତ ଉତ୍ପାଦ ଅର୍ଥାତ୍ ପେଟ୍ରୋଲ, ଡିଜେଲ, କିରୋସିନ ପାଇପ୍‌ଲାଇନ ଦ୍ୱାରା ପରିବହନ କରାଯିବ। ଏହି ପ୍ରକଳ୍ପ କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଜିଲା ଦେଇ ଛତିଶଗଡ଼ର ରାୟପୁର ପର୍ଯ୍ୟନ୍ତ ଯିବ। ଏହି ୩ ଜିଲା ଦାୟିତ୍ୱରେ ଥିବା ଏଚ୍‌ପିସିଏଲ୍ ପ୍ରକଳ୍ପ ଅଧିକାରୀ ସେଠୀ ପ୍ରକଳ୍ପର ଗୁରୁତ୍ୱ ଉପରେ ସୂଚନା ଦେଇ ଜିଲା ପ୍ରଶାସନର ସାହାଯ୍ୟ ଲୋଡ଼ିଥିଲେ। ଜିଲାପାଳ କହିଲେ, ଏହା ଆମ ଜିଲା ପାଇଁ ଏକ ଭଲ ପ୍ରକଳ୍ପ। ଏଥିରୁ ଆମ ରାଜ୍ୟ ତଥା ଅଞ୍ଚଳବାସୀ ବେଶ୍ ଲାଭବାନ ହେବେ। ଏଥିସକାଶେ ଯେକୌଣସି ସହଯୋଗ ଦରକାର ଜିଲା ପ୍ରଶାସନ ଯୋଗାଇଦେବ ବୋଲି ସେ କହିଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ କୁନି ଝିଅ

ସିନାପାଲି,୧୪ା୬(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଗଣ୍ଡାବାହାଲିର କୁନି ଝିଅ ଶ୍ରୀଜା ପ୍ରିୟଦର୍ଶିନୀ ମେହେର ୨୦୨୫ର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ୩ ବର୍ଷ ବୟସର ଶ୍ରୀଜା ସଂଖ୍ୟା ଗଣନା, ସାଧାରଣ ଜ୍ଞାନ ପ୍ରଶ୍ନ, ବିଭିନ୍ନ ରଙ୍ଗ ଚିହ୍ନିବା, ରାଇମ୍ସ, ଶରୀରର ଅଙ୍ଗପ୍ରତ୍ୟଙ୍ଗ ନାମ, ସପ୍ତାହର ସମସ୍ତ ବାର, ବକ୍ର ତୁଣ୍ଡ ମହାକାୟ.., ଜୟ ଗଣେଶ ଦେବ ଭଳି ସଙ୍ଗୀତ ଆଦି ମୁଖସ୍ଥ କରି ଠିକ୍ ଭାବରେ କହିପାରୁଛନ୍ତି। ଧବଳେଶ୍ୱର ମେହେର ଓ ମଧୁସ୍ମିତା ମେହେରଙ୍କ କନ୍ୟା ଶ୍ରୀଜା ଖେଳକୁଦ, ନାଚଗୀତରେ ମଧ୍ୟ ପାରଙ୍ଗମ।



ଶ୍ରୀଜା ପ୍ରିୟଦର୍ଶିନୀ।

ଶ୍ରୀଜାଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଶହୀଦ ରେଣ୍ଡୋ ମାଝୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

## ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ଦାବିପତ୍ର

ଭବାନୀପାଟଣା,୧୪ା୬ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଶହୀଦ ରେଣ୍ଡୋ ମାଝୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ଉର୍ଲାଦାନୀ ଶହୀଦ ରେଣ୍ଡୋ ମାଝୀ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ଏହାକୁ ଫାଉଣ୍ଡେଶନର ସହ ଅଧ୍ୟକ୍ଷ ଓ ସମ୍ପାଦକ ଡ଼ ଭବାନୀ ଶଙ୍କର ନିଆଲ ପ୍ରଦାନ କରିଥିଲେ। ଏଥିରେ ଶହୀଦ ରେଣ୍ଡୋ ମାଝୀଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଭବାନୀପାଟଣା ସରକାରୀ ମେଡିକାଲ କଲେଜରେ ସ୍ଥାପନ କରିବା ସହ ରାଜ୍ୟ ସଂସ୍କୃତି ବିଭାଗର ବାର୍ଷିକ କ୍ୟାଲେଣ୍ଡରରେ ସ୍ଥାନ ଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଡିସେମ୍ବର ୧୦ରେ ରାଜ୍ୟସ୍ତରୀୟ ବଳିଦାନ ଦିବସ ପାଳନ କରିବା ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଡ଼. ନିଆଲଙ୍କ ସମେତ ଭାଜପା କଳାହାଣ୍ଡି ଜିଲା ସଭାପତି ସଭାପତି ଯୁଗଳ କିଶୋର ପୋଢ ଓ ରାଷ୍ଟ୍ରୀୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ କିଛିଦିନେ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୂର୍ବତନ ବିରୋଧୀଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ ଜରିଆରେ ମଧ୍ୟ ଫାଉଣ୍ଡେଶନ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା।



ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି।

# ଡବଲ ଇଞ୍ଜିନର ଡବଲ ଧୋକା: ବିଜେଡି

## ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତିର ବିଫଳତାକୁ ନେଇ ବର୍ଷିଲା ବିଜେଡି

ଭବାନୀପାଟଣା,୧୪ା୬(ଉତ୍ତମ କୁମାର ଦାଶ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ରାଜ୍ୟରେ ଭାଜପା ସରକାର ଏକବର୍ଷ ପୂର୍ତ୍ତିକୁ ନେଇ ଜିଲାସ୍ତରୀୟ ବିକାଶ ମେଳା କରୁଥିବା ବେଳେ ବିଜେଡି ଏହାକୁ ଡବଲ ଇଞ୍ଜିନର ଡବଲ ଧୋକା ବୋଲି ଅଭିଯୋଗ ଆଣିଛି। ଶନିବାର କଳାହାଣ୍ଡି ଜିଲା ବିଜେଡି ପକ୍ଷରୁ ଭବାନୀପାଟଣାସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଭାଜପା ସରକାରର ଏକବର୍ଷ ପୂର୍ତ୍ତିର ବିଫଳତା ନେଇ ଦଳୀୟ ନେତା ବର୍ଷିଛନ୍ତି। ଭାଜପା ସରକାର ଆସିଲା ଦିନଠାରୁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଓଡ଼ିଶାର ମହିଳା ଓ ନାବାଳିକା ସୁରକ୍ଷିତ ନାହାନ୍ତି। ଚୋରି, ବଳାତ୍କାର, ଡକାୟତି ବଢ଼ିବାରେ ଲାଗିଛି। ଗତବର୍ଷ ଅପେକ୍ଷା ରାଜ୍ୟରେ ୮ ଶତକଡା ବଳାତ୍କାର ବଢ଼ିଛି ବୋଲି ବିଜେଡି ଅଭିଯୋଗ ଆଣିଛି। ସେହିପରି କେନ୍ଦ୍ର ଅନୁଦାନ ୧୮ ଶତକଡା ହ୍ରାସ ପାଇବା, ବିଏସ୍‌କେୱାଇ ତୁଳନାରେ ଆୟୁଷ୍ମାନ ଭାରତ ଯୋଜନା ଫେଲ ମାରିବା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ଜାଣିଶୁଣି ଅକ୍ଷମ କରିବା, ଛାତ୍ରୀଛାତ୍ରଙ୍କ ନୂଆ-ଓ ସ୍କଲାର୍ଶିପ ବନ୍ଦ କରିବା ଆଦି ଘଟଣା ଦେଖିଲେ ଡବଲ ଇଞ୍ଜିନ ସରକାର ସାଧାରଣ ଲୋକଙ୍କୁ ଧୋକା ଦେଇଛି ବୋଲି ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର କହିଛନ୍ତି। ଅନ୍ୟପକ୍ଷରେ କଳାହାଣ୍ଡି ଜିଲାର ବିକାଶ ଶିଥିଳ ହେବା, ବିଭିନ୍ନ ବିଭାଗରେ ପିସି କାରବାର ବୃଦ୍ଧି, ବର୍ଷକରେ ରାଜ୍ୟର ଋଣ ଭାର ୯୪ ହଜାର କୋଟି କରିବା, ଚିଟ୍‌ଫଣ୍ଡ ଜମାକାରୀଙ୍କ ପଇସା ଫେରାଇବା ପ୍ରତିଶ୍ରୁତି ଧୂଆଁ ବାଣ ବୋଲି ବରିଷ୍ଠ ବିଜେଡି ନେତା ସାରଦା ପ୍ରସନ୍ନ ସ୍ୱାଇଁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୋରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ପ୍ରଶାନ୍ତ ନାଏକ, ମନିନ୍ଦ୍ର ମହାନ୍ତି, ସାମନ୍ତ ଖମାରୀ, କ୍ଷୀରସିନ୍ଧୁ ନାଏକ, ଚକ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଜନଜାଗରଣ ଅଭିଯାନ ଜରିଆରେ ଗାଁ ଗାଁରେ ସଭା କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

# ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

ଭବାନୀପାଟଣା,୧୪ା୬(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଗତ ୧୨ ତାରିଖଠୁ ଜିଲାସ୍ତରୀୟ ବିକାଶ ମେଳା ଅନୁଷ୍ଠିତ ହେଉଛି। ଏହି ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ, ଜିଲା ପ୍ରଶାସନ ପକ୍ଷରୁ ଶନିବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ବର୍ଷରୁ କମ୍ ବାଳକ ବିଭାଗ (ଯୁଗଳ) ଓ ୧୯ ବର୍ଷରୁ କମ୍ ବାଳିକା ବିଭାଗ (ଯୁଗଳ) ପ୍ରତିଯୋଗିତା ହୋଇଥିଲା। ବାଳକ ବିଭାଗରେ ଭବାନୀପାଟଣାର ଆର୍ଯ୍ୟାନ୍ତ ପଣ୍ଡା ଓ ଝିଲମାଳ ନିଆଲ ବିଜେତା ହୋଇଥିବାବେଳେ ସାହେଲ ରାଏକୱାର ଓ ପ୍ରତ୍ୟୁଷ ରଞ୍ଜନ ଭୋଇ ଉପବିଜେତା ହୋଇଥିଲେ। ସେହିପରି ବାଳିକା ବିଭାଗରେ ଜୁନାଗଡ଼ର ଅଞ୍ଜଳି ନାଏକ ଓ ଶିବାନୀ ଭାଟି ବିଜେତା ହୋଇଥିବାବେଳେ ଧର୍ମଗଡର ଶ୍ରାଗଭି ମୁଣ୍ଡ ଓ ନିବେଦିତା ବିହାରୀ ଉପବିଜେତା ହୋଇଥିଲେ। ମୋଟ ୫୨ ଜଣ ବାଳକ ଓ ୧୪ ଜଣ ବାଳିକା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସମସ୍ତ ବିଜେତାଙ୍କୁ ବିକାଶ ମେଳାର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ଜଣାପଡିଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଓ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଉପସ୍ଥିତ ଥିଲେ। ସଂଘର ସଭାପତି ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ।

# ବିକାଶ ବାହନ ଯାତ୍ରାର ଶୁଭାରମ୍ଭ

କୋକସରା,୧୪ା୬ (ଦୁଷ୍ମନ୍ତ କୁମାର ପାଟଯୋଷୀ): ଶୁକ୍ରବାର କୋକସରାଠାରେ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କୋକସରା ବ୍ଲକ୍ ପ୍ରଶାସନ ଓ କୋକସରା ଗ୍ରାମପଞ୍ଚାୟତ ପକ୍ଷରୁ କୋକସରା ବଜାର ପଡ଼ିଆରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଡିଓ ଡ. ହିମାଞ୍ଚଳ ମାଝୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଭାଜପା ନେତା ଘନଶ୍ୟାମ ନାଏକ, ଦୁର୍ଗା ପ୍ରଧାନୀ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନାର କାର୍ଯ୍ୟାଦେଶ ଓ କାର୍ଡ ବଣ୍ଟନ କରିଥିଲେ। ରଥକୁ ବିଡିଓ ମାଝୀ, ବ୍ଲକ୍ ଉପାଧ୍ୟକ୍ଷ ଅଗ୍ରୱାଲ, ବିଧାୟକ ପ୍ରତିନିଧି ଶବର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ମୁକୁଳା ଟ୍ରାନ୍ସଫର୍ମରରେ ଲାଗି ୨ବଳଦ ମୃତ

ଗୋଲାମୁଣ୍ଡା,୧୪ା୬(ବଟକୃଷ୍ଣ ପଣ୍ଡା): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହଲ ପଞ୍ଚାୟତ ବିଶିପଡା ଗ୍ରାମରେ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ୨ ବଳଦର ମୃତ୍ୟୁ ଘଟିଛି। ମୃତ ବଳଦ ଦୁଇଟି ଗ୍ରାମର ସୁଶାନ୍ତ ବିଶି ଓ ରାଧାକାନ୍ତ ବିଶିଙ୍କ ବୋଲି ଜଣାପଡିଛି। ଗାଁକୁ ପ୍ରବେଶ କରିବା ରାସ୍ତାପାର୍ଶ୍ୱରେ ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର ରହିଛି। ଦୈନନ୍ଦିନ ଅନେକ ଲୋକ ଉକ୍ତ ରାସ୍ତା ଦେଇ ଯିବା ସମୟରେ ନିଜକୁ ସୁରକ୍ଷିତ ମାନୁନାହାନ୍ତି। ସେହି ରାସ୍ତା ଦେଇ ସ୍କୁଲ ଛାତ୍ରୀଛାତ୍ର ମଧ୍ୟ ଯିବାଆସିବା କରୁଛନ୍ତି। ଏ ନେଇ ଗ୍ରାମବାସୀ ବିଦ୍ୟୁତ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଇ ନାହିଁ। ତୁରନ୍ତ ବଳଦ ମାଲିକଙ୍କୁ କ୍ଷତିପୂରଣ ଦେବା ସହ ମୁକୁଳା ଟ୍ରାନ୍ସଫର୍ମର ଚାରିପଟ ଆବଦ୍ଧ କରିବା ପାଇଁ ଦାବି ହେଉଛି।

# ଜିଲାସ୍ତରୀୟ ପେନ୍‌ସନ ଅଦାଲତ: ୨୬ ମାମଲା ଫଇସଲା

ଭବାନୀପାଟଣା,୧୪ା୬ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୩ ବ୍ଲକରେ ବିଭିନ୍ନ କାରଣରୁ ଦୀର୍ଘଦିନ ଧରି ପଡ଼ିରହିଥିବା ପେନ୍‌ସନ୍ ଆବେଦନର ଶୁଣାଣି କରାଯାଇ ଫଇସଲା କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଦାଲତରେ ସମସ୍ତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ପ୍ରକଳ୍ପ କାର୍ଯ୍ୟାଳୟ କର୍ମଚାରୀ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୨୬ ପେନ୍‌ସନ୍ ମାମଲାର ବିଚାର କରାଯାଇ ଫଇସଲା କରାଯାଇଥିଲା। ଆସନ୍ତା ଏକମାସ ମଧ୍ୟରେ ସମସ୍ତ ବିଚାରାଧୀନ ପେନ୍‌ସନ୍ ମାମଲାକୁ ଫଇସଲା କରି ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପ୍ରଦାନ କରିବାକୁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ କର୍ମଚାରୀଙ୍କୁ ଜିଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଥିଲେ।




ଅଦାଲତରେ ପେନ୍‌ସନ ମାମଲାର ଫଇସଲା କରାଯାଉଛି।

# ଅଙ୍ଗନୱାଡି କେନ୍ଦ୍ରକୁ ରାସ୍ତା ନିର୍ମାଣ ଦାବି

କେସିଙ୍ଗା,୧୪ା୬(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ଜୋଲକୋ ଗ୍ରାମସ୍ଥିତ ଆମ ଅଙ୍ଗନୱାଡି କେନ୍ଦ୍ରକୁ ପକ୍କାରାସ୍ତା ନ ଥିବାରୁ କୋମଳମତି ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାମାନେ ଗମନାଗମନ କ୍ଷେତ୍ରରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜୋଲକୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କେନ୍ଦ୍ର ୨୦୨୩-୨୪ ଆର୍ଥିକ ବର୍ଷରେ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଛି। ପକ୍କାରାସ୍ତାଠାରୁ ପ୍ରାୟ ୨୦୦ଫୁଟ ଦୀର୍ଘ ଅଙ୍ଗନୱାଡି କେନ୍ଦ୍ରକୁ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ୩ ରୁ ୫ବର୍ଷର ପ୍ରାୟ ୪୨ଜଣ ଶିଶୁ, ଗର୍ଭବତୀ ମହିଳା ଯିବାଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ରାସ୍ତାରେ ପଡ଼ିଥିବା ଛୋଟ ଛୋଟ ସିମେଣ୍ଟ ଖଣ୍ଡ, ଇଟା, ପଥରରେ ଚାଲି ଚାଲି ଯିବା ଶିଶୁମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ସମୟେ ସମୟେ ସେମାନେ ଏହି ରାସ୍ତାରେ ଯିବାବେଳେ ପଡ଼ିଯାଉଥିବା ନଜିର ରହିଛି। ଏ ନେଇ ଅଙ୍ଗନୱାଡି କର୍ମୀ କେସିଙ୍ଗା ବିଡିଓ, ବ୍ଲକ୍ ଅଧ୍ୟକ୍ଷ ଓ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କୁ ପଚାରିବାରୁ କିଛିଦିନ ଭିତରେ ଅଧ୍ୟକ୍ଷ, ବିଡିଓଙ୍କ ସହ ଆଲୋଚନାକରି ପକ୍କାରାସ୍ତା ନିର୍ମାଣ କରାଯିବ ବୋଲି ପ୍ରକାଶ କରିଥିଲେ।



ଅଙ୍ଗନୱାଡି କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତା।

## ସଂକ୍ଷେପରେ

## ଦୈନିକ ୧୨ ଘଣ୍ଟା ପରିଶ୍ରମ କରୁଥିଲି

### ନିଟ(ୟୁଜି)ରେ କୃତକାର୍ଯ୍ୟ ହେଲେ ସୃଷ୍ଟି ଆୟେଶା

ଅମରପାଲି,୧୪।୬(ପୀତାମ୍ବର ସାହୁ)

ପ୍ରକାଶିତ ହୋଇଛି ନିଟ୍ (ୟୁଜି) ପରୀକ୍ଷା ଫଳ। ଏଥିରେ କୃତକାର୍ଯ୍ୟ ହୋଇଛନ୍ତି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ ତେଲିପାଲି ଗ୍ରାମର ସୃଷ୍ଟି ଆୟେଶା ପ୍ରଧାନ। ସେ ସମୁଦାୟ ୭୨୦ ନମ୍ବରରୁ ୫୬୩ନମ୍ବର ର ଖିଏ ୭ହଜାର ୫୧୩ ରାଙ୍କ ହାସଲ କରି ଡାକ୍ତରୀ ପାଠ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଏଥିପାଇଁ ଦୈନିକ ୧୨ରୁ ୧୩ ଘଣ୍ଟା ଅଧ୍ୟୟନ କରୁଥିଲେ। ଦ୍ୱିତୀୟ ପ୍ରଚେଷ୍ଟାରେ ସେ ଏହି ସଫଳତା ହାସଲ କରିଥିବା ପ୍ରକାଶ କରିଛନ୍ତି। ଏହି ସଫଳତାରେ ତାଙ୍କ ମାତାପିତା, ପରିବାର ସଦସ୍ୟ, ଗୁରୁଜନ ଓ ଭଗବାନଙ୍କ ଆଶୀର୍ବାଦ ରହିଥିବା କହିଛନ୍ତି। ସୃଷ୍ଟି ଆୟେଶାଙ୍କ ମା' ଅନୁଷୟା ଧଳ କଳାପଥର ସତ୍ୟବାଦୀ ହାଇସ୍କୁଲରେ ଶିକ୍ଷୟିତ୍ରୀ ଥିବା ବେଳେ ବାପା କୁନ୍ଦନ କୁମାର ପ୍ରଧାନ ଜଣେ ଆଇନଜୀବୀ।


ସୃଷ୍ଟି ଆୟେଶା ପ୍ରଧାନ।

# ବୋଲେରୋ ଚାଳକ ମୃତ, ୮ ଆହତ

## ବୋଲେରୋ-ଟ୍ରକ୍ ମୁହାଁମୁହିଁ ଧକ୍କା

ହରଭଙ୍ଗା,୧୪।୬(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଖଜୁରୀପଡାଠାରେ ଶନିବାର ଭୋର ସମୟରେ ଏକ ବୋଲେରୋ ଏବଂ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବୋଲେରୋ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ଚୁନା ପ୍ରଧାନ (୨୪)। ଏହି ଦୁର୍ଘଟଣାରେ ୮ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ବୌଦ୍ଧ ଡାକ୍ତରଖାନାକୁ ପଠାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କ ମଧ୍ୟରୁ ଆକାଶ ସାହୁ, ଶ୍ରୀତମ ସାହୁ ଓ ସୁଜିତ ପୋଢଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନାକୁ ପଠାଇଥିବା ବେଳେ ଉଭୟ ଗାଡିକୁ ଜବତ କରିଛି। ଟ୍ରକ୍ ଚାଳକ ଫେରାର ଅଛନ୍ତି। ସୂଚନା ମୁତାବକ, ବରଗଡ ଜିଲା ସରଣ୍ଡାପାଲିର ଗ୍ରାମର ୧୦ ଜଣ ଯୁବକ ଦେବସ୍ନାନ ପୂର୍ଣ୍ଣିମା ଦେଖି ଗତ ଶୁକ୍ରବାର ପୁରୀରୁ ନିଜ ଗ୍ରାମକୁ ଫେରୁଥିଲେ। ଶନିବାର ଭୋର ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଖଜୁରୀପଡା ବିଦ୍ୟାଳୟ ସମ୍ମୁଖରେ ବୋଲେରୋ ସହ ଏକ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବୋଲେରୋ ଚାଳକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ବୋଲେରୋରେ ବସିଥିବା ୮ଜଣ ଆହତ ହୋଇଥିବା ବେଳେ ଅନ୍ୟ ଜଣଙ୍କର କିଛି ହୋଇ ନ ଥିଲା। ସ୍ଥାନୀୟ ଲୋକମାନେ ଆହତମାନଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାକୁ ପଠାଇଥିଲେ।


ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବୋଲେରୋ।

# ଅବ୍ୟବସ୍ଥାରେ ଚାଲିଛି ବ୍ଲକ ପରିସଂଖ୍ୟାନ କାର୍ଯ୍ୟାଳୟ

ବୀରମହାରାଜପୁର,୧୪।୬(ଯୁଗଳ କିଶୋର ମିଶ୍ର)

- ନାହିଁ ଜଳଯୋଗାଣ ବ୍ୟବସ୍ଥା
- ଅଧା କର୍ମଚାରୀରେ ଚାଲିଛି କାର୍ଯ୍ୟାଳୟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ ପାଚେରିକୁ ଲାଗି ରହିଛି ବ୍ଲକ ପରିସଂଖ୍ୟାନ କାର୍ଯ୍ୟାଳୟ। ଗୋଟିଏ ଅଫିସ, କମ୍ପ୍ୟୁଟର ଗୃହ ଓ ଅଭ୍ୟର୍ଥନା କକ୍ଷକୁ ନେଇ ଏହି କାର୍ଯ୍ୟାଳୟ। ନିର୍ମାଣ ବେଳେ ଅଭ୍ୟର୍ଥନା କକ୍ଷ କାନ୍ଥ ନକରି ବ୍ଲକ ପାଚେରି କାନ୍ଥ ସହିତ ଯୋଡିଦେଇ ଠିକାସଂସ୍ଥା କାର୍ଯ୍ୟ ସାରି ଦେଇଛନ୍ତି। ଫଳରେ ସାମାନ୍ୟ ବର୍ଷା ହେଲେ ଅଭ୍ୟର୍ଥନା କକ୍ଷରେ ପାଣି ଜମି ରହି ବ୍ୟବହାର ଉପଯୋଗୀ ହେଉନାହିଁ। ଏଥିସହ କାର୍ଯ୍ୟାଳୟ କୋଠାରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇନାହିଁ। ଏସବୁ ଅବସ୍ଥା ଭିତରେ ଥିବା ପରିସଂଖ୍ୟାନ କାର୍ଯ୍ୟାଳୟରେ ନାହାନ୍ତି ଆବଶ୍ୟକ କର୍ମଚାରୀ। ଜଣେ ଅଫିସର ଓ ୩ଜଣ ଅମିନ ରହିବା କଥା। ହେଲେ ଏଠାରେ ଜଣେ ଅଫିସର ଓ ଜଣେ ମାତ୍ର ଅମିନ ରହିଛନ୍ତି। ଅଫିସ ଜଣକ ବୀରମହାରାଜପୁର, ଉଲୁଣ୍ଡା ଓ ବିନିକା ଭଳି ୩ଟି ବ୍ଲକ ଦାୟିତ୍ୱରେ ଅଛନ୍ତି। ଜଣେ ମାତ୍ର ଅମିନଙ୍କୁ ନେଇ ସେ କିପରି କାର୍ଯ୍ୟ କରୁଥିବେ ତାହା ସ୍ପଷ୍ଟଭାବେ ଅନୁମେୟ। ଆବଶ୍ୟକ କର୍ମଚାରୀ ନିଯୁକ୍ତି ସହ କାର୍ଯ୍ୟାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ପରିସଂଖ୍ୟାନ ବିଭାଗ ଅଫିସର୍ ରାଜେନ୍ଦ୍ର କୁମାର ରଥଙ୍କୁ ପଚାରିବାରୁ ମୁଁ ତିନୋଟି ବ୍ଲକ ଦାୟିତ୍ୱରେ ଅଛି। ଆବଶ୍ୟକ କର୍ମଚାରୀ ନିଯୁକ୍ତ ହେଲେ କାର୍ଯ୍ୟ କରିବାରେ ସୁବିଧା ହେବ ବୋଲି ସେ କହିଛନ୍ତି।



## ବୌଦ୍ଧରେ ଜିଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ

ବୌଦ୍ଧ,୧୪।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରରେ ଶନିବାର ଜିଲାସ୍ତରୀୟ ବିଶ୍ୱ ରକ୍ତାଦାତା ଦିବସ ପାଳିତ ହୋଇଛି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ବିକେଆରସି ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟ ଅତିଥି, ସାଂସଦ ପ୍ରତିନିଧି ଦେବାଶିଷ ପୁରୋହିତ, ଡ. ସଞ୍ଜୟ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଜିଲାରେ ରକ୍ତର ଅଭାବ ପୂରଣ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ରକ୍ତସଂଗ୍ରହ ପାଇଁ ମୋବାଇଲ ଭ୍ୟାନ ଓ ତାଲିମ ଶିବିର ଆୟୋଜନ କରି ସଚେତନତା ସୃଷ୍ଟି କରିବା ପାଇଁ ମତ ଦେଇଥିଲେ। ଆଶାକର୍ମୀମାନେ ରକ୍ତଦାନ ଶିବିର ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କଲେ ରକ୍ତ ଅଭାବ ସମସ୍ୟା ଦୂର ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗତବର୍ଷ ରକ୍ତ ସଂଗ୍ରହରେ ଶ୍ରେଷ୍ଠ ଅନୁଷ୍ଠାନ ଭାବେ ମାରୱାଡି ଯୁବା ମଞ୍ଚ, ଆମ ପୋଲିସ, ଡ୍ରାଇଭର ସଂଘ, ତପସ୍ୱିନୀ ପରିବାର ଓ ରକ୍ତଦାତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ରଘୁନାଥ ସାହୁ, ଦିଲୀପ ପ୍ରଧାନ, ସୁନିଲ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ



ଶିଳାନ୍ୟାସ ଅବସରରେ ଅନ୍ୟମାନଙ୍କ ସହ ମନ୍ତ୍ରୀ ମୁକେଶ କୁମାର ମହାଲିଙ୍ଗ।

ତରଭା,୧୪।୬(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ନିକଟ ପଡୋଶୀ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବଇରାସର ଗ୍ରାମରେ ଶନିବାର ଏକ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି କଲ୍ୟାଣ ମଣ୍ଡପକୁ ମଜଭୁତ ଓ ଧାର୍ଯ୍ୟ ସମୟରେ ସାରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେଠାରୁ ମନ୍ତ୍ରୀ ମହାଲିଙ୍ଗ ବଇରାସର ଗ୍ରାମ ପଞ୍ଚାୟତ ପରିସରରେ ବିଡ଼ିଓ ଅମରେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଜନସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତିରେ ହୋଇଥିବା ଜନ କଲ୍ୟାଣ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ। ସଭାରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ପୁଇଁତଲା ତହସିଲଦାର ଗୌର ବର୍ଗେ, ଏବିଡିଓ ବିଜୟ ହୋତା, ସରପଞ୍ଚ ଦିବ୍ୟାଭାରତୀ ପଧାନ, ଏମଆଇ ସୁଶାନ୍ତ ସାହୁ, ବିଏସଏସଓ କଳ୍ପନା ପଣ୍ଡା, ଏମପି ନୋମିନି ରାଜ କିଶୋର ନାଏକ, ଏମଏଲଏ ନୋମିନି ଅଜିତ ପଣ୍ଡା ଓ ରାଜିନ୍ଦ୍ର ବିଜୟ ସାହୁଙ୍କ ସହିତ ବହୁ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀ ମଞ୍ଚାସୀନ ଥିଲେ।

## ଭୋଟଦେଲେ ୮୩ ପୋଲିସ ଅଧିକାରୀ

### ଓଡ଼ିଶା ପୋଲିସ ସଂଘ ନିର୍ବାଚନ

ସୋନପୁର,୧୪।୬(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ପୋଲିସ ସଂଘ ନିର୍ବାଚନ-୨୫ ପାଇଁ ଶୁକ୍ରବାର ଓ ଶନିବାର ଭୋଟ ଗ୍ରହଣ ହୋଇଥିଲା। ଏହିକ୍ରମରେ ସୁବର୍ଣ୍ଣପୁର ରିଜର୍ଭ ଅଫିସଠାରେ ଜିଲାର ଏକମାତ୍ର ଭୋଟ ଗ୍ରହଣ କେନ୍ଦ୍ର ହୋଇଥିଲା। ସୁବର୍ଣ୍ଣପୁର ଜିଲାରେ ଏଏସଆଇଠାରୁ ଆରମ୍ଭ କରି ଇନ୍ସପେକ୍ଟର ପର୍ଯ୍ୟନ୍ତ ମୋଟ ୧୦୩ ଜଣ ଥିଲେ। ତେବେ ସେଥିମଧ୍ୟରୁ ମୋଟ ୮୩ଜଣ ପୋଲିସ ଅଧିକାରୀ ଭୋଟ ଦେଇଥିଲେ। ୧୩ ତାରିଖ ଶୁକ୍ରବାର ୫୨ଜଣ ଓ ୧୪ ତାରିଖ ଶନିବାର ୩୧ଜଣ ଭୋଟ ଦେଇଛନ୍ତି। ଏସ୍‌ପି ନାରାୟଣ ନାୟକ ଏହି ନିର୍ବାଚନ ପାଇଁ ଡିଏସ୍‌ପି ଚନ୍ଦ୍ର ଶେଖର ଶବରଙ୍କୁ ପ୍ରିଜାଇଡିଂ ଅଫିସର ଭାବେ ନିଯୁକ୍ତ କରିଥିଲେ। ସେହିପରି ଏସ୍‌ଆଇ ଶଶୀଭୂଷଣ ପୋଢ ଓ ଏଏସ୍‌ଆଇ ସନ୍ତୋଷ କୁମାର ଷଡଙ୍ଗୀ ପୋଲିଂ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ବରିଷ୍ଠ ନାଗରିକ ପରିଚୟ ପତ୍ର ମିଳିନି


ବରିଷ୍ଠ ନାଗରିକ ସଙ୍ଗଠନ କର୍ମକର୍ତ୍ତା ଥାନା ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

ବୀରମହାରାଜପୁର,୧୪।୬(ଯୁଗଳ କିଶୋର ମିଶ୍ର)

### ନୂତନ ଥାନାଧିକାରୀଙ୍କ ସହିତ ବରିଷ୍ଠ ନାଗରିକ ସଙ୍ଗଠନ କର୍ମକର୍ତ୍ତାଙ୍କ ଆଲୋଚନା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ମାନଙ୍କର ସମସ୍ୟା ସମ୍ପର୍କିତ ଆଲୋଚନା ପାଇଁ ଶନିବାର ଏକ ପ୍ରତିନିଧି ଦଳ ସ୍ଥାନୀୟ ଥାନାଧିକାରୀ ଗଞ୍ଜୁ ଓରାମଙ୍କୁ ସାକ୍ଷାତ କରିଥିଲେ। ସଙ୍ଗଠନର ଅନେକ ସଦସ୍ୟ ସଦସ୍ୟା ବର୍ତ୍ତମାନ ସୁଦ୍ଧା ବରିଷ୍ଠ ନାଗରିକ ପରିଚୟ ପତ୍ର ପାଇ ନାହାନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ଏହି ପ୍ରମାଣ ପତ୍ର ପ୍ରଦାନ କରିଥାନ୍ତି। ଅନେକ ଦିନ ହେଲା ବୀରମହାରାଜପୁର ଥାନାଧିକାରୀଙ୍କ ମାଧ୍ୟମରେ ସଦସ୍ୟାସଦସ୍ୟମାନଙ୍କର ଆବେଦନ ଫର୍ମ ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏ ସମ୍ପର୍କରେ ଆଲୋଚନା ପରେ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଓରାମ କହିଥିଲେ। ପୁନଶ୍ଚ ବରିଷ୍ଠ ନାଗରିକମାନଙ୍କର ସାମାଜିକ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତିନିଧି ଦଳରେ ସଭାପତି ଡ.ପ୍ରଫୁଲ୍ଲ ରଥ, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାଢୀ, ଭୂଷଣ କୁମାର ପାତ୍ର,ବଳରାମ କାଣ୍ଡ, ନାରାୟଣ ପ୍ରସାଦ ନାୟକ, ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ଉପସଭାପତି ସୌମିତ୍ରୀ ମହେର, ବାସୁଦେବ ପଣ୍ଡା, ଡ.ଦ୍ୱିତୀକୃଷ୍ଣ ପଣ୍ଡା, ଭୀମସେନ ବାରିକ, ସୁରୁ ସାହୁ ସାମିଲ ହୋଇଥିଲେ।

## ଉପଜିଲାପାଳଙ୍କୁ ଭେଟିଲେ ବରିଷ୍ଠ ନାଗରିକ

ବୀରମହାରାଜପୁର, ୧୪।୬(ଯୁଗଳ କିଶୋର ମିଶ୍ର): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଙ୍ଗଠନ ସଦସ୍ୟମାନେ ଶୁକ୍ରବାର ଉପଜିଲାପାଳ ସୁରେନ୍ଦ୍ର ମେହେରଙ୍କୁ ଭେଟିଥିଲେ। ସଭାପତି ଡ.ପ୍ରଫୁଲ୍ଲ କୁମାର ରଥଙ୍କ ନେତୃତ୍ୱରେ ସଦସ୍ୟମାନେ ଉପଜିଲାପାଳ ଅଫିସରେ ମେହେରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାଢୀ, ଭୂଷଣ କୁମାର ପାତ୍ର, ବଳରାମ କାଣ୍ଡ, ନାରାୟଣ ପ୍ରସାଦ ନାୟକ,ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ,ଉପ ସଭାପତି ସୌମିତ୍ରୀ ମହେର,ବାସୁଦେବ ପଣ୍ଡା,ଡ.ଦ୍ୱିତୀକୃଷ୍ଣ ପଣ୍ଡା, ଭୀମସେନ ବାରିକ,ସୁରୁ ସାହୁ ପ୍ରମୁଖ ଏହି ଦଳରେ ସାମିଲ ହୋଇଥିଲେ। ଆସନ୍ତା ୧୫ତାରିଖରେ ପାଳିତ ହେବାକୁ ଥିବା ବିଶ୍ୱ ବରିଷ୍ଠ ଦୁର୍ବ୍ୟବହାର ସଚେତନତା ଦିବସ ପାଳନ ଅବସରରେ ଯୋଗଦେବାକୁ ଏହି ଅବସରରେ ଉପଜିଲାପାଳଙ୍କୁ ଆମନ୍ତ୍ରିତ କରାଯାଇଥିଲା।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଡୁଙ୍ଗୁରିପାଲି, ୧୪।୬(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆରଏମସି କୃଷକ ଭବନରେ ଶନିବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡା ଯୋଗଦେଇଥିଲେ। ୧୪ ଗୋଟି ମିଶନ ଶକ୍ତି ଦଳ ମହିଳା ଖାଦ୍ୟ ପ୍ରସ୍ତୁତି କରି ଷ୍ଟଲ ଲଗାଇଥିଲେ। ସେମାନେ ପାରମ୍ପରିକ କାକରା ପିଠା, ପୋଡ଼ ପିଠା, ରସବରା ଓ ମାଣ୍ଡିଆ, ଚାଉଳ ଚୁନା ବିରି, ରାଶି, ମୁଗ ଚଣା, ଚାଉଳ ଚୂନ ନେଇ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିଥିଲେ। ସମ୍ମାନୀତ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଡା ଖାଦ୍ୟ ଷ୍ଟଲ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ହୋଇଥିବା ଡୁଙ୍ଗୁରିପାଲି କୁଦେଇପଡ଼ାର ଓଁ ଶାନ୍ତି ଏସ୍‌ଏଚ୍‌ଜିର ଲକ୍ଷ୍ମୀ ସରାଫଙ୍କୁ ମାନପତ୍ର ସହ ୫ହଜାର ଟଙ୍କା, ଦ୍ୱିତୀୟ ଡୁଙ୍ଗୁରିପାଲିର ଜୟ ଶ୍ରୀରାମ ଏସ୍‌ଏଚ୍‌ଜର ରମାକାନ୍ତି ବୁଡ଼େକଙ୍କୁ ମାନପତ୍ର ସହ ୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରବିବାର ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଖାଦ୍ୟ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଏସ୍‌ଏଚ୍‌ଜି ଦଳ ଭାଗ ନେବା କାର୍ଯ୍ୟକ୍ରମ ରହିଛି। ଅଂଶଗ୍ରହଣ କରିଥିବା ଅନ୍ୟ ଏସ୍‌ଏଚ୍‌ଜି ଦଳଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇସିଡିଏସ ସୁପରଭାଇଜର ସୀତା ମେହେର, ଏଇ ବିଜୟଲକ୍ଷ୍ମୀ ହେମ୍ବ୍ରମ, ଅଧ୍ୟାପିକା ପ୍ରମୋଦିନୀ ବାରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିପିସି ସଞ୍ଜିତ ଷଡ଼ଙ୍ଗୀ ସଂଯୋଜନା କରିଥିଲେ।



ଖାଦ୍ୟ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଏସ୍‌ଏଚ୍‌ଜି ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଜିଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ପାଳିତ

ସୋନପୁର,୧୪।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସେମିନାର ହଲରେ ଜିଲାସ୍ତରୀୟ ବିଶ ରକ୍ତଦାତା ଦିବସ-୨୫ ଶନିବାର ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ପ୍ରଦୀପ କୁମାର ଗୁରୁ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡ଼ା ଦୁର୍ଗାଦତ୍ତ ଦାଶ ଓ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ସ୍ମିତାଶ୍ରୀ ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ରକ୍ତଦାନ କରିବା, ନୂଆ ଆଶା ଭରିବା, ସମ୍ମିଳିତ ପ୍ରୟାସରେ ପ୍ରାଣ ରକ୍ଷା କରିବା ଆଦି ବିଷୟ ଉପରେ ଆଲୋଚନା କରିଥିଲେ। ସମସ୍ତେ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା, ଉତ୍ତମ ଜୀବନ ଶୈଳୀ, ନିଶା ଯୁକ୍ତ ଖାଦ୍ୟରୁ ବିରତ ହୋଇ ଶାରୀରିକ ପରିଶ୍ରମ କରିବା, ଧୂମପାନରୁ ସମ୍ପୂର୍ଣ୍ଣ ମାତ୍ରାରେ ମୁକ୍ତ ରହିବା, ଯୋଗ ଓ ଧ୍ୟାନ ଅଭ୍ୟାସ କରିବା ଉପରେ ସମସ୍ତଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଦିବସ ପାଳନ ଅବସରରେ ୧୫ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଜିଲା ରକ୍ତକେନ୍ଦ୍ରରେ ପ୍ରତି ବର୍ଷ ୭୦୦୦ ୟୁନିଟ ରକ୍ତ ଆବଶ୍ୟକ ହେଉଛି। ତେବେ ରକ୍ତ ସଂଗ୍ରହ ପାଇଁ ଜିଲାରେ ଭ୍ୟାନ ନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଦାବି ହୋଇଥିଲା। ଏହି ଅବସରରେ ବିଭିନ୍ନ ସାମାଜିକ ତଥା ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା, ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀ, ନର୍ସିଂ ଅଫିସର ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ଜଗତ ଦରୱାନ ସହଯୋଗ କରିଥିଲେ। ମୋଟ ୫୨ ଥର ରକ୍ତଦାନ କରି ନୂତନ ରକ୍ତଦାତାଙ୍କୁ ପ୍ରେରଣା ଯୋଗାଇ ଥିବା ପୋଲିସ ହାବିଲଦାର ମନୋଜ ପଣ୍ଡା, ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବୁଢାରାଜା ଯୁବ ସଙ୍ଗଠନ ସଭାପତି ଶିବ ଶଙ୍କର ନାଏକ, ସ୍ୱଚ୍ଛ ଭାରତ ସଙ୍ଗଠନ ସଂଯୋଜକ ମନୋରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ନୂତନ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲା ପୋଲିସ କନଷ୍ଟେବଲ-ହାବିଲଦାର ସଂଘ ସଭାପତି ଦିନେଶ ମିଶ୍ର ଉପସ୍ଥିତ ଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଦିବସ ପାଳନ ଅବସରରେ ରକ୍ତଦାନ କରାଯାଉଛି।

### ରକ୍ତ ସଂଗ୍ରହ ପାଇଁ ଜିଲାରେ ଭ୍ୟାନ ନାହିଁ

# ୨ ଡକାୟତି ମାମଲାରେ ୮ ଗିରଫ

## ଦାମୀ ବାଇକ୍, ବିପୁଳ ସାମଗ୍ରୀ ଜବତ

ରାଉରକେଲା,୧୪।୬(ସଙ୍ଗୀତା ଜେନା)



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

ରାଉରକେଲା ପୋଲିସ ଜିଲା ଅଧୀନ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ୨ଟି ଭିନ୍ନ ଭିନ୍ନ ଡକାୟତି ମାମଲାରେ ପୋଲିସ ୮ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଲୁଙ୍ଗା 'କ' ଅଞ୍ଚଳର ଦୀପକ ମାଝୀ(୨୪), ରୋଷନ ବରୁଆ(୨୩), ଜିଆବାହାଲ ଅଞ୍ଚଳର ରମେଶ କିଷାନ(୨୧), ବୁରୁଟୋଲାର ଅମର ଶକ୍ତିନାଥ ଜେସୱାଲ(୩୪), ବେଦବ୍ୟାସ ସେଣ୍ଟ୍ରାଲ ରୋଡ୍‌ର ଦୀପକ ଗୁପ୍ତା(୨୬), ଦେଓଗାଁର ମୁନା ଧନୱାର(୪୨), କୁଆଁରମୁଣ୍ଡା ଅଞ୍ଚଳର ବିବେକ ଲାଲା(୨୨) ଏବଂ ଆଇଡ଼ିସି ଜେନା କଲୋନିର ସତ୍ୟାନାଥ ସାହୁ(୨୫)। ସେମାନଙ୍କ ନିକଟରୁ ବହୁ ଚୋରି ସାମଗ୍ରୀ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର ଅପରାହ୍ନ ୫ଟାରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ ସୂଚନା ପ୍ରଦାନ କରିଛନ୍ତି। ଏହି ସମୟରେ କଲୁଙ୍ଗା ଫାଣ୍ଡି ଅଧିକାରୀ ବିକ୍ରମ ଭୂୟାଁ, ଉଦୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଡିଏସ୍‌ପି ଷଣ୍ଢ କହିଥିଲେ, ମେ ମାସ ୧୭ ତାରିଖରେ ଛେଣ୍ଡ କଳିଙ୍ଗବିହାର ନିବାସୀ ସନ୍ଦୀପ ବିଶ୍ୱକର୍ମା(୩୫) ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ବିଶ୍ୱକର୍ମାଙ୍କ ଏକ ଜିଆବାହାଲଠାରେ ନବକଳିଙ୍ଗ ଇଷ୍ଟେଟ୍ ଏଲ୍‌ଏଲ୍‌ପି ରହିଛି। ୧୭ ତାରିଖରେ କିଛି ଦୁର୍ବୃତ୍ତ ଉକ୍ତ କମ୍ପାନୀ କବାଟ ତାଲା ଭାଙ୍ଗି ପଶିଥିଲେ। ସେମାନେ ସୁରକ୍ଷାକର୍ମୀଙ୍କୁ ମାଡ ମାରିବା ସହ ଅଫିସ ଲକର୍ ଭାଙ୍ଗି ସେଥିରୁ ନଗଦ ୭ ଲକ୍ଷ ୪୮ ହଜାର ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ଦୀପକ, ରୋଶନ ଏବଂ ରମେଶଙ୍କୁ ଧରିଥିଲା। ଡକାୟତି ପରେ ଉକ୍ତ ୩ ଅଭିଯୁକ୍ତ ଲୁଟ୍ ଟଙ୍କା ଭାଗ କରି ବାଣ୍ଟି ନେଇଥିଲେ। ଭାଗ ଟଙ୍କାରେ ବାଇକ୍ କିଣାଯାଇଥିଲା। ପୋଲିସ ଉକ୍ତ ବାଇକ୍ (ନଂ.ଓଡ଼ି୨୧ଏଚ୦୯୬୫), (ନଂ.ଓଡ଼ି୦୭ଏଡ଼ି୦/୨୮) ଏବଂ (ନଂ.ଓଡ଼ି୧୯/ଏକ୍ସ୦୯୨୯) ଜବତ କରିଥିଲା। ବ୍ରାହ୍ମଣୀତରଙ୍ଗ ଥାନାରେ ଦୀପକଙ୍କ ବିରୋଧରେ ୭ଟି, ରୋଶନଙ୍କ ବିରୋଧରେ ୧୦ଟି ଏବଂ ରମେଶଙ୍କ ବିରୋଧରେ ଗୋଟିଏ ଆପରାଧିକ ମାମଲା ରହିଛି। ପୋଲିସ ଏକ ମାମଲା ( ନଂ ୨୩୩/୨୫) ରୁଜୁ କରିଛି।

ସେହିପରି ଅନ୍ୟ ଏକ ମାମଲା (ନଂ.୨୭୦/୨୫) ରେ ଶନିବାର ଅପରାହ୍ନ ୨ଟାରେ ଅଭିଯୋଗକାରୀ ଦାଣ୍ଡିଆପାଲୀ ନିବାସୀ ହେମନ୍ତ ପତି(୪୭) ଥାନାରେ ଦେଇଥିବା ଏତଲା ଅନୁଯାୟୀ, ଗତ ୧୨ ତାରିଖ ରାତିରେ ତାଙ୍କ କମ୍ପାନୀର ୮ନଂ. ଗେଟ୍‌ରେ ୬୧୫ କେଜି କପର ଫ୍ଲାଟ୍ ଚୋରି ହୋଇଯାଇଥିଲା। ପୋଲିସ ତଦ କରି ଅଭିଯୁକ୍ତ ଅମରଶକ୍ତିନାଥ, ଦୀପକ, ମୁନା, ବିବେକ ଏବଂ ସତ୍ୟାନାଥଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୫୦ କେଜି କପର ଫ୍ଲାଟ୍, ହାଇୱା (ନଂ.ଓଡ଼ି୧୪ଜେଡ୍/୫୩୩୦) ଏବଂ ବୋଲେରୋ (ନଂ.ଓଡ଼ି୦୫ବିଏ/୭୦୩୬) ଜବତ ହୋଇଛି ବୋଲି ଡିଏସ୍‌ପି ଷଣ୍ଢ ସୂଚନା ପ୍ରଦାନ କରିଥିଲେ।

# ରାସ୍ତା ଅବସ୍ଥା ଶୋଚନୀୟ, ହେଉନି ମରାମତି

ରାଉରକେଲା,୧୪।୬(ବିପ୍ଳବ ରଞ୍ଜନ ଦାଶ)



ପାୱାରହାଉସ୍-ଉଦିତନଗର ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ରାଉରକେଲା ସହରର ବିଭିନ୍ନ ମୁଖ୍ୟମାର୍ଗ ଏବଂ ପ୍ରମୁଖ ସ୍ଥାନକୁ ଯୋଡୁଥିବା ଲିଙ୍କ୍ ରୋଡ୍ ଗୁଡିକର ଅବସ୍ଥା ଶୋଚନୀୟ ହୋଇପଡିଛି। ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କା ବ୍ୟୟବରାଦ ହେଉଥିଲେ ମଧ୍ୟ ରାସ୍ତାଗୁଡିକର ମରାମତି ଓ ପୁନରୁଦ୍ଧାର ଠିକ୍ ଭାବେ କରାଯାଉ ନ ଥିବା ଅଭିଯୋଗ ହେଉଛି। ସହରର ଟ୍ରାଫିକ୍ ଗେଟ୍‌ରୁ-ମ୍ୟୁନିସିପାଲ କଲେଜ ଦେଇ ଉଦିତନଗର ଆର୍‌ଏମ୍‌ସି ଅଫିସକୁ ଯୋଡୁଥିବା ରାସ୍ତାରେ ବହୁ ଛୋଟ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ସେହିପରି ଛେଣ୍ଡ ଅଞ୍ଚଳରେ ଥିବା ସଂଯୋଗୀକରଣ ରାସ୍ତା, ଡେଲି ମାର୍କେଟରୁ ଉଦିତନଗରକୁ ଯାଇଥିବା ମୁଖ୍ୟମାର୍ଗ, ମାର୍କେଟ ସହିତ ସଂଲଗ୍ନ ରାସ୍ତାଗୁଡିକର ଅବସ୍ଥା ମଧ୍ୟ ଦୟନୀୟ ହୋଇ ପଡିଛି। ରାସ୍ତାଗୁଡିକର ପୁନରୁଦ୍ଧାର ଓ ମରାମତି ହେଉନାହିଁ। ରାଜ୍ୟ ସରକାର ସହରାଞ୍ଚଳରୁ ଗ୍ରାମାଞ୍ଚଳ ଯାଏଁ ସୁଗମ ଯାତାୟାତ ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହାସତ୍ତ୍ୱେ ଗମନାଗମନ ବ୍ୟବସ୍ଥା ଦିଗହରା ହେଉଛି। ଏଣୁ ତୁରନ୍ତ ରାଉରକେଲା ସହରର ପ୍ରମୁଖ ସ୍ଥାନାକୁ ଯୋଡୁଥିବା ରାସ୍ତାଗୁଡିକର ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ଜରୁରୀ ହୋଇପଡିଛି। ଆଗକୁ ବର୍ଷା ଋତୁ ଥିବାରୁ ଉକ୍ତ ରାସ୍ତାଗୁଡିକ ମରାମତି କରିବାକୁ ଦାବି ହେଉଛି। ଏ ନେଇ ରାଉରକେଲା ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଏ.ସି ଆଲୋକ କୁମାର ନାୟକଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସି ସହ ବିଚାରବିମର୍ଶ କରି ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ରାସ୍ତା ଗୁଡିକରେ ସୃଷ୍ଟି ହୋଇଥିବା ଗର୍ତ୍ତଗୁଡିକ ସମତୁଲ କରାଯିବା ସହ ଆବଶ୍ୟକ ସ୍ଥଳେ ରାସ୍ତା ପୁନରୁଦ୍ଧାର କରାଯିବ ବୋଲି ନାୟକ କହିଥିଲେ।

# ପ୍ରଥମ ଦିନରେ ୨୨ ୟୁନିଟ୍ ସଂଗ୍ରହ

ରାଉରକେଲା,୧୪।୬(ବିପ୍ଳବ ରଞ୍ଜନ ଦାଶ)

## ଆଇଜିଏଚ୍‌ରେ ବିଶ୍ୱ ରକ୍ତଦାତା ଦିବସ

ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲରେ ଶନିବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଡ. ରଶ୍ମି ରଞ୍ଜନ ମହାନ୍ତି ଓ ଡ. ପ୍ରତିଭା ଷଡଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଡେପୁଟି ସିଏମ୍‌ଓ ଏବଂ ପାଥୋଲୋଜି ବିଭାଗ ମୁଖ୍ୟ ଡ. ଅରୁଣା ମୁକ୍ତି ମିଞ୍ଜ, ଆସ୍ଥା-ଦି ଫେଥ୍‌ର ସାଧାରଣ ସମ୍ପାଦକ ଆଲୋକ ଜେନା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଆଇଜିଏଚ୍‌ର ବହୁ ବରିଷ୍ଠ ଡାକ୍ତର, କାରଖାନାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଆଧୁନିକ ଚିକିତ୍ସା ବିଜ୍ଞାନରେ ରକ୍ତ ବର୍ଗୀକରଣର ବିକାଶ ସାଧନ କରିଥିବା ଡକ୍ଟର କାର୍ଲ ଲାଣ୍ଡଷ୍ଟେନରଙ୍କ ଜନ୍ମତିଥିକୁ ସାରା ପୃଥିବୀରେ ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ରକ୍ତଦାନ କରି ଅନ୍ୟ ଜୀବନର ଉତ୍ସ ହେବା ପାଇଁ ଏକ ସାମୂହିକ ଶପଥପାଠ ହୋଇଥିଲା। ଡକ୍ଟର ଅରୁଣା ମିଞ୍ଜ ରକ୍ତଦାନ ଗୁରୁତ୍ୱ, ଆଇଜିଏଚ୍‌ର ଭୂମିକା, ଗତବର୍ଷ ରକ୍ତଦାନର ପରିସଂଖ୍ୟାନ, ରକ୍ତ ସଞ୍ଚାରଣ କେନ୍ଦ୍ରର ପଦକ୍ଷେପ ଓ ସମ୍ମୁଖୀନ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ। ଆଇଜିଏଚ୍ ରକ୍ତ ଭଣ୍ଡାରର ବରିଷ୍ଠ ପରାମର୍ଶଦାତା ଡ. ପଙ୍କଜ କୁମାର ଦାସ ଚଳିତ ବର୍ଷ ବିଷୟବସ୍ତୁ 'ରକ୍ତ ଦିଅନ୍ତୁ, ଆଶା ଦିଅନ୍ତୁ: ମିଳିମିଶି ଆମେ ଜୀବନ ବଞ୍ଚାଇବା' ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଡ. ଆଚାର୍ଯ୍ୟ ନର୍ସିଂ ତାଲିମ ପ୍ରତିଷ୍ଠାନ, ଅଗ୍ନିଶମ ସେବା ବିଭାଗ ଓ ସଦ୍‌ଭାବନା ଲକ୍ଷେ ଘର ସମାଜ, ରାଉରକେଲାକୁ ସର୍ବୋଚ୍ଚ ରକ୍ତଦାତା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିତର୍କ ପ୍ରତିଯୋଗିତାର ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ବିଷ୍ଣୁମୋହନ ମିଶ୍ର ସ୍ୱାଗତ ଅଭିଭାଷଣ ଏବଂ ଆଲୋକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଆଇଜିଏଚ୍‌ର ରକ୍ତ ସଞ୍ଚାରଣ କେନ୍ଦ୍ରରେ ସପ୍ତାହ ବ୍ୟାପୀ ରକ୍ତଦାନ ଶିବିର ଆରମ୍ଭ ହୋଇଥିଲା। ଏହି ଶିବିର ଆଇଜିଏଚ୍ ବ୍ଲଡ ଟ୍ରାନ୍ସଫ୍ୟୁଜନ ସେଣ୍ଟର, ଆସ୍ଥା-ଦି ଫେଥ୍ ଏବଂ ଜୀବନ ଜ୍ୟୋତି ସାମାଜିକ ସେବା ସଙ୍ଗଠନ ଦ୍ୱାରା ମିଳିତ ଭାବେ ଆୟୋଜିତ ହେଉଛି। ପ୍ରଥମ ଦିବସରେ ୨୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି।



ଶିବିରରେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ଡଷ୍ଟ ସପ୍ରେସନ ବ୍ୟବସ୍ଥା ଯୋଗୁ ପରିବେଶଗତ ସ୍ଥାୟିତ୍ୱରେ ଉନ୍ନତି

ରାଉରକେଲା,୧୪।୬(ବିପ୍ଳବ ରଞ୍ଜନ ଦାଶ)



ବିଭାଗୀୟ ଅଧିକାରୀ ଓ କର୍ମଚାରୀ।

ପରିବେଶ ନିୟନ୍ତ୍ରଣ ଏବଂ କାର୍ଯ୍ୟକ୍ଷମ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆର୍‌ଏସ୍‌ପିର ସିଣ୍ଟର ପ୍ଲାଣ୍ଟ-୨(ଏସ୍‌ପି-୧) ବିଭାଗ ଏହାର ଡିସପ୍ୟାଚ୍ ବେଲ୍ଟ ସିରିଜରେ ନିଜସ୍ୱ ସମ୍ବଳରେ ବିକଶିତ ଡଷ୍ଟ ସପ୍ରେସନ ଡିଫଗ୍ ସିଷ୍ଟମ ସଫଳତାର ସହ କାର୍ଯ୍ୟକ୍ଷମ କରିଛି। ଏସ୍‌ପି-୨ ବିଭାଗରେ ସିଣ୍ଟରକୁ ଏକ ସିରିଜ କନଭେୟର ମାଧ୍ୟମରେ ବ୍ଲାଷ୍ଟ ଫର୍ନେସ-୧ ଏବଂ ୫କୁ ପଠାଯାଏ। ବ୍ଲାଷ୍ଟ ଫର୍ନେସ-୫ର ଦୁଇଟି ବେଲ୍ଟ ମଧ୍ୟରେ ସ୍ଥାନାନ୍ତର ଅଞ୍ଚଳ ଅତ୍ୟଧିକ ଧୂଳି ସୃଷ୍ଟି ନିରନ୍ତର କାର୍ଯ୍ୟକ୍ଷମ ଚ୍ୟାନେଲ ମଧ୍ୟରୁ ଗୋଟିଏ ଥିଲା। ବୈଷୟିକ ଓ ଦଳଗତ କାର୍ଯ୍ୟ ପ୍ରଦର୍ଶନ କରି ବିଭାଗ ପ୍ରଭାବଶାଳୀ ଭାବେ ସମସ୍ୟାର ମୁକାବିଲା କରିବା ପାଇଁ ଏକ କଷ୍ଟମାଇଜଡ ଡିଫଙ୍ଗି ସିଷ୍ଟମ ଡିଜାଇନ, ତିଆରି ଏବଂ ସ୍ଥାପନ କରିଥିଲା। ନୂତନ କାର୍ଯ୍ୟକ୍ଷମ ହୋଇଥିବା ସିଷ୍ଟମ ୬ଟି ରଣନୈତିକ ଭାବେ ସ୍ଥାପିତ ନୋଜଲରେ ସଜ୍ଜିତ ଯାହା ସୋଲେନଏଡ-ନିୟନ୍ତ୍ରିତ ଭାଲ୍‌ଭ ମାଧ୍ୟମରେ ଜଳକଣା ଏବଂ ସଙ୍କୁଚିତ ବାୟୁ ମିଶ୍ରଣ କରି ଏକ ସୂକ୍ଷ୍ମ କୁହୁଡି ସୃଷ୍ଟି କରୁଛି। ଏହି କୁହୁଡି ପ୍ରଭାବଶାଳୀ ଭାବେ ଉତ୍ସରେ ବାୟୁ ବାହିତ ଧୂଳି କଣିକାକୁ ଏକତ୍ରିତ କରି କାର୍ଯ୍ୟ ପରିବେଶରେ ଧୂଳିକଣା ହ୍ରାସ କରିବାରେ ସଫଳ ହୋଇଛି।

## ଆର୍‌ଏସ୍‌ପି ସିଣ୍ଟରିଂ ପ୍ଲାଣ୍ଟ-୨ ବିଭାଗ

ଏହି ବ୍ୟବସ୍ଥାର କାର୍ଯ୍ୟ ଦକ୍ଷତାକୁ ଆହୁରି ବୃଦ୍ଧି କରି ଏକ ଲଜିକ-ଆଧାରିତ ସ୍ୱୟଂଚାଳିତ ନିୟନ୍ତ୍ରଣ ଯନ୍ତ୍ରପାତି ପ୍ରସ୍ତୁତ କରାଯାଇଛି। ଏହି ଅଭିନବ ସମାଧାନ ପୂର୍ବରୁ ଧୂଳି ଦମନ କ୍ଷେତ୍ରରେ ଉତ୍କୃଷ୍ଟ ଫଳାଫଳ ପ୍ରଦର୍ଶନ କରିଛି ଏବଂ କାରଖାନା ମଧ୍ୟରେ ଅନ୍ୟ ସ୍ଥାନାନ୍ତର ପଏଣ୍ଟରେ ଅନୁରୂପ ଭାବେ ନିଜସ୍ୱ ସମ୍ବଳ ଉପଯୋଗ କରି ଏକ ମାନଦଣ୍ଡ ତିଆରି କରିଛି। ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ଅପରେଶନ୍ସ ମେକାନିକାଲ ଓ ବୈଦ୍ୟୁତିକ ବିଭାଗର ଏକ ଉତ୍ସର୍ଗୀକୃତ ଦଳ ଦ୍ୱାରା ସମ୍ଭବ ହୋଇପାରିଛି, ଯେଉଁଥିରେ ମେକାନିକାଲ ବିଭାଗର ଜିଏମ ଭେରିନ୍ଦର ସିଂହ, ଅପରେଶନ୍ସ ବିଭାଗର ଡିଜିଏମ ଶାନ୍ତନୁ ମହାନ୍ତ, ଇଲେକ୍ଟ୍ରିକାଲ ବିଭାଗର ଏଜିଏମ ବଳରାମ ରାଉତ, ଡେପୁଟି ମ୍ୟାନେଜର ପି. କେ. ନାଥ, ଆସିଷ୍ଟାଣ୍ଟ ମ୍ୟାନେଜର ଏଚ୍. ଗୁଡୁ ଏବଂ ଜୁନିୟର ମ୍ୟାନେଜର ଦେବଦତ୍ତ ସାହୁ ସାମିଲ ଥିଲେ। ସିଣ୍ଟର ବିଭାଗର ସିଜିଏମ୍ ଶେଖର ନାରାୟଣ ଏବଂ ସିଣ୍ଟର ପ୍ଲାଣ୍ଟ-୨ ବିଭାଗର ମୁଖ୍ୟ ସନ୍ତୋଷ କୁମାର ପାଢୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଏହି ପଦକ୍ଷେପ ସମ୍ପନ୍ନ ହୋଇଥିଲା।

# ଗ୍ୟାରେଣ୍ଟରଙ୍କ ନାଁରେ ଏତଲା

କୁଆଁରମୁଣ୍ଡା,୧୪।୬(ମହେନ୍ଦ୍ର କୁମାର ସାହୁ)

## ବନ୍ଧକ ଜମି ଜାଲିଆତି କରି ବିକ୍ରି ଅଭିଯୋଗ

୨୦୦୭ରେ ସୁନ୍ଦରଗଡ ଜିଲା କଲୁଙ୍ଗାସ୍ଥିତ ମା' ଭଗବତୀ ଇଣ୍ଡଷ୍ଟ୍ରି ନାଁରେ ବାଳକୃଷ୍ଣ ନାୟାର ରାଜଗାଙ୍ଗପୁର ୟୁକୋ ବ୍ୟାଙ୍କରୁ ମୋଟ ୮୫ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଏଥିରେ ବୀରମିତ୍ରପୁରର ଏମ୍‌ଡି କ୍ୱିମ୍ ଖାନ୍ (୫୭) ନିଜ ନାମରେ ଥିବା ବୀରମିତ୍ରପୁର ବ୍ରାହ୍ମଣମରାର ଘର ଓ ଜମିକୁ ବନ୍ଧକ ରଖି ଗ୍ୟାରେଣ୍ଟର ଥିଲେ। ତେବେ ବାଳକୃଷ୍ଣ ଦୀର୍ଘବର୍ଷ ହେଲା ବ୍ୟାଙ୍କ ଋଣ ପୈଠ କରୁନାହାନ୍ତି। ଅନ୍ୟପକ୍ଷେ ବନ୍ଧକ ଜମି ଓ ଘରକୁ କ୍ୱିମ୍ ଖାନ ଚଞ୍ଚକତା କରି ବୀରମିତ୍ରପୁରର ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ବିକ୍ରି କରିଥିବା ନେଇ ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ପ୍ରଭାତ ସାହୁ ବୀରମିତ୍ରପୁର ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏ ନେଇ ବୀରମିତ୍ରପୁର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଆଇଆଇସି ରାମ ପ୍ରସାଦ ନାଗ ସୂଚନା ଦେଇଛନ୍ତି।



ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ବାଙ୍କୋ ରିଜର୍ଭ ଫରେଷ୍ଟ ଅଞ୍ଚଳରେ ଆଇଇଡ଼ି ବିସ୍ଫୋରଣରେ ସିଆର୍‌ପିଏଫ୍ ୧୩୪ ବାଟାଲିୟନର ଏଏସ୍‌ଆଇ ସତ୍ୟବାନ ସିଂହ ଗୁରୁତର ହୋଇ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଖବର ପାଇ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ହସ୍ପିଟାଲରେ ପହଞ୍ଚି ଘଟଣାର ଅନୁସନ୍ଧାନ କରୁଛନ୍ତି। (ଫଟୋ: ସଙ୍ଗୀତା)

# ବିମାନ ଦୁର୍ଘଟଣାରେ ମୃତକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି

ସୁନ୍ଦରଗଡ,୧୪।୬(ଜୟ ନାରାୟଣ ମେଣ୍ଟୁଲି)

ଅହମ୍ମଦାବାଦଠାରେ ଘଟିଥିବା ବିମାନ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ଜିଲା ଭାଜପା ପକ୍ଷରୁ ଶନିବାର ସନ୍ଧ୍ୟାରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଡିଆରଡିଏ ଛକଠାରେ ଜିଲା ଭାଜପା ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା କୁସୁମ ଟେଟେ, ମଣ୍ଡଳ ସଭାପତି ଲକ୍ଷ୍ମୀ କାନ୍ତ ସାହୁ, କାଉନସିଲର ରମେଶ ସୋରେଙ୍ଗ, ଜିଲା ସମ୍ପାଦକ ଅମିୟ ପଟ୍ଟନାୟକ, ଆଶିଷ ପଟେଲ, ଯୁବ ମୋର୍ଚ୍ଚା ସଭାପତି ଶ୍ରୀକାନ୍ତ ଭଞ୍ଜ, ଅଶୋକ ସାହୁ, ସଂଗ୍ରାମ ବେହେରା, ଘନଶ୍ୟାମ ରଣା, ତପନ ମହାଲିଙ୍ଗ, ମିତ୍ର ପଟେଲ, ରୀନା ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟ କର୍ତ୍ତା ଓ ସଭ୍ୟାସଭ୍ୟ ଉପସ୍ଥିତ ରହି କ୍ୟାଣ୍ଡେଲ ଜାଳି ଶ୍ରଦ୍ଧା ସୁମନ ଜଣାଇଥିଲେ।

# ମନମୋହିଲା ଶାସ୍ତ୍ରୀୟ ନୃତ୍ୟ

ରାଉରକେଲା,୧୪।୬
(ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

## ପରିଚୟ ଅନୁଷ୍ଠାନର ରଜ ମହୋତ୍ସବ

ରାଉରକେଲାର ପରିଚୟ ଅନୁଷ୍ଠାନ ପକ୍ଷରୁ ବିଂଶତମ ରଜ ମହୋତ୍ସବ ଭଞ୍ଜ ଭବନ ଠାରେ ଶନିବାର ଆରମ୍ଭ ହୋଇଛି। ପ୍ରଥମ ଦିନ ମହୋତ୍ସବରେ ରାଉରକେଲା, ଜାମସେଦପୁର ଟାଟା, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ପଶ୍ଚିମ ବଙ୍ଗ, ଆନ୍ଧ୍ରପ୍ରଦେଶର ନୃତ୍ୟଶିଳ୍ପୀମାନେ ଭାଗ ନେଇ ଓଡିଶୀ, କଥକ, ଭାରତ ନାଟ୍ୟମ, କୁଚିପୁଡ଼ି ଆଦି ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିଲେ। ବରେଣ୍ୟ ଅତିଥି ଭାବେ ପାନପୋଷ ରେଞ୍ଜର ଜ୍ଞାନେନ୍ଦ୍ର ଲିମା ଯୋଗଦେଇ ଓଡ଼ିଆର ପ୍ରାଚୀନ ପର୍ବ ରଜ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ପ୍ରସନ୍ନ ଦାଶ, ସମ୍ପାଦକ ପଞ୍ଚାନନ ପାତ୍ର, ଯୁଗ୍ମ ସମ୍ପାଦକ ସୁଧୀର ଚରଣ ଦାସ ଏବଂ ଅନୁଷ୍ଠାନର ସଂଯୋଜିକା ଗାୟତ୍ରୀ ବିଶୋଇ ମହୋତ୍ସବ ପରିଚାଳନା କରିଥିଲେ। ଏଥିରେ ୧୦୨ଟି ଏକକ ନୃତ୍ୟ, ୩୫ଟି ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ବିହାର ପାଟନାରୁ ଆସିଥିବା ଆଞ୍ଚଳିକ ଭୋଜପୁରୀ ଲୋକ ନୃତ୍ୟଶିଳ୍ପୀ ସୋମା ଚକ୍ରବର୍ତ୍ତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ କୁମାର ବେହେରା, ଆଦର୍ଶ ପାଠାଗାର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ର, ସାଧାରଣ ସମ୍ପାଦକ ସୁକାନ୍ତ ଖୁଣ୍ଟିଆ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ରଜ ଭିତ୍ତିକ ଚିର ସବୁଜ ଗୀତ ବନସ୍ତେ ଡାକିଲା ଗଜ ପରିବେଷଣ ହୋଇଥିଲା। ଶେଷରେ ସମ୍ପାଦକ ପଞ୍ଚାନନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ରଜ ପାଇଁ ପାୱାର ହାଉସ୍‌ରୋଡ ସ୍ଥିତ ନ୍ୟାଶନାଲ କ୍ଲବ ପଡିଆରେ ସ୍ୱତନ୍ତ୍ର ଦୋଳି ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ମହିଳାମାନେ ୩୨ ପ୍ରକାର ପିଠା ପ୍ରଦର୍ଶନୀ କରିଥିଲେ। ସେହିଭଳି ସିଭିଲଟାଉନଶିପ୍ ସାଂସ୍କୃତିକ ପରିଷଦ ପକ୍ଷରୁ ଛୋଟପାର୍କ ପରିସରରେ ପରସ୍ପରକୁ ରଜ ଉତ୍ସବର ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ପରେ ଝିଅ ବୋହୂମାନେ ହୁଳହୁଳି ଓ ରଜ ସଙ୍ଗୀତ ପରିବେଷଣ କରିଥିଲେ। ରଜରେ ମିଠାପାନ ବିତରଣ କରିଥିଲେ। ମହିଳାମାନେ ସପରିବାର ବିଭିନ୍ନ ପାର୍କରେ ବୁଲାବୁଲି କରିଥିଲେ। ସେହିପରି ଗୃହସ୍ଥୀ ପରିବାର ପକ୍ଷରୁ ସେକ୍ଟର-୧୪ ସ୍ଥିତ ନନ୍ଦଗାଁରେ ରଜ ପର୍ବ ପାଳିତ ହୋଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ଦୋଳି, ପିଠା, ରଜପାନର ମଜାନେଲେ

## ଇସ୍ପାତ ନଗରୀରେ ରଜ ପାଳନ

ରାଉରକେଲା,୧୪।୬(ସଙ୍ଗୀତା ଜେନା)



ସିଭିଲଟାଉନଶିପ୍‌ରେ ମହିଳାମାନେ ଦୋଳି ଖେଳୁଛନ୍ତି।

ରଜ ପାଇଁ ଷ୍ଟିଲ ସିଟି ରାଉରକେଲା ଉତ୍ସବମୁଖର ହୋଇପଡିଛି। ଶନିବାର ପହିଲି ରଜକୁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଛି। ଏହି କ୍ରମରେ ସିଭିଲଟାଉନଶିପ୍ ସ୍ଥିତ ଯୋଗପାର୍କରେ ରଜ ଉତ୍ସବ ଆୟୋଜିତ ହୋଇଥିଲା। ସକାଳ ୯ଟାରେ ସିଭିଲଟାଉନଶିପ୍ ସାଂସ୍କୃତିକ ପରିଷଦ, ସିଭିଲ ଚାର୍ଜର୍ସ ଓ ମା' ଇନ୍ଦିରା ମହିଳା ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିରେନ ସେନାପତି, ବିନୋଦ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମା' ଇନ୍ଦିରା ମହିଳା ସମିତିର ପୁଷ୍ପା ଲେଙ୍କା ଓ ସୁଜିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁଚିଖେଳ, ପାନଭଙ୍ଗା, ମ୍ୟୁଜିକ ଚେୟାର, ହୁଳହୁଳି, ଶଙ୍ଖ ଫୁଙ୍କା, ପିଠା ପ୍ରତିଯୋଗିତା ଆଦି କରାଯାଇଥିଲା। ପରେ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ମହିଳା ଓ ଅନ୍ୟମାନେ ତାସଖେଳ ଓ ଅନ୍ୟାନ୍ୟ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମର ଭରପୁର ମଜା ଉଠାଇଥିଲେ। ପ୍ରମୋଦ ନାୟକ, ସୁଧାଂଶୁ ସାମଲ, ଶଶାଙ୍କ ଶେଖର ପ୍ରଧାନ, ପ୍ରତୀକ ଭୂୟାଁ, ପିଙ୍କୁ ଜସୱାଲ, ପ୍ରକାଶ ଚନ୍ଦ୍ର ଧଳ, ବିଭୂତି ପୁହାଣ, ବିରଞ୍ଚି ସାମଲ, ସଙ୍ଗୀତା ମହାନ୍ତି, ଲୀଳାବତୀ ସାହୁ, ସୁଲତା ଦାସ, ସୁଜାତା ପ୍ରଧାନ, ପ୍ରଭାତୀ ପରିଡା, ବୁଲୁ ଜେନା, ରାଜେଶ ମଲ୍ଲିକ, ଅଜୟ ଜେନା, ଭିକି ପରିଡ଼ା, ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ସାମାଜିକ ସଙ୍ଗଠନ ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ ପାଳିତ ହୋଇଥିଲା। ଶନିବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ପାନପୋଷ ଉପଜିଲାପାଳ ବିଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଜର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ ସଂହତି ଏବଂ ସହନଶୀଳତା ସୃଷ୍ଟି କରିବାରେ ପର୍ବପର୍ବାଣି ଶିକ୍ଷା ଦେଇଥାଏ। ପିଢ଼ି ପରେ ପିଢ଼ି ଏହା ପ୍ରକ୍ରିୟା ଚାଲିଆସୁଛି ବୋଲି ନାୟକ କହିଥିଲେ। ସେହିପରି ଅନ୍ୟତମ ଅତିଥି ଶିକ୍ଷାବିତ୍ ଶର୍ମିଷ୍ଠା କବି ଶତପଥୀ ପାରମ୍ପରିକ ପିଠା, ରଜପାନ ଓ ପାରମ୍ପରିକ ବ୍ୟଞ୍ଜନ ରଜପର୍ବକୁ ଅଧିକ ସରସ ସୁନ୍ଦର କରାଯାଇଥାଏ ବୋଲି କହିଥିଲେ। ପ୍ରାକ୍ତନ ଶିକ୍ଷକ ବ୍ରଜେନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରାମକୃଷ୍ଣ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ଇଂ. ଆଲୋକ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଟ୍ରଷ୍ଟି ଡା. ଦେବାଶିଷ ପଟ୍ଟନାୟକ, ଅବନୀ ଦାଶ, ଅରବିନ୍ଦ ଦାସ, ପ୍ରିୟବ୍ରତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ନଳିନୀକାନ୍ତ ଧର, ମନୋଜ ନନ୍ଦ, ସୁମନ୍ତ ଉପାଧ୍ୟାୟ, ରାଜୀବ ପାଣି, ଜଗନ୍ନାଥ ରାଉତ, ଅର୍ଦ୍ଧେନ୍ଦୁ ଷଡଙ୍ଗୀ, ବିଭୁ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# ପାରମ୍ପରିକ ପିଠାରେ ମହକିଲା ଅଞ୍ଚଳ


ରଜ ମହୋତ୍ସବକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।


ସମ୍ବଲପୁର ପାନ୍ଥ ବିବାସ ଉଦ୍ୟାନରେ ଆୟୋଜିତ ରଜ ମହୋତ୍ସବରେ ସେଲ୍‌ଫି ପଏଣ୍ଟରେ ମହିଳାମାନେ ଫଟୋ ଉଠାଉଛନ୍ତି ।

**ରଜ ମହୋତ୍ସବ ଉଦ୍‌ଘାଟିତ**

**ସମ୍ବଲପୁର,୧୪ା୬(ବି.ଶଙ୍କର)**

ଜିଲା ପର୍ଯ୍ୟଟନ ବିଭାଗ ଆୟୋଜିତ ରଜ ମଉଜ ତଥା ରଜ ମହୋତ୍ସବ-୨୫ ସମ୍ବଲପୁର ପାନ୍ଥ ବିବାସ ଉଦ୍ୟାନରେ ଶନିବାର ରାତି ୭ଟାରେ ଉଦ୍‌ଘାଟିତ ହୋଇଛି। ଜିଲା ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ଦଲେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବର ଶୁଭାରମ୍ଭ କରିଥିଲେ। ଓଡ଼ିଶାର ରଜପର୍ବର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଓଡ଼ିଆଙ୍କ ସ୍ପନ୍ଦନରେ ରଜପର୍ବ ରହିଛି। ପ୍ରତି ଘରେ ପରମ୍ପରିକ ପିଠାପଣା ଓ ପାନ ପ୍ରସ୍ତୁତି ହେବା ନିଆର ପରମ୍ପରା । ତେଣୁ ପ୍ରକୃତ ପକ୍ଷେ ରଜପର୍ବ ହେଉଛି କୃଷିଭିତ୍ତିକ ପର୍ବ ବୋଲି ମୁଖ୍ୟ ଅତିଥି ଦଲେଇ ନିଜ ବକ୍ତବ୍ୟରେ କହିଥିଲେ । ଓଏସ୍‌ଡି ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ପାନ୍ଥନିବାସ ପ୍ରବନ୍ଧକ ସନ୍ତୋଷ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହାପରେ ଅତିଥିମାନେ ରଜ ଦୋଲି ଏବଂ ବିଭିନ୍ନ ପ୍ରତିଯୋଗୀତାର ଶୁଭାରମ୍ଭ କରିଥିଲେ। ପାରମ୍ପରିକ ପିଠାପଣା ମଧ୍ୟରେ ମଣ୍ଡା, ଆରିସା, କାକରା, ଗୁଲାପ ଜାମୁନ, ପୋଡ଼ପିଠା, ଲବଙ୍ଗଲତା, ମାଣ୍ଡିଆ ମଣ୍ଡା, ମାଣ୍ଡିଆ, ଦହିବଡ଼ା, ଚକୁଳି ଗୁଗୁନି, ପୁରଦିଆ ଚକୁଳି, ମାଣ୍ଡିଆ ଚକୁଳି, ଆଳୁଚପ, ବିରିବରା ପ୍ରଭୃତି ସୁସ୍ୱାଦୁ ବ୍ୟଞ୍ଜନକୁ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ପାରମ୍ପରିକ ପିଠାରେ ଉତ୍ସବସ୍ଥଳ ମହାକି ଉଠିଥିଲା। ସେହିପରି ମହିଳାମାନଙ୍କ ଶଙ୍ଖନାଦ ଏବଂ ହୁଳହୁଳି ପ୍ରତିଯୋଗୀତାରେ ଅଞ୍ଚଳ ମୁଖରିତ ହୋଇଥିଲା। ଏଥିସହ ସ୍ୱତନ୍ତ୍ର ରଜପାନର ମହକ ଦର୍ଶକଙ୍କୁ ରଜ ଉତ୍ସବର ସ୍ୱତନ୍ତ୍ର ଓ ପରମ୍ପରାକୁ ଉଜ୍ଜିବିତ କରିଥିଲା। ଏହି ଅବସରରେ ପାନ୍ଥନିବାସ ଓ ଉଦ୍ୟାନ ରଙ୍ଗବେରଙ୍ଗ ଆଲୋକମାଳରେ ଝଟକୁ ଥିଲା। ମହିଳା ଓ ଯୁବତୀମାନେ ହାତରେ ମେହେନ୍ଦି, ପାଦରେ ଆଳିତା ଲଗାଇ ସୁନ୍ଦର ପୋଷାକରେ ସଜେଇ ହୋଇଥିଲେ। ସେମାନଙ୍କ ଝୁଲିବା ସୁସଜ୍ଜିତ ଦୋଳିର ବ୍ୟବସ୍ଥା ହୋଇଥିଲା। ଦୋଳିର ମଜା ନେବା ସହ ସମ୍ବଲପୁରୀ, ଓଡ଼ିଶୀ, ଆଧୁନିକ ଏବଂ ରଜ ଥିମ ନୃତ୍ୟ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ସେହିପରି ହୁଳହୁଳି, ଶଙ୍ଖନାଦ, ମ୍ୟୁଜିକ ଚେୟାର ଓ ଲାଇଭ କୁଇଜ ପ୍ରତିଯୋଗୀତାରେ ସେମାନେ ଭାଗନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଉପହାର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଅପରପକ୍ଷେ ସୁସଜ୍ଜିତ ରଜ ସେଲଫି ପଏଣ୍ଟରେ ଭିଡ ଲାଗିଥିଲା।

- **ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର**
- **ମହିଳାଙ୍କ ଶଙ୍ଖନାଦ, ହୁଳହୁଳିରେ ମୁଖରିତ ଉତ୍ସବସ୍ଥଳ**

## ଜନ୍ତୁ ଶିକାରୀ ଗିରଫ, ବନ୍ଧୁକ ଜବତ


ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ କନ୍ଦର୍ପ ମାଝି ଓ ଜବତ ବନ୍ଧୁକ ।

**କୁଚିଣ୍ଡା,୧୪ା୬(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅଧିନ ବେତଝରନ ସଂରକ୍ଷିତ ଜଙ୍ଗଲକୁ ଜନ୍ତୁ ଶିକାର ପାଇଁ ଆସିଥିବା ଜଣେ ଶିକାରୀଙ୍କୁ ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଗିରଫ ଶିକାରୀ ହେଲେ ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ଥାନା ଜଲଜଲି ଗ୍ରାମର କନ୍ଦର୍ପ ମାଝି(୪୬)। ବନବିଭାଗ ଅଭିଯୁକ୍ତଙ୍କଠାରୁ ୨ଟି ଦେଶୀ ବନ୍ଧୁକ, ବାରୁଦ ପାଉଡର ଓ ଫାଶ ଜବତ କରିଛି। ମହୁଲପାଲି ସେକ୍ସନ ଅଧିନ ବେତଝରନ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କନ୍ଦର୍ପ ଜନ୍ତୁ ଶିକାର ପାଇଁ ଆସିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଲେଖାରାଣୀ ମହାନନ୍ଦଙ୍କ ନେତୃତ୍ୱରେ ବନବିଭାଗ ଟିମ ଚଢାଉ କରିଥିଲା। କନ୍ଦର୍ପଙ୍କଠାରୁ ୨ଟି ବନ୍ଧୁକ, ବାରୁଦ ପାଉଡର ଓ ଫାଶ ଜବତ ହୋଇଛି। ୨୦୨୪-୨୫ରେ ବେତଝରନ ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସଞ୍ଜିବ କିଷାନ ଆହତ ହୋଇଥିଲେ। ଉକ୍ତ ଘଟଣାରେ କନ୍ଦର୍ପ ମୁଖ୍ୟ ଅଭିଯୁକ୍ତ ଭାବେ ଫେରାର ଥିଲେ। ଏହି ଚଢାଉରେ ରେଞ୍ଜର ମହାନନ୍ଦଙ୍କ ସହ ଫରେଷ୍ଟର ରଜନୀକାନ୍ତ ପଟେଲ, ଟିକମଚାନ୍ଦ ଚୌଧୁରୀ, ଚୂଡାମଣି ନାଏକ, ଫରେଷ୍ଟଗାର୍ଡସୀମା କଉଡି, ସିନ୍ଧୁକଛରିଆ, ଝରଣା ପ୍ରଧାନ ସାମିଲ ହୋଇଥିଲେ।

**ସଂକ୍ଷେପରେ**

## ଡିଜିଟାଲ ବସ୍ ଯୋଗେ ନିଶାମୁକ୍ତ ଅଭିଯାନ

**ସମ୍ବଲପୁର,୧୪ା୬(ଭବାନୀ ଶଙ୍କର ଭୋଇ)**

ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ମେଡିକାଲ ପ୍ରଭାଗ ତରଫରୁ ଏକ ଭ୍ରାମ୍ୟମାଣ ଡିଜିଟାଲ ବସ୍ ଶନିବାର ସମ୍ବଲପୁର ପହଞ୍ଚିଛି। ଏହି ବସ୍‌ରେ ଏଲଇଡି ସ୍କ୍ରିନ ମାଧ୍ୟମରେ ବିଭିନ୍ନ ଭିଡିଓ ଦେଖାଇ ନିଶାର ଭୟାବହ ପରିଣତି ଓ ନିଶାରୁ ମୁକ୍ତି ପାଇବାର ଉପାୟ ବିଷୟରେ ଲୋକଙ୍କୁ ସଚେତନ କରାଯାଉଛି। ଏହି ବସ୍‌ରେ ସଚେତନତା ସେବା ପାଇଁ ରାଉରକେଲାରୁ ନିଶାମୁକ୍ତି ବିଶେଷଜ୍ଞ ବ୍ରହ୍ମାକୁମାର ରାଜୀବ ଭାଇ ସମ୍ବଲପୁର ଆସିଛନ୍ତି। ସେ ନିଶାମୁକ୍ତ ହେବାର ଉପାୟ ବିଷୟରେ ଲୋକଙ୍କୁ ଅବଗତ କରିବା ସହ ହୋମିଓପାଥି ଚିକିତ୍ସା ମଧ୍ୟ କରୁଛନ୍ତି। ଲୋକଙ୍କୁ ନିଶା ବିରୋଧରେ ସଚେତନ କରିବା ସହ ଶପଥ ପାଠ କରାଇଥିଲେ। ଏହି ବସ ସ୍କୁଲ, କଲେଜ, ଗାଁ, ମନ୍ଦିର ଆଦି ସ୍ଥାନକୁ ଯାଇ ଜନ ସଚେତନତା ସୃଷ୍ଟି କରୁଛି। ଶନିବାର ଧନକଉଡାରେ ଆୟୋଜନ ହେଉଥିବା ବିକାଶ ମେଳାରେ ଲୋକଙ୍କୁ ସଚେତନ କରାଯାଇଥିଲା। ସେଠାରେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ନିଶାମୁକ୍ତି ପାଇଁ ସଚେତନ କରାଯିବ।

## ଚିତ୍ରଗୁପ୍ତ କଲ୍ୟାଣ ସଂଘର ଶ୍ରଦ୍ଧାଞ୍ଜଳି ସଭା

**ସମ୍ବଲପୁର,୧୪ା୬(ପ୍ରମୋଦ ବହିଦାର)**

ସମ୍ବଲପୁର ଚିତ୍ରଗୁପ୍ତ କଲ୍ୟାଣ ସଂଘ ପକ୍ଷରୁ ନିକଟରେ ପରଲୋକ ଘଟିଥିବା କରଣ ସମାଜର ୩ ସଦସ୍ୟାସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ମହାନ୍ତିପଡ଼ାସ୍ଥିତ ଚିତ୍ରଗୁପ୍ତ କଲ୍ୟାଣ ସଂଘ କାର୍ଯ୍ୟାଳୟରେ ସମ୍ପାଦକ ଆଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଦିବଂଗତ ମହାନ୍ତିପଡ଼ାର କଳ୍ପନା ଟାଲି, ପ୍ରଦୀପ ସାହାଣୀ ଓ ପ୍ରବୀର ବହିଦାରଙ୍କ ଆତ୍ମାର ସଦ୍‌ଗତି କାମନା ପୂର୍ବକ ୨ ମିନିଟ୍ ନୀରବ ପ୍ରାର୍ଥନ କରାଯାଇଥିଲା। ସମାଜର ସଦସ୍ୟମାନେ ଦିବଂଗତଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ପରେଶ ଦାନୀ, ସୁକାନ୍ତ ବହିଦାର, ପ୍ରଫୁଲ୍ଲ ସାହାଣୀ, ଦିଲୀପ କୁଅଁର, ଆନନ୍ଦ ବିହିଦାର, ପ୍ରଦ୍ୟୋତ ପଟ୍ଟନାୟକ, ବିକାଶ ମହାନ୍ତି, ଦୁର୍ଗାଚରଣ ଦାନୀ, ମିଲନ ସାହାଣୀ, ରତନ ବହିଦାର ପ୍ରମୁଖ ସଂଘ ସଦସ୍ୟମାନେ ଯୋଗ ଦେଇଥିଲେ।

# ଭବିଷ୍ୟତ ଗଠନ ପାଇଁ କାମ କର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଅଖିଳ ଭାରତୀୟ ତୈଳିକ ବୈଶ୍ୟ ସମାଜ ମହାସଭା**

**କୁଚିଣ୍ଡା,୧୪ା୬(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ପତ୍ରାପାଲିରେ ଅଖିଳ ଭାରତୀୟ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଶନିବାର ଏକ ମହାସଭା ଅନୁଷ୍ଠିତ ହୋଇଯାଇଛି। ପତ୍ରାପାଲି କେନ୍ଦ୍ର ସଭାପତି ଯଦୁମଣି ପୃଷ୍ଟେଠ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାସଭାକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସମାଜ ସଙ୍ଗଠନକୁ ସୁଦୃଢ କରି ଆଗାମୀ ପୀଢିଙ୍କ ଭବିଷ୍ୟତ ଗଠନ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ଦେବାଶିଷ ସାହୁ ମୁଖ୍ୟବକ୍ତା, ତୁଳସୀରାମ ସାହୁ, ତୁଳେଶ୍ୱର ସାହୁ, ବଳଦେବ ସାହୁ, ବିରଞ୍ଚି ସାହୁ, ଆନନ୍ଦ ସାହୁ, ଭିକାରୀ ଚରଣ ସାହୁ, ଲକ୍ଷ୍ମଣ ସାହୁ, ଲକ୍ଷ୍ମୀକାନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପୂର୍ବାହ୍ନରେ ସମାଜର ମୁଖ୍ୟ ପୁରୋଧା ବିଜୟାନନ୍ଦ ପୃଷ୍ଟେଠଙ୍କ ଦ୍ୱାରା ସମାଜ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ମେଧାବୀ ଛାତ୍ରୀଛାତ୍ର, ସଫଳ ବ୍ୟବସାୟୀ, ବୟସ୍କ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା କାର୍ଯ୍ୟକ୍ରମ ପରିଚାଳନାରେ କୋଷାଧ୍ୟକ୍ଷ ବସନ୍ତ ପୃଷ୍ଟେଠ, କାର୍ଯ୍ୟକାରୀ ସଭାପତି ସୁନ୍ଦରଲାଲ ପୃଷ୍ଟେଠ, ଉପସଭାପତି ଦନାର୍ଦ୍ଦନ ପୃଷ୍ଟେଠ, ସହସମ୍ପାଦକ କୁଳମଣି ପୃଷ୍ଟେଠ, ଉପଦେଷ୍ଟା ଜୟାନନ୍ଦ ବେହେରା,ସନାତନ ପୃଷ୍ଟେଠ,ବାସୁଦେବ ପୃଷ୍ଟେଠ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ତିଲେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ମ୍ୟାଚରେ ଜିଏମ୍‌ୟୁ ବିଜୟୀ, ଦ୍ୱିତୀୟ ମ୍ୟାଚ୍ ଅମୀମାଂସିତ

**ସନାତନ ବେହେରା ସ୍ମାରକୀ ଫୁଟ୍‌ବଲ**

**ସମ୍ବଲପୁର,୧୪ା୬(ପ୍ରମୋଦ ବହିଦାର)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ଡା. ସନାତନ ବେହେରା ସ୍ମାରକୀ ଫୁଟବଲ୍ ପ୍ରତିଯୋଗୀତାରେ ଶନିବାର ଦୁଇଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ଓ ପୋଲିସ କ୍ଲବ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ ମେହେର ଆସୋସିଏସନ୍ ଓ ପୂର୍ବତଟ ରେଳବାଇ ମଧ୍ୟରେ ହୋଇଥିଲା। ପ୍ରଥମ ମ୍ୟାଚରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପିଣ୍ଟୁ ଓରାମଙ୍କ ଏକମାତ୍ର ଗୋଲରେ ପୋଲିସ ଦଳକୁ ପରାସ୍ତ କରିଛି। ସେହିପରି ମେହେର ଆସୋସିଏଶନ୍ ଓ ପୂର୍ବତଟ ରେଳବାଇ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ଫଳରେ ଉଭୟ ଦଳ ସମାନ ପଏଣ୍ଟ ଭାଗ କରିଛନ୍ତି। ଶନିବାର ମ୍ୟାଚରେ ଅତିଥିଭାବେ ବିରଜା ଶଙ୍କର ହୋତା ଓ ଭୁପେଶ ମୁଣ୍ଡ ଯୋଗ ଦେଇଥିଲେ। ଜୟନ୍ତ କୁମାର ପିଙ୍ଗ, ପରେଶ ଭୋଇ, ପରେଶ ପ୍ରଧାନ, କର୍ଣ୍ଣ ବେହେରା, ଦେବାନନ୍ଦ ମିର୍ଦ୍ଧା, ଆନନ୍ଦ ମିର୍ଦ୍ଧା, କିଶୋର ଭୋଇ, ଅଭିମନ୍ୟୁ ମିର୍ଦ୍ଧା ରେଫରୀ ଭାବେ ଉଭୟ ମ୍ୟାଚକୁ ପରିଚାଳନା କରିଥିଲେ। ସୁବାଶ ଚନ୍ଦ୍ର ରାଉତ ମ୍ୟାଚ କମିଶରର ଦାୟିତ୍ୱ ନିର୍ବାହ କରିଥିଲେ।

## ବିଶ୍ୱ ରକ୍ତଦାତା ଦିବସରେ ବାଇକ୍ ଶୋଭାଯାତ୍ରା


ରକ୍ତଦାନ ସଚେତନତା ପାଇଁ ଶନିବାର ବାହାରିଥିବା ବାଇକ ଶୋଭାଯାତ୍ରା ।

**ସମ୍ବଲପୁର,୧୪ା୬(ଭବାନୀ ଶଙ୍କର ଭୋଇ)**

ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ଶନିବାର ସମ୍ବଲ ଅନୁଷ୍ଠାନ ଏବଂ ଜିଲା ରେଡ଼କ୍ରସ ସୋସାଇଟି ତରଫରୁ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମ୍ବଲର ସଂଯୋଜକ ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ବାଇକ ଶୋଭାଯାତ୍ରା ସମଲେଇ ମନ୍ଦିର ନିକଟ ଶୀତଳେଶ୍ୱର ବାବାଙ୍କ ମନ୍ଦିର ସାମ୍ନାରୁ ବାହାରି କୁଞ୍ଜେଲପଡା, ବଡ଼ସଡକ, ସାନସଡକ, ମୁଦିପଡା, ଲକ୍ଷ୍ମୀଟକିଜ ଛକ, ଜିଏମ କଲେଜ ଛକ, ଅଇଁଠାପାଲି ପର୍ଯ୍ୟନ୍ତ ପହଞ୍ଚିଥିଲା। ପରେ ସେଠାରୁ ପୁଣି ବାଇକ ଶୋଭାଯାତ୍ରା ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତ ଭଣ୍ଡାରରେ ସମାପ୍ତ ହୋଇଥିଲା। ଏହାକୁ ଆନୁଷ୍ଠାନିକଭାବେ ଡାକ୍ତର କବିର ଦାସ ପୁରୋହିତ, ସୁଧୀର ପୂଝାରୀ ଏବଂ ରେଡ଼କ୍ରସ ସମ୍ପାଦକ ରୋଜାଲିନ ତିର୍କୀ ପତାକା ଦେଖେଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରକ୍ତର ଅଭାବ ପୂରଣ ପାଇଁ ରକ୍ତଦାନ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ତେଣୁ ଅଧିକରୁ ଅଧିକ ରକ୍ତଦାନ କରିବାକୁ ଉତ୍ସାହିତ କରିବା ଜରୁରୀ ବୋଲି ଅତିଥିମାନେ ମତଦେଇଥିଲେ। ଏଥିରେ ସମ୍ବଲପୁରର ସମସ୍ତ ସାମାଜିକ, ସାଂସ୍କୃତିକ ଏବଂ କ୍ରୀଡା ସଙ୍ଗଠନ ସହଯୋଗ କରିଥିଲେ। ବିଭିନ୍ନ ସମୟରେ ରକ୍ତର ଘୋର ଅଭାବ ଦେଖାଦେଉଛି। ତେଣୁ ରକ୍ତର ଅଭାବ ଦୂରକରିବା ପାଇଁ ଲୋକମାନଙ୍କୁ ରକ୍ତଦାନ କରିବାକୁ ସଚେତନ କରିବା ପାଇଁ ଏହି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସମ୍ବଲ ସମ୍ପାଦକ ସୁବ୍ରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସମ୍ବଲର ଉପଦେଷ୍ଟା ପଞ୍ଚାନନ ତ୍ରିପାଠୀ, ରାଜେନ୍ଦ୍ର ଦାସ, ଦିଲୀପ ଘୋଷ, ଆନନ୍ଦ ପବିତ୍ର ଦେଓ, ଅରୁଣ ଦିଲୀପ ସାହୁ, ଶ୍ରୀବତ୍ସ ପଣ୍ଡା ରେଡ଼କ୍ରସର ପ୍ରମିଳା ବେହେରା, ଅମୂଲ୍ୟ କୁମାର ବଡ଼ପଣ୍ଡା, ମହାଦେବ ବେହେରା ସହଯୋଗ କରିଥିଲେ। ଏହାପରେ ରକ୍ତଭଣ୍ଡାର ପରିସରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଗ୍ରାମ୍ୟ ସମ୍ବଳ ବ୍ୟକ୍ତିଙ୍କ ଏକଦିବସୀୟ କର୍ମଶାଳା

**ଜମନକିରା,୧୪ା୬(ରବୀନ୍ଦ୍ର ପ୍ରସାଦ ଦାନୀ):** ସମ୍ବଲପୁର ଜିଲା ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ଅନ୍ତର୍ଗତ ୨୧ ପଞ୍ଚାୟତର ଗ୍ରାମ୍ୟ ସମ୍ବଳ ବ୍ୟକ୍ତିଙ୍କ ଏକଦିବସୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଏମ୍‌ଜିଏନ୍‌ଆର୍‌ଜିଏସ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ବନ୍ଧୀୟ ଯୋଜନାର ନୀତି ଏବଂ ଅଧିକାର ବିଷୟରେ ତାଲିମ ଦିଆଯାଇଥିଲା। ତତ୍‌ସହିତ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଗରିବୀ କଲ୍ୟାଣ ଯୋଜନାଗୁଡ଼ିକର ସାମାଜିକ ସମୀକ୍ଷା ନିମିତ୍ତ ତାଲିମ ଗ୍ରାମ୍ୟ ସମ୍ବଳ ବ୍ୟକ୍ତିମାନଙ୍କୁ ଦିଆଯାଇଥିଲା। ତାଲିମଦାତାଭାବେ ଜିଲା ପରିଷଦର ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ବ୍ଲକ ସାମାଜିକ ସମୀକ୍ଷକ ସପନ ଭୋଳ, ସବ୍ୟସାଚୀ ପଣ୍ଡା ଏବଂ ବ୍ଲକର ଯନ୍ତ୍ରୀ ଓ ଯୋଗାଣ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ମନ୍ଦିର ବିକାଶ କାମ ତଦାରଖ କଲେ ଜିଲା ପରିଷଦ ଉପାଧ୍ୟକ୍ଷ

**ସମ୍ବଲପୁର,୧୪ା୬(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା ଶନିବାର ମାନେଶ୍ୱର ମାନଧାତା ବାବା ମନ୍ଦିର ପରିଦର୍ଶନ କରି ଚାଲିଥିବା ବିକାଶ କାର୍ଯ୍ୟର ତଦାରଖ କରିଥିଲେ। ଏହାସହ ମନ୍ଦିର ପରିସରରେ ଭକ୍ତମାନଙ୍କ ପାଇଁ ରହିଥିବା ଆବଶ୍ୟକତା ବିଷୟରେ ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ଏହି ଅବସରରେ ମାନଧାତା ବାବା ମହାଦେବ ମନ୍ଦିର ଟ୍ରଷ୍ଟ ପକ୍ଷରୁ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମାନଧାତା ବାବା ମହାଦେବ ମନ୍ଦିର ଟ୍ରଷ୍ଟ ସଦସ୍ୟ ବିଧାନଚନ୍ଦ୍ର ପଣ୍ଡା, ଶୀଳା ଯୋଗେନ୍ଦ୍ର, ରାମକୃଷ୍ଣ ବେହେରା, ମନ୍ଦିର ପୂଜକ ଗୋପୀନାଥ ପୂଜାରୀ, ବିଶ୍ୱନାଥ ପୂଜାରୀଙ୍କ ସହ ମନ୍ଦିର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।


ମନ୍ଦିର କମିଟି ସଦସ୍ୟଙ୍କ ସହ ଜିଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା ।

# ପଶ୍ଚିମ ଓଡ଼ିଶାରେ ପ୍ରତିଭାର ଅଭାବ ନାହିଁ

**ସମ୍ବଲପୁର କଳା ଏକାଡେମୀର ପୁରସ୍କାର ବିତରଣ ଉତ୍ସବ**

**ସମ୍ବଲପୁର,୧୪ା୬(ବି.ଶଙ୍କର)**

ପଶ୍ଚିମ ଓଡ଼ିଶାରେ ପ୍ରତିଭାର ଅଭାବ ନାହିଁ । କିନ୍ତୁ ଅଭିଭାବକମାନଙ୍କ ଉଦାସୀନ ମନୋଭାବ ଏବଂ ପ୍ରୋତ୍ସାହନ ଅଭାବରୁ ଛାତ୍ରୀଛାତ୍ରମାନେ କଳା ସଂସ୍କୃତି କ୍ଷେତ୍ରରେ ସ୍ୱପ୍ନ ଦେଖିବାରୁ ବଞ୍ଚିତ ହୋଇଛନ୍ତି। ଶନିବାର ସମ୍ବଲପୁର କଳା ଏକାଡେମୀ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା-୨୫ର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ମହାରଣା ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ପୋଥିଗତ ବିଦ୍ୟା ସହ ଛାତ୍ରୀଛାତ୍ରମାନେ ସେମାନଙ୍କର ଦୈବ ପ୍ରଦତ୍ତ ଅନ୍ତର୍ନିହିତ ପ୍ରତିଭାକୁ ପ୍ରସ୍ଫୁଟିତ କରି ପାରିଲେ ଜୀବନ ଆହୁରି ସରସ ସୁନ୍ଦର ଏବଂ ସଂସ୍କୃତିମୟ ହୋଇ ପାରିବ। ଧନୁପାଲି ସ୍ଥିତ ଅନୁଷ୍ଠାନର ନିଜସ୍ୱ ପ୍ରେକ୍ଷାଳୟରେ ଏକାଡେମୀ ଅଧ୍ୟକ୍ଷ ସଞ୍ଜୟ ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଏହି ଉତ୍ସବରେ କଳା ଶିକ୍ଷକ ସୁବ୍ରତ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। କଳା ଶିକ୍ଷକ ସୁମନ ଶେଖର ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରୀଷ୍ମକାଳୀନ ଅବସରରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର ୪୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବକୁ ଏକାଡେମୀର ବରିଷ୍ଠ ଚିତ୍ରଶିଳ୍ପୀ ପ୍ରଶାନ୍ତ କୁମାର ମାଝୀ, ନମ୍ରତା ନାୟକ, ଆକୃତି ଦାଶ, ରୋଷନି ପଣ୍ଡିତ ଏବଂ ଇତିଶା ମହାପାତ୍ର ପରିଚାଳନା କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ ।

## ସଂକ୍ଷେପରେ

### ଆଜିଠୁ ପ୍ରଧାନମନ୍ତ୍ରୀଙ୍କ କାନାଡା, ସାଇପ୍ରସ୍, କ୍ରୋଏସିଆ ଗସ୍ତ



ନୂଆଦିଲ୍ଲୀ,୧୪।୬(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାରଠାରୁ ୩ ରାଷ୍ଟ୍ର ଗସ୍ତରେ ଯିବେ। ସେ କାନାଡାରେ ଅନୁଷ୍ଠିତ ହେବାକୁ ଥିବା ଜି୭ ସମିଟ୍‌ରେ ଯୋଗଦେବା ସହ ସାଇପ୍ରସ୍ ଏବଂ କ୍ରୋଏସିଆ ଯାଇ ଉକ୍ତ ଦେଶ ସହ ଭାରତର ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ପାଇଁ ଉଦ୍ୟମ କରିବେ। କ୍ରୋଏସିଆକୁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଗସ୍ତ, ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହେବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୁଲିଡେସ୍‌ଙ୍କ ଆମନ୍ତ୍ରଣକ୍ରମେ ରବିବାର ପ୍ରଥମେ ପ୍ରଧାନମନ୍ତ୍ରୀ ସେଠାକୁ ଗସ୍ତ କରିବେ। ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ସାଇପ୍ରସ ଗସ୍ତ କରୁଛନ୍ତି। ଗସ୍ତର ଦ୍ୱିତୀୟ ଭାଗରେ ପ୍ରଧାନମନ୍ତ୍ରୀ ଜୁନ୍ ୧୬-୧୭ରେ କାନାଡାର କନାନାସ୍କିସ୍ ଯାଇ ଜି୭ ସମିଟ୍‌ରେ ଯୋଗଦେବେ। ଏଥିପାଇଁ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଆମନ୍ତ୍ରଣ କରିଥିଲେ।

### ବିମାନ ଦୁର୍ଘଟଣା ମୃତକଙ୍କ ପରିବାରକୁ ଅତିରିକ୍ତ ୨୫ ଲକ୍ଷ ଦେବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୧୪।୬

ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୪୧ ଜଣଙ୍କ ପରିବାର ସମେତ ଏକମାତ୍ର ଜୀବିତ ଯାତ୍ରୀଙ୍କୁ ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆ ଅତିରିକ୍ତ ୨୫ ଲକ୍ଷ ଟଙ୍କା ଲେଖାଏ ଆଗୁଆ ସହାୟତା ପ୍ରଦାନ କରିବ ବୋଲି ଶନିବାର ଘୋଷଣା କରିଛି। ୧ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ପାଇଁ ଟାଟା ଗ୍ରୁପ୍ ପୂର୍ବରୁ ଘୋଷଣା କରିଥିବାବେଳେ ତ୍ୱରିତ୍ ଆର୍ଥିକ ସହାୟତା ଭାବେ ଏହି ୨୫ ଲକ୍ଷ ଟଙ୍କା ଅତିରିକ୍ତ ଭାବେ ପ୍ରଦାନ କରାଯିବ ବୋଲି ଏୟାର ଇଣ୍ଡିଆ ସିଇଓ କାମ୍ପବେଲ୍ ୱିଲସନ୍ କହିଛନ୍ତି। ମୃତକମାନଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରିବା ପ୍ରକ୍ରିୟାରେ ଏୟାର ଇଣ୍ଡିଆ ଟିମ୍ ସହାୟତା କରୁଛି। ସ୍ଥିତିର ସମ୍ବେଦନଶୀଳତାକୁ ସ୍ୱୀକାର କରି କଠିନ ସମୟରେ ପ୍ରିଭେସି ଦେବା ପାଇଁ ୱିଲସନ୍ କ୍ଷତିଗ୍ରସ୍ତ ପରିବାର ସଦସ୍ୟଙ୍କୁ ନିବେଦନ କରିଛନ୍ତି।

### ବେଆଇନ ସଂଗଠନ ହିଜ୍‌ବୁତ୍-ତହରିର୍ ବିରୋଧରେ ଏନ୍‌ଆଇଏ ତଦନ୍ତ ଜାରି

**ମଧ୍ୟପ୍ରଦେଶ, ରାଜସ୍ଥାନରେ ଚଢ଼ାଉ**

ନୂଆଦିଲ୍ଲୀ,୧୪।୬

ମୁସଲିମ୍ ଯୁବକମାନଙ୍କୁ କଠୋରପନ୍ଥୀରେ ପରିଣତ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଥିବା ବେଆଇନ ସଂଗଠନ ହିଜବୁତ୍-ତହରିର୍‌ର ଆତଙ୍କବାଦ ଷଡ଼ଯନ୍ତ୍ରର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଏନ୍‌ଆଇଏ ଅଧିକାରୀମାନେ ରାଜସ୍ଥାନର ଭୋପାଳ ଅନ୍ତର୍ଗତ ୩ଟି ସ୍ଥାନ ଏବଂ ଝାଲାଓ୍ୱାରର ୨ ସ୍ଥାନରେ ତଲାସି କରିଥିବା ଜଣାପଡ଼ିଛି। ଭାରତର ନିର୍ବାଚିତ ସରକାରଙ୍କୁ ହଟାଇ ଶାରିଆତ ଆଇନ ଦ୍ୱାରା ଇସ୍‌ଲାମିକ୍ ଷ୍ଟେଟ୍ ପ୍ରତିଷ୍ଠା ଲାଗି ଉଦ୍ୟମ ଚଳାଇଥିବା ହିଜବୁତ୍-ତହରିର୍ ସଂଗଠନ ହିଂସାର ପ୍ରସାର ନିମନ୍ତେ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରୁଛି। ଚଢ଼ାଉ ବେଳେ ଏନ୍‌ଆଇଏ ଟିମ୍ ଜବତ କରିଥିବା ଡିଜିଟାଲ ଉପକରଣଗୁଡ଼ିକୁ ଫୋରେନ୍‌ସିକ୍ ଅନୁଧ୍ୟାନ ପାଇଁ ପଠାଯିବ ବୋଲି ଜଣାପଡ଼ିଛି।


# ଇରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ: ଇସ୍ରାଏଲ୍

ଜେରୁଜେଲମ/ତେହରାନ୍,୧୪।୬

ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ବହୁ ବର୍ଷ ଧରି କୁହୁଳୁଥିବା ଧୂଆଁ ଏବେ ନିଆଁର ରୂପ ନେଇ ବ୍ୟାପିବାରେ ଲାଗିଛି। ୨୦୨୩ ଅକ୍ଟୋବର ୭ରୁ ହାମାସ୍ ସହ ଯୁଦ୍ଧରତ ଥିବା ଇସ୍ରାଏଲ୍ ଜୁନ୍ ୧୩ରେ ଇରାନ୍ ଉପରେ ଅତର୍କିତ ଆକ୍ରମଣ କରିବା ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପରିସର ବଢ଼ିବା ଆଶଙ୍କା ପ୍ରକାଶ ପାଇଛି। ଇସ୍ରାଏଲ୍ ଆକ୍ରମଣରେ ଆଇଆର୍‌ଜିସି କମାଣ୍ଡର ହୋସେଇନ୍ ସଲାମି, ଇରାନ୍ ଚିଫ୍ ଅଫ୍ ଷ୍ଟାଫ୍ ମହମ୍ମଦ ବଘେରି, ଡେପୁଟି ଗୋଲାମ ଅଲୀ ରାଶିଦ୍, କୁଦ୍ସ ଫୋର୍ସ ନେତା ଇସ୍‌ମାଇଲ କାନି ଓ ୬ ଜଣ ବରିଷ୍ଠ ପରମାଣୁ ବୈଜ୍ଞାନିକ ପ୍ରାଣ ହରାଇଛନ୍ତି। ଯୁଦ୍ଧବିମାନ ଓ ଡ୍ରୋନ୍ ଷ୍ଟ୍ରାଇକ୍‌ରେ ଇରାନ୍‌ର ୭୮ ନିହତ ହୋଇଥିବାବେଳେ ୩୨୦ରୁ ଅଧିକ ଆହତ ହୋଇଥିବା ଇରାନ୍‌ର ଜାତିସଂଘ ପ୍ରତିନିଧି ସୂଚନା ଦେଇଛନ୍ତି। ଇସ୍ରାଏଲ୍ ଆକ୍ରମଣର ଜବାବ ଦେବାକୁ ଇରାନ୍ ମଧ୍ୟ ପଛାଇନାହିଁ। ଶୁକ୍ରବାର ରାତିରେ ଇରାନୀୟ ସେନାର ଆକ୍ରମଣରେ ଜେରୁଜେଲମ୍ ଓ ତେଲ ଆଭିଭ୍ ଆକାଶ ବିସ୍ଫୋରଣରେ ଝଟକି ଉଠିଥିଲା। ଏହା ପରେ ଶନିବାର ସକାଳେ ଇସ୍ରାଏଲ୍‌କୁ ଟାର୍ଗେଟ କରି ଇରାନ୍ ବହୁସଂଖ୍ୟକ ଦୂରଗାମୀ କ୍ଷେପଣାସ୍ତ୍ର ଓ ବାଲିଷ୍ଟିକ୍ ମିଶାଇଲ୍ ଛାଡ଼ିଛି। ଏଥିରେ ଅନ୍ୟୂନ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ଇସ୍ରାଏଲ୍‌ର ସେନା ନିଜ ନାଗରିକମାନଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦେଇଛି। ଉଭୟ ଇସ୍ରାଏଲ୍ ଓ ଇରାନ୍ ପକ୍ଷରୁ କୁହାଯାଇଛି ଯେ, ଆକ୍ରମଣ ଜାରି ରହିଲେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଇବ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, ଇସ୍ରାଏଲ୍ ପ୍ରତି ଇରାନ୍ ପଟୁ ରହିଥିବା ବିପଦକୁ ଶେଷ କରିବା ହେଉଛି ତାଙ୍କ ଉଦ୍ଦେଶ୍ୟ। ଇରାନ୍ ନାଗରିକମାନେ ସେମାନଙ୍କ ନେତାମାନଙ୍କ ବିରୋଧରେ ବିଦ୍ରୋହ କରନ୍ତୁ ବୋଲି ନେତାନ୍ୟାହୁ ଆହ୍ୱାନ ଦେଇଛନ୍ତି। ଇରାନ୍ ସରକାରଙ୍କୁ ଗାଦିଚ୍ୟୁତ କରାଯାଇପାରିଲେ ଇସ୍ରାଏଲ୍ ସ୍ୱାଗତ କରିବ ବୋଲି ସେ କହିଛନ୍ତି।



ଇରାନର ମିଶାଇଲ ଆକ୍ରମଣ ପରେ ତେଲ୍ ଆଭିଭ୍ ଆକାଶ ଧୂଆଁମୟ ହୋଇଯାଇଛି।



ଆୟାତୋଲ୍ଲା ଅଲୀ ଖାମେନେଇ



ବେଞ୍ଜାମିନ୍ ନେତାନ୍ୟାହୁ

ସେହିପରି ଇରାନୀୟ ମିଶାଇଲ୍ ଆକ୍ରମଣ ଜାରି ରହିଲେ ତେହରାନ୍ ଜଳିଯିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ଧମକ ଦେଇଛି। ଇସ୍ରାଏଲ୍ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଏୟାଲ ଜମିର, ମୋସାଦ୍ ଡାଇରେକ୍ଟର ଡେଭିଡ୍ ବର୍ନେଆ ଓ ଅନ୍ୟ ଶୀର୍ଷ ସାମରିକ ଅଧିକାରୀମାନଙ୍କ ସହ ସ୍ଥିତି ସମୀକ୍ଷା ବେଳେ କାଟ୍‌ଜ କହିଛନ୍ତି, ଇରାନୀୟ ଏକଛତ୍ରବାଦୀ ତଥା ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିଜ ଦେଶର ନାଗରିକମାନଙ୍କୁ ପଣବନ୍ଦୀ କରିଦେଲେଣି। ଇସ୍ରାଏଲୀ ନାଗରିକଙ୍କ ଉପରେ ଆପରାଧିକ ଆକ୍ରମଣର ବହୁମୂଲ୍ୟ ଦେବାକୁ ପଡ଼ିବ। ଖାମେନେଇ ଯଦି ଇସ୍ରାଏଲ ଉପରେ ଏପରି କ୍ଷେପଣାସ୍ତ୍ର ମାଡ଼ କରିଚାଲନ୍ତି ତେବେ ତେହରାନ୍ ଜଳିଯିବ ବୋଲି ସେ ଖୋଲା ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଇସ୍ରାଏଲ୍ ଇରାନ୍‌ର ସୀମିତ ଆଣବିକ ଓ ସାମରିକ ଘାଟିକୁ ଟାର୍ଗେଟ କରିଛି। ଇରାନ୍ ୨୦୦ ବାଲିଷ୍ଟିକ୍ ମିଶାଇଲ୍ ଇସ୍ରାଏଲ୍ ଉପରେ ଛାଡ଼ିଛି। ସେଗୁଡ଼ିକରୁ ଅଧିକାଂଶ ମିଶାଇଲକୁ ଏୟାର ଡିଫେନ୍ସ ସିଷ୍ଟମ୍ ଆୟତ୍ତ କରି ଖସାଇଦେଇଛି। ତେବେ ୩ ଇସ୍ରାଏଲୀ ପ୍ରାଣ ହରାଇଥିବାବେଳେ ୭୦ ଆହତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଜମ୍ମୁ-କଶ୍ମୀରକୁ ପାକିସ୍ତାନର ଅଂଶ ଦର୍ଶାଇ କ୍ଷମା ମାଗିଲା ଇସ୍ରାଏଲ୍

ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ସଂଘର୍ଷ ଚାଲିଥିବାବେଳେ ତେହରାନ୍‌ର ମିଶାଇଲ୍ ଆକ୍ରମଣରେ କେତେ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇପାରେ ତାହା ଦେଖାଇବାକୁ ଇସ୍ରାଏଲ୍ ଉଦ୍ୟମ କରିଥିଲା। ତେବେ ଏପରି କରିବାକୁ ଯାଇ ଇସ୍ରାଏଲ୍ ଭୁଲ୍‌ବଶତଃ ଜମ୍ମୁ-କଶ୍ମୀରକୁ ଭାରତୀୟ ସୀମାରୁ ବାଦ୍ ଦେଇ ପାକିସ୍ତାନର ଅଂଶ ରୂପେ ଦର୍ଶାଇଥିଲା। ସୋସିଆଲ ମିଡିଆରେ ଏନେଇ ୟୁଜର୍ସ ନାନା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଟ୍ୟାଗ୍ କରି ତୁରନ୍ତ ତ୍ରୁଟି ସୁଧାରିବାକୁ ଦାବି କରିଥିଲେ। ଏହାର ୯୦ ମିନିଟ୍ ଭିତରେ ଆଇଡିଏଫ୍ ଏହାକୁ ସୁଧାରି ନୂଆ ମ୍ୟାପ୍ ଜାରି କରିଥିଲା। ଏଥିସହ ଅନିଚ୍ଛାକୃତ ତ୍ରୁଟି ପାଇଁ କ୍ଷମା ମାଗିଥିଲା।

### କୋଭିଡ୍ ସକ୍ରିୟ ମାମଲା ୭,୪୦୦

**୨୪ ଘଣ୍ଟାରେ ୯ ମୃତ**

ନୂଆଦିଲ୍ଲୀ,୧୪।୬

ଭାରତରେ ଶନିବାର ୨୬୯ ନୂଆ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୭,୪୦୦କୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୯ ଜଣ କୋଭିଡ୍ ଆକ୍ରାନ୍ତ ପ୍ରାଣ ହରାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। କର୍ଣାଟକରୁ ଗୋଟିଏ ଦିନରେ ସର୍ବାଧିକ ୧୩୨ ନୂଆ ମାମଲା ମିଳିଥିବାବେଳେ ଗୁଜରାଟରୁ ୭୯, କେରଳରୁ ୫୪ ଏବଂ ମଧ୍ୟପ୍ରଦେଶରୁ ୨୦ ମାମଲା ଚିହ୍ନଟ ହୋଇଛି। ଅନ୍ୟ ରାଜ୍ୟ ମଧ୍ୟରେ ସିକିମ୍‌ରେ ୧୧, ତାମିଲନାଡୁରେ ୧୨ ଏବଂ ହରିୟାଣାରେ ୯ ଜଣ ସଂକ୍ରମିତ ହୋଇଛନ୍ତି। କେରଳରେ ସକ୍ରିୟ ମାମଲା ସଂଖ୍ୟା ସର୍ବାଧିକ ୨,୧୦୯ରେ ପହଞ୍ଚିଛି। ଏହା ପଛକୁ ଗୁଜରାଟ (୧,୪୩୭), ଦିଲ୍ଲୀ (୬୭୨), ମହାରାଷ୍ଟ୍ର (୬୧୩), କର୍ଣାଟକ (୫୨୭), ଉତ୍ତରପ୍ରଦେଶ (୨୪୮), ତାମିଲନାଡୁ (୨୩୨), ରାଜସ୍ଥାନ (୧୮୦) ଏବଂ ଆନ୍ଧ୍ରପ୍ରଦେଶ (୧୦୨) ରହିଛି। ଗତ ୨୪ ଘଣ୍ଟାରେ ମହାରାଷ୍ଟ୍ରରୁ ୪ ଜଣ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ କେରଳରୁ ୩, ରାଜସ୍ଥାନ ଓ ତାମିଲନାଡୁରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୮୭ରେ ପହଞ୍ଚିଛି।

### ମଣିପୁରରୁ ବିପୁଳ ଅସ୍ତ୍ର ଜବତ

ଗୁଆହାଟୀ,୧୪।୬

ମଣିପୁର ପୋଲିସ ଓ ସୁରକ୍ଷା ବଳ ୩୨୮ ବନ୍ଧୁକ ସମେତ ବିପୁଳ ପରିମାଣର ଗୁଳିଗୋଳା ଜବତ କରିଛି। ଶୁକ୍ରବାର ରାତିରୁ ଇମ୍ଫାଲ ଉପତ୍ୟକାର ୫ ଜିଲାରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। ଜବତ ବନ୍ଧୁକ ମଧ୍ୟରେ ୧୫୧ଟି ଏସ୍‌ଏଲ୍‌ଆର୍ ଏବଂ ୬୫ଟି ଇନ୍‌ସାସ୍ ରାଇଫଲ ରହିଛି। ୭୩ଟି ଅନ୍ୟ ରାଇଫଲ ରହିଥିବାବେଳେ ୫ଟି କାର୍ବାଇନ୍, ୨ଟି ଏମ୍‌ପି୫, ୧୨ଟି ଏଲ୍‌ଏମ୍‌ଜି, ୬ଟି ଏକେ ସିରିଜ୍ ରାଇଫଲ ଆଦି ରହିଛି। ଗୋଇନ୍ଦା ସୂଚନା ଆଧାରରେ ତଲାସି ଚାଲିଥିଲା।

# ବିମାନ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୨୭୦କୁ ବୃଦ୍ଧି

ନୂଆଦିଲ୍ଲୀ,୧୪।୬

ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ୨୭୦କୁ ବୃଦ୍ଧି ପାଇଛି। ଗୁରୁବାର ଅପରାହ୍ନରେ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏଆଇ ୧୭୧ ବିମାନ ଉଡ଼ାଣ ଆରମ୍ଭ କରିବାର କେଇ ମିନିଟ୍ ପରେ ବି.ଜେ. ମେଡିକାଲ କଲେଜ ହଷ୍ଟେଲ୍ ଓ ଏହାର କ୍ୟାଣ୍ଟିନ୍ କମ୍ପ୍ଲେକ୍ସକୁ ଧକ୍କା ଦେଇଥିଲା। ବିମାନର ଜଣେ ମାତ୍ର ଯାତ୍ରୀ ବଞ୍ଚିଥିବାବେଳେ ଅନ୍ୟ ୨୪୧ ଜଣଙ୍କ ଜୀବନ ଯାଇଥିଲା। ଏହା ବ୍ୟତୀତ ବିମାନ ଧକ୍କା ଯୋଗୁ ମେଡିକାଲ ଛାତ୍ରଙ୍କ ସମେତ ୨୪ ଜଣ ପ୍ରାଣ ହରାଇଥିଲେ। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତଙ୍କ ମଧ୍ୟରୁ ଶନିବାର ସୁଦ୍ଧା ୫ ଜଣ ଆଖି ବୁଜିବା ଫଳରେ ମୃତ୍ୟୁସଂଖ୍ୟା ୨୭୦ରେ ପହଞ୍ଚିଛି। ସମସ୍ତ ମୃତଦେହ ସିଟି ସିଭିଲ୍ ହସ୍ପିଟାଲରେ ପହଞ୍ଚିଥିବାବେଳେ ଡିଏନ୍‌ଏ ନମୁନା ମେଳ କରାଯାଇ ସେମାନଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଏହି ପ୍ରକ୍ରିୟା ଶେଷ ହେବା ପରେ ମୃତଦେହଗୁଡ଼ିକୁ ସେମାନଙ୍କ ସମ୍ପର୍କୀୟଙ୍କ ହସ୍ତାନ୍ତର କରାଯିବ।

**ପାଇଲଟ୍‌ଙ୍କ ଶେଷ ବାର୍ତ୍ତା 'ଥ୍ରଷ୍ଟ ନଟ୍ ଆଚିଭ୍‌ଡ, ଫଲିଂ, ମେ'ଡେ**



ଲଣ୍ଡନ ଯାଉଥିବା ଏଆଇ ୧୭୧ ବିମାନ ମେଡିକାଲ ହଷ୍ଟେଲରେ ଧକ୍କା ହେବା ପୂର୍ବରୁ ବିପଦର ସମ୍ମୁଖୀନ ହୋଇଥିବା ନେଇ ପାଇଲଟ୍ ଅହମଦାବାଦ ଏୟାରପୋର୍ଟର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ବାର୍ତ୍ତା ଦେଇଥିଲେ। ତାଙ୍କର ଶେଷ ବାର୍ତ୍ତା ଥିଲା, 'ଥ୍ରଷ୍ଟ ନଟ୍ ଆଚିଭ୍‌ଡ', 'ଫଲିଂ', 'କମ୍ୟୁନିକେଶନ ଲାଇନ୍ ଡିଉରିଂ ଦିସ୍ ଟ୍ରାନ୍ସମିଶନ ଭେରି ଉଇକ୍' ଏବଂ 'ମେ'ଡେ'(ବିମାନ ଉପରକୁ ଉଠିବା ଲାଗି ଶକ୍ତି ମିଳୁନାହିଁ, ଖସୁଛି, ଯୋଗାଯୋଗ ଲାଇନ୍ ଅତ୍ୟନ୍ତ ଦୁର୍ବଳ ରହିଛି ଏବଂ ବିପଦରେ ଅଛି)। ଗୁରୁବାର ଅପରାହ୍ନ ୧ଟା ୩୭ ମିନିଟ୍ ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବା ପରେ ବିମାନରେ କୌଣସି ସମସ୍ୟା ଦେଖାଦେଇଥିବା ପାଇଲଟ୍‌ଙ୍କ ଏହି ବାର୍ତ୍ତାରୁ ସ୍ପଷ୍ଟ ହେଉଛି। ବିମାନରେ ୨୩୦ ଯାତ୍ରୀ, ୨ ପାଇଲଟ୍ ଏବଂ ୧୦ କ୍ରିଉ ସଦସ୍ୟ ଥିଲେ। ୨୦୧୧ରେ ବ୍ୟବସାୟିକ ଉଡ଼ାଣରେ ସାମିଲ ହେବା ପରେ ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନର ଏହା ଥିଲା ପ୍ରଥମ ଘାତକ ଦୁର୍ଘଟଣା। ଦୁର୍ଘଟଣାସ୍ଥଳରୁ ଶୁକ୍ରବାର ମିଳିଥିବା ବିମାନର ବ୍ଲାକ୍‌ବକ୍ସର ଡିକୋଡିଂ କରାଯାଉଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି। ଦୁର୍ଘଟଣା ପୂର୍ବରୁ ବିମାନରେ କ'ଣ ଘଟିଥିଲା ଓ କେଉଁ କାରଣରୁ ଦୁର୍ଘଟଣା ଘଟିଲା ତାହା ଡିକୋଡିଂ ପରେ ଜଣାପଡ଼ିବ। ଏହା ବ୍ୟତୀତ ଦୁର୍ଘଟଣାର କାରଣ ଜାଣିବା ପାଇଁ ସରକାର ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଥିବାବେଳେ ତଦନ୍ତ କାର୍ଯ୍ୟ ଆଗେଇ ଚାଲିଛି। ଦେଶରେ ଅତ୍ୟନ୍ତ କଠୋର ବିମାନ ଚଳାଚଳ ନିରାପତ୍ତା ମାନଦଣ୍ଡ ଏବଂ ଦୃଢ଼ ପ୍ରୋଟୋକଲ୍ ରହିଛି। ଏହାକୁ ଆହୁରି ସୁରକ୍ଷିତ କରିବା ପାଇଁ ସବୁକିଛି କରାଯିବ ବୋଲଇ ମନ୍ତ୍ରୀ ନାଇଡୁ କହିଛନ୍ତି।

# ରହସ୍ୟମୟ ୧୧ଏ ସିଟ୍

ନୂଆଦିଲ୍ଲୀ,୧୪।୬

୩ ଦଶନ୍ଧି ଅନ୍ତରରେ ଘଟିଥିବା ୨ଟି ବିମାନ ଦୁର୍ଘଟଣାରେ ବଞ୍ଚିଯାଇଥିବା ୨ ଯାତ୍ରୀଙ୍କ ସିଟ୍ ନମ୍ବର ୧୧ଏ ରହିଥିବା ଜଣାପଡ଼ିଛି। ପ୍ରଥମ ଦୁର୍ଘଟଣା ୧୯୯୮ରେ ଥାଇଲାଣ୍ଡରେ ଘଟିଥିବାବେଳେ ଦ୍ୱିତୀୟଟି ୨୦୨୫ ଜୁନ୍ ୧୨ରେ ଭାରତର ଅହମଦାବାଦରେ ଘଟିଛି। ଉଭୟ ଦୁର୍ଘଟଣାରେ ରହସ୍ୟମୟ ୧୧ଏ ସିଟ୍‌ର ଯାତ୍ରୀ ନିଶ୍ଚିତ ମୃତ୍ୟୁରୁ ବର୍ତ୍ତିଯାଇଛନ୍ତି। ଗୁରୁବାର ଏୟାର ଇଣ୍ଡିଆ ବିମାନ ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହେବାରୁ ବିମାନର ୨୪୧ ଜଣ ପ୍ରାଣ ହରାଇଥିବାବେଳେ ୧୧ଏ ସିଟ୍‌ରେ ବସିଥିବା ଏକମାତ୍ର ଯାତ୍ରୀ ବିଶ୍ୱାସ କୁମାର ରମେଶ ଜୀବିତ ରହିଛନ୍ତି। ୨୭ ବର୍ଷ ପୂର୍ବେ ଘଟିଥିବା ବିମାନ ଦୁର୍ଘଟଣାରେ ବଞ୍ଚିଯାଇଥିବା ଥାଇଲାଣ୍ଡର ଅଭିନେତା ତଥା ଗାୟକ ଜେମ୍ସ ରୁଆଙ୍ଗସାକ୍ ଲୟଚୁସାକ୍‌ଙ୍କର ସିଟ୍ ନମ୍ବର ୧୧ଏ ଥିଲା, ଯାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ସେ କହିଛନ୍ତି। ୧୯୯୮ରେ ଲୟଚୁସାକ୍ ଥାଇଲାଣ୍ଡ ଏୟାରୱେଜ୍‌ର ଟିଜି୨୬୧ ନମ୍ବର ବିମାନରେ ଯାତ୍ରା କରୁଥିବାବେଳେ ସେଠାର ସୁରଟ୍ ଥାନି ସହରରେ ଅବତରଣବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ମୋଟ ୧୪୬ ଜଣ ଥିଲାବେଳେ ସେମାନଙ୍କ ମଧ୍ୟରୁ ୧୦୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଜୀବିତଙ୍କ ମଧ୍ୟରେ ଲୟଚୁସାକ୍ ଅନ୍ୟତମ ଥିଲେ।

**୨ ବିମାନ ଦୁର୍ଘଟଣାରୁ ୨ ଜଣଙ୍କୁ ବଞ୍ଚାଇଛି**



ଜେମ୍ସ ରୁଆଙ୍ଗସାକ୍ ଲୟଚୁସାକ




ବିଶ୍ୱାସ କୁମାର ରମେଶ

# ଧୁବ୍ରୀରେ ସାମ୍ପ୍ରଦାୟିକ ହିଂସା: ୩୮ ଗିରଫ

ଗୁଆହାଟୀ,୧୪।୬

ଆସାମର ଧୁବ୍ରୀରେ ସାମ୍ପ୍ରଦାୟିକ ହିଂସା ବଢ଼ିବା ପରେ ଉପଦ୍ରବୀଙ୍କୁ ଦେଖିବା ମାତ୍ରେ ଗୁଳି ଚଳାଇବାକୁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଶୁକ୍ରବାର ରାତିରେ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ସେଠାରୁ ୩୮ ଜଣଙ୍କୁ ଗିରଫ କରାଗଲାଣି। ରାଜ୍ୟ ସରକାର ଧୁବ୍ରୀ ଜିଲାର ବରିଷ୍ଠ ଏସ୍‌ପି ନବୀନ ସିଂଙ୍କୁ ବଦଳି କରି ତାଙ୍କ ସ୍ଥାନରେ ହୈଲାକାଣ୍ଡି ଏସ୍‌ଏସ୍‌ପି ଲୀନା ଡୋଲିଙ୍କୁ ନିଯୁକ୍ତ କରିଛନ୍ତି। ବାଂଲାଦେଶ ସୀମାକୁ ଲାଗିଥିବା ଏହି ମୁସଲମାନବହୁଳ ଜିଲାରେ ରାପିଡ୍ ଆକ୍ସନ ଫୋର୍ସ ଏବଂ ସିଆର୍‌ପିଏଫ୍ ସମେତ ଅର୍ଦ୍ଧସାମରିକ ବଳକୁ ନିୟୋଜିତ କରାଯାଇଛି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ବାଂଲାଦେଶ ସପକ୍ଷ ପୋଷ୍ଟର ଅଭିଯାନ ଏବଂ ଧୁବ୍ରୀ ସହରର ଏକ ହନୁମାନ ମନ୍ଦିର ସମ୍ମୁଖରୁ ଗତ ୭ ତାରିଖରେ ଗୋରୁମୁଣ୍ଡ ମିଳିବାକୁ ନେଇ ଉତ୍ତେଜନା ବଢ଼ିବା ସହ ସଂଘର୍ଷ ଘଟିଥିଲା। ୯ ତାରିଖରେ ଜିଲା ପ୍ରଶାସନ ସହରରେ ନିଷେଧାଦେଶ ଲଗାଇଥିବାବେଳେ ଆଇନ ଶୃଙ୍ଖଳା ସ୍ଥିତିରେ ଉନ୍ନତି ଆସିବା ପରେ ପରଦିନ ଏହାକୁ ଉଠାଇ ନେଇଥିଲେ। ନବୀନ ବାଙ୍ଗଲା ନାମକ ସଂଗଠନ ଜିଲାରେ ଅସ୍ଥିରତା ସୃଷ୍ଟି କରିବା ସହ ଏହାକୁ ବାଂଲାଦେଶ ସହ ମିଶାଇବାକୁ ଉଦ୍ୟମ ଚଳାଇଥିବା ବିଶ୍ୱଶର୍ମା କହିଛନ୍ତି।



# ଆମିରଙ୍କ ସିକ୍ରେଟ୍

ମୁମ୍ବାଇ

ପ୍ରତିବର୍ଷ ଅଭିନେତାମାନେ କୋଟି କୋଟି ଟଙ୍କା ରୋଜଗାର କରନ୍ତି। ସେଭଳି ଜଣେ ହେଲେ ସୁପରଷ୍ଟାର ଆମିର ଖାନ। ତାଙ୍କ ରୋଜଗାର ମଧ୍ୟ କୋଟିରେ। ଏହି ଟଙ୍କାକୁ ସେ ନିଜେ କିମ୍ବା ତାଙ୍କ ପତ୍ନୀ ପରିଚାଳନା କରି ନ ଥାନ୍ତି। ଜଣେ ବ୍ୟକ୍ତି ଅଛନ୍ତି ସେ ଏହି ଦାୟିତ୍ୱ ତୁଲାଉଛନ୍ତି। ସେ ଯଦି ଚାହିଁବେ ଆମିର କିଛି ସେକେଣ୍ଡରେ ଦେବାଳିଆ ହୋଇଯିବେ। ଆମିର ନିକଟରେ ଏକ ସାକ୍ଷାତକାର ସମୟରେ ତାଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି। ସେ ହେଲେ ବିମଲ ପାରେଖ। ଅଭିନେତା ଆରମ୍ଭରୁ ସୃଜନଶୀଳତା ଉପରେ ଧ୍ୟାନ ଦେଉଥିଲେ। ତାଙ୍କର କେବେବି ଟଙ୍କା ପ୍ରତି ଆଗ୍ରହ ନ ଥିଲା। ସେବେଠାରୁ ସେ ତାଙ୍କ ଟଙ୍କାର ହିସାବ ନିକାଶ ବିମଲଙ୍କୁ ଦେଇଛନ୍ତି। ସବୁକିଛିର ସେ ହିସାବ ରଖି ଆସୁଛନ୍ତି। ଯଦି ସେ ଚାହିଁବେ, ତେବେ ଆମିରଙ୍କୁ ଗୋଟିଏ ମୁହୂର୍ତ୍ତରେ ଦେବାଳିଆ କରିପାରନ୍ତି। ତେବେ ବିମଲ ହେଉଛନ୍ତି ବଲିଉଡର ପ୍ରିୟ ଚାର୍ଟର୍ଡ ଆକାଉଣ୍ଟାଣ୍ଟ। ସେ ଜଣେ ଆର୍ଥିକ ପରାମର୍ଶଦାତା ମଧ୍ୟ। ସେ କେବଳ ଆମିର ନୁହନ୍ତି, ରଣବୀର କପୁର, କ୍ୟାଟ୍ରିନା କୈଫ, ଜୁହି ଚାୱଲା ଏବଂ କପିଲ ଶର୍ମାଙ୍କ ସିଏ। ସେ ଅନେକ ପ୍ରଡକ୍ସନ ହାଉସକୁ ଆର୍ଥିକ ମାର୍ଗଦର୍ଶନ ମଧ୍ୟ ଦେଇଛନ୍ତି। ଯେଉଁଥିରେ ଫରହାନ ଅଖତର-ରିତେଶ ସିଧୱାନୀଙ୍କ ଏକ୍ସେଲ ଏଣ୍ଟରଟେନମେଣ୍ଟ, ଜୋୟା ଅଖତର-ରୀମାଙ୍କ ଟାଇଗର ବେବି, ଭଂସାଲି ଏବଂ ଆଶୁତୋଷ ଗୋୱାରିକରଙ୍କ ପ୍ରଡକ୍ସନ ହାଉସ ଅନ୍ତର୍ଭୁକ୍ତ।

# ସର୍ବୋଚ୍ଚ ସ୍ତରରେ ସୁନା ଦର

**ଭୁବନେଶ୍ୱର,୧୪।୬**



କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ବଜାରରେ ସୁନା ଦର ବୃଦ୍ଧି ପାଇ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏପରିକି ଶନିବାର ଶୁଦ୍ଧ ସୁନା ଉପରେ ପ୍ରାୟ ୨୦୦୦ ଟଙ୍କା ବଢ଼ି ଦର ଲକ୍ଷେ ଅତିକ୍ରମ କରିଛି। ସେହିଭଳି ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୧,୦୧,୬୭୦ ଟଙ୍କାରେ କାରବାର ହେଉଥିଲାବେଳେ ୨୨ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୩,୨୦୦ ଟଙ୍କା ରହିଛି। ଅପରପକ୍ଷରେ ୧୮ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୬,୨୫୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୨୦,୦୦୦ ଟଙ୍କାରେ ପହଞ୍ଚିଛି। ସେହିପରି ଜାତୀୟ ବଜାରରେ ମଧ୍ୟ ସୁନା ଦରରେ ବୃଦ୍ଧି ଘଟିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୧୧୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୩,୪୦୦ ଟଙ୍କା ରହିଛି। ଅପରପକ୍ଷରେ ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୬,୭୫୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୬,୫୩୦ ଟଙ୍କାରେ ପହଞ୍ଚିଛି। ଏପରିକି ମୁମ୍ବାଇରେ ସୁନା ଦର ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୨୮୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୬,୭୧୦ ଟଙ୍କା, ଚେନ୍ନାଇରେ ୨୪ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୩୧୪ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୬,୫୭୦ଟଙ୍କା ଏବଂ କୋଲାକାତାରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୫୭୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୭,୨୦୦ ଟଙ୍କାରେ କାରବାର ହେଉଛି।

ଗୋଟିଏ ପଟରେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ଭୂ ରାଜନୈତିକ ଘଟଣାବଳୀ ଏବଂ ମଧ୍ୟପ୍ରାଚ୍ୟ ରାଷ୍ଟ୍ର ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଏହାରି ମଧ୍ୟରେ ସୁନା ଦର ବୃଦ୍ଧି ଉଭୟ ବଜାର ଓ ବ୍ୟବସାୟଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସେହିପରି ଅନ୍ତଃରାଷ୍ଟ୍ରୀୟ ବଜାରରେ ଉତ୍ପାଦନ ହ୍ରାସ ଓ ଦରବୃଦ୍ଧି ସାଙ୍ଗକୁ ନିବେଶକମାନେ ସୁନାରେ ଅଧିକ ନିବେଶ କରୁଥିବାରୁ ସୁନା ଦର ଉଚ୍ଚା ରହିଛୁ ବୋଲି ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସର୍ବାଧିକ କାରବାର ହୋଇଥିବା ଅଗଷ୍ଟ ଡେଲିଭରି କଣ୍ଟ୍ରାକ୍ଟ ୨,୦୧୧ ଟଙ୍କା ବୃଦ୍ଧି ପାଇ ପ୍ରଥମ ଥର ପାଇଁ ୧ ଲକ୍ଷ ଟଙ୍କା ଅତିକ୍ରମ କରିଛି। ସକାଳ କାରବାର ସମୟରେ ଏହା ୧୦ ଗ୍ରାମ ପିଛା ୧,୦୦,୪୦୩ ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ସ୍ପଟ୍ ସୁନାର ମୂଲ୍ୟ ୨୮.୩୦ ଡଲାର କିମ୍ବା ୦.୮୪% ବୃଦ୍ଧି ପାଇ ଆଉନ୍ସ ପ୍ରତି ୩,୪୧୫.୧୩ ଡଲାରରେ ପହଞ୍ଚିଛି। ବିଶେଷକରି ମଧ୍ୟପ୍ରାଚ୍ୟରେ ଏକ ବ୍ୟାପକ ସଂଘର୍ଷର ଭୟ ଏବଂ ଆମେରିକାର ବାଣିଜ୍ୟ ନୀତି ଓ ମୁଦ୍ରା ଦିଗକୁ ନେଇ ବଜାର ଚିନ୍ତା ବୃଦ୍ଧି ପାଇବା ମଧ୍ୟରେ ନିରାପଦ ସ୍ଥାନ ଚାହିଦା ବୃଦ୍ଧି ଯୋଗୁ ବିଶ୍ୱସ୍ତରରେ ଏହି ବୃଦ୍ଧି ଘଟିଛି।

## ଆଇଏଫ୍‌ଏଲ୍‌କୁ ନୀତିଗତ ଅନୁମୋଦନ

**ଭୁବନେଶ୍ୱର,୧୪।୬**

ଆଇଏଫ୍‌ଏଲ୍ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍(ଆଇଏଫ୍‌ଏଲ୍) କୁ ନିକଟରେ ନୀତିଗତ ଅନୁମୋଦନ ମିଳିଛି। ଏପରିକି କମ୍ପାନୀ ରାଇଟ୍ସ ଇସ୍ୟୁକୁ ଆକର୍ଷଣୀୟ ଭାବେ ଶେୟାର ପିଛା ୧ ଟଙ୍କା ମୂଲ୍ୟ ବିଶିଷ୍ଟ କରାଯାଇଛି ଏବଂ ଏହା ଅଂଶଧାରକମାନଙ୍କୁ କମ୍ପାନୀରେ ସେମାନଙ୍କର ଇକ୍ୱିଟି ବୃଦ୍ଧି କରିବା ନିମନ୍ତେ ଏକ ସୁଯୋଗ ଯୋଗାଇଦେଉଛି। ବିଶେଷକରି କୃଷି ସାମଗ୍ରୀର ଆମଦାନୀ, ରପ୍ତାନି ଓ ଟ୍ରେଡିଂ ସହ କୃଷି ସାମଗ୍ରୀ ବ୍ୟବସାୟରେ ନିୟୋଜିତ ଥିବା ଆଇଏଫ୍‌ଏଲ୍ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ (ବିଏସ୍‌ଇ-୫୪୦୩୭୭)ର ୪୯.୧୪ କୋଟି ଟଙ୍କା ରାଇଟ୍ସ ଇସ୍ୟୁ ସବ୍‌ସ୍କ୍ରିପସନ ନିମନ୍ତେ ୨୦୨୫ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ସେହିଭଳି କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକରେ ରାଇଟ୍ସ ଇସ୍ୟୁ ସମ୍ପର୍କରେ ବିଚାରକରିବା ସହ ତାହାକୁ ଅନୁମୋଦନ କରିଥିଲେ। ପୂର୍ବରୁ ୨୦୨୪ ଡିସେମ୍ବର ୩୦ ରେ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସର ନିଷ୍ପତ୍ତି ଏବଂ ୨୦୨୫ ମାର୍ଚ୍ଚ ୭ର ଚିଠା ଲେଟର ଅଫ୍ ଅଫରକୁ ପ୍ରସ୍ତାବିତ ୫୦କୋଟି ଟଙ୍କା ପର୍ଯ୍ୟନ୍ତ ରାଇଟ୍ସ ଇସ୍ୟୁ ପାଇଁ 'ନୀତିଗତ ଅନୁମୋଦନ'ହାସଲ କରାଯାଇଥିଲା।

## ଜୟଆଲୁକ୍କାସ୍‌ର ଆକର୍ଷଣୀୟ ରିହାତି ଅଫର

**ଭୁବନେଶ୍ୱର,୧୪।୬ (ଅଭୟ ଦାଶ)**




ଜୟଆଲୁକ୍କାସ୍‌ର ବହୁ ପ୍ରତୀକ୍ଷିତ ଅଫର ତଥା ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଫର ୨୦୨୫ ଜୁଲାଇ ୧୩ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସୀମିତ ଅବଧିର ଅଫର ସମୟରେ ଗ୍ରାହକମାନେ ସୁନା, କଟ୍ ଏବଂ ଅନ୍‌କଟ୍ ହୀରା, ପ୍ଲାଟିନମ୍, ରୁପା ଏବଂ ମୂଲ୍ୟବାନ୍ ପଥର ଅଳଙ୍କାରର ଏକ ଚମତ୍କାର ଶ୍ରେଣୀ ଉପରେ ଆକର୍ଷଣୀୟ ଏବଂ ମେକିଂ ଚାର୍ଜ ଉପରେ ଏକ ଅସାଧାରଣ ଫ୍ଲାଟ୍ ୫୦% ରିହାତି ପାଇବେ। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ଜୟ ଆଲୁକ୍କାସ୍ କହିଛନ୍ତି, ସର୍ବଦା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ପ୍ରକୃତ ଆନନ୍ଦଦାୟକ ଅଳଙ୍କାର କ୍ରୟ ଅଭିଜ୍ଞତା ପ୍ରଦାନ କରିବା ଆମର ଲକ୍ଷ୍ୟ । ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟ ସହ ଆମେ ଆମର ଗ୍ରାହକମାନଙ୍କୁ ଅତୁଳନୀୟ ମୂଲ୍ୟ, ଗୁଣବତ୍ତା ଏବଂ ଡିଜାଇନ ବିକ୍ରୟ ପ୍ରଦାନକରି ଅତ୍ୟନ୍ତ ଆନନ୍ଦିତ। ଆମର ଶୋ'ରୁମ୍ ରେ ଉପଲବ୍ଧ ଏହି ସ୍ୱତନ୍ତ୍ର ଅଫରର ସର୍ବାଧିକ ଲାଭ ଉଠାଇବା ପାଇଁ ଆମେ ସମସ୍ତ ଅଳଙ୍କାରପ୍ରେମୀଙ୍କୁ ସ୍ୱାଗତ କରୁଛୁ। ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟ ସମସ୍ତ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ୨୦୨୫ ଜୁଲାଇ ୧୩ ପର୍ଯ୍ୟନ୍ତ ବୈଧ ରହିଛି। ଏହି ସ୍ୱତନ୍ତ୍ର ଅଫର ସହ ଗ୍ରାହକମାନେ ଜୟଆଲୁକ୍କାସ୍‌ରୁ ପ୍ରତ୍ୟେକ କ୍ରୟ ସହିତ ମାଗଣା ଆଜୀବନ ରକ୍ଷଣାବେକ୍ଷଣ, ଗୋଟିଏ ବର୍ଷର ମାଗଣା ବୀମା ଏବଂ ବାଏବ୍ୟାକ୍ ନିଶ୍ଚିତତା ମଧ୍ୟ ପାଆନ୍ତି। ସେହିଭଳି ୧୦ ଲକ୍ଷରୁ ଅଧିକ ଅନନ୍ୟ ଡିଜାଇନର ଏକ ସଂଗୃହୀତ ପୋର୍ଟଫୋଲିଓ ସହିତ ଜୟଆଲୁକ୍କାସ୍ ଭାରତୀୟ କ୍ଲାସିକ୍‌ଠାରୁ ଆରମ୍ଭକରି ବିଶ୍ୱରେ ପ୍ରଭାବ ବିସ୍ତାର କରିଥିବା ସମସାମୟିକ ଇଟାଲୀୟ, ତୁର୍କୀ ଏବଂ ଜାତିଗତ ଆଧୁନିକ ଶୈଳୀ ପର୍ଯ୍ୟନ୍ତ ସମସ୍ତ ପାରମ୍ପରିକ ସୌନ୍ଦର୍ଯ୍ୟକୁ ମିଶ୍ରଣ କରିଛନ୍ତି, ଯାହା ସଠିକତା ଏବଂ କଳାକୃତିର ଅପୂର୍ବ ସମନ୍ୱୟ ସହିତ ପ୍ରସ୍ତୁତ ରହିଛି।

## ବୀମା କ୍ଷେତ୍ରରେ ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସର ଗୁରୁତ୍ୱ

**ଭୁବନେଶ୍ୱର,୧୪।୬**

ଆଜିର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ବିପଦ ବଢ଼ିବାରେ ଲାଗିଛି। ଏପରିକି ଜଳବାୟୁ ପରିବର୍ତ୍ତନ, ପ୍ରଯୁକ୍ତି କ୍ଷେତ୍ରରେ ଦ୍ରୁତ ଉନ୍ନତି ଏବଂ ଉଦ୍ୟୋଗୀକରଣ ତ୍ୱରାନ୍ୱିତ ହେବା ବୈଶ୍ୱିକସ୍ତରରେ ବିପଦ ପରିଦୃଶ୍ୟରେ ପରିବର୍ତ୍ତନ ଆଣୁଛି। ସାମ୍ପ୍ରତିକ ପରିସଂଖ୍ୟାନ ଏକ ଗମ୍ଭୀର ବିଷୟ ଉପସ୍ଥାପନ କରିଥାଏ। ୨୦୨୪ରେ ପୃଥିବୀ ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ସଙ୍କଟଜନକ ସ୍ଥିତିରେ ପହଞ୍ଚିଛି। ମ୍ୟାନ୍‌ମାରଠାରେ ନିକଟରେ ୭.୭ ତୀବ୍ରତାର ଏକ ବିନାଶକାରୀ ଭୂମିକମ୍ପ ଆସିଥିଲା। ଏହା ଫଳରେ ମାନବ ଓ ଆର୍ଥିକ କ୍ଷେତ୍ରରେ କ୍ଷତି ହୋଇଥିଲା। ଏହା ଆମର ନିଜ ଦେଶରେ ଘଟିଥିବା ସମାନ ଘଟଣାର ସମ୍ଭାବ୍ୟ ପ୍ରଭାବ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଚିନ୍ତା ସୃଷ୍ଟି କରିଛି। ଏ ସମ୍ପର୍କରେ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ତପନ ସିଂଘେଲ କହିଛନ୍ତି, ପାରମ୍ପରିକ ବୀମା ବହୁ ସମୟ ଧରି ରିସ୍କ ମ୍ୟାନେଜମେଣ୍ଟର ମେରୁଦଣ୍ଡ ରହି ଆସିଛି, ଯାହା ବିସ୍ତୃତ କ୍ଷତି ଆକଳନ ଉପରେ ନିର୍ଭରକରିବା ସହ କ୍ଷତି ବିପକ୍ଷରେ ସଂରଚିତ କଭରେଜ୍ ପ୍ରଦାନ କରିଥାଏ। ତଥାପି ଅଭୂତପୂର୍ବ ପରିବର୍ତ୍ତନର ଯୁଗରେ ପାରମ୍ପରିକ ନୀତିଗୁଡ଼ିକ ପାଇଁ ବେଳେବେଳେ ଦ୍ରୁତ ଭାବେ ବିକଶିତ ହେଉଥିବା ବିପଦର ଚାହିଦା ପୂରଣ କରିବା କଷ୍ଟକର ହୋଇଥାଏ। ଏଭଳି କ୍ଷେତ୍ରରେ ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି ଏବଂ ଏହାର ଆବଶ୍ୟକତା ଦେଖାଯାଇଥାଏ। ଏହା ଏକ ମଡେଲ, ଯାହାକି ଦ୍ରୁତ, ପାରଦର୍ଶୀ ଏବଂ କୁଶଳ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସରେ ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସ ହେଉଛି ଏକ ଇଣ୍ଡେକ୍ସ ଆଧାରିତ ସମାଧାନ। ଏହା ସ୍ପଷ୍ଟ, ପୂର୍ବ ପ୍ରତିଷ୍ଠିତ ମାନଦଣ୍ଡ ମାଧ୍ୟମରେ କଭରେଜ୍ ବିଷୟରେ ବ୍ୟାଖ୍ୟା କରିଥାଏ। ଏହା ଏକ ଭରସାଯୋଗ୍ୟ, ସ୍ୱାଧୀନ କର୍ତ୍ତୃପକ୍ଷ ଏହି ସୂଚକାଙ୍କଗୁଡ଼ିକ ପଲିସିହୋଲ୍ଡରଙ୍କ ପାଇଁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବାରେ ସାହାଯ୍ୟ କରିଥାଏ ; ଯାହାକି ଆବଶ୍ୟକତା ସମୟରେ ବହୁ ସାହାଯ୍ୟ କରିଥାଏ। ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପଯୋଗ ଜଳବାୟୁ-ଆଧାରିତ କ୍ରପ୍ ଇନ୍‌ସ୍ୟୁରାନ୍ସ ସ୍କିମ୍‌ରେ ଦେଖାଯାଏ। କୃଷକମାନେ ଅପ୍ରତ୍ୟାଶିତ ଭାବେ ପାଣିପାଗ ପରିସ୍ଥିତି ଯଥା ଅନିୟମିତ ବର୍ଷା, ହଠାତ୍ ତାପମାତ୍ରା ବୃଦ୍ଧି, ଅଧିକ ପବନ କିମ୍ବା ଅତ୍ୟଧିକ ଆର୍ଦ୍ରତା ଆଦି କାରଣରୁ ଦେଖାଦେଇଥାଏ। ଯଦି ଏହି ବିପଦଗୁଡ଼ିକର ତୀବ୍ରତା ପୂର୍ବ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୁଏ, ତେବେ ପେ-ଆଉଟ୍ ଆରମ୍ଭ ହୋଇଥାଏ ଏବଂ ଏହି ରାଶି କୃଷକଙ୍କ ବ୍ୟାଙ୍କ ଆକାଉଣ୍ଟରେ କ୍ରେଡିଟ୍ ହୋଇଥାଏ।

## ଦାବି ସମାଧାନକୁ ତ୍ୱରାନ୍ୱିତ କରିବ ଏଲ୍‌ଆଇସି

**ଭୁବନେଶ୍ୱର,୧୪।୬**

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଗୁଜରାଟର ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଓ ପୀଡ଼ିତ ସଦସ୍ୟଙ୍କ ଦାବି ସମାଧାନ ପାଇଁ ରିହାତି ଘୋଷଣା କରିଛି। ବିଶେଷକରି ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ ଯାତ୍ରୀ ଏବଂ କ୍ରିଉ ସଦସ୍ୟଙ୍କ ମୃତ୍ୟୁ ଏବଂ ସମ୍ପୃକ୍ତ ଅଞ୍ଚଳରେ ଥିବା ଲୋକଙ୍କ ମୃତ୍ୟୁ ପାଇଁ ଏହି ରିହାତି ସୁବିଧା ଘୋଷଣା ହୋଇଛି। ଅପରପକ୍ଷରେ ଏଲ୍‌ଆଇସି ଉପରୋକ୍ତ ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ସଦସ୍ୟଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛି। ସେହିଭଳି ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସଦସ୍ୟଙ୍କ ପରିବାର ଲୋକଙ୍କୁ ଆବଶ୍ୟକ ସମର୍ଥନ କରିବାକୁ ଏଲ୍‌ଆଇସି ପ୍ରତିବଦ୍ଧ ରହିଛି। ଏପରିକି ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ବୀମାଧାରୀଙ୍କ ଦାବି ସମାଧାନକୁ ମଧ୍ୟ ଏଲ୍‌ଆଇସି ତ୍ୱରାନ୍ୱିତ କରିବ ବୋଲି କୁହାଯାଇଛି। ସେହିପରି ଏଲ୍‌ଆଇସି ପଲିସିର ଦାବିଦାରଙ୍କ କଷ୍ଟକୁ କମ କରିବା ପାଇଁ ଏଲ୍‌ଆଇସି ପକ୍ଷରୁ ଅନେକ ରିହାତି ଘୋଷଣା କରାଯାଇଛି। ବିଶେଷ କରି ଏହି ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ସଦସ୍ୟଙ୍କ ମୃତ୍ୟୁ ପ୍ରମାଣପତ୍ର ବଦଳରେ ବିମାନ ଦୁର୍ଘଟଣା ଯୋଗୁ ପଲିସିଧାରୀଙ୍କ ମୃତ୍ୟୁ କିମ୍ବା କେନ୍ଦ୍ର/ରାଜ୍ୟ ସରକାର/ଏୟାରଲାଇନ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷତିପୂରଣର ସରକାରୀ ରେକର୍ଡରେ ଥିବା ଯେକୌଣସି ପ୍ରମାଣକୁ ମଧ୍ୟ ମୃତ୍ୟୁ ପ୍ରମାଣ ଭାବେ ଗ୍ରହଣ କରାଯିବ। ଅପରପକ୍ଷରେ ଅଧିକ ସହାୟତା ପାଇଁ ଏଲ୍‌ଆଇସି ଦାବିଦାରମାନେ ନିକଟତମ ଏଲ୍‌ଆଇସି ଶାଖା/ବିଭାଗ/ଗ୍ରାହକ ଜୋନ୍ ସହ ଯୋଗାଯୋଗ କରିପାରିବେ। ଏପରିକି ଦାବିଦାରମାନେ ଏଲ୍‌ଆଇସିର କଲ୍ ସେଣ୍ଟର- ୦୨୨୬୮୨୭୬୮୨୭ ନମ୍ବରରେ ମଧ୍ୟ କଲ୍ କରିପାରିବେ।

## ତନେଇରା ଶାଢ଼ି ଉପରେ ୪୦% ପର୍ଯ୍ୟନ୍ତ ରିହାତି

**ଭୁବନେଶ୍ୱର,୧୪।୬**

ତନେଇରାର ବହୁ ପ୍ରତୀକ୍ଷିତ ଫେଷ୍ଟିଭ ଅଫର 'ରଜ ଓ ରଥଯାତ୍ରା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ତନେଇରାର ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଷ୍ଟୋର ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ତନେଇରାର ଆଞ୍ଚଳିକ ଅଧିକାରୀ ଆୟୁସ୍ମିତା ସେନ୍‌ଙ୍କ ସମେତ ବିଜନେସ୍ ଆସୋସିଏଟ୍ ମାଣିକ ହଂସ ଏବଂ ବିବେକ ହଂସ ପ୍ରମୁଖ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ ଓ ଅଫର ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ସେହିଭଳି ଗ୍ରାହକ ଏହି ଅଫରକୁ ଉଭୟ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍ ଏବଂ କଟକର ସିଡିଏ ଷ୍ଟୋରରେ ପାଇପାରିବେ। ଏପରିକି ତନେଇରାର ସମସ୍ତ ଶାଢ଼ି ସଂଗ୍ରହର କ୍ରୟ ଉପରେ ୪୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି ବୋଲି ଆୟୁସ୍ମିତା ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିପରି ରେଡି-ଟୁ-ୱେର ପୋଷାକ, ଅନ୍-ଷ୍ଟିଚ୍‌ଡ କୁର୍ତ୍ତା ସେଟ୍ ଏବଂ ଫେଷ୍ଟିର ଲେହେଙ୍ଗା ଓ ବିଭିନ୍ନ ବ୍ରାଣ୍ଡର ଶାଢ଼ି ଭଳି ବ୍ୟାପକ ଉତ୍ପାଦ (ପ୍ରଡକ୍ଟ ରେଞ୍ଜ)ଗୁଡ଼ିକୁ ଗ୍ରାହକ ଅତୁଳନୀୟ ମୂଲ୍ୟରେ ପାଇପାରିବେ ବୋଲି ବିବେକ କହିଥିଲେ।

## ଆକର୍ଷଣୀୟ ମୂଲ୍ୟରେ ବିସ୍ତୃତ ରେଞ୍ଜର ଏସି,ରେଫ୍ରିଜରେଟର

**ଭୁବନେଶ୍ୱର,୧୪।୬**

ବର୍ତ୍ତମାନ ସମୟରେ ଏୟାର କଣ୍ଡିସନର(ଏସି) ଏବଂ ରେଫ୍ରିଜରେଟର ସବୁ ବର୍ଗର ଉପଭୋକ୍ତାଙ୍କ ପାଇଁ ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଯାଇଛି। ଗ୍ରାହକଙ୍କ ଏହି ଆବଶ୍ୟକତା ପୂରଣ ଓ ବଜାର ଚାହିଦାକୁ ଆଖି ଆଗରେ ରଖି ଅନ୍‌ଲାଇନ/ଇକର୍ମସ ପ୍ଲାଟ୍‌ଫର୍ମ ଆମାଜନ.ଇନ୍ ଆକର୍ଷଣୀୟ ମୂଲ୍ୟରେ ବିସ୍ତୃତ ରେଞ୍ଜର ଏସି ଓ ରେଫ୍ରିଜରେଟର ଏକ ବିସ୍ତୃତ ରେଞ୍ଜ ନେଇ ଆସିଛି। ବିଶେଷ କରି କ୍ୟାରିୟର, ଗୋଦ୍‌ରେଜ୍, ହାୟର ଓ ସାମ୍‌ସଙ୍ଗ୍ ଭଳି ବ୍ରାଣ୍ଡର ଶ୍ରେଷ୍ଠ ପସନ୍ଦଗୁଡ଼ିକୁ ପ୍ଲାଟ୍‌ଫର୍ମ ଜରିଆରେ ପାଇପାରିବେ। ସେହିଭଳି ଏସି ରେଞ୍ଜ ଉପରେ ଆକର୍ଷଣୀୟ ଅଫର ସାମିଲ ରହିଛି। ଏପରିକି ଏଲ୍‌ଜି ୧ ଟନ୍ ୪ଷ୍ଟାର୍ ଡୁଆଲ୍ ଇନ୍‌ଭର୍ଟର ସ୍ପ୍ଲିଟ୍ ଏସିକୁ ୩୪,୯୯୦ ଟଙ୍କା, ଏଲ୍‌ଜି ୧.୫ ଟନ୍ ୫ଷ୍ଟାର୍ ଡୁଆଲ୍ ଇନ୍‌ଭର୍ଟର ସ୍ପ୍ଲିଟ୍ ଏସିକୁ ୪୪,୪୯୦ ଟଙ୍କା, ପାନାସୋନିକ୍ ୨.୦ ଟନ୍ ୪ଷ୍ଟାର ପ୍ରିମିୟମ୍ ୱାଇ-ଫାଇ ଇନ୍‌ଭର୍ଟର ଏସିକୁ ୫୫,୯୯୦ ଟଙ୍କା, ହିଟାଚି ୧.୫ ଟନ୍ ୫ଷ୍ଟାର ଇନ୍‌ଭର୍ଟର ଏସିକୁ ୪୪,୪୯୦ ଟଙ୍କା ଏବଂ କ୍ୟାରିୟର ୧.୫ଟନ୍ ୩ଷ୍ଟାର ୱାଇ-ଫାଇ ସ୍ମାର୍ଟ ଫ୍ଲେକ୍ସ କୁଲ୍ ଇନଭର୍ଟର ସ୍ପ୍ଲିଟ୍ ଏସିକୁ ୩୪,୯୯୦ ଟଙ୍କାରେ ଗ୍ରାହକ ପାଇପାରିବେ। ସେହିପରି ରେଫ୍ରିଜରେଟର ବର୍ଗରେ ହାୟର ୫୯୬ଲି ୩ଷ୍ଟାର ସାଇଡ୍-ବାଇ-ସାଇଡ୍ ରେଫ୍ରିଜରେଟର ୫୯,୯୯୦ଟଙ୍କା, ଏଲଜି ୩୨୨ଏଲ୩ଷ୍ଟାର ଫ୍ରଷ୍ଟ-ଫ୍ରି ସ୍ମାର୍ଟ ଇନ୍‌ଭର୍ଟର ଡବଲ ଡୋର୍ ରେଫ୍ରିଜରେଟର ୩୬,୯୯୦ ଟଙ୍କା, ହାୟର ୩୨୫ଲି କନ୍‌ଭର୍ଟିବେଲ୍ ଡବଲ ଡୋର୍ ରେଫ୍ରିଜରେଟର ୩୫,୪୯୦ଟଙ୍କା, ସାମ୍‌ସଙ୍ଗ୍ ୪୧୯ ଲି ୩ ଷ୍ଟାର, କନ୍‌ଭର୍ଟିବେଲ୍ ୫-ଇନ୍-୧ ରେଫ୍ରିଜରେଟର ୪୯,୯୯୦ ଟଙ୍କା, ସାମ୍‌ସଙ୍ଗ୍ ୬୫୩ ଲି, ୩ ଷ୍ଟାର, ଫ୍ରଷ୍ଟ ଫ୍ରି, ଡବଲ ଡୋର୍ ରେଫ୍ରିଜରେଟର ୭୯,୯୯୦ ଟଙ୍କାରେ ଗ୍ରାହକ ପାଇପାରିବେ। ଏପରିକିଗ୍ରାହକମାନେ ଏଚ୍‌ଡିଏଫ୍‌ସି, ଆକ୍ସିସ୍, ୟେସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଆର୍‌ବିଏଲ୍, ଏଚ୍‌ଏସ୍‌ବିସି ଓ ଫେଡେରାଲ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଇଏମ୍‌ଆଇ କାରବାର ଉପରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ବ୍ୟାଙ୍କ ରିହାତି, ୩,୦୦୦ ଟଙ୍କା ପର୍ଯ୍ୟନ୍ତ କୁପନ ରିହାତି ଏବଂ ୧୮ ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମ୍‌ଆଇ ସୁବିଧା ଉପଭୋଗ କରିପାରିବେ। ଅପରପକ୍ଷରେ ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହ କିଣାକିଣି କରୁଥିବା ଗ୍ରାହକମାନେ ଆକର୍ଷଣୀୟ ପୁରସ୍କାର ସହ ଅସୀମିତ ୫% (ପ୍ରାଇମ୍ ଗ୍ରାହକ) ଏବଂ ୩% (ପ୍ରାଇମ୍ ସଦସ୍ୟ ନନ୍-ପ୍ରାଇମ୍ ସଦସ୍ୟ) କ୍ୟାଶ୍‌ବ୍ୟାକ୍ ପାଇଥାନ୍ତି।

# ରାଜ୍ୟ ଖବର

## ଯୋଡ଼ା ଫ୍ଲାଏଓଭରରେ ଫାଟ

**ଯୋଡ଼ା, ୧୪।୬(ମାନସ ମହାନ୍ତି)**



କେନ୍ଦୁଝର ଜିଲା ଯୋଡ଼ା ସହରରେ ୨୦୨୩ରେ ନିର୍ମାଣ ହୋଇଥିବା ଓଡ଼ିଶାର ଦୀର୍ଘତମ ଫ୍ଲାଏଓଭରରେ ନିର୍ମାଣଜନିତ ତ୍ରୁଟି ଦେଖିବାକୁ ମିଳିଥିଲା। ଏହି ଫ୍ଲାଏଓଭରର ଏସ୍‌ବିଆଇ ଛକ ନିକଟରେ ଥିବା ପିଲର ଉପରେ ଫାଟ ଦେଖିବାକୁ ମିଳିଛି। ଶନିବାର ଏହି ଫାଟ ନଜରକୁ ଆସିବା ପରେ କେନ୍ଦୁଝର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତୁରନ୍ତ ଏହାର ମରାମତି ଏବଂ ସୁରକ୍ଷା ଦିଗରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

୨୦୨୩ ମାର୍ଚ୍ଚ ୧୧ରେ ତତ୍କାଳୀନ ସରକାର ଏହି ଫ୍ଲାଏଓଭର ନିର୍ମାଣ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଲୋକାର୍ପଣ କରିଦେଇଥିଲେ। ତେବେ କଂକ୍ରିଟ୍ ଫାଟିଯାଇ ଲୁହା ରଡ ବାହାରିବା, ଫ୍ଲାଏଓଭର ଦବିଯିବା, ଫାଟ ସୃଷ୍ଟି ହେବା, ଜଳ ନିଷ୍କାସନ ପାଇପ ଖସି ପଡିବା ଭଳି ବିଭିନ୍ନ ତ୍ରୁଟି ପରିଲକ୍ଷିତ ହୋଇଆସୁଥିଲା। ତେବେ ଯୋଡ଼ା ମାର୍କେଟରେ ଥିବା ପିଲର ଉପରୁ ରାସ୍ତା ଦବିଯାଇ ଏକ ସିମେଣ୍ଟ କଂକ୍ରିଟ ତଳକୁ ଖସିଥିଲା। ସୌଭାଗ୍ୟବଶତଃ ତଳେ କେହି ନ ଥିବାରୁ କୌଣସି ଧନଜୀବନ ହାନି ହୋଇନାହିଁ। ପ୍ରକାଶ ଥାଉ କି, ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ (ଡିଏମ୍‌ଏଫ୍) ମାଧ୍ୟମରେ ତତ୍କାଳୀନ ନବୀନ ସରକାରଙ୍କ ଅମଳରେ ୨୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ୨.୯ କି.ମି. ଦୂର ଏହି ଫ୍ଲାଏଓଭରକୁ ଓବିସିସି ଦ୍ୱାରା ନିର୍ମାଣ କରାଯାଇଥିଲା।

## କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା

**ବାରିପଦା, ୧୪।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ସାରସକଣା ବ୍ଲକ ଯୋକା ଗ୍ରାମରେ ଜଣେ ଯୁବକ ତାଙ୍କ ବାପାଙ୍କୁ କାଠଫାଳିଆରେ ପିଟି ପିଟି ହତ୍ୟା କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅଭିଯୁକ୍ତ ଯୁବକ ହେଲେ ଚନ୍ଦନ ମୁଣ୍ଡା। ଖବରପାଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିବା ସହ ତଦନ୍ତ ଜାରି ରଖିଛି। ମୃତକ ହେଲେ ଜଟିଆ ମୁଣ୍ଡା । ଏ ସଂକ୍ରାନ୍ତରେ ପୋଲିସ ଏକ ନରହତ୍ୟା ମାମଲା ରୁଜୁ କରି ଚନ୍ଦନଙ୍କୁ ଗିରଫ କରିଛି।

ଗୁରୁବାର ଅପରାହ୍ନରେ ଚନ୍ଦନ ନିଶାସକ୍ତ ଅବସ୍ଥାରେ କୌଣସି କଥାକୁ ନେଇ ବାପା ଜଟିଆଙ୍କ ସହ ପାଟିତୁଣ୍ଡ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଚନ୍ଦନ ଏକ କାଠଫାଳିଆରେ ଜଟିଆଙ୍କୁ ନିସ୍ତୁକ ମାଡ଼ ମାରିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାନ ପୁଅ ଜାଣିପାରି ବାପ ଜଟିଆଙ୍କୁ ସ୍ଥାନୀୟ ଶୀର୍ଷା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହୋଇ ପଡିଥିବା ବେଳେ ତାଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଜଟିଆଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ସାନ ପୁଅର ଲିଖିତ ଅଭିଯୋଗ କରିବା ପରେ ଖାରପୋଖରିଆ ଥାନା ପୋଲିସ ପହଞ୍ଚି ଶବ ଜବତ କରିଛି।

## କେରଳରୁ ଗାଁକୁ ଫେରୁଥିବା ବେଳେ ବାଇକ୍ ଦୁର୍ଘଟଣାରେ ୨ ମୃତ

**ମୁନିଗୁଡ଼ା,୧୪।୬(ନନ୍ଦକିଶୋର ପଟ୍ଟନାୟକ)**

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ତେଲେଙ୍ଗାପଦର ନିକଟସ୍ଥ ବାପୁଜୀନଗର ପୋଲରେ ସଡ଼କ ଦୁର୍ଘଟଣା ଘଟି ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଗଜପତି ଜିଲା ନଳାହାଟ ଗାଁର ଦାରୁଣ ବିଶୋଇ ଓ କନ୍ଧମାଳ ଜିଲା ଶ୍ରୀରାମପୁରର ଶ୍ରୀରାମ ବିଶୋଇ କେରଳରୁ ଟ୍ରେନ୍‌ରେ ଆସି ମୁନିଗୁଡ଼ା ଷ୍ଟେଶନରେ ପହଞ୍ଚିଥିଲେ। ଦୁହିଁଙ୍କୁ ସେଠାରୁ ନେବା ପାଇଁ ଫାତୁ ବିଶୋଇ ବାଇକ୍ ନେଇ ଗାଁରୁ ଆସିଥିଲେ। ୩ ଜଣ ମିଶି ବାଇକ୍‌ରେ ଗାଁକୁ ଯାଉଥିବା ବେଳେ ମୁନିଗୁଡ଼ା ଥାନା ତଥା କନ୍ଧମାଳ ରାସ୍ତା ତେଲେଙ୍ଗାପଦର ନିକଟସ୍ଥ ବାପୁଜୀନଗର ପାଖରେ ଥିବା ପୋଲରେ ଦୁର୍ଘଟଣା ଘଟିଥିଲା। ଫଳରେ ଦାରୁଣ ଓ ଶ୍ରୀରାମଙ୍କର ମୃତ୍ୟୁ ହୋଇଥିବା ବେଳେ ଫାତୁ ଗୁରୁତର ଆହତ ହୋଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତକ ଓ ଗୁରୁତରଙ୍କୁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଫାତୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ମୁନିଗୁଡ଼ା ପୋଲିସ ନଂ. ୧୨୩/୨୫ରେ ମାମଲା ରୁଜୁକରି ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ଲିଫ୍ଟରେ ଫସିଲେ ରୋଗୀଙ୍କ ସମ୍ପର୍କୀୟ

**ସନ୍ତ୍ରିଛକ,୧୪।୬ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବଳରାମପ୍ରସାଦ ନିକଟସ୍ଥ ଇଏସ୍‌ଆଇ ଡାକ୍ତରଖାନା ଲିଫ୍ଟରେ ଶନିବାର ୩ ଜଣ ଫସିଯାଇଥିଲେ। ସୂଚନା ଅନୁଯାୟୀ, ଇଏସ୍‌ଆଇ୍ ମେଡିକାଲରେ ତାଳଚେର ସଇଁନାଳୀ ଅଞ୍ଚଳର ଅରୁଣ ମହାରଣାଙ୍କ ପୁଅଙ୍କ ଅପରେଶନ ହୋଇଥିଲା। ସେ ଦ୍ୱିତୀୟ ମହଲାରେ ଚିକିତ୍ସାଧୀନ ଥିଲେ। ସନ୍ଧ୍ୟାରେ ପୁଅକୁ ଦେଖା କରିବାକୁ ଅରୁଣ ଲିଫ୍ଟରେ ଯାଉଥିବା ବେଳେ ତାହା ଅଚଳ ହୋଇଯାଇଥିଲା। ଉକ୍ତ ଲିଫ୍ଟରେ ଅରୁଣଙ୍କ ସହ ଆଉ ୨ଜଣ ଯୁବକ ଦେବାନନ୍ଦ ସାହୁ, ସୁଶାନ୍ତ ବିଶ୍ୱାଳ ମଧ୍ୟ ଥିଲେ। ଲିଫ୍ଟ ବନ୍ଦ ହୋଇଯିବା ଓ ଭିତରୁ କୌଣସି ଫୋନ କଲ୍ ଲାଗୁ ନ ଥିବାରୁ ସେମାନେ ଭୟଭୀତ ହୋଇ ଚିତ୍କାର କରିଥିଲେ। ପରେ ଘଟଣାସ୍ଥଳରେ ସୁରକ୍ଷାକର୍ମୀ ପହଞ୍ଚି ବିଦ୍ୟୁତ୍ ସଂଯୋଗ କରିବା ପରେ ଲିଫ୍ଟ ଚାଲିଥିଲା। ଲିଫ୍ଟର ୟୁପିଏସ୍ କାର୍ଯ୍ୟ କରୁ ନ ଥିବା କାରଣରୁ ଅଧାବାଟରେ ଅଟକି ଯାଇଥିବା କୁହାଯାଉଛି।

## ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର: ଧାନବିଲରୁ ଅଭିଯୁକ୍ତ ଗିରଫ

**ବଳଙ୍ଗା,୧୪।୬(କେଦାରେଶ୍ୱର ନନ୍ଦ)**

ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ୧୨ଦିନ ତଳେ ଏକ ବଳାତ୍କାର ଘଟଣା ଘଟିଥିବାବେଳେ ଶୁକ୍ରବାର ରାତିରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ରବି ତ୍ରିପାଠୀଙ୍କୁ ଧାନବିଲରୁ ଲୁଚିଥିବାବେଳ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏଥିସହ ୧୬୪ ଧାରାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପୀଡ଼ିତାଙ୍କ ପରିବାରର ସମସ୍ତ ସଦସ୍ୟ ଏକ ବିଭାଘର ଭୋଜିକୁ ଯାଇଥିଲେ। ସେହି ସମୟରେ ପୀଡ଼ିତା ଏକାକୀ ଘରେ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ରବି ହୁଇଲ୍ ଚେୟାରରେ ବସିରହିଥିବା ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରିଥିବା ନେଇ ତାଙ୍କ ମା' ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

**ସମ୍ବଲପୁର,୧୪।୬(ପ୍ରମୋଦ ବହିଦାର)**

**କିଛିଦିନ ତଳେ ମୃତକ ଜାମିନ୍‌ରେ ଜେଲରୁ ବାହାରିଥିଲେ**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମ୍ବଲପୁର ଜିଲା ଧନୁପାଲି ଥାନା କୁମ୍ଭାରପଡାରେ ଜଣେ ଯୁବକଙ୍କୁ ଛୁରିଭୁସି ହତ୍ୟା କରାଯାଇଛି। ମୃତକ କଲିମ ବେଗ(୩୦)। ଶନିବାର ସନ୍ଧ୍ୟାରେ ଉକ୍ତ ପଡ଼ାର କୌଣସି ଏକ ସ୍ଥାନରେ ବନ୍ଧୁମାନଙ୍କ ସହିତ ବସି ସେ କଥାବାର୍ତ୍ତା ହେଉଥିବା ସମୟରେ ଜଣେ ଯୁବକ ସେଠାରେ ପହଞ୍ଚି କଲିମଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏକ ଛୁରି ତାଙ୍କ ଛାତିରେ ଭୁସି ଦେଇ ଫେରାର ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ କଲିମଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏକ ହତ୍ୟା ଘଟଣାରେ କିଛିଦିନ ତଳେ କଲିମ ଜାମିନ୍‌ରେ ଜେଲରୁ ମୁକୁଳିଥିଲେ। ସନ୍ଧ୍ୟାରେ କୁମ୍ଭରପଡ଼ାରେ ଏକ ସ୍ଥାନରେ କେତେଜଣ ସାଥୀଙ୍କ ସହ ସେ କଥାବାର୍ତ୍ତା କରୁଥିବା ସମୟରେ ମାୟାବଗିଚାର ଜଣେ ଯୁବକ ସେଠାରେ ପହଞ୍ଚି ଏଭଳି କାଣ୍ଡ କରିଛନ୍ତି। ଗତବର୍ଷ କଲିମ ସମ୍ପୃକ୍ତ ଯୁବକଙ୍କ ସାନଭାଇଙ୍କ ହତ୍ୟାରେ ସାମିଲ ଥିବା ଅଭିଯୋଗ ହୋଇଥିଲା। ପ୍ରତିଶୋଧ ପ୍ରରାୟଣ ହୋଇ ସେ କଲିମଙ୍କୁ ହତ୍ୟା କରିଥିବା କୁହାଯାଉଛି। ଧନୁପାଲି ପୋଲିସ ଜିଲା ମୃତଦେହ ଜବତ କରି ଶବଗୃହରେ ରଖିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ତାଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚାଢ଼ାଉ ଜାରି ରହିଛି ବୋଲି ଧନୁପାଲି ଥାନା ଆଇଆଇସି ଆଦିତ୍ୟ ମହାକୁଡ଼ କରିଛନ୍ତି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ ଏ ନେଇ ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି।

# ବିସର୍ଜିତ ହୁଅନ୍ତି ନାହିଁ ପଟିଦିଅଁ





ଚିତ୍ରକର ସେବକଙ୍କ ହାତରେ ପଟିଦିଅଁ ଅନନ୍ତ ବାସୁଦେବ (ବଳଭଦ୍ର) ଓ ମା'ଭୁବନେଶ୍ୱରୀ (ଦେବୀ ସୁଭଦ୍ରା)। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ମହାପ୍ରଭୁ ନବଯୌବନରେ ପ୍ରବେଶ କରିବାର ପୂର୍ବ ମୁହୂର୍ତ୍ତରେ ପଟିଦିଅଁ ଉଠିଯାଇ ବିଜେ କରନ୍ତି ମଣ୍ଡଣିଘରେ। ମା' ବିମଳାଙ୍କ ମନ୍ଦିର ପାଖରେ ଥିବା ଶ୍ରୀଗୋପେଶ୍ୱର ମହାଦେବ ଓ ଶ୍ରୀନନ୍ଦବାସୁଦେବ ମନ୍ଦିରକୁ ମଣ୍ଡଣିଘର କୁହାଯାଏ। ଏହା ବି ହର ଓ ହରିଙ୍କ ଆସ୍ଥାନ। ସ୍ଥାନ ପରିବର୍ତ୍ତନ ହେଲେ ବି ଲକ୍ଷ୍ୟ ବଦଳେ ନାହିଁ। ପଟିଦିଅଁ ବିସର୍ଜିତ ହୁଅନ୍ତି ନାହିଁ କି ପୂଜା ବନ୍ଦ ହୁଏ ନାହିଁ। ରୂପ ବିବର୍ଣ୍ଣ ହେଲେ ଜଳରେ ମେଲାଣି ଦିଆଯାଏ। ପ୍ରତିନିଧି ଦେବଦେବୀମାନେ ଦକ୍ଷିଣୀଘରକୁ ଓ ପରେ ରତ୍ନସିଂହାସନକୁ ଯାଆନ୍ତି। ପ୍ରତିବର୍ଷ ଅଣସରରେ ଏହି ରୀତି ଚାଲିଆସୁଛି ଓ ଚାଲିଥିବ। ଲକ୍ଷ୍ୟ କରିବା କଥା ଯେ, ମାହାରୀ ନୃତ୍ୟ ବିକଶିତ ହୋଇ 'ଓଡ଼ିଶୀ' ରୂପରେ ଯେପରି ବିଶ୍ୱକୁ ବିମୋହିତ କରିଛି, ଠିକ୍ ସେହିପରି ପୁରୀର ପାରମ୍ପରିକ ପଟିଦିଅଁ ପରମ୍ପରା ଶିଳ୍ପୀର ତୂଳୀରେ ଆଜି ପଟଚିତ୍ରରେ ପରିଣତ ହୋଇ ଓଡ଼ିଶାର ପଟାନ୍ତରହୀନ ପ୍ରାଚୁର୍ଯ୍ୟର ଗରିମା ଗାଉଛି। କଳାତ୍ମକ ପରମ୍ପରାରେ ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତା ଦେଇ ଚାଲିଛି ଓଡ଼ିଶାର ପ୍ରଣମ୍ୟ ରୂପକାର। ପଟିରେ ସେଥିପାଇଁ ଜଗତମଙ୍ଗଳ କାମନାରେ ଦେବୀ ସୁଭଦ୍ରା ବିଜେ କରନ୍ତି ମା' ଭୁବନେଶ୍ୱରୀ ରୂପରେ, କିନ୍ତୁ ହାତରେ ଭୁବନେଶ୍ୱରୀଙ୍କ ଆୟୁଧ ନ ଥାଏ। ଦୁଇ ହାତରେ ଥାଏ ଦୁଇଟି ପଦ୍ମ, ଅନ୍ୟ ଦୁଇ ହାତରେ ଥାଏ ବର ଅଭୟ ମୁଦ୍ରା। ପଦ୍ମ ହେଉଛି ଚେତନାର ପ୍ରତୀକ। ଯାକୁ ଆପଣ 'ଜ୍ଞାନ' କହିପାରନ୍ତି। ବର ଅଭୟ ହେଉଛି ଶାନ୍ତିର ପ୍ରତୀକ। ଏଇଠି ଶ୍ରୀମନ୍ଦିର ଉପାସନାରେ ଆଗମ–ନିଗମ ଆଡ଼ ହୋଇଯାଇଛନ୍ତି। ଏକ ଅଲିଭା ଅଙ୍ଗୀକାରର ଇସ୍ତାହାର ଅନବଦ୍ୟ ଅନୁଭବ ସୃଷ୍ଟି କରିଛି।


## ପଟିରେ ପ୍ରଣମ୍ୟବାର୍ତ୍ତା

ଲୋକମୁଖରେ ପ୍ରସିଦ୍ଧ ଅଛି ଯେ, ଶ୍ରୀମନ୍ଦିରରେ ପଟିଦିଅଁ ପରମ୍ପରାରେ ଦଶାବତାର ଉପାସିତ ହୁଅନ୍ତି। ପ୍ରକୃତରେ ତ୍ରିବିଗ୍ରହ ପଟିଦିଅଁ ଭାବେ ରହିଥିବାବେଳେ ଶ୍ରୀଦେବୀ, ଭୂଦେବୀ, ଶ୍ରୀନୃସିଂହ, ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଦୋଳଗୋବିନ୍ଦ ଏବଂ ଶ୍ରୀମଦନମୋହନ ଧାତୁ ବିଗ୍ରହରେ ସ୍ଥାନ ପାଆନ୍ତି। ପଟିଦିଅଁ ପୂଜାରେ ଏମାନେ ଅବତାର ନୁହନ୍ତି, ମହାପ୍ରଭୁଙ୍କ ପ୍ରତିନିଧି। ବର୍ଷସାରା ଜଗତ ମଙ୍ଗଳ ପାଇଁ, ଆଜ୍ଞାମାଳ ନେଇ କାର୍ଯ୍ୟ ନିର୍ବାହ କରୁଥିବାବେଳେ ଅଣସର ସମୟରେ ପଟିଦିଅଁ ପୂଜାରେ ଯୋଗଦେଇ ଜଗତମଙ୍ଗଳ ଲୀଳା କରନ୍ତି। ଭୁବନର କର୍ତ୍ତା, ଭୁବନର ଧର୍ତ୍ତା ଓ ଭୁବନର ଈଶ୍ୱରୀଙ୍କ ଉପାସନାରେ ନିଜେ ଭୂଦେବୀ ଉପସ୍ଥିତ ରହନ୍ତି। ଐଶ୍ୱର୍ଯ୍ୟର ଅଧିକାରିଣୀ ଶ୍ରୀଦେବୀ, ଆକର୍ଷଣ ତତ୍ତ୍ୱର ପ୍ରତିଭୂ ଶ୍ରୀକୃଷ୍ଣ, ପୁରୁଷରୁ ଉତ୍ତମପୁରୁଷ ଦିଗକୁ ପ୍ରଚୋଦିତ କରିବାର ପ୍ରତୀକ ରୂପେ ଶ୍ରୀରାମ ବିଜେ କରନ୍ତି। ଶ୍ରୀମନ୍ଦିର ଉପାସନା ଧାରାରେ ଶ୍ରୀନୃସିଂହ ହେଉଛନ୍ତି ମହାପ୍ରଭୁଙ୍କ ପ୍ରତିନିଧି। ଏହା ମହାବିଷ୍ଣୁ ପରମ୍ପରା। ମହାବିଷ୍ଣୁ ଶ୍ରୀନୃସିଂହ ଚେତନା ସାମାଜିକ ବାର୍ତ୍ତା ଦିଏ ପଶୁତ୍ୱରୁ ମୁକ୍ତି ହୋଇ ମହାମାନବରେ ପ୍ରବେଶ କରିବା ପାଇଁ। ଶାନ୍ତ ଓ ଉଦାର ନ ହେଲେ ମହାମାନବ ଦିଗକୁ ଆଗେଇବା ସମ୍ଭବ ନୁହେଁ। ସେଥିପାଇଁ ବିଜେ କରନ୍ତି ପାଖରେ ମଦନମୋହନ। ଶାନ୍ତିଦାତା ଶ୍ରୀମଦନମୋହନ ଶାନ୍ତି ପ୍ରଦାନ କରିବା ପରେ ଆନନ୍ଦ ଦିଅନ୍ତି ଶ୍ରୀଦୋଳଗୋବିନ୍ଦ। ସମସ୍ତେ ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଅଣସର ସମୟରେ ଜଗତ ମଙ୍ଗଳ ଲୀଳା ପାଇଁ ଚଳଚଞ୍ଚଳ ରୁହନ୍ତି।

– ଡ. ସୁରେନ୍ଦ୍ର କୁମାର ମିଶ୍ର

### ପଟିଦିଅଁ ପ୍ରସ୍ତୁତିର ପର୍ବ

ଅଣସର ସମୟରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଇଥାନ୍ତି। ଏହି ପଟିଦିଅଁଙ୍କୁ ଚିତ୍ରକାର ସେବାୟତମାନେ ନିର୍ମାଣ କରିଥାନ୍ତି। ତେବେ ପଟିଦିଅଁ ପ୍ରସ୍ତୁତି ସମୟରେ ଗଭୀର ଭକ୍ତି ଓ ସମର୍ପିତ ଭାବେ କେବଳ ଶିଳ୍ପୀ ନୁହେଁ, ତାଙ୍କ ପରିବାର ବି ହବିଷ୍ୟାନ୍ନରେ ରୁହନ୍ତି। ଆମିଷ କି ଉଷୁନା ଘରେ ପଶେ ନାହିଁ। ଚିତ୍ର ପ୍ରସ୍ତୁତ ହେଉଥିବା ଘରକୁ ମହିଳାମାନେ ଯାଆନ୍ତି ନାହିଁ। ନୂଆ କନା ଓ କଇଥ ଅଠା ବ୍ୟବହାର ହୁଏ। ୫ଟି ଦେଶୀୟ ରଙ୍ଗ ଯଥା–ନାଲି, ହଳଦିଆ, ନୀଳ, କଳା ଓ ଧଳା ବ୍ୟବହାର କରାଯାଇଥାଏ। ଚୂନରୁ ଆସେ–ଧଳାରଙ୍ଗ, ହରିତାଳ ପଥରରୁ– ହଳଦିଆ, ହିଙ୍ଗୁଳରୁ– ନାଲି, ଖଣ୍ଡନୀଳରୁ– ନୀଳରଙ୍ଗ, ଦୀପ ଜଳାଇ କଳାରଙ୍ଗ ସଂଗ୍ରହ କରାଯାଏ। ଏହି ପ୍ରାକୃତିକ ରଙ୍ଗରୁ ପ୍ରସ୍ତୁତ ହୁଏ ପଟିଚିତ୍ର।



ପଟିଦିଅଁ ଅନନ୍ତ ନାରାୟଣ (ଶ୍ରୀଜଗନ୍ନାଥ)।

# ଜଳ, ଭେକ୍ଟରବାହିତ ରୋଗ ନିରାକରଣ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୪।୬(ବନ୍ଦନା ସେଠୀ)

ବର୍ଷାଋତୁର ପ୍ରାରମ୍ଭରେ ଜଳ ଓ ଭେକ୍ଟର ବାହିତ ରୋଗଗୁଡ଼ିକର ନିରାକରଣ, ପ୍ରତିଷେଧ ଏବଂ ପରିଚାଳନା ପାଇଁ ସମସ୍ତ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ଲକ୍ଷ୍ୟଭେଦୀ କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ଉପସ୍ଥିତ ରହି ସଦ୍ୟତମ ତଥ୍ୟ ଓ ତତ୍ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରିଥିଲେ। ବର୍ଷାଦିନିଆ ରୋଗ ଯଥା ଡାଇରିଆ, ଜଣ୍ଡିସ୍, ମ୍ୟାଲେରିଆ, ଡେଙ୍ଗୁ ଆଦିର ପ୍ରତିରୋଧ ଓ ଚିକିତ୍ସା ବିଷୟରେ ଆଲୋଚନା ହୋଇଥିଲା। ଜିଲାଓ୍ୱାରି ସ୍ଥିତିର ସମୀକ୍ଷାକରି କ୍ଷେତ୍ର ସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବା, ଘରକୁ ଘର ସର୍ବେକ୍ଷଣ କରି ଆରମ୍ଭରୁ ରୋଗର ଚିହ୍ନଟ କରିବା, ସରକାରୀ ଡାକ୍ତରଖାନାଗୁଡ଼ିକରେ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା, ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲଗୁଡିକରେ ଆବଶ୍ୟକ ଔଷଧ ଓ ସାଲାଇନ୍ ମହଜୁଦ ରଖିବା ଆଦି ନିଶ୍ଚିତ କରାଇବା ନେଇ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରାମ ଓ ସହରାଞ୍ଚଳରେ ଥିବା ସମସ୍ତ ନଳକୂପ ଓ ପାନୀୟ ଜଳସ୍ରୋତକୁ ନିୟମିତ ଭାବେ ବିଶୋଧନ କରିବା ପାଇଁ ଜଳଯୋଗାଣ ବିଭାଗ ଯନ୍ତ୍ରୀମାନଙ୍କୁ କହିଥିଲେ। ସ୍କୁଲ ନଳକୂପ, କୂପ ଓ ପାଣିଟାଙ୍କି ଆଦିକୁ ବୈଜ୍ଞାନିକ ପଦ୍ଧତିରେ ଠିକ୍ ଭାବେ ବିଶୋଧିତ କରିବା ପାଇଁ ବଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ହୋଇଛି। ଦୂରଦୂରାନ୍ତ ଅଞ୍ଚଳରେ ମୋବାଇଲ ହେଲ୍‌ଥ ୟୁନିଟ୍‌ଗୁଡିକୁ ଅଧିକ କ୍ରିୟାଶୀଳ କରିବା, ମ୍ୟାଲେରିଆ ଓ ଡେଙ୍ଗୁପ୍ରବଣ ଅଞ୍ଚଳରେ 'ଦମନ' କାର୍ଯ୍ୟକ୍ରମକୁ ସଘନ ଓ ବ୍ୟାପକ କରିବା ପାଇଁ ମଧ୍ୟ କୁହାଯାଇଛି। ବର୍ଷାଋତୁଜନିତ ରୋଗର ସର୍ବେକ୍ଷଣ, ଚିକିତ୍ସା ଓ ପରିଚାଳନା ନିମନ୍ତେ ଜିଲାସ୍ତରରେ ୨୪ x ୭ ଘଣ୍ଟା ଭିତ୍ତିରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳଙ୍କୁ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

# ବିଚାର ବିଭାଗୀୟ ତଦନ୍ତ ଦାବିକଲା ରାଜ୍ୟ ଆଇନଜୀବୀ ପରିଷଦ

## ବାଲେଶ୍ୱର ଓକିଲ ସଂଘ ସଦସ୍ୟ ପୁରୁଷୋତ୍ତମ ଦାସଙ୍କୁ ପୋଲିସ ନିର୍ଯାତନା ଦେବା ଘଟଣା

କଟକ, ୧୪।୬(କାର୍ତ୍ତିକ ସାହୁ)

ବାଲେଶ୍ୱର ଓକିଲ ସଂଘ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସ ଗତ ୬ ତାରିଖରେ ଅମାନୁଷିକ ଭାବେ ପୋଲିସ ନିର୍ଯାତନାର ଶିକାର ହୋଇଛନ୍ତି। ଏହି ଘଟଣାକୁ ନେଇ ଆଗାମୀ ୧୦ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଏକ ପ୍ରେସ୍ ଇସ୍ତାହାରରେ ଶୁକ୍ରବାର ସୂଚନା ଦିଆଯାଇଛି। ଏଥିସହ ସମସ୍ତ ଘଟଣାର ଠିକ୍ ପ୍ରମାଣ ନିମନ୍ତେ ଏକ ବିଚାର ବିଭାଗୀୟ ତଦନ୍ତ, ସହଦେବ ଖୁଣ୍ଟା ମଡେଲ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ, ସଂପୃକ୍ତ ମହିଳା ଆଇଏଏସ୍ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ବାଲେଶ୍ୱର ଓକିଲ ସଂଘ ଏହି ଘଟଣାରେ ବାଲେଶ୍ୱରର ପୋଲିସ ଅଧିକାରୀଙ୍କୁ ଘଟଣାରେ ହସ୍ତକ୍ଷେପ କରିବା ତଥା ସମ୍ପୃକ୍ତ ଭାରପ୍ରାପ୍ତ ଅଧିକାରୀଙ୍କୁ ଦାସଙ୍କ ଦ୍ୱାରା ଦିଆଯାଇଥିବା ସୂଚନାକୁ ରେଜିଷ୍ଟର କରିବା ପାଇଁ ଅନୁରୋଧ କରିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଆଇନ ସେବା ତଥା ଆଇନ ପେସାର ସର୍ବୋଚ୍ଚ ନିୟାମକ ସଂସ୍ଥା ଭାବେ ଉକ୍ତ ଘଟଣାକୁ ନେଇ ଗୁରୁବାର ଏକ ଜରୁରିକାଳୀନ ବୈଠକ କରାଯାଇଛି। ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ଉକ୍ତ ଘଟଣାକୁ ନିନ୍ଦା କରାଯାଇଛି।

# ନଦୀର ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ରାଜ୍ୟ ଠିକ୍ ରହିବ ନାହିଁ

## ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ

ଭୁବନେଶ୍ୱର, ୧୪।୬ (ବନ୍ଦନା ସେଠୀ)

ଏବେ ଓଡ଼ିଶାର ନଦୀଗୁଡିକର ସ୍ୱାସ୍ଥ୍ୟ ଗମ୍ଭୀର ଅବସ୍ଥାରେ ରହିଛି। ଅନେକ ନଦୀ ମରିବାକୁ ବସିଲାଣି। ନଦୀର ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ରାଜ୍ୟର ସ୍ୱାସ୍ଥ୍ୟ ଠିକ୍ ରହିବ ନାହିଁ ବୋଲି ଜଳମାନବ ଡ. ରାଜେନ୍ଦ୍ର ସିଂ ଚେତାବନୀ ଦେଇଛନ୍ତି। ଶୁକ୍ରବାର ମହାନଦୀ ବଞ୍ଚାଓ ଆନ୍ଦୋଳନ ଏବଂ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ରେଡ୍‌କ୍ରସ୍ ଭବନରେ ଓଡିଶା ନଦୀ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ. ସିଂ ଏହାକୁ ଉଦ୍‌ଘାଟନ କରି ସରକାର ତୁରନ୍ତ ଜଳ ସମ୍ପଦ ବିଭାଗ, ବିଶେଷଜ୍ଞ, ନଦୀ ଆନ୍ଦୋଳନ କର୍ମୀ ତଥା ନାଗରିକ ସମାଜର ମିଳିତ କନ୍‌ଭେନଶନ ଆୟୋଜନ କରି ନଦୀଗୁଡିକର ସମସ୍ୟା ନିରୂପଣ କରିବା ସହିତ ସମାଧାନର ରାସ୍ତା ବାହାର କରିବାକୁ ଦାବି ରଖିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଶାସକ ଅରବିନ୍ଦ ବେହେରା କହିଲେ, ବିକାଶ ନାମରେ ବିନାଶ ଯେମିତି ଗ୍ରହଣୀୟ ନୁହଁ, ଠିକ୍ ସେମିତି ଅସ୍ମିତା ନାମରେ ନିଜର ଅସ୍ତିତ୍ୱ ହରାଇଲା ଭଳି ପଦକ୍ଷେପ ଆଦୌ ସ୍ପୃହଣୀୟ ନୁହଁ। ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ ଓଡ଼ିଶାର ସମସ୍ତ ନଦୀ ଆନ୍ଦୋଳନଗୁଡିକୁ ସଂଯୋଜିତ କରି ଏକ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଓଡ଼ିଶାରେ ନଦୀ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସୁଦର୍ଶନ ଦାସଙ୍କୁ 'ନଦୀ ପ୍ରଭାରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ନଦୀ ସଂକ୍ରାନ୍ତରେ ଶ୍ୱେତପତ୍ର ପ୍ରକାଶ କରିବା ସହ ନଦୀ ନୀତି ପ୍ରଣୟନ ପାଇଁ ସରକାରଙ୍କଠାରେ ଦୃଢ଼ ଦାବି କରାଯାଇଛି। ସ୍କୁଲ ଓ କଲେଜଗୁଡିକରେ ନଦୀ ସୁରକ୍ଷା ବିଷୟକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ଶିଳ୍ପ ସଂସ୍ଥା ଓ ସହରର ଆବର୍ଜନା ଆଦିକୁ ସିଧା ନଦୀରେ ନ ପକାଇବା, ନଦୀ ସଂକ୍ରାନ୍ତରେ ଶ୍ୱେତପତ୍ର ଓ ନଦୀ ନୀତି ପ୍ରଣୟନ, ସ୍କୁଲ କଲେଜଗୁଡିକରେ ନଦୀ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ସୃଷ୍ଟି, ଗଙ୍ଗୁଆ, ସାଳନ୍ଦୀ ଆଦି ନଦୀର ପୁନରୁଦ୍ଧାର ଆଦି ପ୍ରସ୍ତାବ ସମ୍ମିଳନୀରେ ପାରିତ ହୋଇଥିଲା। ଲେଖକ ସଞ୍ଜୀବ ହୋତା, ଇଞ୍ଜିନିୟର ମନୋରଞ୍ଜନ ମିଶ୍ର, ବିଜୟ ପ୍ରଧାନ, ଡ. ଜୟକୃଷ୍ଣ ପାଣିଗ୍ରାହୀ, ପ୍ରକାଶ ରଥ ଯୋଗଦେଇଥିଲେ। ଦୟା ସୁରକ୍ଷା ଅଭିଯାନର ଆବାହକ ସଚ୍ଚିକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ସମ୍ମିଳନୀରେ ଜଳମାନବ ଡ. ରାଜେନ୍ଦ୍ର ସିଂଙ୍କ ସହ ଅନ୍ୟ ଅତିଥିମାନେ।


**OFFICE OF THE NOTIFIED AREA COUNCIL: G.UDAYAGIRI**

**E-Procurement Notice**

**Bid Identification No: GUDGR-NAC-01/2025-26**
**Letter No: 1530 Date. 11.06.2025**

**No.C-518:** Name of the work for which e-Tender invited - Supply of labour, Vehicles, machineries & equipments for Sanitation Works including collection of solid waste from Door to Door, Road sweeping, Night Sweeping, Drain Cleaning, Bush Cutting, Bed level de-silting & Water Logging from Ward No. 1 to 13 of G.UDAYAGIRI NAC area for the F.Y. 2025-26.
Estimated cost of work (Annually) - **Rs. 1,42,71,036/-**

1. Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.Os having similar nature of work experience of at least Five years and fulfilling the other criteria as given in the D.T.C.N.
2. The Bid documents will be available in the web-site i.e http://www.tendersodisha.gov.in from **11.00 A.M of 13.06.2025 to 5.00 P.M of 25.06.2025** for online bidding.
3. Bid identification No:
4. Last date & time of receipt of Bid through online: **25/06/2025 of 5.00 P.M**
5. Deposit original financial documents online: **11.00 A.M of 13/06/2025 up to 25/06/2025 of 5 P.M**
6. Opening of Bid on **26/06/2025 at 11.00 AM** at G.UDAYAGIRI NAC.
7. The bidder has to participate in online bidding only.
8. For further detail information any one can visit the-procurement portal of the Govt. of Odisha i.e. **http://www.tendersodisha.gov.in.**

**Sd./- Executive Officer**
**G. Udayagiri NAC**
OIPR-13202/11/0001/2526

**OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH**
E.Mail- rw_sundargarh@yahoo.co.in, Ph-06622-272280 (off)
**1st Corrigendum to Bid Identification No.Online-SESNG-03 of 2025-26**

**No.O-281:** In Continuation to this office bid identification No: Online-SESNG-03 of 2025-26 invited vide this office notice no.3237, dt.29.05.2025 is partial modified in TCN has been made as follows:-

| Sl. No. | | Time Schedule as per original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 04.06.2025 at 11.00 A.M. to 18.06.2025 upto 06.00 P.M. | Extended upto 24.06.2025 upto 5.00 P.M. |
| 2 | Last date of seeking clarification | 17.06.2025 at 11.00 A.M. | Extended upto 23.06.2025 upto 11.00 A.M. |
| 3 | Date of Opening of Tender | 19.06.2025 at 10.00 A.M. | Extended upto 24.06.2025 at 05.15 P.M. |

All other terms & conditions remain unchanged.
**Sd./- Superintending Engineer,**
**R.W.Division, Sundargarh**
OIPR-25046/11/0058/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-I, MALKANGIRI**
NATIONAL COMPETITIVE BIDDING THROUGH e-Procurement
**1st Corrigendum to Online Tender 01/RWD-I, MKG/2025-26, dt.23.05.2025**

No.O-284: In partial modification to this office tender call notice Online Tender 04/RWD-I, MKG/2024-25, dt.09.10.2024 availability of Tender on-line for bidding have been rescheduled as follows.

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seek-ing tender clarification | Date and Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender-01/ RWD-I, MKG/ 2025-26 | Total 7 Nos. (Single Cover & Double Cover) | 23.06.2025 from 11.00 AM | 07.07.2025 upto 5.00 PM | 30.06.2025 upto 5.00 P.M. | Tech. Bid opening: (Single Cover & Double Cover Tech.Bid) 08.07.2025 at 11.00 AM |

All other terms and conditions will remain unaltered.
OIPR-25058/11/0013/2526
**Sd./- Executive Engineer, R.W.Division-I, Malkangiri**

**GOVERNMENT OF ODISHA, e- PROCUREMENT NOTICE**
**WORKS DEPARTMENT**
**Bid Identification No.S.E.CBT (R&B) 07/2025-26**
No.B-205: charbatiadivision1@gmail.com

| | | |
|---|---|---|
| i. Name of the Work | : | Civil Work-01 No. |
| ii. Estimated Cost | : | Rs.82,20,613.00 |
| iii. Period of Completion | : | 04 Months (120 days) |
| iv. Date & Time of availability of bid documents in the portal | : | **From 10.00 AM of 17.06.2025 to 24.06.2025 upto 5.00 PM for "online" bidding** |
| v. Last date/time for receipt of Bids in the portal | : | **24.06.2025 upto 5.00 PM** |
| vi. Name and address of the Officer Inviting Bid | : | **Superintending Engineer, Charbatia (R&B) Division, Choudwar** |

Further details can be seen from the e-Procurement portal http://www.tendersorissa.gov.in. Any addendum/corrigendum/ cancellation of tender can also be seen in the said website.
**Sd./-Superintending Engineer**
**Charbatia (R&B) Division, Choudwar**
OIPR-34092/11/0020/2526

**DIRECTORATE OF HORTICULTURE**
**KRUSHI BHAVAN, ODISHA, BHUBANESWAR**
**GOVT. OF ODISHA**
Advt. No. DHO-SEC II- MISC-0006-2025-63 Dt. 12.06.2025
**REQUEST FOR PROPOSAL**

**No.L-22** : The Director of Horticulture-cum-Ex-Officio Additional Secretary to Govt., Odisha invites RFP in sealed cover from eligible bidders (agencies/ organizations) for engagement of professional agencies for setting up of Project Management Unit in Odisha. The sealed application along with all documents mentioned in the RFP should be submitted to this Directorate on or before **17.07.2025 by 5.00 P.M.** through Regd. Post/Speed Post (P&T Deptt.) only. The sealed envelope should be superscribed with **"Application for engagement of professional agencies for setting up of Project Management Unit in Directorate of Horticulture, Odisha"** with proper details of the Bidder as mentioned in the Section-2 of the RFP. The detail along with TOR is available in the website. https://agri.odisha.gov.in/, www.odisha.gov.in

**Sd./- Director of Horticulture-Cum- Ex-officio Addl. Secretary to Govt. Odisha, Bhubaneswar**
OIPR-01425/11/0006/2526

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ : ବଣାଇଁ ବନଖଣ୍ଡ
**OFFICE OF THE DIVISIONAL FOREST OFFICER : BONAI FOREST DIVISION**
At/PO. - Bonaigarh, Dist. : Sundargarh-770038
Email - dfo.bonai@odisha.gov.in, Landline : 06626-244454
**WALK IN INTERVIEW**

**No.MM-90** : Bonai Forest Division invites Applications from interested legal personnel such as Advocate for engagement as legal experts in the Offence Cell under SSWLCP, in Bonai Forest Division. The Interested candidates may apply directly or by e-mail to the office of the undersigned. The complete application along with relevant documents should reach this office on or before 25.06.2025. The application form along with detailed role and responsibilities shall be available on the website **www.sundargarh.odisha.gov.in/ www.odishaforest.in**.

Sd./- Divisional Forest Officer
Bonai Division
OIPR-08040/11/0016/2526

**MUNICIPAL OFFICE : PATTAMUNDAI**
EOI Notice No. 1598 Date. 12.06.25
**EXPRESSION OF INTEREST FOR SELECTION OF AGENCY for preparation of DPR and Estimate for different Development work of Pattamundai Municipality**

**No.C-513** : Executive Officer, Pattamundai Municipality, on behalf of Municipal Council Pattamundai, invites expression of interest for the work "Preparation of Plan and Estimate for different Development work of Pattamundai Municipality. The Registered Firm/Reputed Consultants/Architect desires to participate in this EOI notice must submit all documents as per Notice and must submit in two bid system and the envelop must superscribed "Submission of proposal for preparation of DPR and Estimate for different Development Project".

The filled in EOI must submit along with non refundable paper cost of Rupees 10000.00 should be drawn in the shape of Demand Draft drawn in favour of Executive Officer, Pattamundai Municipality, Payable at Pattamundai & EMD amount of 10000.00 in the shape of TDR duly pledged to Executive Officer, Pattamundai Municipality. The EOI paper can be downloaded from District Website https://kendrapara.odisha.gov.in from 13-06-2025 11 A.M. to 5 P.M. of 26-06-2025 and same should submitted by Regd. Post/Speed Post to the undersigned by 5 P.M. of 27-06-2025 and same will be opened at 11A.M. of 28-06-2025 at Office of the Executive Officer, Pattamundai Municipality. The Tender Inviting Authority reserves the right to cancel the EOI at any point of time without assigning any reason thereof.

**Sd./- Executive Officer**
**Pattamundai Municipality**
OIPR-13220/11/0015/2526

**OFFICE OF THE PANCHAYAT SAMITI BHUBAN, DHENKANAL**
**PR & DW DEPARTMENT**
**Re-Tender Call Notice**
**Bid Identification No. BDO, Bhuban-02/2025-26**
**Bhuban, Dhenkanal-759017, E-mail:ori-bhuban@nic.in**

**No.i-154:** The Block Development Officer, Bhuban on behalf of Government of Odisha inviting percentage rate from eligible contractors for construction of ACR building work detail in the table below.

| | | |
|---|---|---|
| 1. Nature of Work | : | Building Works |
| 2. Number of Work | : | 02 (Two) Nos. |
| 3. Tender Cost & EMD | : | As mentioned in DTCN |
| 4. Class of Contractor | : | As mentioned in DTCN |
| 5. Available Bid document in the District Website | : | From 16.06.2025 10.00 AM to 30.06.2025 upto 5.00 PM |
| 6. Last date/Time of receipt of the original bid documents | : | 30.06.2025 5.00 PM (only Regd.Post/Speed Post) |
| 7. Date of Opening of Bid | : | 02.07.2025, 11.00 AM |
| 8. Name & Address of the Office | : | Office of the **Block Development Officer, Bhuban.** |

9. Further details can be seen from the Dhenkanal Portal **www.dhenkanal.nic.in.** Any Addendum/Corrigendum/Cancellation of tender can also be seen in the said website.

**Sd./- Block Development Officer, Bhuban**
OIPR-19323/11/0003/2526

No.A-285
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଜନ**
ଇମେଲ–akp.irrigationdivision@gmail.com
**'e'- Procurement Notice No.06/2025-26**

| | | |
|---|---|---|
| 1. କାର୍ଯ୍ୟର ନାମ | : | କେନାଲ ଓ ନଦୀ ବନ୍ଧ ମରାମତି କାର୍ଯ୍ୟ |
| 2. ମୋଟ କାର୍ଯ୍ୟ ସଂଖ୍ୟା | : | ୦୭ ଗୋଟି କାର୍ଯ୍ୟ |
| 3. ଅଟକଳ ମୂଲ୍ୟ | : | ୦୭.୭୭ ଲକ୍ଷରୁ ୫୫.୨୪ ଲକ୍ଷ |
| 4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ | : | The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5. କାର୍ଯ୍ୟ ସମାପ୍ତି ସମୟ | : | ୬ ମାସ |
| 6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ : | | |
| I. Procurement Officer | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| II. ଅନ୍‌ଲାଇନ Biddingର ସମୟସୀମା | : | ତା.୧୩.୦୬.୨୦୨୫ ଦିବା ୧୦ ଘଟିକାରୁ ତା.୨୧.୦୬.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ |
| III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୩.୦୬.୨୦୨୫ ଦିବା ୧୧.୩୦ |
| IV. Transparent Lotteryର ତାରିଖ ଓ ସମୟ | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୨.୦୭.୨୦୨୫ ଦିବା ୧୧.୦୦ ଘଟିକା ସମୟରେ । |

ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ,
ଆଖୁଆପଦା
OIPR-32548/11/0006/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ବ୍ଲାକ୍ ଟାଇଗର୍ସ ପ୍ରଥମେ ହିରୋଜଙ୍କୁ ଭେଟିବ

## ରଗ୍‌ବୀ ପ୍ରିମିୟର ଲିଗ୍

**ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ)**

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍) ରବିବାରଠାରୁ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଆରମ୍ଭ ହେବାକୁ ଯାଉଛି। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ କଳିଙ୍ଗ ବ୍ଲାକ୍ ଟାଇଗର୍ସ, ମୁମ୍ବାଇ ଡ୍ରିମର୍ସ, ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ଭୁବନେଶ୍ୱର ଭିତ୍ତିକ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ ଏହାର ପ୍ରଥମ ମ୍ୟାଚ ହାଇଦ୍ରାବାଦ ହିରୋଜ ବିପକ୍ଷରେ ଖେଳିବ। ଏହି ମ୍ୟାଚ ରାତି ୮ଟା ୩୫ରେ ଆରମ୍ଭ ହେବ। ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ ଓ ଦିଲ୍ଲୀ ରେଜ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ସନ୍ଧ୍ୟା ୭ଟା ୧୫ ଏବଂ ଚେନ୍ନାଇ ବୁଲ୍ସ ଓ ମୁମ୍ବାଇ ଡ୍ରିମର୍ସ ମଧ୍ୟରେ ପରବର୍ତ୍ତୀ ମ୍ୟାଚ ୭ଟା ୫୫ରେ ଆରମ୍ଭ ହେବ। ପ୍ରତି ଦଳରେ ୧୩ ଜଣ ଲେଖାଏ ଖେଳାଳି ରହିଛନ୍ତି। ଏହା ମଧ୍ୟରେ ୮ ବିଦେଶୀ ଓ ୫ ଘରୋଇ ଖେଳାଳି ସାମିଲ। ବିଶ୍ୱର ପ୍ରତିଷ୍ଠିତ ରଗ୍‌ବୀ କୋଚ୍ ମାଇକ୍ ଫ୍ରାଇଡେ, ବେନ୍ ଗୋଲିଙ୍ଗ୍ସ, ଡି.ଜେ. ଫୋର୍ବେସ, ଟୋମାସି କାମା, ଫ୍ରାନ୍ସିସ୍କୋ ହେର୍ନାଣ୍ଡେଜ ଓ ଟିମ୍ ୱାଲ୍ସ ୬ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି।

ପ୍ରତିଯୋଗିତାରେ ମୋଟ ୩୪ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତି ଦଳ ପରସ୍ପରକୁ ୨ ଥର ଲେଖାଏ ଭେଟିବେ। ପ୍ରତି କ୍ୱାର୍ଟର ୪ ମିନିଟ ବିଶିଷ୍ଟ ହେବ। କ୍ୱାର୍ଟର ମଝିରେ ୨ ମିନିଟର ବ୍ରେକ୍ ରହିବ। ଫଳରେ ପ୍ରତି ମ୍ୟାଚ ୨୨ ମିନିଟ ଧରି ଖେଳାଯିବ। ପୁଲ୍ ପର୍ଯ୍ୟାୟରେ ପ୍ରତି ଦଳ ୧୦ଟି ଲେଖାଏ ମ୍ୟାଚ ଖେଳିବେ। ୨ଟି ସେମିଫାଇନାଲ, ଗୋଟିଏ ବ୍ରୋଞ୍ଜ ପଦକ ମ୍ୟାଚ ଏବଂ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳରେ ୫ ଘରୋଇ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବର ସାମିଲ ଅଛନ୍ତି। ଇଂଲଣ୍ଡର ମାଇକ୍ ଫ୍ରାଇଡେ ଦଳର ମୁଖ୍ୟ କୋଚ୍ ଏବଂ ପୂର୍ବତନ ଓଡ଼ିଶା ଦଳର ଅଧିନାୟକ ରାଜୀବ ନାଥ ସହକାରୀ କୋଚ୍ ଅଛନ୍ତି। ଆୟର୍ଲାଣ୍ଡର ହ୍ୟାରି ମ୍ୟାକ୍‌ନଲ୍ଟି ଅଧିନାୟକ ଦାୟିତ୍ୱ ତୁଲାଇବେ।



ରଗ୍‌ବୀ ପ୍ରିମିୟର ଲିଗ୍‌ରେ ସାମିଲ ୬ ଦଳର ମୁଖ୍ୟ କୋଚ୍।

### ଓଡ଼ିଶାରୁ ୪ ଖେଳାଳି

ରଗ୍‌ବୀ ପ୍ରିମିୟର ଲିଗ୍ ପାଇଁ ଗତ ଏପ୍ରିଲରେ ଅନୁଷ୍ଠିତ ଖେଳାଳି ନିଲାମରେ ଓଡ଼ିଶାର ୪ ରଗ୍‌ବୀ ପ୍ରତିଭା ସାମିଲ ହୋଇଥିଲେ। ସେମାନେ ହେଲେ ଆଶିଷ ଶବର, ଗଣେଶ ଧାଙ୍ଗଡ଼ା ମାଝି, ସମ୍ବିତ ପ୍ରଧାନ ଓ ଶାନାୱାଜ ଅହମଦ। କଳାହାଣ୍ଡିର ଆଶିଷଙ୍କୁ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୧.୫୦ ଲକ୍ଷ ଟଙ୍କାରେ କିଣିଥିଲା। ସେହିପରି ମାଲକାନଗିରିର ଗଣେଶ ୫୦ ଲକ୍ଷ ଟଙ୍କାରେ ମୁମ୍ବାଇ ଡ୍ରିମର୍ସ ଦଳକୁ ଯାଇଛନ୍ତି। ଆଶିଷ ଓ ଗଣେଶଙ୍କ ବ୍ୟତୀତ ଭୁବନେଶ୍ୱରର ଦୁଇ ଖେଳାଳି ସମ୍ବିତ ପ୍ରଧାନ ୫୦ ଲକ୍ଷରେ ହାଇଦ୍ରାବାଦ ହିରୋଜ ଓ ଶାନାୱାଜ ଅହମଦ ୮୦ ଲକ୍ଷରେ ଚେନ୍ନାଇ ବୁଲ୍ସ ଦଳରେ ସାମିଲ ହୋଇଛନ୍ତି।

## ରଗ୍‌ବୀ ପ୍ରିମିୟର ଲିଗ୍ କାର୍ଯ୍ୟସୂଚୀ

| ତାରିଖ | ସମୟ | ମ୍ୟାଚ୍ |
|---|---|---|
| ଜୁନ ୧୫ | ସନ୍ଧ୍ୟା ୭:୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ଦିଲ୍ଲୀ ରେଜ୍ |
| ଜୁନ ୧୫ | ସନ୍ଧ୍ୟା ୭:୫୫ | ଚେନ୍ନାଇ ବୁଲ୍ସ-ମୁମ୍ବାଇ ଡ୍ରିମର୍ସ |
| ଜୁନ ୧୫ | ରାତି ୮:୩୫ | ହାଇଦ୍ରାବାଦ ହିରୋଜ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ ୧୬ | ସନ୍ଧ୍ୟା ୭:୧୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ ୧୬ | ସନ୍ଧ୍ୟା ୭:୫୫ | ମୁମ୍ବାଇ ଡ୍ରିମର୍ସ-ଚେନ୍ନାଇ ବୁଲ୍ସ |
| ଜୁନ ୧୭ | ସନ୍ଧ୍ୟା ୭:୧୫ | ଦିଲ୍ଲୀ ରେଜ୍-ଚେନ୍ନାଲ ବୁଲ୍ସ |
| ଜୁନ ୧୭ | ସନ୍ଧ୍ୟା ୭:୫୫ | ହାଇଦ୍ରାବାଦ୍ ହିରୋଜ- ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ ୧୮ | ସନ୍ଧ୍ୟା ୭:୧୫ | ଚେନ୍ନାଇ ବୁଲ୍ସ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ ୧୮ | ସନ୍ଧ୍ୟା ୭:୫୫ | ମୁମ୍ବାଇ ଡ୍ରିମର୍ସ-ଦିଲ୍ଲୀ ରେଜ୍ |
| ଜୁନ ୧୯ | ସନ୍ଧ୍ୟା ୭:୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ମୁମ୍ବାଇ ଡ୍ରିମର୍ସ |
| ଜୁନ ୧୯ | ସନ୍ଧ୍ୟା ୭:୫୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ହାଇଦ୍ରାବାଦ ହିରୋଜ |
| ଜୁନ ୨୦ | ସନ୍ଧ୍ୟା ୭:୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ଚେନ୍ନାଇ ବୁଲ୍ସ |
| ଜୁନ ୨୦ | ସନ୍ଧ୍ୟା ୭:୫୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ଦିଲ୍ଲୀ ରେଜ୍ |
| ଜୁନ ୨୦ | ରାତି ୮:୩୫ | ମୁମ୍ବାଇ ଡ୍ରିମର୍ସ-ହାଇଦ୍ରାବାଦ ହିରୋଜ |
| ଜୁନ ୨୧ | ସନ୍ଧ୍ୟା ୭:୧୫ | ଚେନ୍ନାଇ ବୁଲ୍ସ-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ ୨୧ | ସନ୍ଧ୍ୟା ୭:୫୫ | ହାଇଦ୍ରାବାଦ ହିରୋଜ-ମୁମ୍ବାଇ ଡ୍ରିମର୍ସ |
| ଜୁନ ୨୧ | ରାତି ୮:୩୫ | ଦିଲ୍ଲୀ ରେଜ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ ୨୨ | ସନ୍ଧ୍ୟା ୭:୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ହାଇଦ୍ରାବାଦ ହିରୋଜ |
| ଜୁନ ୨୨ | ସନ୍ଧ୍ୟା ୭:୫୫ | ଚେନ୍ନାଇ ବୁଲ୍ସ-ଦିଲ୍ଲୀ ରେଜ୍ |
| ଜୁନ ୨୨ | ରାତି ୮:୩୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ମୁମ୍ବାଇ ଡ୍ରିମର୍ସ |
| ଜୁନ ୨୩ | ସନ୍ଧ୍ୟା ୭:୧୫ | ଦିଲ୍ଲୀ ରେଜ୍-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ ୨୩ | ସନ୍ଧ୍ୟା ୭:୫୫ | ହାଇଦ୍ରାବାଦ୍ ହିରୋଜ- ଚେନ୍ନାଇ ବୁଲ୍ସ |
| ଜୁନ ୨୪ | ସନ୍ଧ୍ୟା ୭:୧୫ | ମୁମ୍ବାଇ ଡ୍ରିମର୍ସ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ ୨୪ | ସନ୍ଧ୍ୟା ୭:୫୫ | ଚେନ୍ନାଇ ବୁଲ୍ସ-ହାଇଦ୍ରାବାଦ୍ ହିରୋଜ |
| ଜୁନ ୨୫ | ସନ୍ଧ୍ୟା ୭:୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ ୨୫ | ସନ୍ଧ୍ୟା ୭:୫୫ | ଦିଲ୍ଲୀ ରେଜ୍-ମୁମ୍ବାଇ ଡ୍ରିମର୍ସ |
| ଜୁନ ୨୬ | ସନ୍ଧ୍ୟା ୭:୧୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ଚେନ୍ନାଇ ବୁଲ୍ସ |
| ଜୁନ ୨୬ | ସନ୍ଧ୍ୟା ୭:୫୫ | ହାଇଦ୍ରାବାଦ୍ ହିରୋଜ-ଦିଲ୍ଲୀ ରେଜ୍ |
| ଜୁନ ୨୭ | ସନ୍ଧ୍ୟା ୭:୧୫ | ଦିଲ୍ଲୀ ରେଜ୍-ହାଇଦ୍ରାବାଦ ହିରୋଜ |
| ଜୁନ ୨୭ | ସନ୍ଧ୍ୟା ୭:୫୫ | ମୁମ୍ବାଇ ଡ୍ରିମର୍ସ-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ ୨୮ | ସନ୍ଧ୍ୟା ୭:୧୫ | ର୍‍ୟାଙ୍କ ୨-ର୍‍ୟାଙ୍କ ୩ |
| ଜୁନ ୨୮ | ସନ୍ଧ୍ୟା ୭:୫୫ | ର୍‍ୟାଙ୍କ ୧-ର୍‍ୟାଙ୍କ ୪ |
| ଜୁନ ୨୯ | ସନ୍ଧ୍ୟା ୭:୧୫ | ଦୁଇ ସେମିଫାଇନାଲରେ ପରାଜିତ ଦଳ |
| ଜୁନ ୨୯ | ସନ୍ଧ୍ୟା ୭:୫୫ | ଦୁଇ ସେମିଫାଇନାଲର ବିଜେତା ଦଳ |

# ଓଡ଼ିଶା ଏଫ୍‌ସିରେ ଖୃଆଙ୍ଗଟେ

**ଭୁବନେଶ୍ୱର,୧୪।୬(ଅନାଦି କର)**

ଓଡ଼ିଶା ଏଫ୍‌ସି ଶନିବାର ମିଡ୍‌ଫିଲ୍ଡର ଲାଲରିନଫେଲା ଖୃଆଙ୍ଗଟେଙ୍କ ସହ ୩ ବର୍ଷ ଲାଗି ଚୁକ୍ତି କରିଛି। ଏହି ଚୁକ୍ତିରେ ଅତିରିକ୍ତ ୧ ବର୍ଷ ବୃଦ୍ଧି କରିବାର ବିକଳ୍ପ ମଧ୍ୟ ରଖାଯାଇଛି। ମିଜୋରାମରେ ଜନ୍ମିତ ୨୫ ବର୍ଷୀୟ ରିନଫେଲା ୨୦୧୫ରେ ମୋହନ ବାଗାନ ଫୁଟବଲ ଏକାଡେମୀ ସହ ଫୁଟବଲ ଅଭିଯାନ ଆରମ୍ଭ କରିଥିଲେ। ୨୦୧୭ରେ ରିନଫେଲା ବେଙ୍ଗାଲୁରୁ ଏଫ୍‌ସି ରିଜର୍ଭ ଦଳରେ ଯୋଗଦେଇଥିଲେ ଏବଂ ସେମାନଙ୍କର ୧୮ ବର୍ଷରୁ କମ୍ ଦଳ ପାଇଁ ଖେଳିଥିଲେ। ପରେ ସେ ୨୦୨୧ ସନ୍ତୋଷ ଟ୍ରଫିରେ ମିଜୋରାମର ପ୍ରତିନିଧିତ୍ୱ କରିଥିଲେ। ୨୦୨୨ରେ ସେ ଆଇଜଲ ଏଫ୍‌ସିରେ ଯୋଗଦେଇଥିଲେ। ୨୦୨୩-୨୪ ଆଇ-ଲିଗ୍ ସିଜନରେ ସେ ୨୨ରୁ ୨୧ ମ୍ୟାଚ୍ ଖେଳିବା ସହ ୨ଟି ଗୋଲ କରିଥିବା ବେଳେ ୪ ଥର ଆସିଷ୍ଟ କରିଥିଲେ। ଗତ ବର୍ଷ ଜୁନରେ ସେ ମହମଡାନ ଏସ୍‌ସିରେ ଯୋଗଦେଇଥିଲେ ଏବଂ ସେପ୍ଟେମ୍ବରରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ପଦାର୍ପଣ କରିଥିଲେ।

# ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ ପଦକ




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ପଦକ ବିଜୟୀ କରାଟେକା।

## ଜାତୀୟ ଜୁନିୟର କରାଟେ

**ଭୁବନେଶ୍ୱର, ୧୪।୬ (ବିଜୟ ରଣା)**

ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ ଜୁନିୟର କରାଟେ ପ୍ରତିଯୋଗିତାର ତୃତୀୟ ଦିବସରେ ଓଡ଼ିଶା ୫ ସ୍ୱର୍ଣ୍ଣ ସହ ୧୭ ପଦକ ହାସଲ କରିଛି। ଅଶ୍ଲେଷା ପଣ୍ଡା, ବୈଶାଳୀ ପାତ୍ର, ଶ୍ରେୟା କାନୁନ୍‌ଗୋ, ଆଦ୍ୟାଶା ପ୍ରିୟଦର୍ଶିନୀ ଓ ଲିନ୍‌ସି ସିଂ ପ୍ରମୁଖ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ଲିନ୍‌ସି ସିଂ, ଆକାଂକ୍ଷା ମହାନ୍ତି, ଆଦ୍ୟାଶା ନାୟକ, ଏନ୍. ଜିସିକା, ଇଶାନୀ ପଣ୍ଡା, ବଂଶିକା ମହାପାତ୍ର, ସୌମ୍ୟା ଶୁଭଦର୍ଶିନୀ ମହାନ୍ତି ଏବଂ ଲିନ୍‌ସିଂ ସିଂ, ଅର୍ଚ୍ଚିତା ପ୍ରିୟଦର୍ଶିନୀ, ଅନନ୍ୟା ସାହୁ ଓ ରାଜେଶ୍ୱରୀ ସିଂଙ୍କୁ ନେଇ କାଟା ସବ୍ ଜୁନିୟର ମହିଳା ଦଳ ରୌପ୍ୟ ପଦକ ହାସଲ କରିଛନ୍ତି। ସୌମିତା ପାତ୍ର, ପ୍ରିଶା ଦାସ, ଦିବ୍ୟାଂଶୀ ପଟ୍ଟନାୟକ, ଅନନ୍ୟା ସାହ ପ୍ରମୁଖ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ରାଜ୍ୟ କରଟେ ସଂଘ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# କୋଚ୍‌ଙ୍କ ବିରୋଧରେ ଜୁଡୋ ଖେଳାଳିଙ୍କ ଯୌନ ନିର୍ଯାତନା ମାମଲା

## ସୋମବାର ପରବର୍ତ୍ତୀ ଶୁଣାଣି

**ନୈନିତାଲ,୧୪।୬(ପି.ଟି.)**

କୋଚ୍‌ଙ୍କ ବିରୋଧରେ ଟ୍ରେନିଂ ବେଳେ ଯୌନ ନିର୍ଯାତନା ଅଭିଯୋଗରେ ୧୯ ବର୍ଷୀୟା ଜୁଡୋ ଖେଳାଳିଙ୍କ ଦ୍ୱାରା ଦାଖଲ କରାଯାଇଥିବା ପିଆଇଏଲ୍‌ର ପରବର୍ତ୍ତୀ ଶୁଣାଣି ସୋମବାର ହେବ ବୋଲି ଉତ୍ତରାଖଣ୍ଡ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଶୁକ୍ରବାର ମନୋଜ କୁମାର ତିୱାରୀ ଓ ସୁଭାଷ ଉପାଧ୍ୟାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି ଆରମ୍ଭ କରିଥିଲେ ଏବଂ ପରବର୍ତ୍ତୀ ଶୁଣାଣି ଲାଗି ୧୬ ତାରିଖକୁ ଧାର୍ଯ୍ୟ କରିଥିଲେ। ଡେରାଡୁନ ବାସିନ୍ଦା ଦାଖଲ କରିଥିବା ପିଆଇଏଲ୍‌ରେ ଦର୍ଶାଇଛନ୍ତି ଯେ, ସେ ଜଣେ ଜାତୀୟ ସ୍ତରର ଜୁଡୋ-କରାଟେ ଖେଳାଳି ଏବଂ ସେ ଗତ ୭ ବର୍ଷ ହେଲା ଡେରାଡୁନରେ ସବିତା ଗୁରୁଙ୍ଗଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ କରୁଛନ୍ତି। ୨୦୨୪ରେ ଭୋପାଳରେ ଅନୁଷ୍ଠିତ ଜାତୀୟ ସ୍ତରର ଟ୍ରେନିଂ ଲାଗି ତାଙ୍କୁ ଚୟନ କରାଯାଇଥିଲା। ଭୋପାଳକୁ ଯିବାକୁ ଅନୁମତି ଦେବା ବଦଳରେ କୋଚ୍ ସବିତା ତାଙ୍କୁ କୋଚ୍ ସତିଶ ଶର୍ମାଙ୍କ ନିକଟକୁ ମୋରାଦାବାଦକୁ ପଠାଇଥିଲେ। ସତିଶ ହେଉଛନ୍ତି ସବିତାଙ୍କ କୋଚ୍। ମାର୍ଚ୍ଚ ୧୨ ତାରିଖରେ ଟ୍ରେନିଂ ବେଳେ କୋଚ୍ ସତିଶ ତାଙ୍କୁ ଫାର୍ମହାଉସ୍ ନେଇଯାଇଥିଲେ ଏବଂ ଯୌନ ନିର୍ଯାତନା ଦେଇଥିଲେ। ସେ ଏହାର ପ୍ରତିବାଦ କରିବାରୁ କୋଚ୍ ସତିଶ ତାଙ୍କ କ୍ୟାରିୟର ନଷ୍ଟ କରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ ପାଇଥିବା ମାନସିକ ଆଘାତ ଯୋଗୁ ସେ ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରିପାରି ନ ଥିଲେ। ଏପ୍ରିଲ ୨୮ ତାରିଖରେ ଡେରାଡୁନର ରାଇପୁର ଥାନାରେ ଏଫ୍ଆଇଆର ରୁଜୁ କରିବା ପରେ ଡେରାଡୁନ ପୋଲିସ ପକ୍ଷରୁ ମାମଲାକୁ ଭୋଜପୁର ଥାନାକୁ ସ୍ଥାନାନ୍ତର କରାଯାଇଛି। ଏହି ପିଆଇଏଲ୍ ଦ୍ୱାରା ଅଭିଯୋଗକାରୀ ଏକ କମିଟି ଜରିଆରେ ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି।

# ଅଷ୍ଟ୍ରେଲିଆଠାରୁ ହାରିଲା ମହିଳା ଦଳ

## ପ୍ରୋ-ଲିଗ୍

**ଲଣ୍ଡନ, ୧୪।୬ (ପି.ଟି.)**

ଏଫ୍ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ମହିଳା ହକି ଦଳ ୨-୩ ଗୋଲ୍‌ରେ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ଅଷ୍ଟ୍ରେଲିଆ କର୍ଟନୀ ସ୍କୋନେଲ (୧୬ତମ ମିନିଟ୍), ଲେକ୍ସି ପିକରିଂ(୨୬ତମ) ଗୋଟିଏ ଲେଖାଏ ଫିଲ୍ଡ ଗୋଲ୍ ଦେଇଥିବା ବେଳେ ଟାଟମ ଷ୍ଟିୱାର୍ଟ (୩୫ତମ) ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲ୍‌ରେ ପରିଣତ କରିଥିଲେ। ଭାରତ ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ଦୀପିକା ଓ ନେହା ଦୁଇଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ପରାଜୟ ବ୍ୟବଧାନକୁ ହ୍ରାସ କରିଥିଲେ।


# Classified Everyday

**0674-2580101, 9692975378**




**BRIDE WANTED**

MBA XIMB, 5'8", 40yrs, unmarried Karan boy, working in Private Bank, in AGM rank, Hyderabad, own house in BBSR seeks unmarried B.Sc/ B.Com/ MBA girl from Karan/ Khandayat/Brahmin educated family within 35yrs height above 5'2". Contact: 9337003506 between 7pm-10pm. D-945

**GROOM WANTED**

Fair beautiful Delhi based Working Odia Girl (MA) First Divn. 1997 born 5'5" seeks well settled Delhi/ NCR based boy# csdillip@gmail.com. D-895

ବରପାତ୍ର ଆବଶ୍ୟକ। ଜାତି ପ୍ରତିବନ୍ଧକ ନୁହେଁ। ବୟସ-48, 5'2", B.act., Govt. Teacher. ମାସିକ ଆୟ 48000. ଯୋଗାଯୋଗ କରନ୍ତୁ। 7440732439. D-944



**REAL ESTATE**
**SALE**

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Non-Agricultural (KISAM- GHARABARI) Converted land containing 3.75 acre (appx. 94 Gunthas) in Mouza- BILTERUAN, P.S.- TANGI, DIST.- CUTTACK, ODISHA (prime location). Location: Beside NH No.- 16 (previously 5). In front of NIRGUNDI Railway Station, 7 KMs from Cuttack. Only genuine & interested parties to contact: 033-40586666, 9831931994.** D-942

Readymade 5BHK Triplex for sale (land 1500sqft. construction 2700sqft.) at Balianta, Price @80/- lakhs, Contact: 9337413323, 9437313522. D-76832

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338481309. D-71398




Newly open Jyoti SPA positively health benefits (expert therapist). 8458067955. D-870

Full body massage by Odia therapist in homely atmosphere. 9556498382. D-75390

Newly open SPA positively health benefits (expert therapist). Contact- 7749034655. D-76919

**Relax, Refresh your body, Mind at Saikrupa SPA with best therapies. 7848011468.** D-859

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**

By virtue of an affidavit before the Notary Public, Jharsuguda, No.24, dated 12.06.25, I, Jai Lamba, S/o- Manoj Kumar Lamba, R/o. At- Jagannathmandir Gali, P.O./P.S.- Brajrajnagar, Dist.- Jharsuguda, Odisha, PIN- 768216 declare that in my Aadhaar Card my father's name has not been mentioned. Now I want to mention my father's name as Manoj Kumar Lamba in my Aadhaar Card and in 10th Marksheet my father's name printed as Manoj Lamba instead of Manoj Kumar Lamba. D-941

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Kantamal, dated- 10.06.2025, I, Nimain Charan Rana, Address: Village- Landapadar, P.S.- Ghantapada, Dist.- Boudh, PIN- 762018 declare that I have changed my name from Namei Charan Rana to Nimain Charan Rana. Henceforth, I shall be known as Nimain Charan Rana for all purposes.
Nimain charan Rana.
D-940

By virtue of an affidavit sworn before G. Mahapatra, Executive Magistrate Bhubaneswar, dated- 12.06.2025, I, Shubhashree Sahoo, Address: At/P.O.- Bandalo, P.S.- Banki, Dist.- Cuttack declare that I have changed my name from (Shubhashree Behera) to (Shubhashree Sahoo). Henceforth, I shall be known as Shubhashree Sahoo for all purposes.
Shubhashree Sahoo
D-938

**୩୧ତମ ଜନ୍ମବାର୍ଷିକୀ**



**ଂସତ୍ୟ ରଞ୍ଜନ ନାୟକ**

ଆବିର୍ଭାବ- ୧୫।୦୬।୧୯୯୪
ତିରୋଧାନ- ୦୨।୦୧।୨୦୨୨

ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଯେଉଁଠି ଥା' ଭଲରେ ଥା'।

ଶୋକସନ୍ତପ୍ତ- ମାମା, ବାବା, ଜେଜେ, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)

ଧ-୯୩୯




# ବାପାଙ୍କ ପରି

**ବାପାଙ୍କ ଶିକ୍ଷା ଓ ଆକଟ ସନ୍ତାନକୁ ଭଲ ମଣିଷ କରି ଗଢ଼ି ତୋଳେ। ତାଙ୍କ ପ୍ରେରଣା ଓ ମାର୍ଗଦର୍ଶନ ସନ୍ତାନ ପାଇଁ ସଫଳତାର ମାର୍ଗ କଢ଼ାଏ। ଆଉ ଯେଉଁ ସନ୍ତାନ ନିଜ ବାପାଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ତାଙ୍କୁ ଆଦର୍ଶ ମାନି ସେହି କ୍ଷେତ୍ରରେ ସଫଳ ହେବାକୁ ଲକ୍ଷ୍ୟ ରଖେ, ତା' ପାଇଁ ସଫଳତାର ମାର୍ଗ ହୋଇଯାଏ ଆହୁରି ସହଜ ଓ ସରଳ। ଆଜି ଫାଦର୍ସ ଡେ'(ଜୁନ୍ ୩ୟ ରବିବାର) ଉପଲକ୍ଷେ ନିଜ ବାପାଙ୍କୁ ଆଦର୍ଶ ମାନି ଏକା କ୍ଷେତ୍ରରେ କାର୍ଯ୍ୟ କରୁଥିବା କେତେଜଣ ଯୁବତୀ ଯୁବକଙ୍କୁ ନେଇ ବିଶେଷ ଉପସ୍ଥାପନା...**

## ବାପା ମୋର ଆଦର୍ଶ

**ଶ୍ରୀରଞ୍ଜନୀ ବେହେରା**(ରାୟଗଡ଼ା)– ସଂଗୀତ ଗୁରୁ, କୁହାଯାଏ, ଗୁରୁ ବିନା ପିଲାଙ୍କ ଭବିଷ୍ୟତ ଅନ୍ଧକାର। ଆଉ ଯେବେ ପିଲାର ଗୁରୁ ଓ ଆଦର୍ଶ ନିଜ ବାପା ହୋଇଥାନ୍ତି ; ସେତେବେଳେ ଏହି ଅନୁଭୂତି ପାଲଟିଯାଏ ସବୁଠୁ ନିଆରା। ସେମିତି ନିଜ ବାପାଙ୍କୁ ପିଲାଟି ଦିନରୁ ଗୀତ ଗାଇବା ଦେଖି ଅନୁପ୍ରାଣିତ ହୋଇ ତାଙ୍କୁ ନିଜ ଜୀବନର ଆଦର୍ଶ ଭାବେ ଗ୍ରହଣ କରି ଆଜି ଜଣେ ସଫଳ ସଂଗୀତ ଗୁରୁ ଏବଂ ନୃତ୍ୟଗୁରୁ ଭାବେ ଏକ ପରିଚୟ ସୃଷ୍ଟି କରିପାରିଛି। ମୋ ବାପା (ଲକ୍ଷ୍ମୀ ନାରାୟଣ ବେହେରା) ରାୟଗଡ଼ାରେ ଜଣେ ପ୍ରତିଷ୍ଠିତ ସଂଗୀତ ଗୁରୁ ଭାବେ ବେଶ୍ ଜଣାଶୁଣା।


ବାପାଙ୍କୁ ଦେଖି ସଂଗୀତ ପ୍ରତି ଆଗ୍ରହ ସୃଷ୍ଟି ହେଲା। ମାତ୍ର ୯ ବର୍ଷ ବୟସରୁ ଗାଇବା ଆରମ୍ଭ କରିଥିଲି। ମୋର ଆଗ୍ରହ ଦେଖି ବାପା ଜେକେ କମ୍ପାନୀ ପକ୍ଷରୁ


ବାପାଙ୍କ ସହ ଶ୍ରୀରଞ୍ଜନୀ

କରାଯାଇଥିବା ନୃତ୍ୟ ସଦନ ନାମକ ଅନୁଷ୍ଠାନରେ ଆଡ୍‌ମିଶନ କରାଇଥିଲେ ଏବଂ ସେବେଠୁ ହିନ୍ଦୁସ୍ତାନ ଭୋକାଲ ମ୍ୟୁଜିକରେ ମୁଁ ପରୀକ୍ଷା ଦେବା ଆରମ୍ଭ କଲି। ବାପା ମୋତେ ସବୁବେଳେ ଏ ଦିଗରେ ଶିଖାଇବା ସହିତ ତାଙ୍କ ତତ୍ତ୍ୱାବଧାନରେ ଅନେକ ମଞ୍ଚରେ ମଧ ସଂଗୀତ ଓ ନୃତ୍ୟ ପରିବେଷଣ କରିବା ସହ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଦିଲ୍ଲୀଠାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଲି। ତେଣୁ ବାଣିଜ୍ୟ ବିଭାଗରେ ସ୍ନାତକୋତ୍ତର ପାସ୍ କଲେ ବି ସଂଗୀତକୁ ନିଜର ନିଶା ଏବଂ ପେସା ଭାବେ ବାଛିବାକୁ ପସନ୍ଦ କଲି। ବର୍ତ୍ତମାନ ସଂଗୀତ ଏବଂ ନୃତ୍ୟଗୁରୁ ଭାବେ ଏକ ଘରୋଇ ବିଦ୍ୟାଳୟରେ ପିଲାମାନଙ୍କୁ ଶିକ୍ଷାଦାନ କରୁଛି। ସଂଗୀତ ଏବଂ ନୃତ୍ୟ ମୋ ପାଇଁ ଖାଲି ଏକ କ୍ୟାରିୟର ନୁହଁ, ଏହା ଦ୍ୱାରା ମୋ' ବାପାଙ୍କ ସ୍ୱପ୍ନ ଆଉ କଳାକୁ ବଞ୍ଚାଇ ପାରୁଥିବାରୁ ବହୁତ ଖୁସି। ମୋ'ଠାରୁ ଶିଖି ଅନେକ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି, ଯାହାର ଶ୍ରେୟ ନିଜ ବାପାଙ୍କୁ ଦେବା ସହ ଆଗକୁ ଏହି କଳାକୁ ସାରା ଜୀବନ ବଜାୟ ରଖିବି ବୋଲି ସେ କହିଛନ୍ତି।

## ବାପା ହିଁ ମୋ ମାର୍ଗଦର୍ଶକ

**ଡା. ସୌମ୍ୟା ଶିବାନୀ ସାହୁ** (ସହକାରୀ ପ୍ରାଧ୍ୟାପିକା, ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ, କଟକ)– ପିଲାବେଳୁ ଆମେ ସର୍ବପ୍ରଥମେ ନିଜ ମାଆବାପାଙ୍କୁ ଠାରୁ ସବୁ କିଛି ଶିଖିଥାଉ। ତେଣୁ ସେମାନେ ଆମର ପ୍ରଥମ ଗୁରୁ ହୋଇଥାନ୍ତି। ଆଉ ବିଶେଷ କରି ବାପା ଯେଉଁ ପ୍ରଫେଶନ୍‌ରେ କାର୍ଯ୍ୟ କରନ୍ତି ତାହା ପିଲାଙ୍କୁ ଅଧିକ ଆକୃଷ୍ଟ କରିଥାଏ। ମୋ କ୍ଷେତ୍ରରେ ଏପରି ହିଁ ହୋଇଥିଲା। ବାପାଙ୍କୁ ଡାକ୍ତର ଭାବେ ରୋଗୀ ସେବା କରୁଥିବାରୁ ଦେଖି ପିଲାବେଳୁ ଡାକ୍ତର ହେବାର ସ୍ୱପ୍ନ ଦେଖୁଥିଲି। ଜଣେ ଡାକ୍ତର ଭାବେ ମୋର ପରିଚୟ ଏବଂ ସାମାଜିକ ସ୍ଥିତି ପାଇଁ ବାପା (ଅବସରପ୍ରାପ୍ତ ଡାକ୍ତର ବିଷ୍ଣୁ ଚରଣ ସାହୁ)ଙ୍କର କେତେ ଯେ ଅବଦାନ ରହିଛି, ତାକୁ ପରିପ୍ରକାଶ କରିବା ମୋ ପକ୍ଷରେ ଅସମ୍ଭବ। ପିଲାବେଳେ ସେ ମୋତେ ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢ଼ିବାର ମାର୍ଗ ଦର୍ଶନ ଯୋଗାଇ ଆସିଛନ୍ତି। ଶ୍ରେଣୀରେ ସର୍ବଦା ଆଗୁଆ ହେବାକୁ କହିଛନ୍ତି। ମନେପଡୁଛି, ପିଲାଦିନେ ପଢ଼ିବା ବେଳେ ପାଠରେ କମା, ପୂର୍ଣ୍ଣଚ୍ଛେଦ ଭୁଲ୍ କଲେ ବି ସେ ଗାଳି ଦିଅନ୍ତି। ଯେଉଁଥିପାଇଁ ନିର୍ଭୁଲ୍ ଭାବେ ଲେଖିବା ଏବଂ ସବୁ ବିଷୟକୁ ଅଗ୍ରାଧିକାର ଦେଇ ପାଠ ପଢ଼ିବା ତାଙ୍କଠାରୁ ଶିଖିଛି। କଠିନ ପରିଶ୍ରମ ସହିତ ସମୟାନୁବର୍ତ୍ତୀ ହେବାକୁ ସବୁବେଳେ ଗୁରୁତ୍ୱ ଦେଇଛନ୍ତି। ସେ ସବୁବେଳେ କୁହନ୍ତି, ଅନ୍ୟମାନଙ୍କ ବିରୋଧରେ କିଛି ନ କହି, କର୍ମ କରି ଚାଲ, ଭଗବାନ୍ ଫଳ ଦେବେ। ନିଷ୍ଠାପର କର୍ମ କେବେ ଅସଫଳ ହେବ ନାହିଁ ବୋଲି ସେ ସବୁବେଳେ କୁହନ୍ତି। ବାପା ଜଣେ ଡାକ୍ତର ହୋଇଥିବା ବେଳେ ମୋର ଡାକ୍ତର ହେବାର ଇଚ୍ଛା ପୂରଣ କରିବାକୁ ସେ ଯଥେଷ୍ଟ ପ୍ରୋତ୍ସାହନ ଓ ପ୍ରେରଣା ଦେଇଥିଲେ। ତାଙ୍କ ଇଚ୍ଛା ପୂରଣ କରିଥିବାରୁ ମୋତେ ବି ଅପାର ଖୁସି ଲାଗୁଛି।


ବାପାଙ୍କ ସହ ସୌମ୍ୟା

## ବାପା ମୋର ଗୁରୁ

**ଆଲୋକ କୁମାର ମହାପାତ୍ର** (ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ)– ମୋ ବାପା ଡ. ଅଶୋକ କୁମାର ମହାପାତ୍ର କେବଳ ମୋର ବାପା ନ ଥିଲେ, ମୋର ଆଇନ ଅଧ୍ୟବସାୟର ଗୁରୁ ମଧ୍ୟ। ପିଲାଟିଦିନୁ ତାଙ୍କୁ ଦେଖି ଓକିଲାତି କରିବାକୁ ମୋର ଆଗ୍ରହ ବଢିଥିଲା। ଯେବେ ଓକିଲ ଭାବେ ଯୋଗ ଦେଲି, ପ୍ରଥମ ଦିନ ଚ୍ୟାମ୍ବରରେ ମୁଁ ତାଙ୍କୁ ବାପା ବୋଲି ଡାକିଥିଲି। ସେ ମୋତେ କହିଥିଲେ, ଚ୍ୟାମ୍ବର ଭିତରେ ମୁଁ ତମ ବାପା ନୁହଁ, ସାର (ଗୁରୁ)। ଅନ୍ୟ ଜୁନିୟରମାନେ ଯେପରି ତମେ ମଧ ସେପରି। ଏହି ଚ୍ୟାମ୍ବରର ବହିଠାରୁ ଆରମ୍ଭ କରି ସମସ୍ତ ଜିନିଷ ମହକିଲମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନଙ୍କ କେସ୍‌ରେ କିପରି ଜିତିବ ସେଥିପାଇଁ ଏସବୁକୁ ପଢ଼ିବାକୁ ହେବ ଏବଂ କାମରେ ଲଗାଇବାକୁ ହେବ। କେସ୍‌ରେ ହାର୍, ଜିତ୍ ଥାଏ। କିନ୍ତୁ ଯଦି ତମେ ତମର ୨୦୦% କେସ୍ ଜିତିବାରେ କାର୍ଯ୍ୟ କରିଛ, ହେଲେ ବି କେସ୍ ହାରୁଛ ତା'ହେଲେ ତମେ ନିଜକୁ କ୍ଷମା କରିପାରିବ ନାହିଁ।


ବାପାଙ୍କ ସହ ଆଲୋକ

ମହକିଲ ତା'ର ସବୁ ବିଶ୍ୱାସ ତମ ଉପରେ କରିଛି। ଜଣେ ଆଇନଜୀବୀ ତା'ର ଜୀବନ ତମାମ ଜଣେ ଛାତ୍ର ... ଇତ୍ୟାଦି ଅନେକ କଥା ଏବଂ ତାଙ୍କର କାମ ପ୍ରତି ନିଷ୍ଠା, ପଢ଼ିବା ପାଇଁ ଆଗ୍ରହ ଅକଳ୍ପନୀୟ। ସେ ଦିନକୁ ପ୍ରାୟ ୧୦ରୁ ୧୨ ଘଣ୍ଟା ଚାମ୍ବରରେ କଟାନ୍ତି। ଏହିପରି ଅନେକ କଥା ମୋ ବାପାଙ୍କ ପରି ପ୍ରଫେସନ୍‌ରେ ଉତ୍ସର୍ଗୀକୃତ ହେବା ପାଇଁ ମୋତେ ଶିଖାଇଛି।

## ସତ କହିବା ଶିଖାଇଛନ୍ତି ବାପା

**ସ୍ମୃତି ସଞ୍ଚିତା ଜେନା**(ପ୍ରଧାନ ଶିକ୍ଷୟିତ୍ରୀ, ହରିପୁର ହାଇସ୍କୁଲ, ବାଲେଶ୍ୱର)– ବାପା ଏମିତି ଜଣେ ମଣିଷ ଯାହାଙ୍କର ତୁଳନା ନାହିଁ। ତାଙ୍କୁ ଠାରୁ ଆମେ ବହୁତ କଥା ଶିଖୁ। ମୋ ବାପା (ନବ କିଶୋର ଜେନା) ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ ସିନ୍ଧୁକେଶ୍ୱର ସ୍କୁଲରେ ୩୫ ବର୍ଷରୁ ଊର୍ଦ୍ଧ୍ୱ ଶିକ୍ଷକତା କରି ବେଶ ସୁନାମ ଅର୍ଜନ କରିଛନ୍ତି। ପିଲାବେଳୁ ତାଙ୍କୁ ନିଜ ଆଦର୍ଶ ମାନି ଶିକ୍ଷକତା କରିବାକୁ ଲକ୍ଷ୍ୟ ରଖିଥିଲି। ଆଉ ସେ ମଧ ମୋତେ କେବଳ ଜଣେ ଭଲ ଶିକ୍ଷକ ହେବା ପାଇଁ ପରାମର୍ଶ ଦେଉ ନ ଥିଲେ ବରଂ ସବୁବେଳେ ସତକଥା କହିବାକୁ ଶିଖାଉଥିଲେ। ବାପାଙ୍କ ପଥ ଅନୁସରଣ କରି, ବାପାଙ୍କ ପରାମର୍ଶରେ ଶିକ୍ଷକତା ପାଇଁ ବାଲ୍ୟକାଳରୁ ଲକ୍ଷ୍ୟ ରଖିଥିବା ଆଜି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଛି। ବାପା ମଧ ଏଥିପାଇଁ ଖୁବ୍ ଉତ୍ସାହିତ କରିଥିଲେ। +୨ ଏବଂ ପରେ ବି.ଏଡ୍. ପାସ୍ ପରେ ହରିପୁର ହାଇସ୍କୁଲରୁ ୨୦୧୬ରେ ସହକାରୀ ଶିକ୍ଷୟିତ୍ରୀ ଭାବେ ଜୀବନ ଆରମ୍ଭ କଲି। କେବଳ ଜଣେ ଭଲ ଶିକ୍ଷୟିତ୍ରୀ ହେବାକୁ ହେଲେ ଶିକ୍ଷାଗତ ଯୋଗ୍ୟତା ସବୁ କିଛି ନୁହେଁ ବରଂ ସତ କହିବା ଏବଂ ସତ୍ୟପଥରେ ଚାଲିବା ନିହାତି ଦରକାର ବୋଲି ବାପା ସବୁବେଳେ କହୁଥିଲେ । ଯାହା ଆଜି ବାସ୍ତବ ଜୀବନରେ ମୋତେ ଅନେକ ଉପଲବ୍ଧି ଦେଇଛି ଏବଂ ଆଗକୁ ମଧ ଦେବ ବୋଲି ମୋର ବିଶ୍ୱାସ।


ବାପାଙ୍କ ସହ ସ୍ମୃତି ସଞ୍ଚିତା

**–ପୌର୍ଣ୍ଣମାସୀ**
ଭାଗ୍ୟଶ୍ରୀ ମିଶ୍ର, କାର୍ତ୍ତିକ ସାହୁ, ଉତ୍କଳବନ୍ଧୁ ପଣ୍ଡା

## ଏ ସପ୍ତାହର ପ୍ରଶ୍ନ

୧– ଆଇସ୍ ବ୍ରେକର୍ ମିସାଇଲ ......... ଦେଶ ଦ୍ୱାରା ନିର୍ମାଣ କରାଯାଇଛି ?
୨– ୱାର୍ଲ୍ଡ ୱେଲ୍‌ଥ ରିପୋର୍ଟ ୨୦୨୫ ........ ପକ୍ଷରୁ ପ୍ରକାଶିତ ହୋଇଛି ?
୩– ପ୍ରାଇମ୍ ମିନିଷ୍ଟ୍ରିର ଏମ୍ପ୍ଲୟମେଣ୍ଟ ଜେନେରେଶନ ପ୍ରୋଗ୍ରାମ(ପିଏମ୍‌ଇଜିପି)......... ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୪– ଫୁଏଗୋ ଆଗ୍ନେୟଗିରି ................ ଦେଶରେ ଅବସ୍ଥିତ ?
୫– ଶ୍ରୀ ପଦ୍ମନାଭସ୍ୱାମୀ ମନ୍ଦିର .......... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ରାଜସ୍ଥାନ
୨ ଫୁଡ୍ ଆଣ୍ଡ ଏଗ୍ରିକଲ୍ଚର ଅର୍ଗାନାଇଜେଶନ୍
୩ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ୍ ମେଟେରୋଲୋଜି
୪ ଦୁବାଇ
୫ ଡେନିସ୍ ପାପିନ୍

## ଉତ୍ତରଦାତା


ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର


ସୁଶାନ୍ତ କୁମାର ଦେହୁରୀ, ସୁକିନ୍ଦା


ସ୍ୱସ୍ତିକ ଷଡ଼ଙ୍ଗୀ, ବାଙ୍ଗାଲୋର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ସବୁଠୁ ଲମ୍ବା ସାପ

୧– ଡାନ୍ୟାଙ୍ଗ୍–କୁନ୍‌ଶାନ୍ ଗ୍ରାଣ୍ଡ ବ୍ରିଜ୍, ଚାଇନା....................... ୧୬୪.୮୦ କିମି.
୨– ଚାଙ୍ଗୁଆ– କାଓସିଅଙ୍ଗ୍ ଭିଆଡକ୍ଟ, ତାଇୱାନ୍ .................... ୧୫୭.୩୦ କିମି.
୩– ତିଆଞ୍ଜିନ୍ ଗ୍ରାଣ୍ଡ ବ୍ରିଜ୍, ଚାଇନା.................................... ୧୧୩.୭ କିମି.
୪– କାଙ୍ଗ୍‌ଡେ ଗ୍ରାଣ୍ଡ ବ୍ରିଜ୍, ଚାଇନା ................................ ୧୦୫.୮୮୧ କିମି
୫– ୱିନାନ୍ ୱହେ ଗ୍ରାଣ୍ଡ ବ୍ରିଜ୍ , ଚାଇନା ............................ ୭୯.୭୩୨ କିମି.
୬– ବ୍ୟାଙ୍ଗ ନା ଏକ୍ସପ୍ରେସ୍‌ୱେ, ଥାଇଲାଣ୍ଡ .................................. ୫୪ କିମି.
୭– ବେଜିଂ ଗ୍ରାଣ୍ଡ ବ୍ରିଜ୍ , ଚାଇନା ........................................ ୪୮.୨ କିମି.
୮– ମେଟ୍ରୋ ମାନିଲା ସ୍କାଏୱେ ସିଷ୍ଟମ୍, ଫିଲିପାଇନ୍ସ .................... ୩୯.୨ କିମି.
୯– ଲେକ୍ ପଞ୍ଚାର୍‌ଟ୍ରେନ୍ କଜ୍‌ୱେ, ଆମେରିକା ...................... ୩୮.୪୪୨ କିମି.
୧୦– ଉହାନ୍ ମେଟ୍ରୋ ବ୍ରିଜ୍, ଚାଇନା.................................. ୩୭. ୭୮୮ କିମି.

## ଅଭୁଲା ଅନୁଭୂତି

### ରଜଘରେ ଏକାଠି ରହୁଥିଲୁ ଗାଁସାରା ଝିଅ

ରଜ ଆସିଲେ ଗାଁ ମନେପଡ଼େ। ଭାରି ମନେପଡ଼େ। ଗାଁ ମୁଣ୍ଡରୁ ସତେ କି ଭାସି ଆସେ ଦୋଳି ଗୀତ।

ଦୋଳି ପଟା କଟମଟ,
ମୋ ଭାଇ ମୁଣ୍ଡରେ ସୁନା ମକୁଟ ଲୋ
ଦିଶୁଥାଇ ଝଟଝଟ।

ମନ ପବନ ଯାନରେ ମନଟା ଉଡ଼ିଯାଏ ଗାଁକୁ। ଯେଉଁଠି ବିତିଛି ମୋ ପିଲାଦିନ। ମୋ କିଶୋରୀ ଜୀବନ। ସ୍ମୃତିର କାନ୍‌ଭାସରେ ଚିତ୍ରାୟିତ ହୋଇ ଉଠନ୍ତି ମୋ ସାଙ୍ଗସାଥୀ। ପରିବାର ଲୋକ ଯେଉଁମାନଙ୍କ ସ୍ନେହ, ଶ୍ରଦ୍ଧା ଆଦର ଯତ୍ନରେ ମୋ ପିଲାଦିନ ସ୍ୱର୍ଗୀୟ ଆନନ୍ଦରେ ନିରନ୍ତର ଭିଜୁଥିଲା। କି ସୁନ୍ଦର ଥିଲା ରଜ ପାଳିବାର ବିଭୋର ମୁହୂର୍ତ୍ତଗୁଡିକ! ରଜ ଆସିବାର କେତେ ଦିନ ଆଗରୁ ଆରମ୍ଭ ହୋଇଯାଏ ପ୍ରସ୍ତୁତି। ରଜସ୍ୱଳା ପୃଥିବୀର ନିରାଦନା ପାଇଁ କୁଆଁରୀ ଝିଅମାନଙ୍କୁ ଆଗାମୀ ଭବିଷ୍ୟତରେ ମା'ଟିଏ କରି ଗଢ଼ିବାର ମାନସିକ ପ୍ରସ୍ତୁତି ପାଇଁ। ସଜବାଜ ଦିନ ସକାଳୁ ଆମେ ବାରି ପଛପଟ ପୋଖରୀରେ ଗାଧୋଇବା ପାଇଁ ସବୁ ଝିଅ ଯାଉ। ନୂଆବୋହୂ ହୋଇ ଗାଁକୁ ଆସିଥିବା ମୋର ଭାଉଜ, ଖୁଡ଼ୀ ଏମିତି କେତେଜଣ ସାଙ୍ଗରେ ଯାଆନ୍ତି। ମୁଣ୍ଡ ଧୋଇ, ହଳଦୀ ଲଗାଇ ଗାଧାଉ। ସମସ୍ତଙ୍କ ଘରେ ପୋଡ଼ପିଠା ଓ ନଡିଆ ରାଇ ହୁଏ। ସଜବାଜ ଦିନରୁ ପ୍ରସ୍ତୁତି ହୋଇଥାଏ ରଜଘର, ଯାହାର ପ୍ରଶସ୍ତ ଘର ଥାଏ ତା'ରି ଘରେ ରଜ ହେଁସ ପକାଯାଏ। ଗାଁର ସବୁଝିଅ ରଜ ସରିବା ଯାଏ ସେଇଠି ରହୁ। ସେଇଠିକୁ ସମସ୍ତଙ୍କ ଘରୁ ପିଠା, ମିଠା, ଫଳ ଆସେ। ସେଠାରୁ ସମସ୍ତେ ଏକାଠି ଦୋଳି ଖେଳିବାକୁ ଯାଉ। ଯାହାର ପରିବାର ଲୋକେ ବାହାରେ ଥାଆନ୍ତି ରଜ ପାଳିବାକୁ ଛୁଟିରେ ଆସନ୍ତି। ଏକାଠି ସଭିଙ୍କ ସହ ଏହି ତିନିଦିନ ସ୍ୱପ୍ନ ପରି ବିତିଯାଏ। ବନ୍ଧୁବାନ୍ଧବଙ୍କ ଯିବାଆସିବା ବି ସେତେବେଳେ ଥିଲା ଏକ ମୁଖ୍ୟ ଆକର୍ଷଣ। ମଧ୍ୟାହ୍ନରେ ରଜବରଣିରେ ଯାଆନ୍ତି ଝିଅ ବୋହୂ ଆଜି ୟା' ଘରେ ତ କାଲି ତା'ଘରେ ଖିଆପିଆ ହୁଏ। ନୂଆ ବାହା ହୋଇଥିବା ବୋହୂ ଘରୁ ଭାର ଆସେ ଓ ଗାଁ ସାରା ବଣ୍ଟା ହୁଏ। ସେତେବେଳେ ବର୍ତ୍ତମାନ ସମୟ ପରି ଦୋକାନରେ ଚିକେନ୍, ମଟନ୍ ମିଳୁ ନ ଥିଲା। ରଜରେ ଗାଁରେ ଛେଳି କଟା ହୋଇ ସମସ୍ତଙ୍କ ଘର ପାଇଁ ଭାଗ ପଡୁଥିଲା। ମନେଅଛି ଆମ ରୋଷେଇ ଘରେ ଆମିଷ ପଶୁ ନ ଥିବାରୁ ବାରିପଟ ଚାଳିଆ କିମ୍ବା ଦାଣ୍ଡପଟ ଉଠାଚୁଲିରେ ରୋଷେଇ ହେଉଥିଲା। ସଂଧ୍ୟା ପୂର୍ବରୁ ବିଲୁଆ ଭୁକିବା ଆଗରୁ ଝିଅମାନଙ୍କୁ ରାତ୍ରଭୋଜନ କରିବାକୁ ପଡୁଥିଲା। ରାତି ୮ଟା ବେଳକୁ ସମସ୍ତେ ପହଞ୍ଚି ଯାଉଥିଲେ ନିକଟରେ ଥିବା ଦକ୍ଷିଣେଶ୍ୱର ମନ୍ଦିର ଯାତ୍ରା ପଡିଆରେ। ଭୋର ୪ଟା ପର୍ଯ୍ୟନ୍ତ ଯାତ୍ରା। ତିନିଦିନ ଧରି ଦୁଇ ଦଳ ଯାତ୍ରା କରନ୍ତି ଏବଂ ପ୍ରତିଯୋଗିତାରେ ଯେଉଁ ଦଳ ଜିତୁଥିଲା ତାକୁ ପୁରସ୍କାର ମିଳୁଥିଲା। ଦିନରେ ସେହି ପଡିଆରେ ବାଗୁଡି ଖେଳ ହୁଏ। ରଜ ତିନ ଦିନ ହଳ ଓ ଚାଷବାସ ବନ୍ଦ ହୁଏ। ମା' ମାଟିକୁ ବିଶ୍ରାମ ଦିଆଯାଏ। ଏହା ମଧ ଏକ କୃଷିଭିତ୍ତିକ ପର୍ବ। ସେତେବେଳେ ଏକାଠି ରଜପର୍ବ ପାଳିବା, ପରସ୍ପର ଘରକୁ ପିଠାପଣା ଦେବା ଭଳି ଯେଉଁ ସୁନ୍ଦର ପରମ୍ପରା ଥିଲା ତାହା ଏବେ ଆଉ ନାହିଁ। ଏ ସେହି ପୁରୁଣା ଦିନର ରଜ ପାଳିବାର ମାଧୁର୍ଯ୍ୟ ବହୁମାତ୍ରାରେ କମି ଗଲାଣି। ସତରେ ଆମ ପିଲାଦିନର ସେ ଅନୁଭୂତି ଏବେବି ଅଭୁଲା।


**ଡ. ସୁଲୋଚନା ଦାସ,** କଥାଶିଳ୍ପୀ

## ଜାଣନ୍ତୁ ଦୁନିଆ

# ସାଙ୍ଘାଇ ପୋର୍ଟ

**ପୃଥିବୀର ସବୁଠାରୁ ବଡ଼ ଏବଂ ବ୍ୟସ୍ତବହୁଳ ବନ୍ଦର ହେଉଛି ଚାଇନାରେ ଥିବା ସାଙ୍ଘାଇ ପୋର୍ଟ। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ...**



- ଚାଇନା ଏବଂ ଗ୍ରେଟ୍ ବ୍ରିଟେନ୍ ମଧରେ ହୋଇଥିବା ପ୍ରଥମ ଅଫିମ ଯୁଦ୍ଧ ପରେ ଏହି ବନ୍ଦର ୧୮୪୨ରେ ପ୍ରତିଷ୍ଠା କରାଯାଇଥିଲା।



- ଏହି ବନ୍ଦର ପ୍ରାୟ ୩୯୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ, ଯେଉଁଠି ଅନେକ କେନାଲ, ନଦୀ ଏବଂ ଜଳପଥ ସଂଯୋଗ ହୋଇଛି।
- ଏହି ବନ୍ଦରକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଛି। ଯଥା– ଦି ୟଙ୍ଗଶାନ୍ ଡିପ୍‌ୱାଟର ପୋର୍ଟ, ଦି ହୁଆଙ୍ଗପୁ ରିଭର ପୋର୍ଟ ଏବଂ ଦି ଚୋଙ୍ଗମିଙ୍ଗ୍ ଆଇସ୍‌ଲାଣ୍ଡ ପୋର୍ଟ। ଦି ୟଙ୍ଗଶାନ୍ ଡିପ୍‌ୱାଟର ପୋର୍ଟ ୨୦୦୫ ମସିହାରେ ଆରମ୍ଭ କରାଯାଇଥିଲା। ଏହା ପୃଥିବୀର ସବୁଠୁ ଗଭୀରତମ ବନ୍ଦର ମଧ୍ୟରେ ଗୋଟିଏ, ଯେଉଁଠି ସବୁଠୁ ବଡ କଣ୍ଟେନରଶିପ୍ ବା ବିମାନ ରହିପାରିବାର କ୍ଷମତା ରହିଛି।
- ଏହି ବନ୍ଦର ପୃଥିବୀର ପ୍ରାୟ ୨୦୦ଟି ଦେଶର ୬୦୦ଟିରୁ ଊର୍ଦ୍ଧ୍ୱ ବନ୍ଦର ସହିତ ସଂଯୋଗ କରିଥାଏ।
- ସାଙ୍ଘାଇ ଇଣ୍ଟରନ୍ୟାଶନାଲ୍ ପୋର୍ଟ ଗ୍ରୁପ୍ ପକ୍ଷରୁ ଏହି ବନ୍ଦରର ମ୍ୟାନେଜମେଣ୍ଟ ଏବଂ ଡେଭେଲପ୍‌ମେଣ୍ଟ କାର୍ଯ୍ୟ ପରିଚାଳନା କରାଯାଇଥାଏ।
- ଏଠାରେ ବଡ଼ ବଡ଼ କଣ୍ଟେନର୍ ଶିପିଙ୍ଗ୍ ପାଇଁ ବିଭିନ୍ନ ପ୍ରକାରର କାର୍ଗୋ ବ୍ୟବହାର ହୋଇଥାଏ। ଯେଉଁଥିରେ ବଲ୍କ କାର୍ଗୋ, ଲିକ୍ୱିଡ୍ ବଲ୍କ କାର୍ଗୋ ଏବଂ ରୋଲ୍ ଅନ୍ କିମ୍ବା ରୋଲ୍ ଅଫ୍ କାର୍ଗୋ ମୁଖ୍ୟତଃ କାର୍ଯ୍ୟ କରିଥାଏ।
- ସିଙ୍ଗାପୋର୍ ଏବଂ ହଙ୍ଗ୍‌କଙ୍ଗ୍ ପୋର୍ଟକୁ ପଛରେ ପକାଇ ୨୦୧୦ ମସିହାରେ ଏହା ପୃଥିବୀର ସର୍ବବୃହତ୍ ଏବଂ ବ୍ୟସ୍ତବହୁଳ ବନ୍ଦରର ମାନ୍ୟତା ପାଇଛି।

# ୨୭ ବର୍ଷ ପ୍ରତୀକ୍ଷାର ଅବସାନ



ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ହାସଲ ପରେ ଉଲ୍ଲସିତ ଦକ୍ଷିଣ ଆଫ୍ରିକା ଦଳ।

## ଦକ୍ଷିଣ ଆଫ୍ରିକାକୁ ଆଇସିସି ଟ୍ରଫି

**ଲଣ୍ଡନ, ୧୪।୬**

ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇ ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ଫଳରେ ଏହି ଆଫ୍ରିକୀୟ ଦେଶ ପାଇଁ ସିନିୟର ସ୍ତରରେ ଏକ ଆଇସିସି ଟ୍ରଫି ହାସଲ ଲାଗି ଦୀର୍ଘ ୨୭ ବର୍ଷ ପ୍ରତୀକ୍ଷାର ଅବସାନ ଘଟିଛି। ୧୯୯୮ରେ ୱେଷ୍ଟଇଣ୍ଡିଜକୁ ହରାଇ ଦକ୍ଷିଣ ଆଫ୍ରିକା ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିଲା। ଏହାପରେ ୨୦୨୩ ମହିଳା ଟି୨୦ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆ, ୨୦୨୪ ପୁରୁଷ ଟି୨୦ ବିଶ୍ୱକପ ଫାଇନାଲରେ ଭାରତ ଏବଂ ୨୦୨୪ ମହିଳା ଟି୨୦ ବିଶ୍ୱକପ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ହାରି ନିରାଶ ହୋଇଥିଲା।

ଲର୍ଡ୍ସରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୧୨ ରନ କରିଥିବାବେଳେ ଦକ୍ଷିଣ ଆଫ୍ରିକା ସ୍କୋର ୧୩୮ରେ ସୀମିତ ରହିଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ୨୦୭ ରନ କରିବାକୁ ସକ୍ଷମ ହେବାରୁ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୮୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ଦଳ ୮୩.୩ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଏଡେନ ମାରକ୍ରମ ୧୩୬ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିବାବେଳେ ଅଧିନାୟକ ଟେମ୍ବା ବଭୁମା ୬୬ ରନର ଉପଯୋଗୀ ରନ ସଂଗ୍ରହ କରି ଦକ୍ଷିଣ ଆଫ୍ରିକାକୁ ଏହି ଐତିହାସିକ ସଫଳତା ଦେଇଥିଲେ। ତୃତୀୟ ଉଇକେଟରେ ଦୁହିଁଙ୍କ ୧୪୭ ରନର ଭାଗୀଦାରି ଦକ୍ଷିଣ ଆଫ୍ରିକାକୁ ବିଜୟ ପଥରେ ଅଗ୍ରସର କରାଇଥିଲା। ୱିଆନ ମୁଲ୍ଡରଙ୍କ ୨୭ ଓ ଡେଭିଡ ବେଡିଂହାମଙ୍କ ଅପରାଜିତ ୨୧ ରନର ଇନିଂସ ମଧ୍ୟ ମୂଲ୍ୟବାନ ସାବ୍ୟସ୍ତ ହୋଇଥିଲା। ୨ଟି ଉଇକେଟ ନେବା ସହ ଶତକୀୟ ଇନିଂସ ଖେଳିଥିବା ମାରକ୍ରମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୩ଟି ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ଓ ଜୋଶ ହାଜେଲଉଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ର ୨୦୧୯-୨୦୨୧ ସିଜନ ଫାଇନାଲରେ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଚାମ୍ପିୟନ ହୋଇଥିଲା। ୨୦୨୧-୨୦୨୩ ଫାଇନାଲରେ ଭାରତକୁ ପରାସ୍ତ କରି ଅଷ୍ଟ୍ରେଲିଆ ଟାଇଟଲ ହାସଲ କରିଥିଲା। ୨୦୨୩-୨୦୨୫ ସିଜନ ଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇ ନୂଆ ଚାମ୍ପିୟନ ହୋଇଛି ଦକ୍ଷିଣ ଆଫ୍ରିକା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୨। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୩୮। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୦୭। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୮୨/୫ (ଏଡେନ ମାରକ୍ରମ-୧୩୬, ଟେମ୍ବା ବଭୁମା-୬୬, ମିଚେଲ ଷ୍ଟାର୍କ-୩/୬୬, ପ୍ୟାଟ୍ କମିନ୍ସ-୧/୫୯, ଜୋଶ ହାଜେଲଉଡ-୧/୫୮)।

**ଆଇସିସି ସିନିୟର ଟୁର୍ନାମେଣ୍ଟ ଫାଇନାଲରେ ଦକ୍ଷିଣ ଆଫ୍ରିକା**

୧୯୯୮ ଚାମ୍ପିୟନ୍ସ ଟ୍ରଫି: ୱେଷ୍ଟଇଣ୍ଡିଜ ବିପକ୍ଷରେ ବିଜୟୀ
୨୦୨୩ ମହିଳା ଟି୨୦ ବିଶ୍ୱକପ: ଅଷ୍ଟ୍ରେଲିଆଠାରୁ ପରାସ୍ତ
୨୦୨୪ ପୁରୁଷ ଟି୨୦ ବିଶ୍ୱକପ: ଭାରତଠାରୁ ପରାସ୍ତ
୨୦୨୪ ମହିଳା ଟି୨୦ ବିଶ୍ୱକପ: ନ୍ୟୁଜିଲାଣ୍ଡଠାରୁ ପରାସ୍ତ
୨୦୨୫ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍: ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟୀ

**ଲର୍ଡ୍ସରେ ସର୍ବାଧିକ ରନ୍ ଚେଜ୍**

୩୪୨: ୱେଷ୍ଟଇଣ୍ଡିଜ ବନାମ ଇଂଲଣ୍ଡ, ୧୯୮୪
୨୮୨: ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ୨୦୨୫
୨୮୨: ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ, ୨୦୦୪
୨୭୭: ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ, ୨୦୨୨

# ବାଉଣ୍ଡ୍ରି ଲାଇନ୍ କ୍ୟାଚ୍ ଲାଗି ନୂଆ ନିୟମ

## ଚଳିତ ମାସରୁ କାର୍ଯ୍ୟକାରୀ ହେବ

**ଲଣ୍ଡନ,୧୪।୬(ପି.ଟି.)**

ବାଉଣ୍ଡ୍ରି ଲାଇନ୍ ଡେଇଁ କିମ୍ବା ବାଉଣ୍ଡ୍ରି ବାହାରେ ବଲକୁ ବହୁବାର ଟଚ୍ କରି ନିଆଯାଉଥିବା କ୍ୟାଚ୍‌କୁ କ୍ରିକେଟ୍‌ରେ ପ୍ରଚଳିତ ନିୟମର ତଦାରଖ କରୁଥିବା ମେରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) ପକ୍ଷରୁ ଅସିଦ୍ଧ କରାଯାଇଛି। ଏହି ନୂଆ ନିୟମ ଚଳିତ ମାସରୁ ଆଇସିସିର ପ୍ଲେଇଂ କଣ୍ଡିଶନରେ ସାମିଲ କରାଯିବ। ଏହି ନିୟମ କାର୍ଯ୍ୟକାରୀ ହେବା ପରେ ୨୦୨୩ ବିବିଏଲ୍‌ରେ ମାଇକେଲ ନେସର ଓ ୨୦୨୦ରେ ମ୍ୟାଟ ରେନଶଙ୍କ ସହାୟତାରେ ଟମ୍ ବାଣ୍ଟନ ନେଇଥିବା କ୍ୟାଚ୍‌କୁ ବେଆଇନ ଦର୍ଶାଯିବ।

ଆଇସିସି ଦ୍ୱାରା ସଦସ୍ୟ ବୋର୍ଡମାନଙ୍କୁ ପଠାଯାଇଥିବା ଏମ୍‌ସିସି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ପ୍ରଚଳିତ ନିୟମ ଯୋଗୁ କିଛି ଦର୍ଶନୀୟ କ୍ୟାଚ୍ ଦେଖିବାକୁ ମିଳୁଛି। ହେଲେ ଏହା ଫିଲ୍ଡରଙ୍କୁ ଅସାଧାରଣ କ୍ୟାଚ୍ ନେବାକୁ ଅନୁମତି ଦେଉଛି, ଯାହାକି ଅଧିକାଂଶ ପ୍ରଶଂସକଙ୍କ ମତରେ ଅନୁଚିତ। ବ୍ରିସବେନ ହିଟ୍ ପାଇଁ ଜୋର୍ଡାନ ସିଲ୍କଙ୍କୁ ଆଉଟ୍ କରିବା ଲାଗି ନେସର ନେଇଥିବା କ୍ୟାଚ୍ ସମ୍ପର୍କରେ ପ୍ରକାଶ କରାଯାଇଛି, ବାଉଣ୍ଡ୍ରି ଲାଇନ ମଧ୍ୟରେ କ୍ୟାଚ୍ ନେବା ପୂର୍ବରୁ ଫିଲ୍ଡର ବାଉଣ୍ଡ୍ରି ଲାଇନ୍ ଅତିକ୍ରମ କରିଥିଲେ। ଫିଲ୍ଡର କ୍ୟାଚ୍ ନେବା ପାଇଁ ଅଧିକ ଦୂରକୁ ଚାଲିଯାଇଥିବା ଅନୁଭବ ହେଉଛି।

ବିବିଏଲ୍‌ରେ ନିଆଯାଇଥିବା ଉକ୍ତ ଦୁଇଟି କ୍ୟାଚ୍ ଯୋଗୁ ପ୍ରବଳ ଚର୍ଚ୍ଚା ହୋଇଥିଲା, ଯାହା ଫଳରେ ଆଇସିସି ଓ ଏମ୍‌ସିସିକୁ ନିୟମ ୧୯.୫.୨ରେ ପରିବର୍ତ୍ତନ କରିବାକୁ ପଡ଼ିଥିଲା। ଅନ୍ତିମ ଥର ୨୦୧୦ରେ ଏହାକୁ ଅପଡେଟ୍ କରାଯାଇଥିଲା। ପରିବର୍ତ୍ତିତ ନିୟମ ମୁତାବକ, କୌଣସି ଫିଲ୍ଡର ବାଉଣ୍ଡ୍ରି ଲାଇନ୍ ବାହାରକୁ ଡେଇଁ ଦ୍ୱିତୀୟ ଥର ବଲ ସମ୍ପର୍କରେ ଆସିବା ପରେ ତାଙ୍କୁ ଫିଲ୍ଡ ମଧ୍ୟରେ ଲ୍ୟାଣ୍ଡ କରିବାକୁ ପଡ଼ିବ, ନ ହେଲେ ଏହାକୁ ବାଉଣ୍ଡ୍ରି ବୋଲି ଧରାଯିବ। କିନ୍ତୁ ଫିଲ୍ଡ ଭିତରେ ଥାଇ ବଲକୁ ଉପରକୁ ଫୋପାଡ଼ି ବାଉଣ୍ଡ୍ରି ବାହାରକୁ ଯାଆନ୍ତି ଏବଂ ପରେ ଡାଇଭ୍ କରି ଫିଲ୍ଡରେ କ୍ୟାଚ୍ ଧରନ୍ତି, ଏଭଳି କ୍ଷେତ୍ରରେ ଆଉଟ୍ ଦିଆଯିବ। ବାଉଣ୍ଡ୍ରି ବାହାରକୁ ଯାଇଥିବା ଫିଲ୍ଡର ପବନରେ ଥାଇ ବଲକୁ କେବଳ ଥରେ ହିଁ ସ୍ପର୍ଶ କରିପାରିବେ ଏବଂ ପରେ ତାଙ୍କୁ ବାଉଣ୍ଡ୍ରି ଭିତରରେ କ୍ୟାଚ୍ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ। ଏହି ନିୟମ ରିଲେ କ୍ୟାଚ୍ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ଯଦି ଜଣେ ଫିଲ୍ଡର ପବନରେ ଥାଇ ବାଉଣ୍ଡ୍ରି ବାହାରୁ ବଲକୁ ପଡ଼ିଆ ଭିତରକୁ ଫୋପାଡନ୍ତି, ତେବେ ତାଙ୍କ ସାଥି ଖେଳାଳି କ୍ୟାଚ୍ ଧରିବା ପୂର୍ବରୁ ତାଙ୍କୁ ଫିଲ୍ଡକୁ ଫେରିବାକୁ ପଡ଼ିବ। ନ ହେଲେ ଏହାକୁ ବାଉଣ୍ଡ୍ରି ଧରାଯିବ। ଏପରି କି ଯଦି ଜଣେ ଫିଲ୍ଡର ଫିଲ୍ଡ ମଧ୍ୟରେ ଥାଇ ବଲକୁ ଅନ୍ୟ ଫିଲ୍ଡରଙ୍କ ଆଡ଼କୁ ଫୋପାଡ଼ିବା ପରେ ବାଉଣ୍ଡ୍ରି ବାହାରକୁ ଚାଲି ଯାଆନ୍ତି, ତେବେ ମଧ୍ୟ ଏହାକୁ ବାଉଣ୍ଡ୍ରି ଗଣନା କରାଯିବ। ଏହାର ଅର୍ଥ ଫିଲ୍ଡରଙ୍କୁ ବାଉଣ୍ଡ୍ରି ବାହାରୁ ଭିତରକୁ ଡେଇଁଲା ବେଳେ ବଲକୁ ସ୍ପର୍ଶ କରିବା ପାଇଁ ଥରେ ହିଁ ସୁଯୋଗ ମିଳିବ। ସ୍ପର୍ଶ କରିବା ପରେ ତାଙ୍କୁ ଯେମିତି ବି ହେଲେ ଫିଲ୍ଡ ମଧ୍ୟରେ ରହିବା ଦରକାର। ଏହି ପରିବର୍ତ୍ତିତ ନିୟମ ଆସନ୍ତା ୧୭ ତାରିଖରୁ ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଗାଲେଠାରେ ହେବାକୁ ଥିବା ଟେଷ୍ଟ ମ୍ୟାଚ୍‌ରୁ କାର୍ଯ୍ୟକାରୀ ହେବ। ଏହି ମ୍ୟାଚ୍ ସହ ନୂଆ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ସାଇକେଲ ଆରମ୍ଭ ହେବ।

**ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍**

# ଆର୍ଯ୍ୟା-ଅର୍ଜୁନ ଯୋଡ଼ିକୁ ସ୍ୱର୍ଣ୍ଣ ପଦକ

**ମ୍ୟୁନିକ୍, ୧୪।୬ (ପି.ଟି.)**

ଭାରତର ଆର୍ଯ୍ୟା ବୋର୍ସେ ଓ ଅର୍ଜୁନ ବବୁତା ଚାଇନାର ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ଯୋଡ଼ି ଜିଫେଇ ୱାଙ୍ଗ୍ ଓ ଲିହାଓ ଶେଙ୍ଗ୍‌ଙ୍କୁ ୧୭-୭ରେ ପରାସ୍ତ କରି ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତୀୟ ଯୋଡ଼ି କ୍ୱାଲିଫିକେଶନରେ ୬୩୫.୨ ପଏଣ୍ଟ ସ୍କୋର କରି ୱାଙ୍ଗ୍ ଓ ଶେଙ୍ଗ୍ (୬୩୫.୯)ଙ୍କଠାରୁ ମାତ୍ର .୭ ପଏଣ୍ଟ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ, ଯାହାକି କ୍ୱାଲିଫିକେଶନରେ ବିଶ୍ୱ ରେକର୍ଡ ଥିଲା। ସୂଚନାଯୋଗ୍ୟ, ଆର୍ଯ୍ୟା ଏହା ପୂର୍ବରୁ ଚଳିତବର୍ଷ ପ୍ରାରମ୍ଭରେ ପେରୁର ଲିମାଠାରେ ଅନୁଷ୍ଠିତ ବିଶ୍ୱକପ୍‌ରେ ରୁଦ୍ରାଂକ୍ଷ ପାଟିଲଙ୍କୁ ସାଥୀ କରି ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ରୌପ୍ୟ ଜିତିଥିଲେ।




ପଦକ ସହ ଆର୍ଯ୍ୟା ବୋର୍ସେ ଓ ଅର୍ଜୁନ ବବୁତା।

**ଫିଡେ ୱାର୍ଲ୍ଡ ରାପିଡ୍ ଟିମ୍ ଚାମ୍ପିୟନଶିପ୍**

# ଭାରତର ଟିମ୍ ଏମ୍‌ଜିଡି-୧ ଟାଇଟଲ ବିଜୟୀ

**ଲଣ୍ଡନ, ୧୪।୬ (ପି.ଟି.):** ଅନ୍ତିମ ଦିବସରେ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାଇସି ଓ ପ୍ରଣବଙ୍କ ଗୁରୁତ୍ୱପୂର୍ଣ୍ଣ ବିଜୟ ଯୋଗୁ ଟିମ୍ ଏମ୍‌ଜିଡି-୧ ପ୍ରଥମ ଭାରତୀୟ ଦଳ ଭାବେ ଏଠାରେ ଫିଡେ ୱାର୍ଲ୍ଡ ରାପିଡ୍ ଟିମ୍ ଚାମ୍ପିୟନଶିପ୍ ଟାଇଟଲ ବିଜୟୀ ହୋଇଛି। ଗତ ଦୁଇ ସଂସ୍କରଣରେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିବା ଭାରତୀୟ ଦଳ ପ୍ରଥମ ଦିବସରେ ଚମତ୍କାର ପ୍ରଦର୍ଶନ ସହ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଦ୍ୱିତୀୟ ଦିବସରେ ଟିମ୍ ଫ୍ରିଡମ୍ ବିପକ୍ଷରେ ଡ୍ର ଏବଂ ଟିମ୍ ହେକ୍ସସାମାଇଣ୍ଡଠାରୁ ପରାଜୟ ପରେ ଟାଇଟଲ ହାସଲ ପାଇଁ ଦଳକୁ ଅନ୍ତିମ ଦିବସରେ ତ୍ରୁଟିହୀନ ପ୍ରଦର୍ଶନ ଆବଶ୍ୟକ ପଡୁଥିଲା। ଅର୍ଜୁନ ଏରିଗାଇସି, ପେଣ୍ଟାଲ ହରିକ୍ରିଷ୍ଣା, ଲିଅନ ମେଣ୍ଡୋକା, ଡେଭିଡ୍ ଆଣ୍ଟନ ଗୁଇଜାରୋ (ନେଦରଲାଣ୍ଡ୍ସ ଖେଳାଳି), ଟିସୋଲୋକିଡୋ ଷ୍ଟ୍ରୋଭୋଲା (ଗ୍ରୀକ୍ ଖେଳାଳି), ପ୍ରଣବ, ଅଥର୍ବ ଟାୟେଡ ଓ ଅଧିନାୟକ ଶ୍ରୀନାଥ ନାରାୟଣନ ଆଦି ଗ୍ରାଣ୍ଡମାଷ୍ଟରମାନଙ୍କୁ ନେଇ ଏମ୍‌ଜିଡି-୧ ଦଳ ଫାଇନାଲ ରାଉଣ୍ଡରେ ଗୁରୁତ୍ୱପୂର୍ଣ୍ଣ ବିଜୟ ସହ ଚାମ୍ପିୟନ ହୋଇଥିଲା। ମାଲ୍‌କମ୍‌ସ ମେଟ୍ସଙ୍କ ବିପକ୍ଷରେ ଅର୍ଜୁନ ଓ ପ୍ରଣବଙ୍କ ବିଜୟ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଚାମ୍ପିୟନଶିପ୍‌ରେ ଏମ୍‌ଜିଡି-୧ ୨୧ ପଏଣ୍ଟ ସହ ଟିମ୍ ହେକ୍ସାମାଇଣ୍ଡଠାରୁ ଗୋଟିଏ ପଏଣ୍ଟ ଆଗରେ ରହିଥିଲା। ବିଶ୍ୱନାଥନ ଆନନ୍ଦଙ୍କୁ ନେଇ ଟିମ୍ ଫ୍ରିଡମ୍ ୧୭ ପଏଣ୍ଟ ସହ ତୃତୀୟ ହୋଇଥିଲା।


ଟାଇଟଲ ବିଜୟୀ ଟିମ୍ ଏମ୍‌ଜିଡି-୧ଦଳ।

# ଭାରତ ପୁଣି ପରାସ୍ତ

**ଆଣ୍ଟ୍ୱର୍ପ (ବେଲଜିୟମ),୧୪।୬ (ପି.ଟି.)**

ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳର ପରାଜୟ ଜାରି ରହିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଭିଷେକଙ୍କ ଡବଲ ଗୋଲ୍ ବଳରେ ଭାରତ ଅଗ୍ରଣୀ ଲାଭ କରିଥିଲେ ମଧ୍ୟ ପରେ ଅଷ୍ଟ୍ରେଲିଆ ତିନୋଟି ଗୋଲ୍ ସ୍କୋର କରି ମ୍ୟାଚ୍‌କୁ ୩-୨ ଗୋଲ୍‌ରେ ଜିତି ନେଇଥିଲା। ଟୁର୍ନାମେଣ୍ଟରେ ଭାରତର ଏହା କ୍ରମାଗତ ୫ମ ପରାଜୟ। ଦଳ ପୂର୍ବରୁ ନେଦରଲାଣ୍ଡ୍ସ ଓ ଆର୍ଜେଣ୍ଟିନାଠାରୁ ଦୁଇଥର ଲେଖାଏଁ ପରାସ୍ତ ହୋଇ ସାରିଛି। ଶନିବାର ଅଭିଷେକ (୮ମ ଓ ୩୫ତମ ମିନିଟ)ଙ୍କ ଡବଲ ଗୋଲ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଥମ ଗୋଲ୍ ଖେଳର ୪୨ତମ ମିନିଟ୍‌ରେ ନାଥାନ ଏଫ୍ରାମସ୍ ସ୍କୋର କରିଥିଲେ। ପରେ ଜୋଏଲ ରିଣ୍ଟାଲା (୫୬ତମ) ଓ ଟମ୍ କ୍ରେଗ୍ (୬୦ତମ) ଦୁଇଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ।




# ଅଭିଜିତ୍ ଗୁପ୍ତାଙ୍କୁ ଦିଲ୍ଲୀ ଓପନ ଟାଇଟଲ

**ନୂଆଦିଲ୍ଲୀ, ୧୪।୬ (ପି.ଟି.):** ଭାରତୀୟ ଗ୍ରାଣ୍ଡମାଷ୍ଟର (ଜିଏମ୍) ଅଭିଜିତ୍ ଗୁପ୍ତା ତାଙ୍କର ଚତୁର୍ଥ ଦିଲ୍ଲୀ ଗ୍ରାଣ୍ଡମାଷ୍ଟର୍ସ ଓପନ ଟାଇଟଲ ଜିତିଛନ୍ତି। ଏସିଆର ଏହି ମର୍ଯ୍ୟାଦାପୂର୍ଣ୍ଣ ଇଭେଣ୍ଟରେ ସେ ୧୦ ରୁ ୮.୫ ପଏଣ୍ଟ ସ୍କୋର କରିଥିଲେ। ୩୬ ବର୍ଷୀୟ ଗୁପ୍ତା ୧୦ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ତ୍ରୁଟିହୀନ ଅଭିଯାନ କରି ଶେଷ ପର୍ଯ୍ୟନ୍ତ ଅପରାଜେୟ ରହିଥିଲେ। ୯ମ ରାଉଣ୍ଡରେ ବେଲାରୁଷର ଗ୍ରାଣ୍ଡମାଷ୍ଟର ମିହେଲ ନିକିଟେଙ୍କୋଙ୍କ ବିପକ୍ଷରେ ବିଜୟ ତାଙ୍କ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଫାଇନାଲ ରାଉଣ୍ଡରେ ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍) ଆରୋଣ୍ୟକ ଘୋଷଙ୍କ ବିପକ୍ଷରେ ଡ୍ର ରଖି ସେ ଟାଇଟଲ ହାସଲ କରିଥିଲେ। ନିକିଟେଙ୍କୋ (୨୫୨୦ ବେଲାରୁଷ) ଟାଇବ୍ରେକରରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଦୀପ୍ତୟାନ ଘୋଷ (୨୫୭୩)ଙ୍କୁ ପରାସ୍ତ କରି ୮ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଘୋଷ ଫାଇନାଲ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର କାର୍ତ୍ତିକ ଭେଙ୍କଟରମଣଙ୍କ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ସମାନ ୮ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ ମଧ୍ୟ ଆଇଏମ୍ ଆରୋଣ୍ୟକ ଘୋଷ ଓ ଜିଏମ୍ ଆଦିତ୍ୟ ଏସ୍. ସାମନ୍ତ ଟାଇବ୍ରେକର ସହିତ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ଟପ୍ ଟେନ୍‌ରେ ପୁରୁଖା ପ୍ରଫେଶନାଲ ଓ ଉଦୀୟମାନ ଖେଳାଳିମାନେ ସ୍ଥାନ ପାଇଛନ୍ତି। ଭିଏତ୍‌ନାମର ଜିଏମ୍ ଏନ୍‌ଗୁୟେନ ଡକ୍ ହୋଆ ୭.୫ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ତାଙ୍କ ପଛକୁ ଭାରତର ଟପ୍ ସିଡ୍ ଗ୍ରାଣ୍ଡମାଷ୍ଟର ଏସ୍‌ଏଲ୍ ନାରାୟଣନ ୭ମ ହୋଇଥିଲେ। ଆର୍ମେନିଆର ଦୁଇ ଗ୍ରାଣ୍ଡ ମାଷ୍ଟର ମାମିକନ ଘାରିବ୍ୟାନ ଓ ମାନୁଏଲ୍ ପେଟ୍ରୋସ୍ୟାନ ଯଥାକ୍ରମେ ୮ମ ଓ ୯ମ ସ୍ଥାନ ଅଧିକାର କରିଥିଲେ। ଉଭୟଙ୍କ ପଏଣ୍ଟ ସଂଖ୍ୟା ୭.୫ ପଏଣ୍ଟ ରହିଛି। କିରଗିଜସ୍ତାନର ଆଇଏମ୍ ଟୋଲୋଗାନ ଟେଗିନ୍ ସେମେଟେଇ ୭.୫ ପଏଣ୍ଟ ସହ ତାଙ୍କ ଅଭିଯାନ ଶେଷ କରିଥିଲେ ହେଁ ସେ ୧୦ମ ସ୍ଥାନରେ ରହିଥିଲେ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ